ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୪/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, July 4/2025 | Page 16 | ₹ 7.00
୫୧ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 219 | ମୂଲ୍ୟ ₹୭/-



## ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ

ରୁଷିଆର ସ୍ୱଳ୍ପ ବୟସ୍କା ମୀରା ଆନ୍ଦ୍ରିଭା ଉ୍ୱମ୍ବେଲଡନ ଗ୍ରାଣ୍ଡସ୍ଲାମ୍ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୬

୧୦

## ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି

ଅଭିନେତା ଧନୁଷ୍ ଏବଂ ଅଭିନେତ୍ରୀ କ୍ରିତି ସାନୋନ୍‌ଙ୍କ ପରବର୍ତ୍ତୀ ଫିଲ୍ମ 'ତେରେ ଇସ୍କ ମେଁ'ର ଶୁଟିଂ ଶେଷ ହୋଇଛି। ଏନେଇ କ୍ରିତି ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ଗିଲ୍‌ଙ୍କ ଦ୍ୱିଶତକ

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ



୨୬୯ ରନ୍

୩୦ ଚୌକା

୩ ଛକା

**ବର୍ମିଂହାମ,୩।୭(ପି.ଟି.)**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଭାରତର ଅଧିନାୟକ ଶୁବମନ ଗିଲ୍ ଦ୍ୱିଶତକୀୟ (୨୬୯ ରନ୍) ମାରାଥନ ପାଳି ଖେଳିଛନ୍ତି। ଏହି ଇନିଂସ ଅବସରରେ ସେ ଭାରତୀୟ ବ୍ୟାଟର ଭାବେ ଇଂଲଣ୍ଡ ମାଟିରେ ସର୍ବାଧିକ ରନ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଭାରତର କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୧୯୭୯ରେ ଦି ଓଭାଲଠାରେ ୨୨୧ ରନର ଇନିଂସ ଖେଳିଥିଲେ। ଇଂଲଣ୍ଡ ମାଟିରେ ଦ୍ୱିଶତକ କରିଥିବା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍ ମଧ୍ୟ ରହିଛନ୍ତି। ସେ ୨୦୦୨ରେ ଦି ଓଭାଲଠାରେ ୨୧୭ ରନର ପାଳି ଖେଳିଥିଲେ। ତେବେ ଗିଲ୍ ପଞ୍ଚମ ଭାରତୀୟ ଅଧିନାୟକ ଭାବେ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ଏହି ତାଲିକାରେ ମାକ ପଟୌଦି, ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ମହେନ୍ଦ୍ର ସିଂ ଧୋନୀ ରହିଛନ୍ତି।

ଏତଦ୍ ବ୍ୟତୀତ ଗିଲ୍ ପ୍ରଥମ ଭାରତ ତଥା ପ୍ରଥମ ଏସିଆନ ଅଧିନାୟକ ଭାବେ ଇଂଲଣ୍ଡ ମାଟିରେ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ଏଥିପୂର୍ବରୁ ଏସିଆନ ଅଧିନାୟକ ଭାବେ ଇଂଲଣ୍ଡରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ଶ୍ରୀଲଙ୍କାର ତିଲକରତ୍ନେ ଦିଲଶାନଙ୍କ ନାମରେ ଥିଲା। ସେ ୨୦୧୧ରେ ଲର୍ଡ୍ସଠାରେ ୧୯୩ ରନର ଇନିଂସ ଖେଳିଥିଲେ। ଭାରତୀୟ ଅଧିନାୟକଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନଙ୍କ ନାମରେ ସର୍ବାଧିକ ରନ କରିବାର ରେକର୍ଡ ଥିଲା। ସେ ୧୯୯୦ରେ ମାଞ୍ଚେଷ୍ଟର ୧୭୯ ରନର ଇନିଂସ ଖେଳିଥିଲେ।

# ଜେଲ ଗଲେ ଜଗନ୍ନାଥ

- **ଆତ୍ମସମର୍ପଣ ପରେ ଗିରଫ**
- **କହିଲେ ଦଳ, ସରକାରଙ୍କୁ ବଦନାମ୍ ପାଇଁ ହୋଇଛି ଷଡ଼ଯନ୍ତ୍ର**
- **ଓଏଏସ୍ ସଂଘ ଆନ୍ଦୋଳନ ପ୍ରତ୍ୟାହୃତ**



ବିଏମ୍ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାରି ନେଇ ମାଡ଼ ମରାଯିବାର ଦୃଶ୍ୟ।

**ଭୁବନେଶ୍ୱର,୩।୭ (ରବିନାରାୟଣ ଜେନା/ ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭାଜପା ନେତା ଜଗନ୍ନାଥ ପ୍ରଧାନ ଗୁରୁବାର ରାତି ପ୍ରାୟ ୧୦ଟାରେ ଭୁବନେଶ୍ୱର ଡିସିପି ଅଫିସ୍‌ରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ପୋଲିସ ଗିରଫ ଦର୍ଶାଇ କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲା। ସ୍ୱାସ୍ଥ୍ୟପରୀକ୍ଷା ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଜଗନ୍ନାଥଙ୍କ ସମର୍ଥକମାନେ ରତ୍ନାକରଙ୍କ ଗିରଫ ଦାବିରେ ବାଣୀବିହାର ଛକରେ ଧାରଣା ଦେବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ। ଆତ୍ମସମର୍ପଣ ପୂର୍ବରୁ ଜଗନ୍ନାଥ ଡିସିପି ଜଗମୋହନ ମୀନାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ରତ୍ନାକରଙ୍କୁ ଆକ୍ରମଣ ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ଭାଜପା ଓ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ ତାଙ୍କ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି। ଓଏଏସ୍ ସଂଘ ଏ ଷଡ଼ଯନ୍ତ୍ରର ଏକ ଅଂଶ ପାଲଟିଛି। ଓଏଏସ୍ ଅଧିକାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ବନ୍ୟା ଦୁର୍ଗତଙ୍କୁ ସହାୟତା ଦେବାରେ ବାଧା ଉପୁଜିଛି। ଯଦି ତାଙ୍କ ଗିରଫଦାରିରେ ସମାଧାନ ହୋଇପାରିବ, ତେବେ ସେ ସହଯୋଗ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ଜଗନ୍ନାଥଙ୍କୁ ମିଶାଇ ମୋଟ ୬ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟମାନେ ହେଲେ ଭୁବନେଶ୍ୱର ୨୯ ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର, ଦେବାଶିଷ ପ୍ରଧାନ, ସଞ୍ଜୀବ ମିଶ୍ର ଏବଂ ସଚ୍ଚିକାନ୍ତ ସ୍ୱାଇଁ। ଅନ୍ୟପକ୍ଷରେ ଜଗନ୍ନାଥଙ୍କୁ ଗିରଫ ଦାବିରେ ଅଟଳ ରହି ଓଏଏସ୍ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲା। ଜଗନ୍ନାଥ ଗିରଫ ହେବା ପରେ ଓଏଏସ୍ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ☞ପୃଷ୍ଠା-୪



ଜଗନ୍ନାଥ ପ୍ରଧାନ

## ତଣ୍ଟିରେ ମାଛକଣ୍ଟା

**ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)**

ବିଏମ୍ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଆକ୍ରମଣ କରିଥିବା ୫ ଜଣଙ୍କୁ ପୋଲିସ ପୂର୍ବରୁ ଗିରଫ କରିସାରିଥିବା ବେଳେ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଓଏଏସ୍ ସଂଘ ଜୋର୍‌ଦାର ଆନ୍ଦୋଳନ କରିଥିଲା। ଶେଷରେ ଜଗନ୍ନାଥ ନିଜେ ଆତ୍ମସମର୍ପଣ କରିବାକୁ ବାଧହେଲେ। ଖାରବେଳନଗର ଥାନା ପୋଲିସ ତାଙ୍କୁ ଗିରଫ କରିଛି। ତେବେ ଏହି ଘଟଣା ପାଇଁ ଦଳ ଭିତରୁ ମଧ୍ୟ ଜଗନ୍ନାଥଙ୍କୁ ପ୍ରବଳ ବିରୋଧ ହେଉଥିଲା। ଏବେ ଜଗନ୍ନାଥଙ୍କ ବିରୋଧରେ ଦଳ ପକ୍ଷରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଉପରେ ସମସ୍ତଙ୍କ ନଜର। କାରଣ ଆକ୍ରମଣ କରିଥିବା ୫ ଜଣଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳରୁ ନିଲମ୍ବିତ କରିସାରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଜଗନ୍ନାଥଙ୍କ ବିଷୟରେ ମନମୋହନଙ୍କ ବେକରେ ମାଛକଣ୍ଟା ଭଳି ଲାଗିଯାଇଛି। ଜଗନ୍ନାଥଙ୍କୁ ମଧ୍ୟ ନିଲମ୍ବନକରି ଦଳ ଏବଂ ସରକାରଙ୍କ ଭାବମୂର୍ତ୍ତି ଠିକ୍ କରିବା ଲାଗି ଭାଜପାର ଅନେକ ନେତା ଭିତରେ ଚାପ ପକାଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଭାଜପାର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଜଗନ୍ନାଥଙ୍କ ଇଙ୍ଗିତରେ ଏଭଳି ଘଟଣା ଘଟିବାପରେ ଯଦି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଉଛି, ତେବେ ରାଜ୍ୟର ଅନେକ ଦଳୀୟ ନେତା ସମାନ ରାସ୍ତା ଆପଣାଇପାରନ୍ତି। ଏଭଳି ହେଲେ ବର୍ଷକର ସରକାର ଆହୁରି ବଦନାମ୍ ହେବା ପାଇଁ ବାଟ ଫିଟିଯିବ। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। କାରଣ ତାଙ୍କର ଯେଉଁ ୫ ଜଣ ସମର୍ଥକ ଏହି ଘଟଣା ଘଟାଇଥିଲେ ସେମାନେ ଦଳରୁ ନିଲମ୍ବନ ହୋଇସାରିଛନ୍ତି।

# ସମୟ ପୂର୍ବରୁ ଜନ୍ମ ହେଉଛନ୍ତି ୧୩% ଶିଶୁ

**ଦେଶରେ ବାୟୁ ପ୍ରଦୂଷଣ ଯୋଗୁ ୧୩% ଶିଶୁ ସ୍ୱାଭାବିକ ସମୟ ପୂର୍ବରୁ ଜନ୍ମ ହେଉଥିବାବେଳେ ୧୭% ନବଜାତକଙ୍କ ଓଜନ କମ୍ ରହୁଛି। ବିଶେଷକରି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଜନ୍ମିତ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର ଏଭଳି ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି। ଏହି କ୍ଷେତ୍ରରେ ୩୯% ସହ ହିମାଚଳ ପ୍ରଦେଶ ସବା ଆଗରେ ଥିବାବେଳେ ଉତ୍ତରାଖଣ୍ଡର ୨୭ ପ୍ରତିଶତ ଶିଶୁ ଅପରିପକ୍ୱ ଅବସ୍ଥାରେ ଜନ୍ମ ଗ୍ରହଣ କରୁଛନ୍ତି। ସେହିପରି ରାଜସ୍ଥାନରେ ୧୮% ଓ ଦିଲ୍ଲୀରେ ୧୭% ପିଲାଙ୍କ ଜନ୍ମ ନିର୍ଦ୍ଧାରିତ ଅବଧି ପୂର୍ବରୁ ହେଉଛି ବୋଲି ଭାରତର ଭୌଗୋଳିକ ଜନସଂଖ୍ୟାଗତ ସ୍ୱାସ୍ଥ୍ୟ ସର୍ଭେ ୨୦୧୯-୨୧ରୁ ଜଣାପଡ଼ିଛି। ଗର୍ଭସ୍ଥ ଶିଶୁଙ୍କ ସ୍ୱାସ୍ଥ୍ୟ ଜଳବାୟୁ ପରିବର୍ତ୍ତନ ଓ ବାୟୁ ପ୍ରଦୂଷଣ ଯୋଗୁ କିପରି ବିପନ୍ନ ହେଉଛି ତାହା ଉକ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି।**

### ଭାରତରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ

### ୧୭% ନବଜାତକଙ୍କ ଓଜନ କମ୍

**ନୂଆଦିଲ୍ଲୀ,୩।୭(ପି.ଟି./ଏଜେନ୍ସି)**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଦିଲ୍ଲୀ, ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ୍ ସାଇନ୍ସେସ୍, ମୁମ୍ବାଇ ଏବଂ ବ୍ରିଟେନ୍ ଓ ଆୟର୍ଲାଣ୍ଡର ବିଭିନ୍ନ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫କୁ ନେଇ ଅନୁଧ୍ୟାନ କରାଯାଇଥିଲା। ଗବେଷକମାନେ ରିମୋଟ୍ ସେନ୍ସିଂ ଡେଟାକୁ ମଧ୍ୟ ବିଶ୍ଳେଷଣରେ ବ୍ୟବହାର କରିଥିଲେ। ଗର୍ଭବତୀ ମହିଳାଙ୍କ ପିଲା ଜନ୍ମ ଉପରେ ବାୟୁ ପ୍ରଦୂଷଣର ପ୍ରଭାବକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଜାଣିବାକୁ ପାଇଛନ୍ତି ଯେ, ପ୍ରସୂତୀଙ୍କ ଗର୍ଭରେ ଥିବା ଶିଶୁଙ୍କ ଉପରେ ପାର୍ଟିକ୍ୟୁଲେଟ୍ ମ୍ୟାଟର (ପିଏମ୍)୨.୫ର ଅଧିକ ଖରାପ ପ୍ରଭାବ ରହୁଛି। ଏଥିଯୋଗୁ ଜନ୍ମ ସମୟରେ ୪୦% ଶିଶୁଙ୍କ ଓଜନ ହ୍ରାସ ପାଉଛି। ସେହିପରି ୭୦% ଶିଶୁ ଅବଧି ପୂର୍ବରୁ ଜନ୍ମ ହେଉଛନ୍ତି।

ରିପୋର୍ଟରୁ ଜଣାପଡ଼ିଛି, ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତ ଓ ତାପମାତ୍ରା ପ୍ରଭାବିତ ହେଉଥିବାରୁ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ବିପନ୍ନ ହେଉଛି। ପିଏଲ୍‌ଓଏସ୍ ଗ୍ଲୋବାଲ ପବ୍ଲିକ୍ ହେଲ୍‌ଥ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି, ଭାରତର ଉତ୍ତରାଞ୍ଚଳ ଜିଲାଗୁଡ଼ିକରେ ଜନ୍ମିତ ଶିଶୁଙ୍କ ଉପରେ ବାୟୁ ପ୍ରଦୂଷଣର ସବୁଠୁ ଅଧିକ ନକାରାତ୍ମକ ପ୍ରଭାବ ପଡୁଛି। ୨.୫ ମାଇକ୍ରନ୍ ପରିଧିରୁ କମ୍ ଫାଇନ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭବିଷ୍ୟତର ଇରାନ**

## ଦିଲ୍ଲୀରେ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ ନିଷ୍ପତ୍ତି ସ୍ଥଗିତ

**ନୂଆଦିଲ୍ଲୀ,୩।୭(ପି.ଟି.)**

ଦିଲ୍ଲୀରେ ପୁରୁଣା ଗାଡ଼ିକୁ ଇନ୍ଧନ ବିକ୍ରି ବନ୍ଦ କରିବା ପାଇଁ ଜାରି ନିର୍ଦ୍ଦେଶନାମାକୁ ଦିଲ୍ଲୀ ସରକାର ଗୁରୁବାର ସ୍ଥଗିତ ରଖିଛନ୍ତି। ବାୟୁମାନ ପରିଚାଳନା ଆୟୋଗ (ସିଏକ୍ୟୁଏମ୍)କୁ ପତ୍ର ଲେଖି ଦିଲ୍ଲୀ ସରକାର କହିଛନ୍ତି, ପ୍ରଯୁକ୍ତିଗତ ଚ୍ୟାଲେଞ୍ଜ କାରଣରୁ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ କରିବା ସମ୍ଭବ ନୁହେଁ। ତେଣୁ ପୂର୍ବ ନିଷ୍ପତ୍ତିକୁ ତୁରନ୍ତ ସ୍ଥଗିତ ରଖିବା ପାଇଁ କମିଶନଙ୍କୁ ନିବେଦନ କରାଯାଇଛି। ଜାତୀୟ ରାଜଧାନୀରେ ଗାଡ଼ି ଚଳାଚଳଜନିତ ପ୍ରଦୂଷଣ ରୋକିବା ପାଇଁ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଯାନ ଏବଂ ୧୦ ବର୍ଷରୁ ପୁରୁଣା ଡିଜେଲ ଯାନକୁ ଇନ୍ଧନ ବନ୍ଦ କରିବା ପାଇଁ ଜୁଲାଇ ୧ରେ ସିଏକ୍ୟୁଏମ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ☞ପୃଷ୍ଠା-୪

## ରତ୍ନଭଣ୍ଡାର ମରାମତି ପ୍ରାୟ ଶେଷ: ଗଜପତି

**ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପ୍ରାୟ ଶେଷ ହୋଇଛି ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ସମୀକ୍ଷା ପରେ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି। ସେହିପରି ଶ୍ରୀମନ୍ଦିରର ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଏଏସ୍‌ଆଇ ହାତକୁ ନେଇଛି। ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଦୃଷ୍ଟିରୁ ଗତ ଏପ୍ରିଲ ୨୯ରୁ ରତ୍ନଭଣ୍ଡାର ମରାମତି ସ୍ଥଗିତ ରହିଥିଲା। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ରଥଯାତ୍ରା ପରଦିନ ଅର୍ଥାତ୍ ଜୁନ୍ ୨୮ ତାରିଖରୁ ପୁନଃ ଆରମ୍ଭ ହୋଇଥିଲା। ରଥଯାତ୍ରାରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦିକୁ ଯାଇଥିବାରୁ ଏହି ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଏସ୍‌ଆଇ ଅଧିକାରୀ, ☞ପୃଷ୍ଠା-୪

# ଡେଲିଭରି ବୟ୍ କହି ପଶିଲେ, ବଳାତ୍କାର ପରେ ସେଲ୍‌ଫି ନେଲେ

**ପୁଣେ,୩।୭**

କବାଟ ଠକ୍ ଠକ୍ ହେଲା। ଡେଲିଭରି ବୟ ଆସିଛନ୍ତି ଭାବି ୨୨ ବର୍ଷୀୟା ଯୁବତୀ ଜଣକ ଘରର କବାଟ ଖୋଲିଲେ। ହାତରେ ଏକ ବ୍ୟାଙ୍କ ଏନ୍‌ଭଲପ ଧରି ଭିତରକୁ ଧସେଇ ପଶିଲେ ଜଣେ ଅଚିହ୍ନା ଯୁବକ। କିଛି ସମୟ ଭିତରେ ଯୁବକ ତାଙ୍କୁ ବଳାତ୍କାର କରି ସେଠାରୁ ଫେରାର ହୋଇଗଲେ। ମହାରାଷ୍ଟ୍ରର ପୁଣେ ସହର କୋନ୍ଧୱା ଅଞ୍ଚଳରେ ଥିବା ଏକ ହାଉସିଂ ସୋସାଇଟିରେ ବୁଧବାର ରାତି ୭ଟା ୩୦ ମିନିଟ୍‌ରେ ଘଟିଛି ଏଭଳି ଘଟଣା, ଯାହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି।

ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ମହାରାଷ୍ଟ୍ରର ଅନ୍ୟ ଏକ ଜିଲାର ଏହି ଯୁବତୀ ଜଣକ ପୁଣେର ଏକ ଆଇଟି କମ୍ପାନୀରେ କାମ କରନ୍ତି। ସମ୍ପୃକ୍ତ ସୋସାଇଟିରେ ଯୁବତୀଙ୍କ ସହ ତାଙ୍କ ଭାଇ ରୁହନ୍ତି। ବୁଧବାର ସନ୍ଧ୍ୟାରେ ତାଙ୍କ ଭାଇ ବାହାରକୁ କୌଣସି କାମରେ ଯାଇଥିଲେ। ଅଭିଯୁକ୍ତ ଆସି କବାଟ ବାଡେଇଥିଲେ। କିଏ ବୋଲି ପଚାରିବାରୁ ସେ କହିଥିଲେ, କୋରିୟର ଡେଲିଭରି ପାଇଁ ଆସିଛନ୍ତି। କବାଟ ଖୋଲିବା ପରେ ଡେଲିଭରି ରିସିପ୍ଟରେ ଦସ୍ତଖତ କରିବାକୁ କହିବା ସହ ପିନ୍ ମାଗିଥିଲେ। ଯୁବତୀ ପିନ୍ ଦେଖିବା ପାଇଁ ଭିତରକୁ ଫୋନ୍ ଆଣିବାକୁ ଯିବାରୁ ଯୁବକ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ସେ ତାଙ୍କୁ ଏକୁଟିଆ ପାଇ ଯୁବତୀଙ୍କ ଦେହରେ ରାସାୟନିକ ସ୍ପ୍ରେ କରିଥିଲେ। ଯୁବତୀ ସଂଜ୍ଞାହୀନ ହୋଇଯିବାରୁ ସେ ତାଙ୍କୁ ବଳାତ୍କାର କରିଥିଲେ। ଫେରାର ହେବା ପୂର୍ବରୁ ପୀଡ଼ିତାଙ୍କ ଫୋନ୍‌ରେ ସେଲ୍ଫି ନେଇଥିଲେ। ମୋବାଇଲରେ ଏକ ମେସେଜ୍ ଛାଡ଼ିଯାଇଥିଲେ। ସେଥିରେ ସେ ଲେଖିଥିଲେ, ଘଟଣା ସମ୍ପର୍କରେ କାହାକୁ କିଛି କହିଲେ ସୋସିଆଲ ମିଡିଆରେ ଭାଇରାଲ କରିଦେବେ।

ଏନେଇ ଡେପୁଟି ପୋଲିସ କମିଶନର (ଜୋନ୍ ୫) ରାଜକୁମାର ଶିନ୍ଦେ କହିଛନ୍ତି, ରାତି ୮ଟା ୩୦ରେ ବଳାତ୍କାର ପୀଡ଼ିତାଙ୍କ ସଂଜ୍ଞା ଫେରିଥିଲା। ସେ ନିଜ ସମ୍ପର୍କୀୟମାନଙ୍କୁ ସବୁକଥା ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। କ୍ରାଇମ୍ ବ୍ରାଞ୍ଚର ୫ ଓ ଜୋନାଲ ପୋଲିସର ୫ ମୋଟ ୧୦ଟି ଟିମ୍‌କୁ ନେଇ ତଦନ୍ତ ଜାରି ରହିଛି। ବିଏନ୍‌ଏସ୍ ଦଫା ୬୪, ୭୭ ଓ ୩୫୧(୨) ବଳରେ କୋନ୍ଧୱା ଥାନାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ସେହିପରି ଯୁବକ ବ୍ୟବହାର କରିଥିବା ରାସାୟନିକ ପଦାର୍ଥ କ'ଣ ଥିଲା ତାହା ଜାଣିବା ପାଇଁ ଫୋରେନ୍‌ସିକ୍ ବିଶେଷଜ୍ଞଙ୍କ ସହାୟତା ନିଆଯାଉଛି। ଯୁବତୀଙ୍କ ଫୋନ୍‌ରୁ ଏକ ସେଲ୍‌ଫି ମିଳିଛି, ଯାହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।



ସାଳନ୍ଦୀ ନଦୀରେ ବନ୍ୟା ଯୋଗୁ ଭଦ୍ରକ ଜିଲା ସଦର ବ୍ଲକର ବେନ୍ତାଳ ଗାଁ ପାଣିଘେରରେ ରହିଛି। **(ଫଟୋ: ସନାତନ ରାଉତ,ଭଦ୍ରକ)**

# ୧୪ ଦିନିଆ ହାଜତରେ ଜଗନ୍ନାଥ

ଭୁବନେଶ୍ୱର ୩।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟ ମଧ୍ୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭାଜପା ନେତା ଜଗନ୍ନାଥ ପ୍ରଧାନ ଶେଷରେ ଗୁରୁବାର ରାତିରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ଖାରବେଳନଗର ପୋଲିସ ଗିରଫକରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ସେଠାରେ ତାଙ୍କର ଜାମିନ ଆବେଦନ ଖାରଜ ହୋଇଯିବାରୁ ଜଗନ୍ନାଥଙ୍କୁ ୧୪ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିଳମ୍ବିତ ରାତିରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜଗନ୍ନାଥଙ୍କୁ ଝାରପଡ଼ା ଜେଲକୁ ନିଆଯାଇଥିଲା। ଏହି ଘଟଣାରେ ପୂର୍ବରୁ ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ୫ଅଭିଯୁକ୍ତ ରତ୍ନାକରଙ୍କୁ ଆକ୍ରମଣ କରୁଥିବାର ଭିଡିଓ ଫୁଟେଜରେ ଦେଖିବାକୁ ମିଳିଥିଲା। ତେଣୁ ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ, ହତ୍ୟା ବା ଟଙ୍କା ଆଦାୟ ଲକ୍ଷ୍ୟରେ ଅପହରଣ କରିବା, ଅପରାଧ ପାଇଁ ଉସୁକାଇବା, ସରକାରୀ ଅଧିକାରୀଙ୍କୁ ଆକ୍ରମଣ କରିବା ଆଦି ସଙ୍ଗିନ ଅଭିଯୋଗ ଲାଗିଥିଲା। ହେଲେ ଏବେ ଜଗନ୍ନାଥଙ୍କ ବିରୋଧରେ ହତ୍ୟା ଉଦ୍ୟମ(୧୦୯) ଏବଂ ହତ୍ୟା ଓ ଟଙ୍କା ଆଦାୟ ଉଦ୍ଦେଶ୍ୟରେ ଅପହରଣ କରିବା(୧୪୦(୨)) ଦଫାକୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି।


ଡିସିପି ଅଫିସ୍‌ରେ ଜଗନ୍ନାଥ ପ୍ରଧାନ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି।

## ଜଗନ୍ନାଥଙ୍କ ବିରୋଧରେ ଲାଗିଥିବା ବିଏନ୍‌ଏସ୍ ଦଫା

- ୩୩୩: ଆକ୍ରମଣ କରିବା ଉଦ୍ଦେଶ୍ୟରେ ଜୋରଜବରଦସ୍ତ ପ୍ରବେଶ
- ୧୩୨: ସରକାରୀ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟରୁ ବାରଣ କରିବା ପାଇଁ ଆପରାଧିକ ବଳ ପ୍ରୟୋଗ
- ୧୨୧(୧): ସରକାରୀ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟରେ ବାଧାଦେବା ପାଇଁ ଜାଣିଶୁଣି ଆକ୍ରମଣ କରିବା
- ୧୨୧(୨): ସରକାରୀ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟରେ ବାଧାଦେଇ ଗଭୀର ଆଘାତ ଦେବା
- ୩୫୧(୨): ଜୀବନରେ ମାରିଦେବାକୁ ଧମକ
- ୬୨: ଅପରାଧ ଉଦ୍ୟମ
- ୩୦୪: ଭୟ ଦେଖାଇ ଛଡ଼ାଇନେବା
- ୫୪: ଅପରାଧ ପାଇଁ ପ୍ରୋତ୍ସାହିତ କରିବା
- ୬୧(୨): ଆପରାଧିକ ଷଡ଼ଯନ୍ତ୍ର
- ୧୮୯(୨): ବେଆଇନ ଭାବେ ଅପରାଧ ପାଇଁ ଏକତ୍ର ହେବା
- ୧୯୦: ସମାନ ଉଦ୍ଦେଶ୍ୟ ରଖି ବେଆଇନ ଭାବେ ଏକାଠି ହେବା
- ୩(୫): ଅପରାଧ ପାଇଁ ସମାନ ଉଦ୍ଦେଶ୍ୟ


ଜଗନ୍ନାଥଙ୍କୁ ଝାରପଡ଼ା ଜେଲ୍ ଅଣାଯିବା ପୂର୍ବରୁ ଜେଲ ସମ୍ମୁଖରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ପ୍ରାଇମାଫେସି ପ୍ରମାଣ ଆଧାରରେ ଗିରଫ: ଡିସିପି

୩୦ ତାରିଖରେ ହୋଇଥିବା ସଂଘବଦ୍ଧ ଆକ୍ରମଣ ମାମଲାରେ ପୂର୍ବରୁ ୫ ଜଣ ଗିରଫ ହୋଇଥିବାବେଳେ ଏବେ ଗିରଫଦାରି ସଂଖ୍ୟା ୬ରେ ପହଞ୍ଚିଥିବା ଡିସିପି ଜଗମୋହନ ମୀନା କହିଛନ୍ତି। ଏଫ୍‌ଆଇଆର୍‌କୁ ନେଇ ଜଗନ୍ନାଥଙ୍କ ବିରୋଧରେ ଅଭିଯୋଗ ରହିଛି। ଏଥିସହ ଗିରଫ ଅନ୍ୟ ଅଭିଯୁକ୍ତ ଏବଂ ପୀଡ଼ିତଙ୍କ ବୟାନକୁ ଆଧାରକରି ତଦନ୍ତ କରାଯିବା ପରେ ପ୍ରାଇମାଫେସି ପ୍ରମାଣ ଆଧାରରେ ଜଗନ୍ନାଥଙ୍କୁ ଗିରଫ କରାଯାଇଛି। ତେବେ ସେ ଆତ୍ମସମର୍ପଣ କରିବା ପରେ ତାଙ୍କ ଅପରାଧ ବିଷୟରେ ଜଣାଇ ଦିଆଯାଇଥିଲା ବୋଲି ଡିସିପି କହିଛନ୍ତି।


ଜଗମୋହନ ମୀନା

## ଡିସିପି ଅଫିସ ପଛ ଗେଟ୍ ଦେଇ ନେଲେ

ଜଗନ୍ନାଥ ଡିସିପି ଅଫିସ ଭିତରକୁ ଯିବା ପରେ ତାଙ୍କ ସମର୍ଥକମାନେ ରୁଣ୍ଡ ହୋଇଥିଲେ। ଜଗନ୍ନାଥଙ୍କୁ ଗିରଫ କରାଯିବା ପରେ କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ କମିଶନରେଟ୍ ପୋଲିସ ସାମ୍ନା ଗେଟ ଦେଇ ନେଇ ନ ଥିଲା। ସମର୍ଥକମାନେ ରାସ୍ତାରେ ଆନ୍ଦୋଳନ କରୁଥିବାବେଳେ ପୋଲିସ ଟିମ୍ ଜଗନ୍ନାଥଙ୍କୁ ପଛ ଗେଟ ଦେଇ କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲା।

## ସେସନ୍ସ କୋର୍ଟକୁ ଯିବୁ: ଜଗନ୍ନାଥଙ୍କ ଓକିଲ

ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୩୩୩, ୧୩୨, ୧୨୧(୧), ୧୨୧(୨), ୩୫୧(୨), ୬୨, ୩୦୪, ୫୪, ୬୧(୨), ୧୮୯(୨), ୧୯୦ ଏବଂ ୩(୫)ରେ ଖାରବେଳନଗର ପୋଲିସ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜଗନ୍ନାଥଙ୍କ ପାଇଁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ହେଲେ ଅଦାଲତ ଜଗନ୍ନାଥଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ। ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏସ୍‌ଡିଜେଏମ୍ କୋର୍ଟଙ୍କ ଅର୍ଡର ବିରୋଧରେ ଶୁକ୍ରବାର ସେସନ୍ସ କୋର୍ଟରେ ଆବେଦନ କରିବ ବୋଲି ଜଗନ୍ନାଥଙ୍କ ଓକିଲ ଚିତ୍ତରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ରାସ୍ତାରୋକୋକୁ ନେଇ ସମର୍ଥକଙ୍କ ମଧ୍ୟରେ ମତଭେଦ

ସମର୍ଥକମାନେ ରାସ୍ତାରୋକୋ କରୁଥିବାବେଳେ ଏହାକୁ ନେଇ ମତଭେଦ ସୃଷ୍ଟି ହୋଇଥିଲା। ବହୁ ସମର୍ଥକ ଗାଡ଼ିଗୁଡିକୁ ଅଟକାଇ ରାସ୍ତା ଅବରୋଧ କରୁଥିବାବେଳେ ଆଉ କେତେଜଣ ଏଭଳି ନ କରିବାକୁ ସେମାନଙ୍କୁ ବାରଣ କରିଥିଲେ। ସାଧାରଣ ଲୋକଙ୍କୁ ହଇରାଣ ନ କରିବାକୁ ପରାମର୍ଶ ଦେଇଥିଲେ। ଏପରି କି 'ଜଗା ଭାଇ ଏଭଳି କାର୍ଯ୍ୟକୁ ବାରଣ କରିବାକୁ କହିଛନ୍ତି' ବୋଲି ସେମାନଙ୍କୁ କହିଥିଲେ। ହେଲେ ଉତ୍ତେଜିତ ସମର୍ଥକମାନେ ସେମାନଙ୍କ କଥା ନ ଶୁଣି ରାସ୍ତାରୋକୋ ଜାରି ରଖିଥିଲେ।

# ରାସ୍ତାକୁ ଓହ୍ଲାଇଲେ ସମର୍ଥକ

ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)

- ଡିସିପି ଅଫିସରୁ ଝାରପଡ଼ା ଜେଲ ଭିଡ଼
- ଷଡ଼ଯନ୍ତ୍ର କହି ପାଣ୍ଡିଆନଙ୍କୁ ଦୋଷ ଦେଲେ

ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଜଗନ୍ନାଥ ପ୍ରଧାନଙ୍କ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କେହି କେହି ଜଗନ୍ନାଥଙ୍କ ବିରୋଧରେ ଏହା ଷଡ଼ଯନ୍ତ୍ର ବୋଲି କହିଥିବାବେଳେ ଭି.କେ. ପାଣ୍ଡିଆନଙ୍କ ବିରୋଧରେ ମଧ୍ୟ ବିଷ ଉଦ୍‌ଗାର କରିଛନ୍ତି। ଭାଜପା ନେତା ଜଗନ୍ନାଥ ରାତିରେ ଆତ୍ମସମର୍ପଣ କରିବାକୁ ଆସିବା ପୂର୍ବରୁ ତାଙ୍କର ଶତାଧିକ ସମର୍ଥକ ଡିସିପି ଅଫିସ ପରିସରରେ ରୁଣ୍ଡ ହୋଇଥିଲେ। ଏଥିସହ ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ନେତ୍ରୀ ସଞ୍ଜୁକ୍ତା ମହଲା ପ୍ରମୁଖ ମଧ୍ୟ ସେଠାରେ ପହଞ୍ଚିଥିଲେ। ରାତି ପ୍ରାୟ ୯ଟା ୪୦ରେ ଜଗନ୍ନାଥ ଡିସିପି ଅଫିସରେ ପହଞ୍ଚିବା ପରେ ଉପସ୍ଥିତ ସମର୍ଥକ ଉତ୍ତେଜିତ ହୋଇପଡ଼ିଥିଲେ। ସେମାନେ ଜଗନ୍ନାଥଙ୍କ ସମର୍ଥନରେ ନାରାବାଜି ଦେଇଥିଲେ। ଏପରି କି ଡିସିପି ଅଫିସ ଭିତରକୁ ମଧ୍ୟ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ। ଜଗନ୍ନାଥ ଡିସିପି ଅଫିସ ଭିତରକୁ ଯିବା ପରେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ଆଣି ସମର୍ଥକମାନେ ଅଫିସ ପରିସରରେ ଧାରଣାରେ ବସିଥିଲେ। କିଛି ସମୟ ପରେ ସମର୍ଥକମାନେ ଜନପଥକୁ ଚାଲିଆସିବା ପରେ ବାଣୀବିହାର ଛକରେ ଆନ୍ଦୋଳନ କରିଥିଲେ। ସେମାନେ ରାସ୍ତାରୋକୋ କରିବାରୁ ବସ୍ ଅପେକ୍ଷାରେ ଥିବା ଯାତ୍ରୀମାନେ ହଇରାଣ ହୋଇଥିଲେ। ରସୁଲଗଡ଼ରୁ ଜୟଦେବ ବିହାର ଏବଂ ରୁପାଲୀ ଛକରୁ ବାଣୀବିହାର ଆଡ଼କୁ ଆସୁଥିବା ଶତାଧିକ ଗାଡ଼ି ଏଥିଯୋଗୁ ଅଟକି ରହିଥିଲା। ରାତି ପ୍ରାୟ ୧୦ଟା ୪୦ ବେଳକୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେପଟେ ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସ ଓ ଝାରପଡ଼ା ଜେଲ ପରିସରରେ ମଧ୍ୟ ସମର୍ଥକ ଭିଡ଼ ଜମାଇଥିଲେ।


ଭାଜପା କର୍ମୀମାନଙ୍କ ରାସ୍ତାରୋକୋ ଫଳରେ ବାଣୀବିହାର ଛକରେ ସୃଷ୍ଟ ଟ୍ରାଫିକ୍ ଜାମ।


ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ତୁରନ୍ତ ମାମଲା ପ୍ରତ୍ୟାହାର କରିବା ଦାବିରେ ଭାଜପା ସମର୍ଥକମାନେ ଗୁରୁବାର ରାତିରେ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।


ଜଗନ୍ନାଥଙ୍କ ସମର୍ଥକମାନେ ବାଣୀବିହାର ଛକରେ ରାସ୍ତାରୋକୋ କରିଛନ୍ତି।

# ଆଦାନୀ ଇସ୍କନ ରଥଯାତ୍ରା

**ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)**

ଚଳିତ ରଥଯାତ୍ରାରେ କେତେକ ନୂଆ ଘଟଣାକୁ ନେଇ ସାଧାରଣରେ ନାନା ପ୍ରକାର ଚର୍ଚ୍ଚା ଜୋର୍ ଧରିଛି। ଯେପରିକି ଭୁବନେଶ୍ୱରଠାରୁ ଆରମ୍ଭକରି ପୁରୀ ପର୍ଯ୍ୟନ୍ତ ଥିବା ରାସ୍ତାର ଉଭୟ ପାର୍ଶ୍ୱ ଆଦାନୀ କମ୍ପାନୀ ପକ୍ଷରୁ ବିଜ୍ଞାପନରେ ଛାଇ କରିଦିଆଯାଇଛି। କେବଳ ଜାତୀୟ ରାଜପଥ ନୁହେଁ, ପୁରୀ ସହର ସାରା ଏଭଳି ବଡ଼ବଡ଼ ପୋଷ୍ଟର ଲଗାଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏୟାରପୋର୍ଟ ଛକଠାରୁ ଆରମ୍ଭକରି ପୁରୀ ପର୍ଯ୍ୟନ୍ତ ସବୁଠି 'ଆଦାନୀ ରଥଯାତ୍ରା' ଉଲ୍ଲେଖ ଥିବାର ବଡ଼ବଡ଼ ହୋର୍ଡିଂ ମଧ୍ୟ ଲଗାଯାଇଛି। ଏହି ହୋର୍ଡିଂକୁ ଏପରି କରାଯାଇଛି, ଏହାକୁ ଦେଖିଲେ ଲାଗୁଛି, ଚଳିତ ରଥଯାତ୍ରା ଦେଶର ଶିଳ୍ପପତି ଆଦାନୀଙ୍କ ଦ୍ୱାରା ଆୟୋଜନ କରାଯାଉଛି। ଏଭଳି ଏକ ଗୋଳିଆ ପରିସ୍ଥିତି ସୃଷ୍ଟି କରିବାର ଉଦ୍ୟମ ଆଦାନୀଙ୍କ କମ୍ପାନୀ ପକ୍ଷରୁ କରାଯାଉଥିବାବେଳେ ନିଜେ ଗୌତମ ଆଦାନୀ ମଧ୍ୟ ନିଜ ପରିବାର ସହ ପ୍ରଥମ ଥର ପାଇଁ ପୁରୀ ରଥଯାତ୍ରାକୁ ଆସିଥିଲେ। ଆସି ପୁରୀଠାରେ ପହଞ୍ଚିଛନ୍ତି। ଆଦାନୀ ପୁରୀ ଆସିବା ପୂର୍ବରୁ ଆହୁରି ଅନେକ ସୁଚିନ୍ତିତ ଯୋଜନା ତାଙ୍କ ପକ୍ଷରୁ କରାଯାଇଥିବା ଲକ୍ଷ୍ୟ କରାଯାଇଛି। ଇସ୍କନକୁ ବ୍ୟବହାରକରି ସେ ଆଉ ଏକ ପ୍ରଚାର କାର୍ଯ୍ୟ ଚଳାଇବାକୁ ଚେଷ୍ଟା କରିଛନ୍ତି। ରଥଯାତ୍ରା ଦିନ ଇସ୍କନ ପକ୍ଷରୁ ୪୦ ଲକ୍ଷ ଲୋକଙ୍କୁ ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଲୋକମାନଙ୍କୁ ଖାଦ୍ୟ ମଧ୍ୟ ବଣ୍ଟନ ହେଉଥିଲା। ହେଲେ ଲୋକଙ୍କୁ ଦିଆଯାଉଥିବା ଖାଦ୍ୟ ପ୍ୟାକେଟ୍ ଉପରେ 'ଆଦାନୀ' ଓ 'ଇସ୍କନ' ବୋଲି ଉଲ୍ଲେଖ ଥିଲା। ଏହାକୁ ଦେଖି ରଥଯାତ୍ରାରେ ଉପସ୍ଥିତ ଥିବା ଅନେକ ଲୋକ ଆଦାନୀ ଓ ଇସ୍କନ ବିଷୟରେ ନାନା ପ୍ରକାର ଆଲୋଚନା କରୁଥିବା ଶୁଣିବାକୁ ମଧ୍ୟ ମିଳିଥିଲା। ଏପରି ସ୍ଥିତିରେ ଜଣେ ବ୍ୟକ୍ତି ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରିଥିଲେ, ଯେଉଁଥିରେ ଦେଖିବାକୁ ମିଳିଥିଲା କେତେଜଣ ବ୍ୟକ୍ତି ହାତରେ ଜଗନ୍ନାଥଙ୍କ ଫଟୋ ଥିବା ଏକ ପ୍ଲାକାର୍ଡ ଧରିଥିଲେ। ସେଥିରେ ଆଦାନୀ ରଥଯାତ୍ରା ବୋଲି ଉଲ୍ଲେଖ ଥିଲା। ଆଦାନୀ ପୁରୀ ଭିତରକୁ ପ୍ରବେଶ କରିବା ସମୟରେ ବହୁ ସଂଖ୍ୟାରେ ଲୋକ ସମାନ ଧରଣର ପ୍ଲାକାର୍ଡ ଧରି ଆଦାନୀଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରି ରହିଥିଲେ। ଆଦାନୀ ଚାଲିଯିବା ପରେ ସେମାନେ ସେହି ପ୍ଲାକାର୍ଡକୁ ଫୋପାଡି ଦେଇ ଚାଲିଯାଉଥିଲେ। ଭିଡିଓ ପୋଷ୍ଟ କରିଥିବା ପୁରୀର ସେହି ଯୁବକ ଜଣକ ସେମାନଙ୍କୁ ପ୍ରଶ୍ନ କରିଥିଲେ, ତୁମେମାନେ କ'ଣ ଯାଉଛ।




ସେହି ବ୍ୟକ୍ତିମାନେ କିଛି ନ ବୁଝି ହଁ କହି ବାହାରୁଥିଲେ। ହେଲେ ଉକ୍ତ ଯୁବକ ଜଣକ ସେମାନଙ୍କୁ ଅଟକାଇ ପ୍ରଥମେ ଜଗନ୍ନାଥଙ୍କ ଫଟୋ ଥିବା ସେହି ପ୍ଲାକାର୍ଡକୁ ଉଠାଇ ସାଙ୍ଗରେ ନେବା ଲାଗି ତାଗିଦ କରିଥିଲେ। କହିଥିଲେ, ଆଦାନୀ ଦେଶ ସାରା ସବୁଠି ଗରିବ ଲୋକଙ୍କ ଜଙ୍ଗଲ, ଜମି ଲୁଟି ବଡ଼ଲୋକ ହେବାରେ ବ୍ୟସ୍ତ। ଏଠିକି ଆଦାନୀ ଆସିବେ ବୋଲି ଜଗନ୍ନାଥଙ୍କ ଫଟୋକୁ ବ୍ୟବହାର କରି ତୁମମାନଙ୍କୁ ୨୦୦ରୁ ୪୦୦ ଟଙ୍କା ଦେଇଦେଲେ। ତୁମେମାନେ ଆସି ତାଙ୍କୁ ସ୍ୱାଗତ କରିଦେଲ ଆଉ ଏବେ ଜଗନ୍ନାଥଙ୍କ ଫଟୋକୁ ଫୋପାଡି ଦେଇ ଚାଲିଯାଅ। ଏହିଭଳି ଏୟାରପୋର୍ଟ ଛକଠାରେ ଥିବା ଆଦାନୀ ରଥଯାତ୍ରା ଉଲ୍ଲେଖ ଥିବା ହୋର୍ଡିଂକୁ ଦେଖି ପ୍ରବଳ ନିନ୍ଦା କରିଥିଲେ। ରଥଯାତ୍ରା ସମୟରେ ପ୍ରାୟ ୧୫୦ରୁ ଅଧିକ ହୋମ୍‌ଗାର୍ଡଙ୍କୁ ପୁରୀ ସମୁଦ୍ରକୂଳରେ ମୁତୟନ କରାଯାଇଥିଲା। କୌଣସି ପର୍ଯ୍ୟଟକଙ୍କ ସହ ଯେପରି ଅଘଟଣ ନ ଘଟିବ ସେଥିଲାଗି ସେମାନେ ମୁତୟନ ଥିଲେ। ହେଲେ ସେହି ହୋମ୍‌ଗାର୍ଡମାନେ ନିଜ ପୋଲିସ ପୋଷାକ ପରିଧାନକରି ନ ଥିଲେ। ସେମାନଙ୍କୁ ଆଦାନୀ କମ୍ପାନୀର ଗଞ୍ଜି ପିନ୍ଧାଇ ସେଠାରେ ମୁତୟନ କରାଯାଇଥିଲା। ଗୌତମ ଆଦାନୀ ସେମାନଙ୍କ ସହ ଯାଇ ଫଟୋ ମଧ୍ୟ ଉଠାଇଥିଲେ। ସେମାନଙ୍କ ପୋଷାକ ଦେଖି ଲାଗୁଥିଲା ଯେପରି ପୁରୀ ସମୁଦ୍ରକୂଳର ଏହି ସୁରକ୍ଷା ଦାୟିତ୍ୱ ଯେପରି ଆଦାନୀ କମ୍ପାନୀ ତରଫରୁ କରାଯାଇଛି। ଏହି ବ୍ୟକ୍ତିମାନେ ଓଡ଼ିଶା ପୋଲିସର ସଦସ୍ୟ ବୋଲି ସେହି ଗଞ୍ଜିର କୌଣସିଠାରେ ଉଲ୍ଲେଖ ନ ଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ, ଜଗନ୍ନାଥଙ୍କୁ ନେଇ ଇସ୍କନ ଅନେକ ସମୟରେ କରୁଥିବା ଷଡ଼ଯନ୍ତ୍ରକୁ ନେଇ ବିବାଦ ଦେଖାଯାଉଛି। ଇସ୍କନ ଜଗନ୍ନାଥ ପରମ୍ପରାକୁ ଚ୍ୟାଲେଞ୍ଜକରି ଓଡ଼ିଶାରେ ଏବଂ ଦେଶ ବାହାରର ଅନେକ ସ୍ଥାନରେ ଅଦିନିଆ ରଥଯାତ୍ରା କରୁଥିବା ନଜରକୁ ଆସୁଛି। ଏହାକୁ ନେଇ ସରକାରଙ୍କ ଉପରକୁ ମଧ୍ୟ ଅନେକ ସମୟରେ ସାଧାରଣ ଲୋକମାନେ ଆଙ୍ଗୁଳି ଉଠାଉଛନ୍ତି। ରଥଯାତ୍ରାର କିଛିଦିନ ପୂର୍ବରୁ ହିଁ ଇସ୍କନ ଭାରତ ବାହାରେ ଅଦିନିଆ ରଥଯାତ୍ରା କରିଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ହେଲେ ଏନେଇ ଇସ୍କନ ପକ୍ଷରୁ କୌଣସି ଉତ୍ତର ଦିଆଯାଇନାହିଁ। ଆଦାନୀ ସଂସ୍ଥା ସହଯୋଗରେ ଇସ୍କନ ପୁରୀରେ ଖାଦ୍ୟ ବିତରଣ କରିବା ଭଳି ଜନସେବାର ଏକ ଭଲ ନାଟକ ଆରମ୍ଭ କରିଛି ବୋଲି ସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ସାମାଜିକ ଗଣମାଧ୍ୟମ ଜରିଆରେ ଅନେକେ ପ୍ରଶ୍ନ କରୁଛନ୍ତି, ଆଦାନୀ ମାଧ୍ୟମରେ ଇସ୍କନ ହାତକୁ ଜଗନ୍ନାଥ ମନ୍ଦିର ଟେକିଦେବାକୁ କୌଣସି ଷଡ଼ଯନ୍ତ୍ର ଚାଲିନାହିଁ ତ।




# ଦୁର୍ଘଟଣାରେ ପୁଅ, ବୋହୂଙ୍କ ଜୀବନ ଗଲା

## ବାପାଙ୍କ ଶବ ଦାହ କରିବାକୁ ଯାଉଥିଲେ

**ବୌଦ୍ଧ/ହରଭଙ୍ଗା/ନୟାଗଡ଼/ ଗଣିଆ,୩।୭ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ/ଲୋକନାଥ ମିଶ୍ର/ ସନ୍ତୋଷ କୁମାର ପ୍ରଧାନ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାମ୍ପିକଟାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ବାପାଙ୍କ ଶବଦାହ କରିବାକୁ କାର୍‌ରେ ଗାଁକୁ ଯାଉଥିବା ବେଳେ ଛିଡା ହୋଇଥିବା ଏକ ଟ୍ରକ୍‌ରେ ପିଟି ହୋଇଯିବାରୁ ପୁଅବୋହୂଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ନୟାଗଡ଼ ଜିଲା ଗଣିଆ ପାଟଣାସାହିର ରାଜକିଶୋର ସାହୁ (୫୫) ଏବଂ ସ୍ତ୍ରୀ ମୀନାକ୍ଷୀ ସାହୁ (୫୦)। ସୂଚନା ମୁତାବକ, ରାଜକିଶୋର ନୂଆପଡା ଜିଲା କୁରୁମ ଭୋଇ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ରାତି ୯ଟାରେ ତାଙ୍କ ବାପା ବଲ୍ଲଭ ସାହୁ(୮୬)ଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରାଜକିଶୋର ବାପାଙ୍କ ଶବଦାହ କରିବାକୁ ସ୍ତ୍ରୀ ମୀନାକ୍ଷୀଙ୍କୁ ଧରି ଏକ କାର୍ ଯୋଗେ ନୂଆପଡାରୁ ନିଜ ଗାଁକୁ ଯାଉଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାମ୍ପିକଟାଠାରେ ଗୁରୁବାର ଭୋର୍ ୬ଟାରେ ରାସ୍ତାକଡ଼ରେ ଛିଡା ହୋଇଥିବା ଏକ ଟ୍ରକ୍‌ରେ କାର୍‌ଟି ମୁହାଁମୁହିଁ ପିଟି ହୋଇଥିଲା। ସ୍ଥାନୀୟ ଲୋକେ ରାଜକିଶୋର ଓ ମୀନାକ୍ଷୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ରାଜକିଶୋର ଓ ମୀନାକ୍ଷୀ ଫେରିବାରେ ବିଳମ୍ୱ ହେବାରୁ ପରିବାର ଲୋକେ ବଲ୍ଲଭଙ୍କ ମୃତଦେହକୁ ଗୁରୁବାର ଭୋର୍ ସମୟରେ ଦାହ କରାଇଦେଇଥିଲେ। ପୁଅବୋହୂଙ୍କ ମୃତ୍ୟୁ ଖବର ଘରେ ପହଞ୍ଚିଲା ବେଳକୁ ବାପାଙ୍କ ମୃତଦେହ ସତ୍କାର ହୋଇସାରିଥିଲା। ବୌଦ୍ଧରେ ରାଜକିଶୋର ଓ ମୀନାକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁକୁ ଆସିବା ପରେ ପୁରୀ ନେଇ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ମୃତ ରାଜକିଶୋରଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରାଜକିଶୋର ନୂଆପଡାରେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ଆଉ ମାତ୍ର ୪ବର୍ଷ ପରେ ଅବସର ନେଇଥାନ୍ତେ।

# ଟ୍ରକ୍ ମାଡ଼ିଯାଇ ମହିଳା ହୋମ୍‌ଗାର୍ଡଙ୍କ ମୃତ୍ୟୁ

**କଟକ,୩।୭(କାର୍ତ୍ତିକ ସାହୁ)**

କଟକ ଛତ୍ରବଜାରରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଅଘଟଣ ଘଟିଯାଇଛି। ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ୍ (ନଂ.ଓଡି-୦୪-ପି-୪୦୩୨) ଜଣେ କାର୍ଯ୍ୟରତ ମହିଳା ହୋମଗାର୍ଡଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ହେଲେ ମାଲଗୋଦାମ ଥାନାର ହୋମ୍‌ଗାର୍ଡ ମନୋରମା ପଣ୍ଡା (୫୬)। ମାଲଗୋଦାମ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏସ୍‌ସିବି ମେଡିକାଲକୁ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରି ଥାନାକୁ ଆଣିଛି। ଡ୍ରାଇଭର ଫେରାର ଥିବା ବେଳେ ଟ୍ରକ୍‌ର ଅନ୍ୟ ଜଣେ କର୍ମଚାରୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ଦୁର୍ଘଟଣା ମାମଲା (ନଂ. ୧୫୦/୨୫) ରୁଜୁ ହୋଇଛି।


ମନୋରମା ପଣ୍ଡା

**୪ ମାସ ତଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା**

ସୂଚନାନୁସାରେ, ମନୋରମା ଛତ୍ରବଜାରରୁ ପରିବା ଓ ଅନ୍ୟାନ୍ୟ ଗ୍ରୋସେରି ସାମଗ୍ରୀ ନେଇ ସାଇକେଲରେ ଫେରୁଥିବା ବେଳେ ତାଙ୍କ ଉପରେ ଟ୍ରକଟି ପଛରୁ ଆସି ମାଡ଼ି ଯାଇଥିଲା। ଅପରପକ୍ଷରେ ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କ ସୂଚନାନୁସାରେ, ହୋମ୍‌ଗାର୍ଡ ମନୋରମାଙ୍କୁ ଗୁରୁବାର ସାଦା ପୋଷାକରେ ଡ୍ୟୁଟି କରିବା ପାଇଁ କୁହାଯାଇଥିଲା। ସେ ଛତ୍ରବଜାର ପରିବା ମାର୍କେଟ ଅଞ୍ଚଳରେ ଡ୍ୟୁଟି କରୁଥିଲେ। ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ମାଡ଼ିଯାଇଥିଲା। ମନୋରମାଙ୍କ ବଡ଼ ପୁଅ ମୃତ୍ୟୁଞ୍ଜୟ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ଆଇଆଇସି ଦାସ କହିଛନ୍ତି। ମନୋରମାଙ୍କ ଘର ନିଶ୍ଚିନ୍ତକୋଇଲି ଅସୁରେଶ୍ୱର କୁଳଗାଁ ଇଶାଳ ଗ୍ରାମରେ। ୪ ମାସ ତଳେ ତାଙ୍କ ସ୍ୱାମୀ ଅଶ୍ୱିନୀ କୁମାର ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ୨ ପୁଅ ଅଛନ୍ତି। ସେ କଟକ ରାଉସାପାଟଣାରେ ଭଡ଼ା ନେଇ ରହୁଥିଲେ।

# ୧ମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷାଫଳ ପ୍ରକାଶ

**କଟକ,୩।୭(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ୧ମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା (ଅଷ୍ଟମ ଷ୍ଟାଣ୍ଡାର୍ଡ) ଫଳ ପ୍ରକାଶିତ ହୋଇଛି। ଏଥିରେ ୭୯.୨୨% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏ ନେଇ ବୋର୍ଡ ପକ୍ଷରୁ ଗୁରୁବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ଗତ ମେ' ୨୧ରେ ସମଗ୍ର ରାଜ୍ୟର ୮ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ମୋଟ ୧୫୨୫ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୦୮ଜଣ ପରୀକ୍ଷା ଦେଇଥିବା ବେଳେ ୭୮ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଏଥିସହ ୨୩୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ ନଂ. ଓ ନାମ ପ୍ରଦାନ କରି ନିଜ ଫଳ ଜାଣିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ବୋର୍ଡ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଷ୍ଟ କୋଷ୍ଟ ରେଲୱେ ପକ୍ଷରୁ ବିଭିନ୍ନ ଦାବିନେଇ ବିକ୍ଷୋଭ, ସ୍ଥାନ: ରେଲ୍‌ୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆମ କଳାକାର ଡ୍ୟାନ୍ସର ଆସୋସିଏଶନର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ:ପୂର୍ବାହ୍ନ ୧୧ଟା ୩୦ ।
- ସଙ୍ଗୀତା ପ୍ରତିଭା ସମାରୋହ ଏବଂ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।
- ବିଦ୍ୟାକନକ ସୃଜନାନୁଷ୍ଠାନ ଓ ସମାଜର ମିଳିତ ସହଯୋଗରେ ଓଡ଼ିଶୀ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ପୁରୀ
- ସନ୍ଧ୍ୟା ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ଅପରାହ୍ନ ୫ଟା ।

## ବାଲେଶ୍ୱର
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପଣ୍ଡିତଙ୍କ ଦ୍ୱାରା ଜଗନ୍ନାଥ ଅଷ୍ଟକମ୍, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୩ଟା ୩୦ ।
- କୀର୍ତ୍ତନ/ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୪ଟା ।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫ ।

## କେନ୍ଦୁଝର
- ବନ ମହୋତ୍ସବ ପାଳନ ଓ ବୃକ୍ଷରୋପଣ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ୱାର୍ଡ ନଂ-୧୫, ବଡବିଲ, ସମୟ: ପୂର୍ବାହ୍ନ ୯ଟା ୩୦ ।

## ମୟୂରଭଞ୍ଜ
- ମହାପ୍ରଭୁଙ୍କ ବେଶ ଦର୍ଶନ,ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା,ସମୟ: ସନ୍ଧ୍ୟା ୭ଟା ।

## ଗଞ୍ଜାମ
- ୭୯ତମ ବନମହୋତ୍ସବ ପାଳିତ, ସ୍ଥାନ: ନଗରବନ ଚାରିମଇଲି ଆସିକା, ସମୟ: ପୂର୍ବାହ୍ନ ୧୦ଟା ।
- ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହ,ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଜଗନ୍ନାଥ ଭଜନ ସମାରୋହ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୭ ଟା ।

## ଜଗତସିଂହପୁର
- ଆମଦାନୀ ରପ୍ତାନୀକାରୀ ସଂସ୍ଥାଙ୍କୁ ନେଇ ରାମ୍ପ ସ୍କିମ କର୍ମଶାଳା, ସ୍ଥାନ: ହୋଟେଲ ଏମ୍ପାୟର୍ସ, କଲେଜ ରୋଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।

## କେନ୍ଦ୍ରାପଡ଼ା
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର
- ଯାଜପୁରରୋଡ୍ ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ, ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ତେନ୍ତୁଳିଖୁଣ୍ଟି ସ୍ଥିତ ନୂତନ କୋର୍ଟ ପରିସର, ସମୟ: ସକାଳ ୮ଟା ।
- ଜିଲା କୋର୍ଟ ପକ୍ଷରୁ ଯାଜପୁର ଗାର୍ଲସ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳନ,ସ୍ଥାନ : ଯାଜପୁର ନନ୍ଦିପୁର ସରକାରୀ ହାଇସ୍କୁଲ ପରିସର, ସମୟ : ପୂର୍ବାହ୍ନ ୧୧ଟା ।
- ବ୍ୟାସନଗର ସ୍ୱୟଂଶାସିତ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୧୦ଟା ।
- ଧର୍ମଶାଳା ପଞ୍ଚାୟତ ସମିତିର ୧୦ମ ସାଧାରଣ ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ଅପରାହ୍ନ ୩ଟା ।
- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା' ମନ୍ଦିର ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପଠାଣୀ ସାମନ୍ତ ନର୍ସିଂ ସ୍କୁଲ ନୟାଗଡ଼, ସମୟ: ମଧ୍ୟାହ୍ନ ୧୨ଟା ।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ବେଶରେ ଗରୁଡ ଗୋବିନ୍ଦ ବେଶ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ଦର୍ଶନ ଅବସରରେ ପ୍ରସାଦ ବଣ୍ଟନ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦ ।
- ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ଦର୍ଶନ, ସ୍ଥାନ:ଖଣ୍ଡପଡ଼ା ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦ ।

## ରାୟଗଡ଼ା
- ମହାବିଦ୍ୟାଳୟ ୫୯ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଉଚ୍ଚଶିକ୍ଷା, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଭାଜପା ନେତାଙ୍କ ସହ ବୈଠକ, ସ୍ଥାନ: ଭାଜପା ଦଳୀୟ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ନବରଙ୍ଗପୁର
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗ୍ଲେଜ୍, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଉଦିଆତାରା କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଡିଏଭି ଶିକ୍ଷକ ଓ ଶିକ୍ଷା ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ।
- ଶାବର ଶ୍ରୀକ୍ଷେତ୍ରରେ ଶ୍ରୀ ଜିଉଙ୍କ କଳକୀ ଅବତାର, ସ୍ଥାନ: ଆଡ଼ପ ମଣ୍ଡପ, ସମୟ : ଅପରାହ୍ନ ୫ ଟା ।

## ମାଲକାନଗିରି
- ମାଥିଲି ବ୍ଲକରେ ରେଳ ଜମି ଅଧିଗ୍ରହଣ ମୂଲ୍ୟ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ:ମାଥିଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦ ।
- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ସ୍ଥାପନ, ମୂର୍ତ୍ତି ସ୍ଥାପନ, ସ୍ଥାନ: ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା୫୦ ।
- ସ୍ୱାଗତ ତୋରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଆମଷଡା କଟାପାଲି, ସମୟ: ଅପରାହ୍ନ ୫ଟା ।
- ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲି ଜୁହାର ଛକ, ସମୟ: ଅପରାହ୍ନ ୫ଟା ୩୦ ।
- ସ୍ୱାଗତ ତୋରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପରଧିଆପାଲି, ସମୟ: ସନ୍ଧ୍ୟା ୬ଟା ।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ରମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ ଅଇଁଠାପାଲିସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ବ୍ରାହ୍ମଣୀଜୋରରେ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବ୍ରାହ୍ମଣୀଜୋର, ଦେଓଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ସିପିଆଇର ଜିଲା ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ-ଜୁନାଗଡ଼ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଧର୍ମଗଡ଼ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ
- ଗଣବ୍ରତ,ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ସକାଳ ୭ଟା ।
- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ କଳକୀ ଅବତାର, ସ୍ଥାନ: ମାଉସୀମା ମନ୍ଦିର, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ।

## ଦେବଗଡ଼
- ୭୬ତମ ବନ ମହୋତ୍ସବ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣୀ ବ୍ଲକର ସାମନ୍ତରାପାଳି ଗ୍ରାମ, ସମୟ: ସକାଳ ୮ଟା ୪୫ ।
- ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ନୂଆ ବାଲିରୋଇ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ଗରିବ କଲ୍ୟାଣ ଓ ବିକାଶ ସମାବେଶ, ସ୍ଥାନ: ବଡ଼ ବଗିଚା, ପ୍ରଧାନପାଟ ରୋଡ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ, ସ୍ଥାନ: ସିଲାଟି ଡୁଙ୍ଗୁରି ରାସ୍ତା, ବିନିକା, ସମୟ:ଅପରାହ୍ନ ୪ଟା ।
- ବନ ମହୋତ୍ସବ ଅବସରରେ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ବ୍ଲକର ସିଲାଟି ଡୁଙ୍ଗୁରି ରାସ୍ତା, ସମୟ: ଅପରାହ୍ନ ୪ଟା ।
- ତରଭା ରଥଯାତ୍ରା ଅବସରରେ ମାଉସୀ ମା' ମନ୍ଦିରରେ ଦଧିବାମନ ଜଗନ୍ନାଥଙ୍କ ବଳରାମ ଅବତାର, ସ୍ଥାନ: ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

# ୭ ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ସଂଲଗ୍ନ ଉତ୍ତର ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ସୁନ୍ଦରଗଡ଼ରେ ସର୍ବାଧିକ ୪୩.୪ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୩୪.୨ ମିମି, ବୌଦ୍ଧରେ ୧୫ ମିମି ଓ ନବରଙ୍ଗପୁରରେ ୫.୫ ମିମି ବର୍ଷା ହୋଇଛି। ଆସନ୍ତା ୭ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଅନ୍ୟ କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଶୁକ୍ରବାର କେତେକ ଜିଲା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଉକ୍ତ ଜିଲାଗୁଡିକ ହେଲା ବରଗଡ, ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ। ସେହିପରି ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ରାୟଗଡା, ଗଜପତି ଓ କନ୍ଧମାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ବିଜେଡି ପ୍ରରୋଚନାରେ ଓଏଏସ୍ ସଂଘର ଆନ୍ଦୋଳନ: ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ପରିସର ମାଡ଼ ପ୍ରସଙ୍ଗକୁ ନେଇ ବିଜେଡି ରାଜନୀତି କରୁଛି ବୋଲି ଭାଜପା ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି। ଗୁରୁବାର ସାଂସଦ ଗଣମାଧ୍ୟମକୁ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସରକାରଙ୍କ ମୁଣ୍ଡ କିପରି ତଳକୁ ନଇଁବ ସେଥିପାଇଁ ବିଜେଡି ପୂରା ଦମ୍‌ରେ ଲାଗି ପଡ଼ିଛି। ଅତିରିକ୍ତ ଆୟୁକ୍ତଙ୍କୁ ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣାକୁ ନିନ୍ଦା କରୁଛି। ସରକାର ସମ୍ବେଦନଶୀଳ ଅଛନ୍ତି। ସଂଘ ଯେଉଁ ପ୍ରଚ୍ଛଦ ପଟ୍ଟର ମୁଖ୍ୟଙ୍କ କଥା କହୁଛି, ତାହା କେବଳ ପ୍ରାୟୋଜିତ। ଏସବୁକୁ ମଧ୍ୟ ରାଜ୍ୟ ସରକାର ଦୃଢ଼ତାର ସହ ବିଚାର କରୁଛନ୍ତି। ଯିଏ ଦୋଷୀ ସିଏ ନିଶ୍ଚିତ ଦଣ୍ଡ ପାଇବ। ହେଲେ ବିଜେଡି ଏହାକୁ ନେଇ ଯେଉଁ ରାଜନୀତି କରୁଛି ତାହାକୁ ରାଜ୍ୟବାସୀ କ୍ଷମା ଦେବନାହିଁ ବୋଲି ସାଂସଦ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ ମରିଗଲେ ଆନନ୍ଦ କାହିଁ ?
ଚାନ୍ଦ ବୁଡିଗଲେ ଚାନ୍ଦିନୀ କାହିଁ ?**

ଯେମିତି ମନ ବିରସ ହେଲେ ଖୁସି ଉଭେଇଯାଏ ସେମିତି ଚାନ୍ଦ ନ ଥିଲେ ରାତି ଅନ୍ଧାର ଲାଗେ । ମନ ଖୁସିଥିଲେ ଦୁନିଆର ସବୁ ସୁଖ ହାତ ମୁଠାରେ । ମନ ହିଁ ଆନନ୍ଦର ନିୟନ୍ତ୍ରଣକାରୀ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମାର୍ଜାର ଯେବେ କରୁଥିବ କଳି,
ଆଗକୁ ପାଦେ ନ ଯିବଟି ଚଳି।**

ଅନୁକୂଳ କରି ଘରୁ ବାହାରିବା ସମୟରେ ଆଗରେ ବିଲେଇ କଳି କରୁଥିବାର ଦେଖିଲେ ଅନୁକୂଳ ବିଗିଡି ଯାଏ । ଏପରି ସ୍ଥଳେ ଆଗକୁ ନ ଯିବା ଭଲ ବୋଲି ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଯୁକ୍ତ୩ ସ୍ପଟ୍ ନାମଲେଖା ପାଇଁ ୭ରୁ ଆବେଦନ

ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)

**୧୦ରୁ ପ୍ରଥମ ବର୍ଷ ପାଠପଢ଼ା**

ଚଳିତବର୍ଷ ଯୁକ୍ତ୩ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଆସନ୍ତା ୭ତାରିଖଠାରୁ ସ୍ପଟ୍ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ସମସ୍ତ ପର୍ଯ୍ୟାୟରେ ନାମଲେଖା ସୁଯୋଗ ପାଇନାହାନ୍ତି କିମ୍ବା ନିଜ ମନ ପସନ୍ଦର କଲେଜରେ ନାମ ଲେଖାଇ ପାରିନାହାନ୍ତି ସେମାନେ ଏହାର ସୁଯୋଗ ନେଇପାରିବେ। ଯୁକ୍ତ୩ ଛାତ୍ରୀଛାତ୍ରଙ୍କ ସମେତ ସେଲ୍ଫ ଫାଇନାନ୍ସ ଏବଂ ସଂସ୍କୃତ କଲେଜର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇପାରିବେ। ଆସନ୍ତା ୭ ତାରିଖ ଅପରାହ୍ନ ୨ଟାରୁ ୧୦ ତାରିଖ ରାତି ୧୧ଟା ୪୫ ଯାଏ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ ଅତିକମ୍‌ରେ ଗୋଟିଏ କଲେଜ କିମ୍ବା ତା'ଠାରୁ ଅଧିକର କଲେଜକୁ ଚୟନ କରିପାରିବେ। ୧୨ ତାରିଖ ଅପରାହ୍ନ ୨ଟାରେ ମେରିଟ ଲିଷ୍ଟ ଇ-ସ୍ପେସ ମାଧ୍ୟରେ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ୧୪ ତାରିଖରେ ନୋଟିସ୍ ବୋର୍ଡ ଏବଂ ୱେବ୍ ସାଇଟରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ୧୫ ତାରିଖରେ ନାମଲେଖାଇବା ସହିତ ଟଙ୍କା ଦାଖଲ କରିବେ। ଯେଉଁମାନେ ୱେଟିଂ ଲିଷ୍ଟରେ ଥିବେ ସେମାନେ ୧୬ରେ ନାମଲେଖାଇବା ସହିତ ଟଙ୍କା ଦାଖଲ କରିବେ। ଜୁଲାଇ ୧୦ରୁ ଯୁକ୍ତ ୩ର ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୭ରେ ବି.ଏଡ୍., ଏମ୍.ଏଡ୍. ଉତ୍ତର ପ୍ରକାଶନ

**ପ୍ରତିଟି ପ୍ରଶ୍ନ ପାଇଁ ୨୦୦ ଟଙ୍କା ଦେବାକୁ ପଡ଼ିବ**

ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)

ଦୁଇବର୍ଷିଆ ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏଚ୍.ଏଡ୍ ପ୍ରବେଶିକା ପରୀକ୍ଷା-୨୦୨୫ର ସାମୟିକ ଉତ୍ତର ପ୍ରକାଶନ ବା ଆନ୍‌ସାର୍ କି' ଆସନ୍ତା ୭ ତାରିଖରେ ପ୍ରକାଶ ପାଇବ। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପକ୍ଷରୁ ପ୍ରଦାନ କରାଯାଇଥିବା ମାର୍କକୁ ନେଇ କେତେଜଣ ପରୀକ୍ଷାର୍ଥୀ ଅସମ୍ମତି ଓ ଅଭିଯୋଗ ଆଣିଥିଲେ। ଏହାକୁ ଭିତ୍ତିକରି ଅସମ୍ମତିର ସମାଧାନ ସହ ପ୍ରକ୍ରିୟାରେ ପ୍ରତିପାଳିତ ହେଉଥିବା ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ସାମୟିକ ଉତ୍ତର ପ୍ରକାଶନ କରାଯିବ। ଆବେଦନକାରୀମାନେ ରାଜ୍ୟ ପ୍ରବରଣ ମଣ୍ଡଳୀ ପୋର୍ଟାଲ https://ssbodisha.ac.in/ରେ ପ୍ରକାଶନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଆବେଦନକାରୀମାନେ ତାଙ୍କ ଉତ୍ତରଗୁଡ଼ିକୁ ଯାଞ୍ଚ କରିପାରିବେ। ୮ତାରିଖ ପୂର୍ବାହ୍ନ ୧୧ଟାରୁ ୧୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନକାରୀମାନେ ନିଜ ଅଭିଯୋଗ ସାମ୍‌ସ ପୋର୍ଟାଲ https://www.samsodisha.gov.in/ ମାଧ୍ୟମରେ ଦାଖଲ କରିପାରିବେ। ପ୍ରତିଟି ପ୍ରଶ୍ନ ପାଇଁ ୨୦୦ଟଙ୍କା ଲେଖାଏ ପଇଠ କରିବାକୁ ପଡ଼ିବ ବୋଲି ଏସ୍‌ଏସ୍‌ବି ସଭାପତି କାଳୀ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରବେଶିକା ପରୀକ୍ଷା ଓ ନାମଲେଖା ପାଇଁ ହୋଇଥିବା ଯୋଗ୍ୟତା ଚୟନ ତାଲିକାରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଅଧିକ ମାର୍କ ପାଇବାକୁ ବହୁ ପରୀକ୍ଷାର୍ଥୀ ଆଶାବାଦୀ ଥିବାବେଳେ ସ୍କୋର୍ କାର୍ଡରେ କିନ୍ତୁ କମ୍ ମାର୍କ ରହିଥିଲା। ଏସ୍‌ଏସ୍‌ବି ପକ୍ଷରୁ ଉତ୍ତର ନ ବାହାର କରି ସିଧାସଳଖ ସ୍କୋର୍ କାର୍ଡ ପ୍ରକାଶ କରାଯାଇଥିବାରୁ ଉଚ୍ଚଶିକ୍ଷା ବିଭାଗର ଅଭିଯୋଗ ଶୁଣାଣିରେ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଜେଲ ଗଲେ...

ବିଏମ୍‌ସି ଅଫିସ ପରିସରରେ ଗତ ୩୦ ତାରିଖରେ ରତ୍ନାକରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା, ଯାହାର ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ନିନ୍ଦା ପ୍ରକାଶ ପାଇଥିଲା। ଜଗନ୍ନାଥଙ୍କ ଗିରଫ ଦାବିରେ ୩ ଦିନ ଧରି ରାଜ୍ୟସାରା ଓଏଏସ୍ ଅଧିକାରୀମାନେ କାର୍ଯ୍ୟ କରୁ ନ ଥିବାରୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣଭାବେ ବାଧାପ୍ରାପ୍ତ ହୋଇଥିଲା ଏଥିରେ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ଅଧିକାରୀ ସାମିଲ ହୋଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହୋଇଥିଲେ। ଜଗନ୍ନାଥଙ୍କ ଗିରଫଦାରି ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଥିଲେ, ସମ୍ପ୍ରତି ବାଲେଶ୍ୱର ସମେତ କେତେକ ଅଞ୍ଚଳରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି, ତାକୁ ଦୃଷ୍ଟିରେ ରଖି ଓଏଏସ୍ ଅଧିକାରୀମାନେ ଉକ୍ତ ଅଞ୍ଚଳରେ ସରକାରୀ କାର୍ଯ୍ୟ କରିବେ। ଏହାସହିତ ରଥଯାତ୍ରାରେ ମଧ୍ୟ ନିଜ କାର୍ଯ୍ୟ ସମ୍ପାଦନ କରିବେ ବୋଲି କହିଥିଲେ। ଜଗନ୍ନାଥଙ୍କ ଗିରଫଦାରି ପରେ ସଂଘ ପକ୍ଷରୁ ସଭାପତି ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରେ ସଂଘର ପୂର୍ଣ୍ଣ ଭରସା ଥିଲା ବୋଲି ସେ କହିଛନ୍ତି।

## ସମୟ ପୂର୍ବରୁ...

ପାର୍ଟିକ୍ୟୁଲେଟ୍ ମ୍ୟାଟର ୨.୫(ପିଏମ୍୨.୫)କୁ ସବୁଠୁ ବିପଜ୍ଜନକ ବାୟୁ ପ୍ରଦୂଷକ ବୋଲି ମନେକରାଯାଉଛି। ଜୀବାଶ୍ମ ଇନ୍ଧନର ଓ ବାୟୋମାସ୍‌ର ଜାଳେଣିକୁ ଏଥିପାଇଁ ଦାୟୀ କରାଯାଉଛି। ଗବେଷକମାନେ ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ, ପଞ୍ଜାବ ଓ ହରିୟାଣା ଭଳି ଉପର ଗାଙ୍ଗେୟ ଅଞ୍ଚଳ ଏବଂ ଦକ୍ଷିଣ ଓ ଉତ୍ତର-ପୂର୍ବ ଅଞ୍ଚଳର ତଳ ସ୍ତରରେ ପିଏମ୍୨.୫ର ମାତ୍ରା ଅଧିକ ରହିଥିବା ଜାଣିବାକୁ ପାଇଛନ୍ତି। ବିଶେଷକରି ହିମାଚଳ ପ୍ରଦେଶ (୩୯%), ଉତ୍ତରାଖଣ୍ଡ(୨୭%), ରାଜସ୍ଥାନ(୧୮%) ଓ ଦିଲ୍ଲୀ(୧୭%) ଭଳି ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲା ଜନ୍ମ ହେଉଛନ୍ତି। ତେବେ ମିଜୋରାମ, ମଣିପୁର ଓ ତ୍ରିପୁରାରେ ଏହାର ପ୍ରଭାବ କମ୍ ରହିଛି।

ପଞ୍ଜାବରେ ସର୍ବାଧିକ ୨୨% ନବଜାତ ଶିଶୁଙ୍କ ଓଜନ କମ୍ ରହୁଛି। ଏହା ପଛକୁ ରହିଛି ଦିଲ୍ଲୀ, ଦାଦ୍ରା ଓ ନଗର ହାବେଳି, ମଧ୍ୟପ୍ରଦେଶ, ହରିୟାଣା ଓ ଉତ୍ତର ପ୍ରଦେଶ। ପିଲାଙ୍କ ଓଜନ କ୍ଷେତ୍ରରେ ଉତ୍ତର-ପୂର୍ବ ଭାରତର ସ୍ଥିତି ଉନ୍ନତ ରହିଛି। ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ ଓ ଅନ୍ୟାନ୍ୟ ଡେଟାକୁ ଉପଯୋଗକରି ଅଧ୍ୟୟନରେ ପରିସଂଖ୍ୟାନଗତ ବିଶ୍ଳେଷଣ କରାଯାଇଥିଲା। ସେଥିରୁ ୧୩% ପିଲା ପ୍ରିମାଚ୍ୟୁର ଜନ୍ମ ହେଉଥିବା ଏବଂ ୧୭ ପ୍ରତିଶତଙ୍କ ଓଜନ କମ୍ ରହୁଥିବା ଜଣାପଡ଼ିଥିଲା। ପ୍ରତି ୧୦ କ୍ୟୁବିକ୍ ମିଟରରେ ୧୦ ମାଇକ୍ରୋଗ୍ରାମ୍ ପ୍ରଦୂଷଣ ବଢ଼ିଲେ ଜନ୍ମବେଳେ ଶିଶୁଙ୍କ ଓଜନ ହ୍ରାସ ଆହୁରି ୫% ବଢ଼ିବା ଆଶଙ୍କା ରହିଛି। ସେହିପରି ସମୟ ପୂର୍ବରୁ ଜନ୍ମହାର ମଧ୍ୟ ଆହୁରି ୧୨% ବଢ଼ିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ-୫ ଅଧ୍ୟୟନର ୫ ବର୍ଷ ପୂର୍ବରୁ ଜନ୍ମିତ ୧୮% ଶିଶୁଙ୍କ ଓଜନ କମ୍ ରହିଥିବା ସେମାନେ ଜାଣିବାକୁ ପାଇଛନ୍ତି। ସେମାନେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ ଉତ୍ତର ଭାରତୀୟ ଜିଲାଗୁଡ଼ିକରେ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି।

## ରତ୍ନଭଣ୍ଡାର ମରାମତି...

ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ଜୁନ୍ ୨୮ରେ ରତ୍ନଭଣ୍ଡାର କାର୍ଯ୍ୟର ସମୀକ୍ଷା କରିବା ସହ ବାକିଥିବା କାର୍ଯ୍ୟ ଆରମ୍ଭ କରିଥିଲେ। ତେଣୁ ଗୁରୁବାର ରତ୍ନଭଣ୍ଡାର କାର୍ଯ୍ୟ ସମୀକ୍ଷାକରିବା ପାଇଁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିରକୁ ଯାଇଥିଲେ। ସମୀକ୍ଷା ପରେ ଗଜପତି ମହାରାଜା ରତ୍ନଭଣ୍ଡାର କାର୍ଯ୍ୟରେ ସନ୍ତୁଷ୍ଟ ଥିବା ସେ ପ୍ରତିକ୍ରିୟା ରଖିଛନ୍ତି। ଶ୍ରୀମନ୍ଦିର ୮୦୦ ବର୍ଷର ପୁରାତନ ହୋଇଥିବା ବେଳେ ପୂର୍ବରୁ ରତ୍ନଭଣ୍ଡାର କେବେ ମରାମତି ହୋଇ ନ ଥିଲା, ପ୍ରଥମଥର ପାଇଁ କରାଯାଉଛି।

ଗଜପତି ମହାରାଜା ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ବହୁବର୍ଷ ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ହେଉଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ବାହାର ରତ୍ନଭଣ୍ଡାର ଓ ଭିତର ରତ୍ନଭଣ୍ଡାର ସ୍ଥିତି ବହୁତ ଖରାପ ଥିଲା। ଏହା ମରାମତି ହୋଇ ନ ଥିଲେ ସୁରକ୍ଷା ଦୃଷ୍ଟିରୁ ବହୁ ସମସ୍ୟା ହୋଇଥାନ୍ତା ବୋଲି ଏଏସ୍‌ଆଇ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ମହାପ୍ରଭୁଙ୍କ କୃପାରୁ ଏଏସ୍‌ଆଇର ସମସ୍ତ ଟିମ୍ ୧୧ ମାସ ହେଲା କାର୍ଯ୍ୟ ଜାରି ରଖିଛି। ଆସନ୍ତା ନୀଳାଦ୍ରିବିଜେ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମନ୍ଦିର ନିର୍ମାଣ ଶୈଳୀରେ ପଥରଗୁଡ଼ିକ ପ୍ରତିସ୍ଥାପନ କରାଯାଇଛି। ଅନେକ ପିଲର ଖରାପ ଥିବାରୁ ତାହା ରିପ୍ଲେସ୍ କରାଯାଇଛି। ପାଖାପାଖି ୬୦୦ ଖଣ୍ଡ ସାହାଣ ପଥର ବ୍ୟବହାର କରାଯାଇଛି। ମରାମତି କାର୍ଯ୍ୟ ସରିବା ପରେ ବାହାର ଷ୍ଟ୍ରଙ୍ଗ୍ ରୁମ୍‌ରେ ଥିବା ରତ୍ନ ଅଳଙ୍କାର ଭିତର ଭଣ୍ଡାରକୁ ଯିବ। ନୀଳାଦ୍ରିବିଜେ ପୂର୍ବରୁ ଭଣ୍ଡାର ମରାମତି କାର୍ଯ୍ୟ ସରି ମହାପ୍ରଭୁ ରତ୍ନ ସିଂହାସନରେ ବିଜେ କରିବା ପରେ ଅଳଙ୍କାରର ଗଣତି ମଣତି କରାଯିବ।

ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି. ବି. ଗଡ଼ନାୟକ କହିଛନ୍ତି, ନୀଳାଦ୍ରିବିଜେ ପୂର୍ବରୁ ସମସ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ରତ୍ନଭଣ୍ଡାରର ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ମୁଖ୍ୟ କାର୍ଯ୍ୟ ଯେପରି ପଥର ରିପ୍ଲେସ୍‌ମେଣ୍ଟ, ବିମ୍, ଫାଟ ମରାମତି ସହ ଅନ୍ୟାନ୍ୟ କାର୍ଯ୍ୟ ଶେଷ ହୋଇଯାଇଛି। ମହାରାଜା ମରାମତି କାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ପୁରୁଣା...

ଏହା ଦ୍ୱାରା ୬୨ ଲକ୍ଷରୁ ଊର୍ଦ୍ଧ୍ୱ କାର, ଦୁଇଚକିଆ ଯାନ, ଟ୍ରକ୍ ଓ ଅନ୍ୟାନ୍ୟ ଗାଡ଼ି ପ୍ରଭାବିତ ହୋଇଥାନ୍ତେ। ଏହାକୁ ନେଇ ସରକାର ଲୋକଙ୍କ ରୋଷର ଶିକାର ହେବା ପରେ ବିବାଦୀୟ ନିଷ୍ପତ୍ତି ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି। ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସରକାର ସେମାନଙ୍କ ସହ ଛିଡ଼ା ହୋଇଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ମନ୍‌ଜିନ୍ଦର ସିଂ ସିର୍ସା କହିଛନ୍ତି। ତେବେ ପୁରୁଣା ଗାଡ଼ିଗୁଡ଼ିକୁ ବ୍ୟାନ୍ କରିବା ଦିଗରେ ସରକାର ସମାଧାନ ପନ୍ଥା ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ପୁରୁଣା କାର୍ ଓ ମୋଟରସାଇକେଲକୁ ଯତ୍ନର ସହ ରଖିଥିବା ଲୋକଙ୍କୁ ଦଣ୍ଡିତ କରା ନ ଯାଇ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ ନ ଥିବା ଗାଡ଼ିଗୁଡ଼ିକୁ ଜବତ କରିବା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସିର୍ସା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣଙ୍କ ଭୁଲ ନିଷ୍ପତ୍ତି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ତଥାପି ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ। ଦେବା ନେବାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ ବିବାଦ ବଢ଼ିପାରେ। ଶାରୀରିକ ଅସୁସ୍ଥତାବଶତଃ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ବୃଷ** – କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତିରେ ଆପଣ ନୀରବ ରହିବାକୁ ବାଧ୍ୟ ହେବେ। ଆର୍ଥିକ ସମସ୍ୟା ଦୂର ହେବାରେ ପଡୋଶୀଙ୍କ ଅବଦାନକୁ ଭୁଲି ହେବନି। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବନ୍ଧୁ ମିଳନ ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** – ଆଜିର ଶୁଭଯୋଗରୁ ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିପାରିବେ। ଆପଣଙ୍କ କାମଟି କରିବା ସକାଶେ ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ହଁ ଭରିବ। ସାଧାରଣ କଥାକୁ କେନ୍ଦ୍ରକରି ପଡୋଶୀ ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଅର୍ଥାଭାବ ଲାଗିରହିବା କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ।

**କର୍କଟ** – କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ କରିବାକୁ ପଡିପାରେ। ଯାନବାହନରେ ସତର୍କ ନ ହେଲେ ଅସୁବିଧାର ସମ୍ମୁଖୀନ ହେବେ। ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ସିଂହ** – ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବାର ଆଶା ରହିଛି। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାପନ୍ତରିଆ ରହିଯିବ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି କଥାଟି କଥାରେ ହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା ଦୂର ହେବ।

**କନ୍ୟା** – ଯେତେ ଭଲ କରିବାକୁ ଚିନ୍ତା କଲେ ମଧ୍ୟ ନିଜ ଲୋକଙ୍କ ବିରୁଦ୍ଧାଚରଣ ଯୋଗୁ ସବୁ ଓଲଟପାଲଟ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଏବଂ ବିଜ୍ଞ ବ୍ୟକ୍ତିଙ୍କର ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପରିବାରରେ ଅଶାନ୍ତି ଦୂର ହେବା ସୂଚନା ପାଇବେ।

**ତୁଳା** – ଅର୍ଥ ସଙ୍କଟ ଯୋଗୁ କାମଗୁଡିକ ଅଧାରେ ଅଟକି ଯିବାର ଆଶଙ୍କା ରହିଛି। ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନଚେତ୍ ଠକିଯିବାଟା ହିଁ ସାର ହେବ। ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବାର ସୂଚନା ପାଇପାରନ୍ତି।

**ବିଛା** – ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ଆଜି ଆଶା ନିଶ୍ଚିତ ପୂରଣ ହେବ କିନ୍ତୁ ପ୍ରାଥମିକ ଅବସ୍ଥାରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ ଯାହାକି ଅଯଥା ଟେନ୍ସନ ସୃଷ୍ଟି କରିବ ।

**ଧନୁ** – ଶନିଙ୍କ ପ୍ରଭାବରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ଉପୁଜିବ। ନୂତନ କର୍ମସଂସ୍ଥାନ ସକାଶେ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପୂର୍ବ ପରିକଳ୍ପିତ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡିବ ନାହିଁ।

**ମକର** – ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ସାମୟିକ ମନଦୁଃଖ ହୋଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ପରେ ବହୁତ ବ୍ୟସ୍ତ ହେବାକୁ ପଡିପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ। କିଛି ପାଇବାର ଆଶା ରଖି ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** – ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ ଫଳରେ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଆଜି ଭ୍ରମଣ, ରାଜନୀତି,ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ମୀନ** – ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଜୁଲାଇ ୪ ତାରିଖ, ଆଷାଢ ଶୁକ୍ଳ ନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଆଡପ ମଣ୍ଡପେ ଶ୍ରୀଜୀଉଙ୍କ ବାହୁଡା ପୂର୍ବ ସନ୍ଧ୍ୟା ଦର୍ଶନ, ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ, ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଚିତ୍ରା/ତୁଳା, ନବମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ ଗତେ, ଘ.୦୭।୦୧ ମଧ୍ୟେ, ଘ.୧୨।୧୭ ଗତେ, ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୦।୧୨ ଗତେ, ଘ.୧୧।୫୧ ମଧ୍ୟେ ରାହୁକାଳ ।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ




**ଭୋଗରାଇ(ପ୍ରଦୀପ ଦାସ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୩।୭**

୧୦ଦିନ ମଧ୍ୟରେ ସୁବର୍ଣ୍ଣରେଖା ନଦୀରେ ଦୁଇ ଥର ବନ୍ୟା ଆସିଛି। ପ୍ରଥମ ବନ୍ୟା ପାଣି ନ ଛାଡୁଣୁ ଦ୍ୱିତୀୟ ବନ୍ୟା ଆସିଲା। ବନ୍ୟା ପ୍ରଭାବରେ ଉତ୍ତରବାଲେଶ୍ୱର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ବ୍ୟାପକ ଧନଜୀବନ କ୍ଷତି ଘଟିଛି। ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୋଗରାଇ ଓ ବାଲିଆପାଳ ବନ୍ୟାଞ୍ଚଳ ପରିଦର୍ଶନ କରି ଅପରାହ୍ନ ୫ଟାରେ ଭୁବନେଶ୍ୱର ଫେରିଯାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ହେଲିକପ୍ଟର ଯୋଗେ ଭୋଗରାଇ ତାଳସାରୀ ନିକଟ ବିନ୍ଧାପଦ୍ମପୁର ହେଲିପ୍ୟାଡ ପଡ଼ିଆରେ ପୂର୍ବାହ୍ନ ୧୧ଟା ୧୦ରେ ଅବତରଣ କରି କାର୍ ଯୋଗେ ଭୋଗରାଇ ଲକଗେଟରେ ପହଞ୍ଚିଥିଲେ। ସେଠାରୁ ଏକ ଯନ୍ତ୍ରଚାଳିତ ବୋଟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ (ସାଧାରଣ) ସୁଧାକର ନାୟକ, ଜିଲାପରିଷଦ କାର୍ଯ୍ୟକାରିଣୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି ପ୍ରମୁଖ ସୁବର୍ଣ୍ଣରେଖା ନଦୀକୂଳ ଗାଁ ବାଉଁଶଖଣା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ବନ୍ୟା ବିପନ୍ନଙ୍କ ସମସ୍ୟା ପଚାରି ବୁଝିଥିଲେ। ବନ୍ୟା ବିପନ୍ନମାନେ ଶୁଖିଲା ଖାଦ୍ୟ ପାଇ ନ ଥିବା ଅଭିଯୋଗ ସହିତ ବାଉଁଶ ଖଣା ପ୍ରାଥମିକ ବିଦ୍ୟାଳୟ ଦୀର୍ଘଦିନ ହେଲା ବନ୍ଦ ଥିବାରୁ ଉକ୍ତ ବିଦ୍ୟାଳୟକୁ ଚଳିତବର୍ଷ ଖୋଲିଦେବାକୁ ଦାବି ରଖିଥିଲେ। ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଉପମୁଖ୍ୟମନ୍ତ୍ରୀ ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚଢ଼ଇବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମକୁ ବୋଟ୍ ଯୋଗେ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ଲୋକଙ୍କ ମୁଖ୍ୟ ସମସ୍ୟା ପଞ୍ଚରୁଖିଠାରୁ ଗ୍ରାମକୁ ଆସିଥିବା ମୁଖ୍ୟରାସ୍ତା ଉପରେ ସ୍ଥାୟୀ ପୋଲ ଓ ରାସ୍ତାକୁ ଉଚ୍ଚା କରାଗଲେ ସମସ୍ୟା କିଛି ମାତ୍ରାରେ ସୁଧୁରିଯିବ ବୋଲି ଗ୍ରାମବାସୀଙ୍କ ଦାବିକୁ ବିଚାର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡା କହିଥିଲେ। ଏଥିସହିତ ବନ୍ୟା ପାଣି ଛାଡ଼ିବା ମାତ୍ରେ ସରକାରୀ କର୍ମଚାରୀମାନେ ଘର ଘର ବୁଲି କ୍ଷୟକ୍ଷତି ଆକଳନ କରି ସମସ୍ତଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଶବରୀ ଭବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- **ଶବରୀ ସାଂସ୍କୃତିକ ଭବନର ଉନ୍ନତୀକରଣ ପାଇଁ ଖର୍ଚ୍ଚ ହେବ ୨ କୋଟି**
- **ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ: ମୋହନ**

**ଭୁବନେଶ୍ୱର,୩।୭ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥ ଆଇଆର୍‌ସି ଭିଲେଜଠାରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲା ନିମନ୍ତେ ଶବରୀ ସାଂସ୍କୃତିକ ଭବନ ଉଦ୍‌ଘାଟନ କରିବା ସହ ଏହି ସ୍ୱଳ୍ପ ରହଣି ସ୍ଥାନର ଉନ୍ନତୀକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ। ଆଦିବାସୀ ଭଉଣୀ, ଭାଇମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନ ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭଉଣୀ, ଭାଇମାନେ ଯେତେବେଳେ ଆସିବେ ଏଠାରେ ନିଜ ଘର ପରି ଅନୁଭବ କରିବେ। ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମାବଦ୍ଧ ନୁହେଁ, ଏହା ହେଉଛି ଏକ ଜୀବନଶୈଳୀ, ଏକ ଆତ୍ମା। ଏହାକୁ ସୁରକ୍ଷା କରିବା ଏବଂ ପ୍ରଚାରକରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସେ ଆହୁରି କହିଛନ୍ତି, ରାଜ୍ୟର ୨୪% ଜନଜାତି ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ୱଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ '୩୬ ପାଇଁ ୩୬' ବୋଲି କୁହାଯାଉଛି। ରାଜ୍ୟର ଡବଲ ଇଞ୍ଜିନ ସରକାର ୧ ବର୍ଷର ସଫଳ ଯାତ୍ରା ପୂରଣକରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ, ନୂତନ ଶକ୍ତି ସହିତ ଜାରି ରଖିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଆମ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କଫୋର୍ସ ଗଠନକରି ୨୦୦ କୋଟି ଲେଖାଏଁର ଅନୁଦାନ ପ୍ରଦାନ କରିଛନ୍ତି। ଏଥିରୁ ଦକ୍ଷିଣ ଓଡ଼ିଶା ବିଶେଷ ଭାବେ ଅବିଭକ୍ତ କୋରାପୁଟ ଜିଲାର ବିକାଶର ଗତି ଦ୍ରୁତତର ହେବ। ଏହି ବିକାଶର ଜୟଯାତ୍ରାରେ ଶବରୀ ଭବନର ଗୁରୁଦାୟିତ୍ୱ ରହିବ ବୋଲି ସେ କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ମୁନା ଖାଁ, ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତାରାପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପୁ ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାୟଗଡ଼ା ବିଧାୟକ କାଡ୍ରାକା ଅପଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷାରେ ସାମିଲ ହେବେ ଛାତ୍ରୀଛାତ୍ର: ଜଙ୍ଗଲମନ୍ତ୍ରୀ



- **୨ଟି ବିଜ୍ଞପ୍ତି ପ୍ରସ୍ତୁତ**
- **୨ବର୍ଷରେ ୧୦ କୋଟି ଚାରା ରୋପଣ ଲକ୍ଷ୍ୟ**

**ଭୁବନେଶ୍ୱର,୩।୭ (ରବିନାରାୟଣ ଜେନା)**

ରାଜ୍ୟରେ ଜଙ୍ଗଲ ସୁରକ୍ଷା ଏବଂ ବନ୍ୟପ୍ରାଣୀ ରକ୍ଷାକୁ ଜଙ୍ଗଲ ଓ ପରିବେଶ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇଛି। ଏଥିରେ ଛାତ୍ରୀଛାତ୍ରଙ୍କୁ କିଭଳି ସାମିଲ କରି ଜଙ୍ଗଲର ସମ୍ପୂର୍ଣ୍ଣ ସୁରକ୍ଷା କରାଯାଇପାରିବ ସେନେଇ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ହେବ। ବିଭାଗ ପକ୍ଷରୁ ଏନେଇ ୨ଟି ବିଜ୍ଞପ୍ତି ପ୍ରସ୍ତୁତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମନ୍ୱୟରେ ଚୂଡାନ୍ତ ବିଜ୍ଞପ୍ତି ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି।

ଲୋକସେବା ଭବନରେ ବୁଧବାର ମନ୍ତ୍ରୀ ଗଣେଶ ରାମସିଂହ କହିଛନ୍ତି, ରାଜ୍ୟରେ ଅଧିକ ଜଙ୍ଗଲ ସୃଷ୍ଟି କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ମା'ଙ୍କ ନାମରେ ଗୋଟିଏ ଗଛ ଅଭିଯାନରେ ୭କୋଟି ଚାରା ରୋପଣ କରାଯିବ। ଏହାବାଦ୍ ଖାଲିଥିବା ସରକାରୀ ଜମି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ଆଉ ୩କୋଟି ଚାରା ରୋପଣ କରାଯିବାକୁ ରହିଛି। ତେବେ ପ୍ରତିବର୍ଷ ଯେଉଁ ଚାରା ରୋପଣ ହେଉଛି, ଯତ୍ନ ଅଭାବରୁ ଅନେକ ଗଛ ନଷ୍ଟ ହେଉଛି। ଆଗାମୀ ଦିନରେ ଏହାର ସୁରକ୍ଷା କରିବା ସହିତ ଜଙ୍ଗଲ ବୃଦ୍ଧି ଲାଗି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ରହିଛି। ଛାତ୍ରୀଛାତ୍ରମାନେ ଏକ ନିର୍ଦ୍ଦିଷ୍ଟ ଦିନରେ ଜଙ୍ଗଲ ସୁରକ୍ଷା ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି କରିବେ। ସମ୍ପ୍ରତି ସରକାରଙ୍କ ପକ୍ଷରୁ ଗ୍ରାମ୍ୟ କମିଟି ସହିତ ଅନ୍ୟାନ୍ୟ ପନ୍ଥା ଅନୁସରଣ କରାଯାଉଛି। ଛାତ୍ରୀଛାତ୍ର ଏହି ମହତ୍ କାର୍ଯ୍ୟରେ ସାମିଲ ହେଲେ ପରିବାରରୁ ଜଙ୍ଗଲ ସୁରକ୍ଷା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଲେ, ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଡେରାଡୁନ୍ ଦ୍ୱାରା ଉପଗ୍ରହ ମାଧ୍ୟମରେ ପ୍ରାପ୍ତ ତଥ୍ୟ ଅନୁଯାୟୀ ୨୦୨୩ରେ ଓଡ଼ିଶାର ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ପରିମାଣ ୫୨,୪୩୩.୫୬ ବର୍ଗ କି.ମି. ରହିଛି, ଯାହାକି ରାଜ୍ୟର ଭୌଗୋଳିକ ଆୟତନର ଶତକଡ଼ା ୩୩.୬୭ଭାଗ। ଓଡ଼ିଶାର ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ପରିମାଣ ୬,୧୬୩.୪୫ ବର୍ଗ କି.ମି., ଯାହାକି ରାଜ୍ୟର ସମୁଦାୟ ଭୌଗୋଳିକ ଆୟତନର ଶତକଡ଼ା ୩.୯୫ ଭାଗ ବୋଲି ସେ କହିଛନ୍ତି। ଏହି ଆଲୋଚନା ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍ମତି ପ୍ରକାଶ କରିବା ସହିତ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକରାଯିବା ଉପରେ ମତ ରଖିଥିଲେ।

# ୬ରେ ଖୋଲିବ ହୀରାକୁଦ ଜଳଭଣ୍ଡାର ଗେଟ୍

**ସମ୍ବଲପୁର,୩।୭(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରରୁ ଆସନ୍ତା ୬ତାରିଖରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହେବ। ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପରିଚାଳକଙ୍କ କାର୍ଯ୍ୟାଳୟ ବୁର୍ଲାଙ୍କ ସୂଚନା ଅନୁସାରେ ହୀରାକୁଦର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ କ୍ରମାଗତ ଭାବେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରରୁ ବନ୍ୟା ଜଳ ନିଷ୍କାସନ ପାଇଁ ଆସନ୍ତା ୬ତାରିଖ ପୂର୍ବାହ୍ନ ୧୦ଟାରେ ଗେଟ୍ ଖୋଲାଯିବ। ଫଳରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ଏହି ସମୟରେ ଜଳଭଣ୍ଡାର ତଳମୁଣ୍ଡ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ମହାନଦୀ ବା ଏହାର ଶାଖାନଦୀ ମଧ୍ୟକୁ ପ୍ରବେଶ ନ କରିବା ତଥା ନଦୀର ଅନ୍ୟାନ୍ୟ ବ୍ୟବହାର ସମୟରେ ମଧ୍ୟ ସତର୍କତା ଅବଲମ୍ବନ ପାଇଁ ଜନସାଧାରଣଙ୍କୁ ସୂଚାଇ ଦିଆଯାଇଛି।



# ୨୦୨୬ ଜାନୁଆରୀ ୩୧ ସୁଦ୍ଧା ଆସିବ ନୂଆ ସମବାୟ ନୀତି: ମନ୍ତ୍ରୀ

**ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ନୂଆ ସମବାୟ ନୀତି ଆଣିବାକୁ ଯାଉଛନ୍ତି। ୨୦୨୬ ଜାନୁଆରୀ ୩୧ ସୁଦ୍ଧା ନୂଆ ସମବାୟ ନୀତି ଆସିବ ବୋଲି ଦିଲ୍ଲୀରୁ ଫେରି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟର ସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ହେବ। ସବୁ ସମବାୟ ସମିତିରେ ଏକାଧିକ ବ୍ୟବସାୟ କରାଯିବ। ସମବାୟ ସମିତି ଗୁଡିକରେ ଏଲ୍‌ପିଜି ଗ୍ୟାସ୍ ବିତରଣ ଏବଂ ଔଷଧ ଦୋକାନ ଆଦି ରହିବ। ପେଟ୍ରୋଲ ପମ୍ପ, ଜନ ସେବା କେନ୍ଦ୍ର, ଡାଇରୀ ଫାର୍ମ ଏବଂ ଦୁଗ୍ଧ ବିତରଣ ବ୍ୟବସ୍ଥା ମଧ୍ୟ ରହିବ। ଲୋକଙ୍କ ଘର ପାଖରେ ସବୁ ସୁବିଧା ପହଞ୍ଚାଇବାକୁ ସବୁ ବ୍ୟବସ୍ଥା କରାଯିବ। ଲାଭ ଆଦାୟ ପାଇଁ ନୁହେଁ ବରଂ ସେବା ଯୋଗାଇବା ପାଇଁ ସମବାୟ ସମିତି କାର୍ଯ୍ୟ କରିବ। ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କ ପ୍ରତିଷ୍ଠା ହେବ। କେନ୍ଦ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଓଡିଶା ଫେରିବା ପରେ ମନ୍ତ୍ରୀ ବଳସାମନ୍ତ ଏହି ସୂଚନା ଦେଇଛନ୍ତି।

# ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ମିଳିଲା ଆଗୁଆ ଜାମିନ

**କଟକ,୩।୭(କାର୍ତ୍ତିକ ସାହୁ)**

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ ଓ ତାଙ୍କ ପରିବାରକୁ ଆଶ୍ୱସ୍ତି ମିଳିଛି। ବିଷ୍ଣୁପଦଙ୍କ ପକ୍ଷରୁ ଆଗତ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ବିଚାରପତି ଭି. ନରସିଂହ ଗୁରୁବାର ମଞ୍ଜୁର କରିଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୮କୁ ଧାର୍ଯ୍ୟ ହୋଇଛି। ସୂଚନାନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ମାମଲାର ଏତଲାରେ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ାଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଆବେଦନ ଉପରେ ହାଇକୋର୍ଟ ସିବିଆଇ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହାଇକୋର୍ଟ ବିଷ୍ଣୁପଦଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ପୁଣି ବିଷ୍ଣୁପଦଙ୍କ ପକ୍ଷରୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରାଯାଇଥିଲା।

# ବିଜେଡି ନେତ୍ରୀଙ୍କ ଅଭିଯୋଗ, ଭାଜପା ବିଧାୟକଙ୍କ ଅଭାଷା

- **ପ୍ରଧାନମନ୍ତ୍ରୀଙ୍କୁ ଲେଖାଶ୍ରୀଙ୍କ ଅଭିଯୋଗ, ଖଟୁଆ କହିଲେ ଯେସାକୁ ତେସା**
- **ଭାଜପା ନେତାଙ୍କ ନୀରବତା ନେଇ ପ୍ରଶ୍ନ ଉଠାଇଲେ ନବୀନ**

**ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)**

ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଏବଂ ବାଲେଶ୍ୱର ଜିଲା ନୀଳଗିରିର ଭାଜପା ବିଧାୟକ ସନ୍ତୋଷ ଖଟୁଆଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଆକ୍ଷେପ ପ୍ରତିଆକ୍ଷେପ ରାଜନୀତି ଜଟିଳ ସ୍ଥିତି ସୃଷ୍ଟି କରିଛି। ବୁଧବାର ଲେଖାଶ୍ରୀ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ଖଟୁଆଙ୍କୁ ଏକ ହାତୀଦାନ୍ତ ଶିକାର ଓ ଦାନ୍ତ ଲୁଟ୍ ଅଭିଯୋଗରେ ଦୋଷୀ ବୋଲି କହିଥିଲେ। ଶାସକ ଦଳର ବିଧାୟକ ବୋଲି ଖଟୁଆଙ୍କ ବିରୋଧରେ ଆକ୍ସନ ହେଉନାହିଁ। ବିଧାୟକଙ୍କ ଛୋଟ ଚୋରରୁ ବଡ଼ ଚୋର ହେବାର ଇତିହାସ ଅଛି ବୋଲି ଲେଖାଶ୍ରୀ ଆକ୍ଷେପ କରିଥିଲେ। ଏଭଳି ଅଭିଯୋଗ ପରେ ଖଟୁଆ ତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଖଟୁଆ ଗଣମାଧ୍ୟମ ଆଗରେ ଲେଖାଶ୍ରୀଙ୍କୁ ଦେହଜୀବୀଙ୍କ ସହ ତୁଳନା କରୁଥିବାର ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଅନ୍ୟପଟେ ଲେଖାଶ୍ରୀ ବିଧାୟକଙ୍କ ଏଭଳି ଅଭାଷା ପ୍ରୟୋଗ କରୁଥିବା ଭିଡିଓକୁ ସୋସିଆଲ୍ ମିଡିଆରେ ପୋଷ୍ଟକରି ପ୍ରଧାନମନ୍ତ୍ରୀଙ୍କୁ ଟ୍ୟାଗ୍ କରିଛନ୍ତି। ବିଧାୟକ ମହିଳା ବିରୋଧୀ ବୋଲି ଦର୍ଶାଇବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

ଅନ୍ୟପଟେ ନୀଳଗିରି ଥାନାରେ ସନ୍ତୋଷଙ୍କୁ ଗିରଫ କରିବା ଦାବିନେଇ ବିଜେଡି ପକ୍ଷରୁ ଏତଲା ଦିଆଯାଇଛି। ସେହିପରି ଭୁବନେଶ୍ୱର ଶଙ୍ଖ ଭବନଠାରେ ଖବରଦାତା ସମ୍ମିଳନୀ କରି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଭାଜପାକୁ ଟାର୍ଗେଟ କରିବା ସହିତ ଖଟୁଆ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ଦରକାର। ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ନିନ୍ଦା କରି କହିଛନ୍ତି, ଭାଜପା ବିଧାୟକ ଜଣେ ନେତ୍ରୀଙ୍କୁ ଏଭଳି ଅପମାନଜନକ ମନ୍ତବ୍ୟ ଦେବା ଗ୍ରହଣୀୟ ନୁହେଁ। ସର୍ବସାଧାରଣରେ ଜଣେ ମହିଳାଙ୍କ ଚରିତ୍ର ସଂହାର କରିବା ରୁଗ୍‌ଣ ମାନସିକତାର ପରିଚୟ। ସବୁଠୁ ଅଧିକ ଦୁଃଖର ବିଷୟ ଏହି ପ୍ରସଙ୍ଗରେ ଭାଜପା ନେତାମାନେ ନୀରବ ଅଛନ୍ତି। ଜଣେ ହେଲେ ନେତା ଏପରି ମନ୍ତବ୍ୟକୁ ନିନ୍ଦା କରିବା ଏବଂ ବିଧାୟକଙ୍କୁ ଉତ୍ତରଦାୟୀ କରିବାକୁ ଆଗକୁ ଆସୁନାହାନ୍ତି। ଏପରି ନାରୀ ବିରୋଧୀ ମନୋଭାବ ରଖି ବିଧାନସଭାରେ ସ୍ଥାନ ଜମାଇଥିବା ଲୋକଙ୍କ ଅସଲ ଚେହେରାକୁ ଜନସାଧାରଣ ଚିହ୍ନନ୍ତୁ ବୋଲି ନବୀନ କହିଛନ୍ତି। ସନ୍ତୋଷ ଖଟୁଆ ଏହି ଘଟଣାରେ ଜବାବ ଦେଇ କହିଛନ୍ତି, ଯଦି ଜଣେ ବିଧାୟକଙ୍କୁ ଡକାୟତ ଓ ପକେଟ୍‌ମାର ବୋଲି କହିବେ ତାହା ହେଲେ ଏହା ଯେସାକୁ ତେସା।


ଲେଖାଶ୍ରୀ ସାମନ୍ତସିଂହାର


ସନ୍ତୋଷ ଖଟୁଆ

# ବଜ୍ରପାତ: ୨ ଯୁବକ ମୃତ

**ଝାରସୁଗୁଡ଼ା,୩।୭ (ଆଶିଷ ରଞ୍ଜନ ଦାଶ)**

ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ବଞ୍ଜାରୀ ଅଞ୍ଚଳର ଅଶୋକ ରୋହିଦାସ(୪୫) ଓ ଚୂଡ଼ାମଣି ରୋହିଦାସ(୨୯)। ଗୁରୁବାର ଭୋର ୪ଟାରେ କୁରେବଗାସ୍ଥିତ ପାଉଁଶ ପୋଖରୀରୁ ସେମାନେ କିଛି ପଦାର୍ଥ କାଢୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟ ଗୁରୁତର ହୋଇଥିଲେ।

DSPL - 159


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚେମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

OIPR-10003/13/0224/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

“ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। –ଶ୍ରୀମା



# ଭବିଷ୍ୟତର ଇରାନ୍



ଜୱାଦ ସାଲେହି–ଇସ୍ଫାହାନି

ଦୁଇଟି ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଇସ୍ରାଏଲ ଓ ଆମେରିକା ବିରୋଧରେ ଇରାନ୍‌ର ୧୨ ଦିନିଆ ଯୁଦ୍ଧ ସବୁ ପକ୍ଷକୁ ବିଜୟୀ ଘୋଷଣା କରିବାକୁ ସୁଯୋଗ ଦେଇଛି। ଇସ୍‌ଲାମିକ ରିପବ୍ଲିକ (ଇରାନ୍) ପାଇଁ ବିଜୟ ଶୀଘ୍ର ହେଲା, କାରଣ ତାହାର ଶାସନ ଏଯାବତ ସୁରକ୍ଷିତ ଅଛି। ଏହାର ଶାସନ ଭୁଶୁଡ଼ି ନାହିଁ କିମ୍ବା ଏହା ବିରୋଧରେ କୌଣସି ବିଦ୍ରୋହ ହୋଇନାହିଁ କି ଶାସନରେ ପରିବର୍ତ୍ତନ ଘଟିନାହିଁ। ଅନେକ ଇରାନୀୟ, ବିଶେଷକରି ବିଦେଶରେ ଥିବା ବିରୋଧୀଙ୍କ ମତରେ ଆକ୍ରମଣର ତୀବ୍ରତା ସରକାର ପତନକୁ ସୂଚିତ କରୁଥିଲା। କିନ୍ତୁ ବିଦ୍ରୋହ ସମ୍ଭବ ହେଲା ନାହିଁ। ସହରରେ ରହୁଥିବା ମଧ୍ୟବିତ୍ତ ବର୍ଗ, ଯେଉଁମାନେ ଇରାନ୍‌ର ସାମାଜିକ ଓ ବୃତ୍ତିଗତ ଜୀବନର ମେରୁଦଣ୍ଡ, ସେମାନେ ଦୁଇ ବିଦେଶୀ ଶକ୍ତିଙ୍କ ସପକ୍ଷରେ ସ୍ୱର ଉଠାଉନାହାନ୍ତି। ସାଧାରଣ ଇରାନୀୟ ନାଗରିକମାନେ କ'ଣ ପାଇଛନ୍ତି ବା ପାଇନାହାନ୍ତି ତାହା ଆଗାମୀ ସ୍ଥିତି ଉପରେ ନିର୍ଭର କରେ। ସରକାର ଏହା ଉପରେ କିଭଳି ପଦକ୍ଷେପ ନେବେ ଓ ବେସାମରିକ ଭିତ୍ତିଭୂମିର ପୁନର୍ଗଠନ କରିପାରିବେ, ମଧ୍ୟବିତ୍ତ ବର୍ଗଙ୍କୁ କ୍ଷତିପୂରଣ ଦେବେ ତାହା ଗୁରୁତ୍ୱପୂର୍ଣ୍ଣ ହେବ। ଦେଖିବାକୁ ଗଲେ ଇସ୍ରାଏଲ ଆକ୍ରମଣର ବହୁ ପୂର୍ବରୁ କିଛି ପରିବର୍ତ୍ତନ ଘଟିଥିଲା। ୨୦୨୩ ମଧ୍ୟଭାଗରୁ ଇସ୍‌ଲାମିକ୍ ରିପବ୍ଲିକ୍ ଆଭ୍ୟନ୍ତରୀଣ ଯୋଜନାବଦ୍ଧ ପରିବର୍ତ୍ତନର ସଙ୍କେତ ଦେଇଆସୁଛି। ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ୍‌ର ଆକ୍ରମଣ ପରେ ସେଥିରେ ସିଧାସଳଖ ମୁଣ୍ଡ ଖେଳାଇ ନ ଥିଲା କିମ୍ବା ଏହାର ମିତ୍ରଦେଶ ଲେବାନନ୍ ଓ ସିରିଆର ଚାପରେ ପ୍ରତିକ୍ରିୟା ପ୍ରକାଶ କରି ନ ଥିଲା।

ପୋଲିସ ହେପାଜତରେ ଥିବା ମାଶା ଅମିନ ନାମ୍ନୀ ଯୁବତୀଙ୍କ ମୃତ୍ୟୁ ପରେ ୨୦୨୨ରେ ଦେଖାଦେଇଥିବା ଗଣ ଆନ୍ଦୋଳନକୁ ଦେଖି ସରକାର ରାସ୍ତାରେ ଲାଗୁ ହୋଇଥିବା ଅଲିଖିତ ଡ୍ରେସ୍ କୋଡ୍‌କୁ ହଟାଇନେଇଥିଲେ। ଗତ ଏପ୍ରିଲରେ ମୁଁ ତେହେରାନ ଓ ଅନ୍ୟ କେତେକ ଛୋଟ ସହରକୁ ଯାଇଥିଲି ଓ ସେଠାରେ ସହରୀ ଦୃଶ୍ୟପଟରେ ପରିବର୍ତ୍ତନ ଦେଖିଥିଲି। ଅନେକ ମହିଳା ମୁଣ୍ଡ ନ ଘୋଡ଼ାଇ ବାହାରକୁ ଯାଉଥିଲେ ଏବଂ ପୁରୁଷଙ୍କ ସହ କଫି ଶପ୍‌ରେ ସେମାନଙ୍କୁ ଦେଖିବାକୁ ମିଳିଥିଲା। ଜୁନ୍ ୨୦୨୪ରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ମାସୁଦ୍ ପେଜେସ୍କିଆନ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଜଣେ ସୁଧାର ମନସ୍କ ବ୍ୟକ୍ତି ଭାବେ ସେ ରକ୍ଷଣଶୀଳ ନେତା ଇବ୍ରାହିମ୍ ରଏସିଙ୍କ ଉତ୍ତରାଧିକାରୀ ହୋଇଥିଲେ। ଉଲ୍ଲେଖନୀୟ,



ରଏସି ରାଷ୍ଟ୍ରପତି ଥିବାବେଳେ ହିଜାବ ଲାଗୁକୁ ପ୍ରାଥମିକତା ଦେଇଥିଲେ ଏବଂ ଆନ୍ଦୋଳନ ଉପରେ ହିଂସ୍ରକ ପଦକ୍ଷେପ ନେଇଥିଲେ। ଜୁଲାଇ ୨୦୨୪ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ରଏସିଙ୍କ ମୃତ୍ୟୁ ଘଟିଥିଲା। ଯେତେବେଳେ ଏକ ନୂଆ ହିଜାବ ଆଇନ ପାସ୍ ହେଲା, ସେତେବେଳେ ପେଜେସ୍କିଆନ ଏହାକୁ ଲାଗୁକରିବାକୁ ମନାକରି ଏକ ନୂଆ ପ୍ରଭାବୀ ସାମାଜିକ ନୀତି ଆରମ୍ଭ କରିବାକୁ ଅନୁମତି ଦେଇଥିଲେ। ତେବେ ଇରାନର ଅର୍ଥ ବ୍ୟବସ୍ଥା ସେତିକି ଦୁର୍ବଳ ନୁହେଁ ଯେତିକି ବିଦେଶୀ ଗଣମାଧ୍ୟମଗୁଡ଼ିକ ଦର୍ଶାଉଛନ୍ତି। ସେମାନେ ଯେଉଁ ତଥ୍ୟ ଦେଉଛନ୍ତି ତାହା ଠିକ୍ ନୁହେଁ କି ଆସନ୍ନ ପତନ ସମ୍ପର୍କରେ ଯାହା କହୁଛନ୍ତି ତାହା ଗ୍ରହଣୀୟ ନୁହେଁ। ୨୦୧୮ରେ ଇରାନ୍ ଉପରେ ଆମେରିକା ଲଗାଇଥିବା କଠୋର କଟକଣା (୨୦୧୫ ଆଣବିକ ଚୁକ୍ତିରୁ ଡୋନାଲ୍ଡ ଟ୍ରମ୍ପ ଦୂରେଇ ଯିବା ପରେ) ସତ୍ତ୍ୱେ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ସୁଧୁରିବାରେ ଲାଗିଛି। ୨୦୨୪ ସୁଦ୍ଧା ଇରାନ୍‌ର ଜିଡିପି ୨୦୧୮ର ଶୀର୍ଷ ସ୍ତରକୁ ଟପିଯାଇଛି ଏବଂ ବାର୍ଷିକ ଅଭିବୃଦ୍ଧି ପାଖାପାଖି ୩ ପ୍ରତିଶତ ରହିଛି। ତେବେ ଟ୍ରମ୍ପ୍ ଲାଗୁ କରିଥିବା କଟକଣାକୁ ବାଇଡେନ୍ ପ୍ରଶାସନ କୋହଳ କରିବା ପରେ ତୈଳ ରପ୍ତାନି ଯୋଗୁ ଏହା ସମ୍ଭବ ହୋଇଥିଲା। ବର୍ଷେ ଦୁଇ ହେବ ପ୍ରକୃତ ମୁଣ୍ଡ ପିଛା ବ୍ୟୟ ବଢୁଛି ବୋଲି ଏକ ସର୍ଭେରୁ ମଧ୍ୟ ଜଣାପଡ଼ିଛି।

ପେଜେସ୍କିଆନ୍ କଲ୍ୟାଣ ଓ ଶ୍ରମ ମନ୍ତ୍ରଣାଳୟରେ ଜଣେ ପ୍ରଗତିଶୀଳ ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ଭାବେ ଶିକାଗୋରେ ଶିକ୍ଷା ଲାଭ କରିଥିବା ଜଣେ ଯୁବକଙ୍କୁ ନିଯୁକ୍ତ କରିଛନ୍ତି, ଯାହା ଆର୍ଥିକ ସୁପରିଚାଳନାର ଏକ ସଙ୍କେତ ଦେଉଛି। ଆରମ୍ଭରୁ ଏକ ପ୍ରଶ୍ନ ସାମ୍ନାକୁ ଆସିବାରେ ଲାଗିଛି ଯେ, ନିୟମିତ ଭାବେ ଇରାନ ବାର୍ଷିକ ବଜେଟ ଓ ୫ବର୍ଷିଆ ଯୋଜନାରେ ୮ ପ୍ରତିଶତ ଅଭିବୃଦ୍ଧିର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରୁଛି ତାହାକୁ ପୂରଣ କରିପାରିବ କି ନାହିଁ, ସେ ନେଇ ବଡ଼ ବିତର୍କ ଚାଲିଛି। ଅର୍ଥନୀତିଜ୍ଞମାନେ ଏକମତ ଯେ, ଏହା ହାସଲ କରିବା ଲାଗି କୂଟନୀତି ଦରକାର, ମିଶାଇଲ ନୁହେଁ। ତଥାପି, ପେଜେସ୍କିଆନ୍ ପ୍ରଶାସନର ନୂତନ ୨୦୧୦ର କ୍ୟାଶ ଟ୍ରାନ୍ସଫର ପ୍ରୋଗ୍ରାମ ସମେତ ଅନେକ ଆର୍ଥିକ ସୁଧାର ନୀତି ହୁଏତ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ସରକାରଙ୍କୁ ସମର୍ଥନ କରିବା ପାଇଁ ସହରୀ ମଧ୍ୟବିତ୍ତ ବର୍ଗଙ୍କ ମନରେ ଆଗ୍ରହ ସୃଷ୍ଟି କରିଛି। ଯୁଦ୍ଧ ପୁଣି ଆରମ୍ଭ କଲେ ବିକାଶ ଲକ୍ଷ୍ୟରୁ ଇରାନ ଦୂରେଇଯିବ ବୋଲି ଇରାନୀୟ ନେତାମାନେ ମନେକରନ୍ତି। ୨୦୦୫ରେ ବିକାଶର ଏହି ୨୦ ବର୍ଷିଆ ଭିଜନ ପ୍ଲାନ୍ ସ୍ଥିର କରାଯାଇଥିଲା ଏବଂ ୨୦୨୫ ସୁଦ୍ଧା ମଧ୍ୟପ୍ରାଚ୍ୟର ଶୀର୍ଷ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଇରାନକୁ ସ୍ଥାନିତ କରିବା ସକାଶେ ଲକ୍ଷ୍ୟ ରଖାଯାଇଥିଲା।

ଏବକାର ଯୁଦ୍ଧ ଇରାନକୁ ସାମରିକ ଶକ୍ତି ବଢ଼ାଇବା ଦିଗରେ ପ୍ରେରିତ କରିବ ନା ଦେଶର ଅର୍ଥ ବ୍ୟବସ୍ଥା ବୃଦ୍ଧି କିମ୍ବା ନାଗରିକ ସମାଜ ଓ ଘରୋଇ କ୍ଷେତ୍ରର ସ୍ୱାଧୀନତା ପାଇଁ ପଦକ୍ଷେପ ନେବ, ତାହାକୁ ନେଇ ପ୍ରଶ୍ନ ଉଠୁଛି। ୧୯୮୦ ଦଶକରେ ଇରାକ ସହ ଦୀର୍ଘ ୮ ବର୍ଷର ସଂଘର୍ଷ ଅନେକଙ୍କର ମନେରହିଥିବ। ଏହାଦ୍ୱାରା ରାଶନ ବ୍ୟବସ୍ଥା, କେନ୍ଦ୍ରୀୟ ଯୋଜନା ତଥା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ପ୍ରଭାବ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଥିଲା। ମାର୍କେଟ ନୀତି ପୁନର୍ବାର ଆରମ୍ଭ କରିବା ସହ ଘରୋଇ କ୍ଷେତ୍ରର ପୁନରୁଦ୍ଧାର ଆଦିରେ ସୁଧାର ଆଣିବା ଲାଗି ପାଖାପାଖି ୨ ଦଶନ୍ଧି ଲାଗିଗଲା। ଇରାନ ଏବେ ଭଲ ସ୍ଥିତିରେ ରହିପାରେ, କାରଣ ଯୁଦ୍ଧ ସୀମିତ ରହିଲା ଏବଂ ଏହାର ଘରୋଇ କ୍ଷେତ୍ର ଓ ମାର୍କେଟ ସଂସ୍ଥାଗୁଡ଼ିକ ଦୃଢ଼ ସ୍ଥିତିରେ ଅଛି। ଯୁଦ୍ଧ ପର ବ୍ୟାପକ ବିକାଶ ନିବେଶକୁ ଗ୍ରାମୀଣ ସମୁଦାୟ ସ୍ୱୀକାର କରିବେ। ହୁଏତ ସମାନ ପ୍ରକାର ନୀତିକୁ ସହରର ମଧ୍ୟବିତ୍ତ ବର୍ଗ ଗ୍ରହଣ କରିପାରନ୍ତି। ଯଦି ଏହା ଘଟେ, ତେବେ ଏକ ପ୍ରକାର ସାମାଜିକ ସହମତି ହାସଲ ହୋଇପାରିବ ବୋଲି ପେଜେସ୍କିଆନ୍ ଆଶା କରୁଛନ୍ତି। ୨ଦଶନ୍ଧି ପୂର୍ବେ ମଜାରେ କୁହାଯାଉଥିଲା, ଇସ୍‌ଲାମିକ ରିପବ୍ଲିକ୍‌ର ଏକ ସୁସଙ୍ଗତ କୋରିଆନ ରଣନୀତି ଥିଲା ଏବଂ ବେଳେବେଳେ ଏହା ଉତ୍ତର କୋରିଆ କିମ୍ବା ଦକ୍ଷିଣ କୋରିଆର ଥିଲା ବୋଲି କୁହାଯାଉଥିଲା। ବର୍ତ୍ତମାନ ଇରାନ ସମ୍ମୁଖରେ ସମାନ ପ୍ରକାର ବିକଳ୍ପ ଅଛି। ପରମାଣୁ ପ୍ରତିରୋଧ ଅସହମତିକୁ ଦବାଇବା ସହ ସୀମା ବନ୍ଦ ରଖିଥିବା ଉତ୍ତର କୋରିଆର ଢାଞ୍ଚା କେତେଜଣଙ୍କୁ ଆକର୍ଷିକ ଲାଗିପାରେ। କିନ୍ତୁ ଇରାନର ସଂସ୍କୃତି , ଭୌଗୋଳିକ ଅଞ୍ଚଳ, ଇତିହାସ ଓ ସ୍ୱଭାବ ସହ ପରିଚିତ ଥିବା ଅଧିକାଂଶ ପର୍ଯ୍ୟବେକ୍ଷକ ଏହାକୁ ଏକ ଉପଯୋଗୀ ବିକଳ୍ପ ଭାବେ ଗ୍ରହଣ କରିବେ ନାହିଁ।

ଏହା ନିଃସନ୍ଦେହ ଯେ, ନାଗରିକଙ୍କ ଆବଶ୍ୟକତା ପୂରଣ କରିବା ତଥା ସାମରିକ ପୁନର୍ଗଠନ, ଜଳ ଯୋଗାଣଠାରୁ ଆରମ୍ଭକରି ବାଧାପ୍ରାପ୍ତ ହୋଇଥିବା ଗ୍ୟାସୋଲାଇନ ଓ ଯୁବକଙ୍କ ନିଯୁକ୍ତିକୁ ନେଇ ଚିନ୍ତା ବଢ଼ିବ। ସୌଭାଗ୍ୟବଶତଃ ଆର୍ଥିକ ପୁନର୍ଗଠନକୁ ନୀତି ଦ୍ୱାରା ଆଗକୁ ବଢ଼ାଯାଇପାରିବ, ଯାହା ଘରୋଇ କ୍ଷେତ୍ରକୁ ଆକର୍ଷିତ କରିବା ସହ ପ୍ରତିରକ୍ଷା ଓ ବିକାଶ ମଧ୍ୟରେ ବଜେଟଜନିତ ବିପରୀତ ସ୍ଥିତିକୁ ଦୂରକରିପାରିବ। ଯୁଦ୍ଧବିରତି ଜାରି ରହୁ ବୋଲି ଆଶା କରାଯାଏ। କିଏ ଜିତିବ କିମ୍ବା ହରିବ ତାହା ପ୍ରକୃତ ପ୍ରଶ୍ନ ନୁହେଁ। ପ୍ରଶ୍ନ ହେଉଛି, ଇରାନ୍ ଆର୍ଥିକ ବିକାଶରେ ବାଧାକୁ ପୂର୍ବାପେକ୍ଷା ଅଧିକ ବେଗରେ ହ୍ରାସ କରିବ ନା ଯୁଦ୍ଧର ବିଭୀଷିକା ଏକ ବିଚାରଗତ କଠିନତା ସୃଷ୍ଟିକରିବ। ବିକାଶ ସପକ୍ଷବାଦୀ ବିକଳ୍ପ ଶାସନ ଦ୍ୱାରା ବାଧାପ୍ରାପ୍ତ ହୋଇପାରେ , କିନ୍ତୁ ଏକ ସ୍ଥାୟୀ ଯୁଦ୍ଧ ମନୋଭାବ ଆର୍ଥିକ ଓ ସାମଜିକ ଦୃଷ୍ଟିରୁ ଅଯଥାର୍ଥ।

**ଅର୍ଥନୀତି ପ୍ରାଧ୍ୟାପକ, ଭର୍ଜିନିଆ ଟେକ୍**

# ଜୀବନ ନୌକା



ଯଚିଦାନନ୍ଦ ଦାଶ

ପ୍ରତ୍ୟେକ ମଣିଷର ଜୀବନ ଏକ ନୌକା ସଦୃଶ। ଯାହାକୁ ନାଉରିଆ ନଦୀରୂପକ ସଂସାରରେ ତା'ର ଜିନିଷ ଓ ଆସବାବପତ୍ର ଲଦି ବାହିନେଇଥାଏ। ଲୌକିକ ମତରେ ଏହି ବୋହି ନେଉଥିବା ଆବାବାବପତ୍ରଗୁଡ଼ିକ କହିଲେ, ଜୀବନର ଚରିତ୍ର, ଶିକ୍ଷା, ସଂସ୍କାର, କର୍ତ୍ତବ୍ୟ, ଗୁଣ ଇତ୍ୟାଦିକୁ ବୁଝାଏ। ସଂସାରରେ କିଛି ଲୋକଙ୍କ ଜୀବନ ନୌକା ସୁଚାରୁରୂପେ ବାହିହୋଇଯାଉଥିବା ବେଳେ କିଛି ଲୋକଙ୍କ ଜୀବନ ନୌକା ଚାଳନାରେ ବିଭିନ୍ନ ବାଧା, ବିଘ୍ନ ଓ ବ୍ୟତିକ୍ରମ ଘଟିଥାଏ। ସୂକ୍ଷ୍ମ ଅର୍ଥରେ ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରୁକରୁ କେହି ସୁଖ, ସ୍ୱଚ୍ଛନ୍ଦ ଲାଭ କଲାବେଳେ ଆଉ କେହି ଦୁଃଖ, କଷ୍ଟର ଶିକାର ହୋଇପଡନ୍ତି। ଯେପରି କି କୋମଳ ବାୟୁର ପ୍ରବାହରେ ନୌକାଟିକୁ ନାଉରୀ ସୁରୁଖୁରୁରେ ଚଳାଇ ନିଏ ଏବଂ ବେଳେ ବେଳେ ଝଡ଼, ବତାସର ପ୍ରକୋପରେ ନୌକାଟି ଚଳି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହୁଏ, ନତୁବା ବୁଡ଼ିଯାଏ। ଏପରି ସ୍ଥିତିକୁ ବାସ୍ତବ ଅର୍ଥରେ ପୁରାତନ ଲୋକକଥା ଅନୁସାରେ ବର୍ଣ୍ଣନା କରାଯାଇଥାଏ। ଯଥା – 'ଏ ଘଟଣାଟି ଘଟି ମୋ ସଂସାର ବୁଡ଼ିଗଲା' ବା ଆମ ବାପାଙ୍କ ମୃତ୍ୟୁରେ ଆମ ସଂସାର ବୁଡ଼ିଗଲା ? ତେଣୁ ପୁରାତନ କାଳରୁ ବହୁକ୍ଷେତ୍ରରେ ନଦୀକୁ ସଂସାରର ଏକ ତୁଳନାତ୍ମକ ଆଖ୍ୟା ଦିଆଯାଇଛି। ନଦୀ ଯେପରି ଶାନ୍ତ ଓ ବେଳେ ବେଳେ ଉଗ୍ର ରୂପ ଧାରଣ କରେ, ଠିକ୍ ସେହିପରି ମଣିଷ ସଂସାରରେ ସୁଖ ଏବଂ ଦୁଃଖର ସମ୍ମୁଖୀନ ହୋଇଥାଏ। ନୌକାଟି ଯେପରି ନଦୀ ଓ ଜଳବାୟୁର ବିଭିନ୍ନ ପ୍ରତିକୂଳ ପରିବେଶକୁ ସମ୍ଭାଳି ବାହିଚାଲେ, ସେହିପରି ମଣିଷ ବିଭିନ୍ନ ପ୍ରକାର ପ୍ରତିକୂଳ ଏବଂ ସମସ୍ୟାବହୁଳ ପରିସ୍ଥିତିକୁ ସମ୍ଭାଳି ଚାଲେ।

ନୌକାଟି ନଦୀକୂଳରେ ସୁରକ୍ଷିତ ଅବସ୍ଥାରେ ଥାଏ। ମାତ୍ର ସେ ପ୍ରକାର ରଖିବା ଦ୍ୱାରା ନୌକାଟି ତିଆରି ହେବାର ଉଦ୍ଦେଶ୍ୟ ସାଧିତ ହୋଇ ନ ଥାଏ। ନୌକାଟିକୁ ନଦୀରେ ବାହିତ ହୋଇ ବିଭିନ୍ନ କାର୍ଯ୍ୟରେ ଲାଗି ରହିବାର ଉଦ୍ୟମକୁ ପାଳନ କରିବାକୁ ପଡ଼ିବ। ମଣିଷ ମଧ୍ୟ ନୌକା ପରି ଆରାମରେ ଗୋଟିଏ ଜାଗାରେ ରହିବା ଜୀବନର ଉଦ୍ଦେଶ୍ୟ ନୁହେଁ, ତାକୁ (ମଣିଷ) ବିଭିନ୍ନ ସମସ୍ୟା, ବାଧା, ବିଘ୍ନ ପ୍ରତିଯୋଗିତା ଇତ୍ୟାଦିକୁ ସାହସର ସହିତ ସମ୍ମୁଖୀନ ହେବାକୁ ପଡ଼ିବ। ନୌକାଟି କୂଳରେ ପହଞ୍ଚିବା ପାଇଁ ଆହୁଲା ମାରି ଗାଢ଼ ପ୍ରଚେଷ୍ଟାର ସହିତ ବାହିନେଲା ଭଳି ମଣିଷ ତା'ର ଲକ୍ଷ୍ୟ ହାସଲ ପାଇଁ ସମସ୍ତ କାର୍ଯ୍ୟକଳାପଗୁଡ଼ିକୁ ହାଲୁକା ନ ଭାବି ଖୁବ୍ ଯତ୍ନ ସହକାରେ କରିଚାଲିବା ଉଚିତ। ମଣିଷ ଜୀବନରେ ନୌକାରେ ବୋହିଥିବା ଆବାସଭଳି ଯେଉଁ ସବୁ ଅଦୃଶ୍ୟ କଳା ଓ ଶକ୍ତି ଯଥା, ଚରିତ୍ର, ସଂସ୍କାର ଇତ୍ୟାଦି ଅଛି, ସେଗୁଡ଼ିକୁ ମଣିଷକୁ ଉଚିତ ମାର୍ଗରେ ନେବାକୁ ପଡ଼ିବ ଏବଂ ସତ୍‌ପଥରେ ଉପଯୋଗ କରିବାକୁ ପଡ଼ିବ। ମଣିଷର ଚରିତ୍ର ହେଉଛି ସବୁଠାରୁ ବଡ଼ ଉପାଦାନ। ଜୀବନରେ ଚରିତ୍ରର କଳଙ୍କବିହୀନ ହେବା ଦରକାର। ମାତ୍ର ଆମର ଭୌତିକ ଦର୍ଶନ ଏବଂ ଷଡ଼ରିପୁ ମଣିଷକୁ ଚରିତ୍ର ନିଷ୍କଳଙ୍କ କରିବାକୁ ଦିଏ ନାହିଁ। ସେଥିନିମନ୍ତେ ଜୀବନର ନୌକାକୁ ଏମିତି ଚଳେଇବାକୁ ପଡ଼ିବ ଯେପରିକି ମଣିଷର ଚରିତ୍ର ନିଷ୍କଳଙ୍କ ରହେ। ଯଦି ଆମେ ସଂସ୍କାରିତ ହୋଇଥିବା, ତେବେ ଆମର କର୍ମମୟ ଜୀବନ ନଦୀର କରାଳ ସ୍ରୋତକୁ ନୌକାଟି ଅତିକ୍ରମ କଲା ସଦୃଶ ସବୁ ବିପଦକୁ ସାମ୍ନା କରିଚାଲିବ।

ଉପରୋକ୍ତ ବିଷୟବସ୍ତୁର ପ୍ରାସଙ୍ଗିକତାକୁ ନେଇ ଏକ କ୍ଷୁଦ୍ରଗଳ୍ପଟିଏ ଉପସ୍ଥାପନା କରିବାକୁ ମନେକରେ। ଜଣେ ବୃଦ୍ଧ ନାବିକଟିଏ ଦିନେ ନଦୀକୂଳରେ ବସି ଝଡବାତ୍ୟାରେ କ୍ଷୟ ହେଉଥିବା ତା'ର ପୁରୁଣା ନୌକାଟିକୁ ଲକ୍ଷ୍ୟକରି ବସିଥାଏ। ଏଡି ସମୟରେ ଯୁବାକାଳରେ ନୌକା ଚଳେଇବାର ସ୍ମୃତି ମନେପଡ଼ିଯାଉଥାଏ। ଅତୀତରେ ଝଡବାତ୍ୟା ମିଶ୍ରିତ ନଦୀର ତରଙ୍ଗରେ ବହୁ ବାଧାବିଘ୍ନ ଅତିକ୍ରମ କରି ପରିସ୍ଥିତିର ଅନୁକୂଳକୁ ସୁହାଇଲାଭଳି ନୌକା ଚାଳନାକରି କେତେ ସେ ବିପଦରୁ ପାରି ହୋଇଯାଇଥିବାର କଥା ତା'ର ମନେ ପଡ଼ିଯାଉଥାଏ। ଉକ୍ତ କ୍ଷୁଦ୍ର ଉପସ୍ଥାପନାଟି ମଣିଷର ଜୀବନ ଓ ଜୀବନର ଉତ୍‌ଥାନ ପତନ ଏବଂ ଜଟିଳ ପରିସ୍ଥିତିକୁ ସାମ୍ନା କରିବାର ପ୍ରୟାସ ଓ ସାହସକୁ ବିଶ୍ଳେଷଣ କରେ। ଜୀବନରେ ସଫଳତା ଓ ବିଫଳତା, ଉନ୍ନତି ଓ ଅବନତି, ଦୁଃଖ–ସୁଖ, ଇତ୍ୟାଦି କଥା ଆସିବ। ମାତ୍ର ମଣିଷ ସେସବୁର ସାମ୍ନା କରିବାକୁ ଆଗଭର ହେବା ଉଚିତ। ଯେପରି ନାଉରିଆ ଜୀବନରୂପୀ ନୌକାକୁ ସବୁ ପରିସ୍ଥିତିରେ ଚାଳନା କରିବାର ପ୍ରଚେଷ୍ଟା କରିଥାଏ।

**ସିଡ଼ିଏ, କଟକ**
**ମୋ :୭୦୦୮୬୫୦୬୩୯**

## ଏଇ ଭାରତରେ

ଶଜନା ଗଛର ଅନେକ ଗୁଣ। ଏହାର ଛାଲିଠାରୁ ଆରମ୍ଭ କରି ଶାଗ, ଛୁଇଁ ସବୁକିଛି କାମରେ ଆସେ। ଛୁଇଁ ଓ ଶାଗ ପୌଷ୍ଟିକ ତତ୍ତ୍ୱରେ ଭରପୂର ଓ ଛେଲିର ଔଷଧୀୟ ଗୁଣ ରହିଛି। ଏ ଦୃଷ୍ଟିରୁ ଉତ୍ତରପ୍ରଦେଶର ଜଣେ ଅବସରପ୍ରାପ୍ତ ବୈଜ୍ଞାନିକ କାମିନୀ ସିଂ ଶଜନା ଚାଷକୁ ଉତ୍ସାହିତ କରିବା ସହ ତାଙ୍କ ବ୍ୟବସାୟକୁ ୧.୭୫ କୋଟି ଟଙ୍କାରେ ପହଞ୍ଚାଇ ପାରିଛନ୍ତି। ସେ ବୈଜ୍ଞାନିକ ଭାବେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ସବ୍‌ଟ୍ରପିକାଲ ହର୍ଟିକଲ୍‌ଚର ଏବଂ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିସିନାଲ ଆଣ୍ଡ ଆରୋମାଟିକ ପ୍ଲାଣ୍ଟରେ ଗବେଷକ ଭାବେ କାମ କରି ଅବସର ନେବା ପରେ ଜୈବିକ ପଦ୍ଧତିରେ ଶଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୭ରେ ଏହି ଚାଷ ଆରମ୍ଭ କରିଥିଲେ। ଏଥିରେ ତାଙ୍କ ୧୭ ବର୍ଷ ଗବେଷଣାର ଅଭିଜ୍ଞତାକୁ ଉପଯୋଗ କରି ସଫଳ ହେବା ପରେ ଏଯାବତ ୧୦୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏଥିରେ ଯୋଡ଼ି ସାରିଲେଣି। ଏବେ ଶଜନା ଛୁଇଁ ଓ ଶାଗରୁ ୨୩ ପ୍ରକାର ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏଥିରେ ରହିଛି ସାବୁନ, ଗ୍ରୀନ୍ ଟି, କୁକିଜ୍, କ୍ୟାପ୍‌ସୁଲ, ତେଲ ଇତ୍ୟାଦି। ଏହି ଉତ୍ପାଦ ପ୍ରସ୍ତୁତ କରିବା ଲାଗି ସେ ଡକ୍ଟର ମର୍ନିଙ୍ଗା ପ୍ରାଇଭେଟ ଲିମିଟେଡ ପ୍ରତିଷ୍ଠା କରିଛନ୍ତି। ଏବେ ବ୍ୟବସାୟିକ କାରବାର ୧.୭୫ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ୩୦ ପ୍ରତିଶତ ଲାଭ ମିଳୁଛି। କୃଷକମାନେ ସେମାନଙ୍କ ଉତ୍ପାଦକୁ ବିନା ମଧ୍ୟସ୍ଥରେ କାମିନୀଙ୍କ କମ୍ପାନୀକୁ ଦେଇ ଅଧିକ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଜୁଲାଇ ୧୯୭୬**

- ୟୁରୋପୀୟ ସାଧାରଣ ବଜାର ଓ ଭାରତ ମଧ୍ୟରେ ଖୋଟ ବାଣିଜ୍ୟ ସମ୍ପର୍କରେ ଏକ ଚୁକ୍ତି ସମ୍ପାଦିତ।
- କଳା, ସାହିତ୍ୟ, ସଂସ୍କୃତି ଏବଂ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ ଓ ଉତ୍ତର କୋରିଆ ମଧ୍ୟରେ ଏକ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 6 | | | 7 | | |
| | 6 | | 1 | | | | | |
| 7 | | | | | 9 | | 3 | |
| | | | | | | 9 | | |
| 6 | | | 5 | | | 1 | | |
| | 5 | | 4 | 1 | | | | |
| | 7 | | | | | | | 2 |
| | | 8 | 3 | | 6 | | | |
| | 1 | | | 5 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 5 | 8 | 4 | 2 | 3 | 9 | 6 |
| 4 | 3 | 8 | 9 | 7 | 6 | 1 | 5 | 2 |
| 6 | 2 | 9 | 1 | 5 | 3 | 7 | 4 | 8 |
| 1 | 6 | 7 | 2 | 9 | 4 | 5 | 8 | 3 |
| 8 | 5 | 2 | 6 | 3 | 1 | 9 | 7 | 4 |
| 3 | 9 | 4 | 5 | 8 | 7 | 2 | 6 | 1 |
| 5 | 4 | 6 | 3 | 1 | 9 | 8 | 2 | 7 |
| 9 | 7 | 3 | 4 | 2 | 8 | 6 | 1 | 5 |
| 2 | 8 | 1 | 7 | 6 | 5 | 4 | 3 | 9 |

ଗତକାଲିର ଉତ୍ତର

# ଜନଗହଳିରେ ଶିଶୁଙ୍କ ସୁରକ୍ଷା



ଶୁଭନାରାୟଣ ଶତପଥୀ

ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁରୀ ବଡଦାଣ୍ଡ ତଥା ସଂଲଗ୍ନ ଅଞ୍ଚଳ ଲୋକାରଣ୍ୟ ହୋଇ ରହିଥାଏ। ଅନେକ ଭକ୍ତ ସେମାନଙ୍କ ପିଲାଛୁଆଙ୍କୁ ସାଙ୍ଗରେ ଧରି ଆସିଥାନ୍ତି। ଅଲକ୍ଷ୍ୟରେ ପିଲାମାନଙ୍କ ସୁରକ୍ଷା ଟିକେ ଢିଲା ହୋଇଯାଇଥାଏ। ଭିଡ ଭିତରେ କେତେବେଳେ ସେମାନଙ୍କ ହାତଛଡା କରିଦିଅନ୍ତି ତ କେତେବେଳେ ସେମାନେ ହଜିଯାଆନ୍ତି। ତେବେ ପିଲାଚୋର, ଚାଲାଣକାରୀ, ଅଙ୍ଗତସ୍କରଙ୍କ ଭୟ ଭୁଲିଯିବା କଥା ନୁହେଁ।

ଏକ ଘଟଣା। ଜଣେ ମାଆ ତାଙ୍କର ପୁଅଝିଅଙ୍କୁ ସାଙ୍ଗରେ ନେଇ ରଥଯାତ୍ରାକୁ ଆସିଥିଲେ ପୁରୀ। ଭିଡ ଭିତରେ ପିଲାଦୁଇଟି ହଜିଗଲେ। ତେବେ ତାଙ୍କ ମୋବାଇଲ ଫୋନଟି ପିଲାଙ୍କ ହାତରେ ରହିଯାଇଥାଏ। ଏହି ସମୟରେ ରାଜ୍ୟ ସରକାର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ୟୁନିସେଫ, ସୂଚନା ଓ ଲୋକସମ୍ପର୍କ ବିଭାଗଙ୍କ ମିଳିତ ସହଯୋଗରେ ପ୍ରତି ସୂଚନା କେନ୍ଦ୍ରରେ ନିୟୋଜିତ ହୋଇଥିବା ସ୍ୱେଚ୍ଛାସେବୀଙ୍କ ନଜରକୁ ଆସିଲେ ଏହି ଦୁଇପିଲା। ବୟସ ପ୍ରାୟ ୧୦ରୁ ୧୨ବର୍ଷ ହେବ। ସେମାନେ ପିଲା ଦୁହିଁଙ୍କୁ ପାଇବା ପରେ ଘର ଠିକଣା ବୁଝି ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କଲେ। କିନ୍ତୁ ପ୍ରାୟ ଏକ ଘଣ୍ଟା ଅପେକ୍ଷା ପରେ କେହି ନ ଆସିବାରୁ ଶିଶୁ ଦୁହିଁଙ୍କୁ ଶିଶୁ ମଙ୍ଗଳ କମିଟି ନିକଟକୁ ନିଆଗଲା। ଝିଅଟି ନିରନ୍ତର କାନ୍ଦୁଥାଏ। କହୁଥାଏ ମୋ ବୋଉକୁ ଖୋଜିଆଣ। ଘରର ଫୋନ ନମ୍ବର ବା ସମ୍ପର୍କୀୟ କାହାରି ଫୋନ ନମ୍ବର କହିପାରୁ ନ ଥାନ୍ତି କି ସେମାନେ ଧରିଥିବା ଫୋନଟିକୁ କେହି କଲ କରୁ ନ ଥାନ୍ତି। ପଚାରିବାରୁ କହିଲେ ଏଇଟା ମୋ ବୋଉର ଫୋନ। କିନ୍ତୁ ନମ୍ବର ଜଣାନାହିଁ। ପ୍ୟାଟର୍ନ ଲକ୍ ଅଛି। ବଡ ସମସ୍ୟାରେ ପଡିଲେ ଶିଶୁମଙ୍ଗଳ କମିଟି। ତେବେ ଜଣେ ସଦସ୍ୟଙ୍କ ନିରନ୍ତର ଚେଷ୍ଟା ଫଳରେ ମୋବାଇଲର ପ୍ୟାଟର୍ନ ଲକ୍ ଖୋଲିଗଲା। ଘର ସମ୍ପର୍କୀୟଙ୍କୁ ଯୋଗାଯୋଗ ହେଲା। ସେମାନେ ପିଲାମାନଙ୍କ ସହିତ କଥାବାର୍ତ୍ତା କଲେ। ସତେବେଳକୁ ସହରର ସବୁ ସୂଚନା କେନ୍ଦ୍ରକୁ ଖବର ଦିଆଯାଇ ପିଲାଟିର ମାଆଙ୍କ ସହିତ ଯୋଗାଯୋଗ ନିମନ୍ତେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଡକାଯାଉଥାଏ। ଇତିମଧ୍ୟରେ ପିଲାମାନେ ଧରିଥିବା ଫୋନରୁ ଯୋଗାଯୋଗ ନମ୍ବର ନେଇ ସମ୍ପର୍କୀୟମାନଙ୍କ ସହିତ ଯୋଗାଯୋଗ ହେବା ପରେ ସେମାନେ ଆସି ପହଞ୍ଚି ଯାଇଥିଲେ ପିଲାମାନଙ୍କୁ ନେବାପାଇଁ। କମିଟି ନିକଟରେ ପରିଚୟ ପତ୍ରର ନିରୀକ୍ଷଣ କାର୍ଯ୍ୟ ଚାଲୁଥାଏ। ପିଲାମାନଙ୍କ ବୋଉ ଆସିଲେ। ତୁମେମାନେ କେଉଁଆଡେ ଚାଲିଗଲ ବୋଲି ପାଟିକଲେ ମାଆ। ପିଲାମାନଙ୍କ ଦାୟିତ୍ୱ ତୁମର, ତୁମେ ସିନା ପିଲାଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବ କହିଲେ ସିଡବ୍ଲ୍ୟୁସି ଅଧ୍ୟକ୍ଷ। ବୁଝାଶୁଝା ପରେ ମାଆଙ୍କ ସହିତ ପିଲାମାନେ ଘରକୁ ଫେରିଲେ।

ଅନ୍ୟ ଏକ ଘଟଣାରେ ପିଲାଟିଏ ହଜିଯାଇଥିବା ଖବର ତା'ର ଅଭିଭାବକ ସ୍ଥାନୀୟ ସୂଚନା କେନ୍ଦ୍ରରେ ଜଣାଇଲେ। ସେଠାରେ ଥିବା ସ୍ୱେଚ୍ଛାସେବୀ ଜଣକ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କଲେ। କିନ୍ତୁ କିଛି ଲାଭ ହେଲାନାହିଁ। ଚବିଶ ଘଣ୍ଟିଆ ଶିଶୁ ସୁରକ୍ଷା ସେବାର ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ



ଜଣାଇବା ପରେ ସବୁ ସୂଚନା କେନ୍ଦ୍ରଗୁଡ଼ିକରେ ଏହି ବିଷୟକୁ ବାରମ୍ବାର ଘୋଷଣା କରାଗଲା। ଚାଇଲ୍ଡ ହେଲ୍ପଲାଇନ କର୍ମୀମାନେ ବିଭିନ୍ନ ସ୍ଥାନ ବୁଲିଲେ। ସମସ୍ତଙ୍କ ପ୍ରୟାସରେ ପିଲାଟି ମିଳିଗଲା। ମାତାପିତା ଓ ପିଲାଟି ମଧ୍ୟରେ ଆବେଗର ସେ ଝଡ ବର୍ଣ୍ଣନା କରିହେବ ନାହିଁ। ରଥଯାତ୍ରା ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ସିଡବ୍ଲ୍ୟୁସିରେ ଅନ୍‌ଲାଇନ ଉପସ୍ଥାପିତ ହେଲା ପିଲାଟି। ମାତାପିତାଙ୍କ ଚିହ୍ନଟ ପ୍ରକ୍ରିୟା ସାରି ତାକୁ ତା'ର ପରିବାରରେ ସମ୍ମିଶ୍ରଣ କରାଇଲେ।

ପରେ ପରେ ବୁଲୁଥିବା ପାଞ୍ଚଜଣ ରାଜ୍ୟ ବାହାରର ପିଲାମାନଙ୍କୁ ନେଇ ସ୍ଥାନୀୟ ପୋଲିସ ଆସିଲେ। ଲୋକେ ଏହି ପିଲାମାନଙ୍କୁ ଚୋର ବୋଲି କହୁଥିଲେ। ପଚାରିବାରୁ ଏହି ପିଲାମାନେ ଚୋରି କରିବା ବିଷୟ ମନା କରୁଥାନ୍ତି। ଏଣୁ ଶିଶୁ ମଙ୍ଗଳ କମିଟି ନିକଟକୁ ଆଣିଲେ। ପରେ ଶିଶୁମାନଙ୍କୁ ମୁକ୍ତ ଆଶ୍ରୟସ୍ଥଳୀରେ ସାମୟିକ ଥଇଥାନ କରାଗଲା। ତେବେ ଶିଶୁମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ସମ୍ମାନକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ସେମାନଙ୍କୁ ସେମାନଙ୍କ ପରିବାରରେ ପୁନଃମିଶ୍ରଣ କରାଗଲା। ଏମିତି ଘଟଣା ପ୍ରତିବର୍ଷ ରଥଯାତ୍ରା ସମୟରେ ସାମ୍ନାକୁ ଆସେ। ଗତବର୍ଷ ପୁରୀରେ ରଥଯାତ୍ରା ସମୟରେ ପ୍ରାୟ ୨୫୦ ଶିଶୁଙ୍କୁ ଉଦ୍ଧାର କରାଯାଇ ଥଇଥାନ ବା ପରିବାରରେ ସମ୍ମିଶ୍ରଣ କରାଯାଇଥିଲା। ଅତ୍ୟଧିକ ଜନଗହଳି ରହୁଥିବାରୁ ପିଲାଚୋର, ଚାଲାଣକାରୀ, ଦଲାଲ ଆଦିଙ୍କ ଅପଚେଷ୍ଟାକୁ ପଣ୍ଡ କରିବାର ଏହି ସ୍ୱତନ୍ତ୍ର ପ୍ରୟାସ ପ୍ରଶଂସନୀୟ। ଏହି ସବୁ ବିପରୀତ ପରିସ୍ଥିତିକୁ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଚାଲିଆସିଲେ କିଶୋର ନ୍ୟାୟ ଅଧିନିୟମ ଧାରା ୨(୧୪)ଅନୁସାରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଭାବରେ ପରିଗଣିତ ହୁଅନ୍ତି। ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ।

ତେବେ ଅଧିକ ଜନଗହଳି ସ୍ଥାନକୁ ଯିବାକୁ ବାରଣ କରିବା, ଶିଶୁମାନଙ୍କ ହାତକୁ ନ ଛାଡିବା, ମୋବାଇଲ ନମ୍ବର ମନେରଖିବା, ବିପରୀତ ପରିସ୍ଥିତିରେ କ'ଣ କରିବେ ଜଣାଇବା ପ୍ରତ୍ୟେକ ଅଭିଭାବକଙ୍କ ଦାୟିତ୍ୱ। ଶିଶୁମାନଙ୍କ ମନକୁ ବୁଝିବା, ଶାରୀରିକ ସ୍ଥିତିକୁ ବୁଝି ବୁଲିବା ଓ ବୁଲାଇବା ଜରୁରୀ। ତା'ର ଅର୍ଥ ନୁହେଁ ଜଣେ ବୟସ୍କ ବ୍ୟକ୍ତି ସହ ସମକକ୍ଷ ହୋଇ ସେ ଚାଲି ପାରିବ, ଝୁଣ୍ଟିବ ନାହିଁ, କୌଣସି ଜିନିଷ, ଖାଦ୍ୟ ପ୍ରତି ଆକୃଷ୍ଟ ହେବ ନାହିଁ, ପ୍ରଲୋଭିତ ହେବ ନାହିଁ। ନିଜର ବିରକ୍ତିଭାବକୁ ପରିପ୍ରକାଶ କରିବାକୁ ଯାଇ ତାକୁ ଦଣ୍ଡ ଦେବା, ଗାଳି କରିବା ସମସ୍ୟାର ସମାଧାନ ନୁହେଁ। ଶିଶୁଟିଏ ସନ୍ଦେହଜନକ, ବିପଦ ସ୍ଥିତିରେ ଥିଲେ ବା ବୁଲୁଥିଲେ ତାକୁ ସାହାଯ୍ୟ କରିବା, ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮, ଶିଶୁ ସୁରକ୍ଷା ବ୍ୟବସ୍ଥା ତଥା ପୋଲିସକୁ ଜଣାଇବା ସମସ୍ତ ନାଗରିକମାନଙ୍କ କର୍ତ୍ତବ୍ୟ। କୌଣସି ଶିଶୁକୁ ଏପରି ଅବସ୍ଥାରେ ପାଇଲେ ସ୍ଥାନୀୟ ଶିଶୁମଙ୍ଗଳ କମିଟିଙ୍କ ନଜରକୁ ନେବା ଜରୁରୀ। କାରଣ ଏହା ଆଇନ, ଶିଶୁ ଅଧିକାରର ପରିସରଭୁକ୍ତ। ଠିକ୍ ଥଇଥାନ ଶିଶୁ ଅଧିକାରର ସୁରକ୍ଷା। ଏଣୁ ଲକ୍ଷାଧିକ ଜନସମାଗମ ହେଉଥିବା ସ୍ଥାନ ବା ଯାନିଯାତ୍ରା ନିମନ୍ତେ ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ଶିଶୁମାନଙ୍କ ଉଦ୍ଧାର, ଉପସ୍ଥାପନ, ଥଇଥାନ ଓ ସଚେତନତା ପାଇଁ ସରକାର ଏକ ମାର୍ଗଦର୍ଶିକା ପ୍ରଣୟନ କଲେ ଶିଶୁମାନଙ୍କ ଅଧିକାର ସୁରକ୍ଷା ପାଇଁ ଏହା ଏକ ମାଇଲଖୁଣ୍ଟ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ବର୍ଣ୍ଣମାଳାରେ ବର୍ଣ୍ଣ ଓ ଧ୍ୱନି ସଂଖ୍ୟା ପ୍ରକୃତରେ କେତେ

ମହାଶୟ,

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଆମ ଓଡ଼ିଆ ବ୍ୟାକରଣ ପୁସ୍ତକର ଦ୍ୱିତୀୟ ଅଧ୍ୟାୟ ଧ୍ୱନି, ଲିପି, ବର୍ଣ୍ଣ ଓ ଅକ୍ଷର ଶୀର୍ଷକ ବିଷୟର ପୃଷ୍ଠା ୧୪ରେ ଓଡ଼ିଆ ବର୍ଣ୍ଣମାଳା ସଂଖ୍ୟା ୫୦ ଓ ଓଡ଼ିଆ ବ୍ୟଞ୍ଜନ ଧ୍ୱନି ସଂଖ୍ୟା ୩୩ ବୋଲି ଉଲ୍ଲେଖ ରହିଥିବା ସ୍ଥଳେ ଉକ୍ତ ପୃଷ୍ଠାରେ ଏହି ବ୍ୟଞ୍ଜନ ଧ୍ୱନିଗୁଡ଼ିକର ତାଲିକାରେ ବ୍ୟଞ୍ଜନ ଧ୍ୱନି ସଂଖ୍ୟା ୩୨ ବୋଲି ପ୍ରକାଶିତ ହୋଇଛି। ଡ. କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଅନ୍ୟମାନଙ୍କ ଦ୍ୱାରା ରଚିତ କଟକ ବିନୋଦ ବିହାରୀର ସତ୍ୟନାରାୟଣ ବୁକ୍ ଷ୍ଟୋର ଦ୍ୱାରା ପ୍ରକାଶିତ ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ ପୁସ୍ତକର ତୃତୀୟ ବିଷୟ ଧ୍ୱନି, ବର୍ଣ୍ଣ ଓ ବର୍ଣ୍ଣମାଳା(ପୃଷ୍ଠା–୧୨)ରେ ଓଡ଼ିଆ ବର୍ଣ୍ଣ ସଂଖ୍ୟା ୪୯, ବ୍ୟଞ୍ଜନ ଧ୍ୱନି ୩୨ଟି। ତେବେ ଉକ୍ତ ସମସ୍ତ ପୁସ୍ତକଗୁଡ଼ିକରେ ସ୍ଥାନିତ ସଂଖ୍ୟାକୁ ଯଦି ଆମେ ମିଶାଇବା(ସ୍ୱର ଓ ବ୍ୟଞ୍ଜନ) ତେବେ ତାହା ୪୧ ଓ ୪୦ ହେବ। ଓଡ଼ିଆ ଭାଷାବିତ୍ ଡ. ଧନେଶ୍ୱର ମହାପାତ୍ରଙ୍କ ମତରେ, ଓଡ଼ିଆ ବର୍ଣ୍ଣ ସଂଖ୍ୟା ୪୯ ଓ ଧ୍ୱନି ସଂଖ୍ୟା ୪୦। ତେବେ ପ୍ରକୃତରେ କେଉଁଟି ଠିକ୍।

**–ପ୍ରଫୁଲ୍ଲ କୁମାର ନାୟକ, ମହେଶ୍ୱରପଲ୍ଲୀ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଁ ଦେହ, ପ୍ରାଣ ତୁ, ମୁହିଁ ଜ୍ଞାନ, ତୁ ମୁକତି
ମୁଁ ଧରମ, ମୋକ୍ଷ ତୁହି, ତୁ ପିତା ମୁଁ ମାତା–
ବଢ଼ାଏଁ ଯେ ଶିଶୁ ମୋର ଅନ୍ତର–ରକତେ,
ତୁ ଯେ ତାକୁ ଦେଉ ଚକ୍ଷୁ ଜୀବନୀ–ଶକତି,
ଅନ୍ଧୁଣୀ ମୁଁ ଧାତ୍ରୀ ସିନା, ତୁ ପରମ ଧାତା !
–(ପ୍ରକୃତ–ପୁରୁଷ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମନୋଜ



@ ଶିବ



@ ବିକ୍ରାନ୍ତ



@ ଦେବରାଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ସନ୍ଧ୍ୟା ଦର୍ଶନ

## ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା



ଦକ୍ଷିଣ ମୋଡ଼ ପରେ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତ ହୋଇ ରହିଥିବା ୩ ରଥ।

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଜନ୍ମବେଦି ଗୁଣ୍ଡିଚା ମନ୍ଦିରରେ ଲୀଳାଖେଳ କରୁଛନ୍ତି। ଶ୍ରୀବିଗ୍ରହଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଛି। ଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ନବମୀ ଦର୍ଶନକୁ ସନ୍ଧ୍ୟା ଦର୍ଶନ ବୋଲି କୁହାଯାଏ। ଶୁକ୍ରବାର ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଆଡ଼ପ ମଣ୍ଡପରେ ଶେଷ ଦର୍ଶନ କରିବାର ସୁଯୋଗ ପାଇବେ। ସନ୍ଧ୍ୟା ଦର୍ଶନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବଳ ଲୋକଙ୍କ ସମାଗମ ହୋଇଥାଏ। ତେବେ ସନ୍ଧ୍ୟା ଦର୍ଶନ ପରଦିନ ଅର୍ଥାତ୍ ଦଶମୀ ତିଥିରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଅନେକ ଗୁପ୍ତନୀତି ନବମୀ ରାତିରେ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ପାଇଁ ଶୁକ୍ରବାର ସନ୍ଧ୍ୟା ୬ଟା ଯାଏ ଦର୍ଶନ ହେବ। ୬ଟା ପରଠାରୁ ଆଉ ଦର୍ଶନ ହେବ ନାହିଁ। ପରେ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହେବ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ତିନିରଥର ଦକ୍ଷିଣ ମୋଡ଼ ଶେଷ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଶ୍ରଦ୍ଧାଳୁମାନେ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ବାହୁଡ଼ା ଯାତ୍ରା ପାଇଁ ଅନେକ ନୀତିକାନ୍ତି ରହିଛି। ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ନାହିଁ, ସେମାନେ ବାହୁଡ଼ା ଦିନ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ସେ କହିଛନ୍ତି। ଏନେଇ ଏସ୍‌ପି ଦାୟିତ୍ୱରେ ଥିବା ପିନାକ ମିଶ୍ର କହିଛନ୍ତି, ଶୁକ୍ରବାର ସନ୍ଧ୍ୟା ଦର୍ଶନ ପାଇଁ ପ୍ରସ୍ତୁତ ରହିଛୁ। ସନ୍ଧ୍ୟା ଦର୍ଶନ ସରିବା ପରେ ବାହୁଡ଼ା ଯାତ୍ରା ପାଇଁ ନୀତିକାନ୍ତି ଆରମ୍ଭ ହେବ। ତେଣୁ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରାଯାଉଛି। ଶୀଘ୍ର ଦର୍ଶନ ବନ୍ଦ କରାଯାଇ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହେବ। ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ସୁବିଧା ନିମନ୍ତେ ଜିଗ୍‌ଜାଗ ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଛି। ସେହିଭଳି ଶ୍ରୀମନ୍ଦିର ଭିତରେ ଓ ବାହାରେ ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନେବା ସହ ପୋଲିସ ମୁତୟନ କରାଯାଇଛି।

## ଦକ୍ଷିଣ ମୋଡ଼ ହେଲା ନନ୍ଦିଘୋଷ ରଥ

ମହାପ୍ରଭୁ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ ଜନ୍ମବେଦି ଆଡ଼ପମଣ୍ଡପରେ ଲୀଳା କରୁଛନ୍ତି। ରଥଯାତ୍ରାର ୫ମ ଦିନ ହେରାପଞ୍ଚମୀରେ ଅଭିମାନିନୀ ମା'ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିର ଆସି ନୀତି ସମ୍ପନ୍ନ କରି ଶ୍ରୀମନ୍ଦିରକୁ ଫେରିଯିବା ପରେ ଘୋଷଯାତ୍ରାର ଷଷ୍ଠ ଦିବସରେ ବାହୁଡ଼ା ଯାତ୍ରାର ଆଦ୍ୟ ପର୍ବ ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନେ ବାହୁଡ଼ିବା ପାଇଁ ରଥ ଦକ୍ଷିଣ ମୋଡ଼ କରିବାକୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ତିନି ରଥକୁ ଆଜ୍ଞାମାଳ ବିଜେ ହେବା ପରେ ତିନି ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପରମ୍ପରା ଅନୁସାରେ ପ୍ରଥମେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ ଶେଷ ହୋଇଥିଲା। ମାତ୍ର ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ ହୋଇପାରି ନ ଥିଲା। ଗୁରୁବାର ପୂର୍ବାହ୍ନରେ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ଘୋଷ, ଘଣ୍ଟୁଆଙ୍କ ଘଣ୍ଟ ନାଦର ତାଳେ ତାଳେ ଆରକ୍ଷୀ ବାହିନୀମାନେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଟାଣି ନେଇ ନାକଚଣା ମନ୍ଦିର ସମ୍ମୁଖରେ ଲଗାଇଥିଲେ। ତିନିରଥର ଦକ୍ଷିଣ ମୋଡ଼ ହେବା ପରେ ବାହୁଡ଼ା ଯାତ୍ରାରେ ଶ୍ରୀବିଗ୍ରହମାନଙ୍କୁ ରଥାରୂଢ଼ କରି ଶ୍ରୀମନ୍ଦିର ଅଭିମୁଖେ ନେଇଯିବା ପାଇଁ ରଥତ୍ରୟ ନାକଚଣା ଦ୍ୱାର ସମ୍ମୁଖରେ ଏବେ ଦଣ୍ଡାୟମାନ ରହିଛନ୍ତି।

# ୪ ବର୍ଷ ପରେ ପରିବାର ଲୋକଙ୍କୁ ଫେରିପାଇଲେ ନେପାଳର ଦୀପକ

କଟକ,୩।୭(ଶିଲ୍ପା ପ୍ରିୟଦର୍ଶିନୀ)

- ଏସ୍‌ସିବିରେ ମିଳିଲାନି ଉପଯୁକ୍ତ ସହାୟତା
- ନିରାଶ ରୋଗୀ, ସମ୍ପର୍କୀୟ

ଦୀର୍ଘ ୪ ବର୍ଷ ପରେ ପରିବାର ଲୋକଙ୍କୁ ଫେରି ପାଇଲେ ନେପାଳ ଅଞ୍ଚଳର ଯୁବକ ଦୀପକ ଖତରୀ। କଟକର ସ୍ୱେଚ୍ଛାସେବୀ ଦୀପକ ଆଚାର୍ଯ୍ୟଙ୍କ ସହାୟତା ଯୋଗୁ ଏହା ସମ୍ଭବ ହୋଇଛି। ଏସ୍‌ସିବି ମେଡିକାଲ ଡେଷ୍ଟିଚ୍ୟୁଟ ୱାର୍ଡରେ ଦୀପକଙ୍କ ଚିକିତ୍ସା ଚାଲିଥିବାବେଳେ ଗୁରୁବାର ନିଜ ଘରକୁ ଫେରିଛନ୍ତି। ଦୀପକଙ୍କୁ ପାଇ ପରିବାର ଲୋକ ଖୁସି ହୋଇଛନ୍ତି। କିନ୍ତୁ ଏସ୍‌ସିବି ମେଡିକାଲରେ ଅବ୍ୟବସ୍ଥା ଯୋଗୁ ନିରାଶ ହୋଇଛନ୍ତି ଦୀପକଙ୍କ ପରିବାର ଲୋକେ। ଡିସ୍‌ଚାର୍ଜ ପାଇଁ ସକାଳୁ ସନ୍ଧ୍ୟା ଯାଏ ମେଡିକାଲ କର୍ତ୍ତୃପକ୍ଷ ଏବଂ ଫାଣ୍ଡି ଅଧିକାରୀଙ୍କ ପାଖକୁ ଦୌଡ଼ିଥିଲେ ମଧ୍ୟ ଉପଯୁକ୍ତ ସାହାଯ୍ୟ ପାଇ ନ ଥିଲେ।

ସୂଚନା ଅନୁଯାୟୀ, ଗତ ୪ବର୍ଷ ତଳେ ପୁଅର ମାନସିକ ସ୍ଥିତି ଠିକ ନ ଥିବାରୁ ଚିକିତ୍ସା ପାଇଁ ନେପାଳରୁ ଦୀପକଙ୍କୁ ସାଥିରେ ନେଇ ତାଙ୍କ ବାପା ତାରା ବାହାଦୁର ଖତରୀ ଗୋରଖପୁର ଆସିଥିଲେ। ସେଠାରେ ଦୀପକ ତାଙ୍କ ବାପାଙ୍କଠାରୁ ଅଲଗା ହୋଇ ଯାଇଥିଲେ। ପରେ ଦୀପକ କଟକରେ ପହଞ୍ଚିଥିଲେ। ପରିବାର ଲୋକେ ୨ମାସ ଖୋଜାଖୋଜି କରିଥିଲେ ମଧ୍ୟ ଦୀପକଙ୍କ ପତ୍ତା ପାଇ ନ ଥିଲେ। ଦୀପକ କଟକରେ ପହଞ୍ଚିବା ପରେ ସୌଭାଗ୍ୟ ବଶତଃ କେତେଜଣ ସ୍ୱେଚ୍ଛାସେବୀଙ୍କ ହାବୁଡ଼ରେ ପଡ଼ିଥିଲେ। ଦୀପକଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ସ୍ୱେଚ୍ଛାସେବୀମାନେ ଏସ୍‌ସିବିରେ ଭର୍ତ୍ତି କରିଥିଲେ। ଦୀପକ ଭଲ ହେବା ପରେ ଏସ୍‌ସିବିରୁ ଡିସ୍‌ଚାର୍ଜ ହୋଇଥିଲେ ଏବଂ ତାଙ୍କୁ ଛତିଆସ୍ଥିତ ଏକ ଆଶ୍ରମରେ ରଖା ଯାଇଥିଲା। ହେଲେ ସେଠାରେ କିଛି ଦିନ ରହିବା ପରେ ଦୀପକଙ୍କ ମାନସିକ ରୋଗ ଲକ୍ଷଣ ଦେଖା ଦେବାରୁ ତାଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ଦୀପକଙ୍କ ବିଷୟରେ କିଛି ସ୍ୱେଚ୍ଛାସେବୀ ଜାଣିବା ପରେ କିଟ ବିଶ୍ୱ ବିଦ୍ୟାଳୟ ନେପାଳୀ ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ କରି ଦୀପକଙ୍କ ଫୋଟ ଦେଇଥିଲେ। ପରେ ଦୀପକଙ୍କ ପରିଚୟ ମିଳିଥିଲା ଏବଂ ପରିବାର ଲୋକ ଦୀପକଙ୍କ ପାଇ ପାରିଛନ୍ତି। ତେବେ ଦୀପକଙ୍କୁ ଦୀର୍ଘବର୍ଷ ପରେ ଫେରି ପାଇ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଦୀପକଙ୍କ ବାପା ତାରା ବାହାଦୁର ଖତରୀ।



ଏସ୍‌ସିବିରୁ ଡିସ୍‌ଚାର୍ଜ ହେଉଛନ୍ତି ନେପାଳର ଦୀପକ, ସାଙ୍ଗରେ ରହିଛନ୍ତି ପରିବାର ଲୋକ।

## ଚିଲିକା ଉପକୂଳ ଅଞ୍ଚଳରେ କାଉ ମଡ଼କ

କଣାସ,୩।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଶେଷ ଗ୍ରାମପଞ୍ଚାୟତ ଚିଲିକା ଉପକୂଳରେ ଅବସ୍ଥାପିତ ଗୋପୀନାଥପୁର, ବାଡଲ, କାଦୁଆ ଗ୍ରାମପଞ୍ଚାୟତର ସାନଓରା, ବଡ଼ଓରା, ଓଗାଳପୁର, ପାଇକମରା, ଗୋପୀନାଥପୁର, କଳାପଦର ଗ୍ରାମରେ ୨ ଦିନ ହେଲା ୫୦ରୁ ଊର୍ଦ୍ଧ୍ୱ କାଉ ମରି ପଡ଼ିଥିବା ଦେଖିବାକୁ ମିଳିଛି। ଚିଲିକାରୁ ବିଦେଶୀ ପକ୍ଷୀ ଚାଲିଯିବା ଏବଂ କିଛି ବିଦେଶୀ ପକ୍ଷୀ ଉକ୍ତ ଗ୍ରାମପଞ୍ଚାୟତରେ ରହିଯାଇଥିବାରୁ କାଉଙ୍କୁ ବ୍ଲାର୍ଡ ଫ୍ଲୁ ହୋଇଥିବା ଗ୍ରାମବାସୀ କହିବା ସହିତ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖବର ପାଇ କଣାସ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଅନୁପମ ଜେନା ସାନଓରା ଗ୍ରାମକୁ ଯାଇ ମୃତ କାଉର ନମୁନା ଆଣିଥିବା ପ୍ରକାଶ କରିଛନ୍ତି।


LIC

SAMBALPUR DIVISIONAL OFFICE
"JEEVAN PRAKASH"
AINTHAPALI, SAMBALPUR- 768004

**WANTED OFFICE PREMISES ON LEASE**

LIC of India intends to hire office premises from the individual/ firms on lease basis admeasuring 1500sq.ft. carpet area [ ±5% variation in areas is acceptable ] which are in ready-to-occupy condition preferably on Ground or Ground and First floor for Satellite Office at Kantabanji, Dist- Balangir (Odisha)-767039. The preferred location of the premises shall be nearer to Railway Station / Bus Stand. For complete details and bid documents please log on to **www.licindia.co.in** and go to **"Property"** and click on the link **"Advertisement for requirement of Office premises at Kantabanji (Odisha) on lease basis".**

LIC of India reserves the right to accept or reject any or all offers in full/part without assigning any reasons whatsoever.

Sd/-
**Date. 03.07.2025** **Sr. Divisional Manager**



**ପୂର୍ବ ତଟ ରେଳପଥ**

'ଇ'-କ୍ରୟ

ଟେଣ୍ଡର ସଂ. TP255001A

ସାମଗ୍ରୀଗୁଡ଼ିକର ବିବରଣୀ : ପୂର୍ବ ତଟ ରେଳପଥରେ GHAT ସେକ୍ସନଗୁଡ଼ିକରେ ଅତିରିକ୍ତ ପରୀକ୍ଷଣ ପାଇଁ PSC ସ୍ଲିପର T-8746 ରେ ବ୍ୟାପକ ଭାବେ ବ୍ୟବହୃତ ହେବାକୁ ଥିବା RDSOର କାର୍ଯ୍ୟକ୍ଷମ ଓ ବୈଷୟିକ ଆବଶ୍ୟକତା ପୂରଣ କରୁଥିବା (1) ଏଥିଲିନ୍ ଭିନାଇଲ୍ ଏସିଟେଟ୍ (EVA), (2) ଥର୍ମୋପ୍ଲାଷ୍ଟିକ୍ ପଲିୟୁରେଥେନ୍ (TPU), (3) ପଲିୟୁରେଥେନ୍ (PU), (4) ଏଥିଲିନ୍ ପ୍ରୋପାଲିନ୍ ଡାଇନ୍ ମୋନୋମର (EPDM), (5) ଥର୍ମୋ ପ୍ଲାଷ୍ଟିକ୍ ପଲିମର ଆଧାରିତ ଇଲାଷ୍ଟୋମରରୁ ନିର୍ମିତ ଉଚ୍ଚ କାର୍ଯ୍ୟଦକ୍ଷତା ରେଲ୍ ପ୍ୟାଡ୍‌ର ଉତ୍ପାଦନ ଏବଂ ଯୋଗାଣ, ପରିମାଣ : ପ୍ରତ୍ୟେକ ପ୍ରକାରର 16600 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.07.2025ରିଖ 1430 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, EMD, କ୍ରୟ ପ୍ରତିବନ୍ଧ ଏବଂ ବିସ୍ତୃତ ଟେଣ୍ଡର ସର୍ତ୍ତାବଳୀ ଇତ୍ୟାଦି ଭଳି ସମସ୍ତ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ଯନ୍ତ୍ରୀ/TM/ ଭୁବନେଶ୍ୱର

PR-314/Q/25-26


# ଇସିଆର୍‌ଆଇସିସି ଓଡ଼ିଶାକୁ ପ୍ରଥମ ପୁରସ୍କାର

## ସି'ଫୁଡ୍ ଏକ୍ସପୋ ଭାରତ ୨୦୨୫

ଭୁବନେଶ୍ୱର, ୩।୭(ବନ୍ଦନା ସେଠୀ)




ସି'ଫୁଡ୍ ଏକ୍ସପୋରେ ଓଡ଼ିଶାର ଇସିଆର୍‌ଆଇସିସି ଷ୍ଟଲ୍।

ଚେନ୍ନାଇର ଟ୍ରେଡ୍ ସେଣ୍ଟରଠାରେ ଅନୁଷ୍ଠିତ ସି'ଫୁଡ୍ ଏକ୍ସପୋ ଭାରତ-୨୦୨୫ରେ ଓଡ଼ିଶାରେ ଥିବା 'ଭାରତର ତଟୀୟ ସମୁଦାୟର ଜଳବାୟୁ ପ୍ରତିସାଧନ କ୍ଷମତା ବୃଦ୍ଧି (ଇସିଆର୍‌ଆଇସିସି) ପ୍ରକଳ୍ପ'କୁ ସରକାରୀ କ୍ଷେତ୍ରରେ ପ୍ରଥମ ପୁରସ୍କାର ମିଳିଛି। ଜୁଲାଇ ୧ରୁ ୩ ପର୍ଯ୍ୟନ୍ତ ଚାଲିଥିବା ଏହି ଏକ୍ସପୋରେ ଓଡ଼ିଶାର ଜଳବାୟୁ-ଅନୁକୂଳ ଜଳୀୟ କୃଷି ଏବଂ ଏ ସଂକ୍ରାନ୍ତୀୟ ବିକାଶକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଉତ୍କୃଷ୍ଟ କାମ କରିଥିବାରୁ ଇସିଆର୍‌ଆଇସିସି ଓଡ଼ିଶାକୁ ଏହି ସମ୍ମାନ ମିଳିଛି। ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ମେରାଇନ୍ ପ୍ରଡକ୍ଟସ୍ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟି (ଏମ୍‌ପିଇଡିଏ) ଦ୍ୱାରା ଆୟୋଜିତ ଏସ୍‌ଇବି-୨୫ ହେଉଛି ଦେଶର ମତ୍ସ୍ୟ ଓ ଜଳୀୟ ଚାଷ ଶୃଙ୍ଖଳାର ସମସ୍ତ ଅଂଶୀଦାରଙ୍କ ପାଇଁ ଅନ୍ୟତମ ପ୍ରମୁଖ ମଞ୍ଚ। ଭାରତରେ ଇସିଆର୍‌ଆଇସିସି ପ୍ରକଳ୍ପ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଲାଗୁ କରାଯାଇଛି। ଏଥିପାଇଁ ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ୍ ଓ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ସମର୍ଥନ ମିଳୁଥିବାବେଳେ ଓଡ଼ିଶାରେ ଏହି ପ୍ରକଳ୍ପ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପ ତଟୀୟ ସମୁଦାୟଙ୍କ ଅନୁକୂଳ ପରିବେଶ ଦିଗରେ କାର୍ଯ୍ୟ କରିଥାଏ। ଏହାସହ ସେମାନଙ୍କ ଜଳବାୟୁ-ନମନୀୟ ଜୀବିକାକୁ ପ୍ରୋତ୍ସାହିତ କରିଥାଏ। କଙ୍କଡ଼ା ଚାଷ, ମାଛ ଚାଷ ଏବଂ ଅନ୍ୟାନ୍ୟ ଜଳୀୟଚାଷ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ନିଭାଉଛି। ଏଥିରେ ସ୍ଥାନୀୟ ଅନୁଷ୍ଠାନ ଓ ଜଳବାୟୁ ଚାମ୍ପିୟନମାନଙ୍କ ବିଭିନ୍ନ ଯୋଗଦାନ ମଧ୍ୟ ରହୁଛି। ଏହି ପଦକ୍ଷେପ ଓଡ଼ିଶା ସରକାରଙ୍କ ସ୍ଥିରୀକୃତ ବିକାଶ ଲକ୍ଷ୍ୟ ହାସଲ କରିବା ପ୍ରତିବଦ୍ଧତାକୁ ସମର୍ଥନ କରିଥାଏ। ଇସିଆର୍‌ଆଇସିସି ଓଡ଼ିଶା ନିଜ ସଫଳତାଗୁଡ଼ିକୁ ଏକ ଉତ୍ସର୍ଗିତ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲା। ଏହାସହ ସି'ଫୁଡ୍ ବ୍ୟବସାୟ, ଚିଙ୍ଗୁଡ଼ି ଚାଷ ଓ ଅନ୍ୟାନ୍ୟ ବୈଷୟିକ ଅଧିବେଶନରେ ମଧ୍ୟ ଭାଗ ନେଇଥିଲା। ପୋଖରୀରେ ହେଉଥିବା କଙ୍କଡ଼ା ଚାଷ ଏହାର ମୁଖ୍ୟ ଆକର୍ଷଣ ଥିଲା। ଏହି ଚାଷକୁ ସେଠାରେ ପ୍ରଦର୍ଶିତ କରାଯାଇଥିଲା। ପୋଖରୀରେ ହେଉଥିବା କଙ୍କଡ଼ା ଚାଷର ପ୍ରଦର୍ଶନ ସେଠାରେ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଆଣିଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି., ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୨୬**। ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/କେନ୍ଦ୍ରୀୟ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆର୍‌ସିସି ଓଭରହେଡ୍ ଟାଙ୍କିର ନିର୍ମାଣ। **ଟେଣ୍ଡର ମୂଲ୍ୟ: ₹୧୦,୨୧,୬୮,୩୩୪.୩୯; ଇଏମ୍‌ଡି: ₹୬,୬୦,୯୦୦/-**। **୨. ସିକେପି-ୱେଷ୍ଟ-୨୫-୨୬-୧୭;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆର୍‌ସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ: ₹୨୪,୬୭,୪୭,୯୨୬.୫୨; ଇଏମ୍‌ଡି: ₹୧୩,୮୩,୭୦୦/-**। **୩. ସିକେପି-ଇଷ୍ଟ-୨୫-୨୬-୧୮;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍ (ପୂର୍ବ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆର୍‌ସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ: ₹୧୦,୦୭,୨୭,୫୧୮.୭୦; ଇଏମ୍‌ଡି: ₹୬,୫୩,୬୦୦/-**। **୪. ସିକେପି-ସାଉଥ୍-୨୫-୨୬-୦୯;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/ଦକ୍ଷିଣ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆର୍‌ସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ: ₹୧୧,୧୬,୩୪,୧୨୫.୭୨; ଇଏମ୍‌ଡି: ₹୭,୦୮,୨୦୦/-**। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦। **ଖୋଲାଯିବା ତାରିଖ:** କ୍ର.ସଂ ୧, ୨ ଓ ୩ ପାଇଁ ପ୍ରତ୍ୟେକ ତା୨୧।୦୭।୨୦୨୫ ଏବଂ କ୍ର.ସଂ. ୪ ପାଇଁ ୨୨।୦୭।୨୦୨୫। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-352)



**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

REF. NO.-ER&C/515 Dt:-23-06-2025

**NOTICE INVITING APPLICATIONS FOR ALLOTMENT OF CANTEEN INSIDE ROURKELA STEEL PLANT**

Applications in closed cover are invited for allotment of S P-II canteen (Near S P-II deptt. area) in Rourkela Steel Plant on license basis. The application form along with enclosures for allotment of the said canteen is available in the office of AGM (HR-TA, G & ER&C) on payment of Rs.200/- (Rupees two hundred only) with GST @ 18% towards cost of application papers. The application papers can also be down-loaded from our website https://sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.236/- (Online deposit through SB collect).

Application will be accepted up to **3.00PM. of dt:-21-07-2025**.

AGM (HR-TA, G, ER&C)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*



**OFFICE OF THE PRINCIPAL**
**Ekalavya Model Residential School, Nuapada**
(A Unit of NESTS) Ministry of Tribal Affairs Government of India
(Affiliated To CBSE, Delhi, Affiliation No. 1520009, School Code - 17097)
At-Sakhatara, PO-Maulibhatta, PS-Nuapada, Dist.-Nuapada, 766105 (Odisha),
Email id : emrs.nuapada@gmail.com

Letter No : EMRS/NPD/OFF/152/2025-26 /Date : 03.07.2025

**LATERAL ENTRY FOR THE ACADEMIC SESSION, 2025-26**

Applications are invited from eligible students of **class 7th, 8th & 9th** for lateral admission in CBSE Curriculam of EMRS, Nuapada for the academic session 2025-26. ***Selection of candidates will be strictly on the basis of Entrance Exam results as per NESTS guideline.***

***Interested Candidates for Boarders (only ST students) & for Day Scholar candidates (Children of Doctors and Paramedical staff of Govt. Hospital of Nuapada Block) may apply for class VII, VIII & IX.***

**Important Dates :-**
1. Application to be submitted in the office of the Principal, EMRS, Nuapada from 9:00 A.M. to 1:00 P.M. on or before 12.07.2025 (on working days only)
2. Entrance Exam. will be held from 10:00 A.M. to 1:00 P.M. on Date : 15.07.2025 (Tuesday) at Ekalavya Model Residential School, Nuapda.
3. Application Forms available at Ekalavaya Model Residential School, Nuapda.
4. Contact No. 9938487801
5. Students Vacant seat-Class VII-1 Boy, VIII-1, Girl, IX-1 Boy.

**By the order of D.W.O, Nuapada**
**Sd./- Principal (I/C), EMRS, Nuapada**

# ଘରେ ପଶିଲା ବର୍ଷାପାଣି, ବନ୍ଧ ଭାଙ୍ଗି ନିଷ୍କାସନ କଲା ବିଏମ୍‌ସି

ଭୁବନେଶ୍ୱର, ୩।୭(ବନ୍ଦନା ସେଠୀ)

**ସାଇଫନ ମରାମତି କଲାନି ୱାର୍କ୍ସ ଆଣ୍ଡ୍ ଇରିଗେଶନ ବିଭାଗ**

ବଡ଼ଗଡ଼ କେନାଲ ରାସ୍ତାରେ ଥିବା ସାଇଫନ୍ ମରାମତି ପାଇଁ ମେୟର ସୁଲୋଚନା ଦାସ ୱାର୍କ୍ସ ଓ ଇରିଗେଶନ ବିଭାଗକୁ ଦାୟିତ୍ୱ ଦେଇଥିଲେ। ଏଥିସହ ବିଏମ୍‌ସି ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଜୁନ୍ ୩ରେ ହୋଇଥିବା ବର୍ଷାରେ ପ୍ରଥମ କରି ସାଇଫନ୍ ଦବି ଯାଇଥିଲା। ଫଳରେ ବର୍ଷାପାଣି ସେହି ବାଟ ଦେଇ ଯାଇ ନ ପାରି ଲୋକଙ୍କ ଘରେ ପଶିଥିଲା। ଏହାପରେ ଜୁନ୍ ୧୨ରେ ମେୟରଙ୍କ ଅଧ୍ୟକ୍ଷତାରେ ୱାର୍କ୍ସ ବିଭାଗ, ୱାଟ୍‌କୋ, ଇରିଗେଶନ୍, ପିଡବ୍ଲ୍ୟୁଡି ସମେତ ବିଭିନ୍ନ ବିଭାଗକୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜରୁରୀକାଳୀନ ଭିତ୍ତିରେ ସାଇଫନ୍‌ର ମରାମତି ପାଇଁ ମେୟର ନିର୍ଦ୍ଦେଶ ଦେଇଥିଲେ। ମାତ୍ର କେହି ଏହାକୁ ଗୁରୁତ୍ୱର ସହ ନେଲେ ନାହିଁ କି ମେୟରଙ୍କ ନିର୍ଦ୍ଦେଶକୁ ଖାତିର କଲେ ନାହିଁ। ଫଳରେ ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ହୋଇଥିବା ବର୍ଷାରେ ଉକ୍ତ ସାଇଫନ୍ ଦେଇ ପାଣି ନିଷ୍କାସିତ ହୋଇପାରି ନ ଥିଲା। ସ୍ଥିତି ଏପରି ହୋଇଥିଲା ଯେ, ୱାର୍ଡ ନଂ. ୪୫ ଅନ୍ତର୍ଗତ ଚିନ୍ତାମଣିଶ୍ୱର, କେନାଲ କଲୋନୀ, ଶବର ସାହି ଏବଂ ଆଖପାଖ ଅଞ୍ଚଳରେ ଥିବା ଘରେ ଆର୍ବଜନାପୂର୍ଣ୍ଣ ବର୍ଷା ପାଣି ପଶିଥିଲା। ଏପରକି ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଲହରି ଭାଙ୍ଗୁଥିଲା। ହଠାତ୍ ଏତେ ମାତ୍ରାରେ ପାଣି ପଶିଯିବାରୁ ଘରେ ଥିବା ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ ଭାସିଥିଲା। ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ଭିତରେ ରହିଥିଲେ। ସ୍ଥିତି ଅଣାୟତ ହେବାରୁ ବିଏମ୍‌ସି ପକ୍ଷରୁ ସାଇଫନ୍ ନିକଟରେ ଥିବା ଦୁଇଟି ବନ୍ଧକୁ କାଟି ପାଣି ନିଷ୍କାସନ କରାଯାଇଥିଲା। ଲୋକଙ୍କ ଘରୁ ପାଣି ନିଷ୍କାସନ ପାଇଁ ୫ଟି ପମ୍ପସେଟ୍ ଓ ୨ଟି ଜେସିବି ଲଗାଯାଇଥିଲା। ଏଥିସହ ପାଣି ଘେରରେ ଥିବା ଲୋକଙ୍କ ପାଇଁ ବିଏମ୍‌ସି ପକ୍ଷରୁ ରନ୍ଧା ଖାଦ୍ୟର ବ୍ୟବସ୍ଥା ହୋଇଥିଲା। ଆବଶ୍ୟକ ପଡିଲେ ସେମାନଙ୍କୁ ନିକଟସ୍ଥ ସ୍କୁଲ ଘର ଏବଂ ଅନ୍ୟାନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। ଖବର ପାଇ ମେୟର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ଏନେଇ ସ୍ଥାନୀୟ କର୍ପୋରେଟର ଅମରେଶ ଜେନା କହିଛନ୍ତି, ଜୁନ୍ ୩ରେ ପ୍ରଥମେ ଏହି ସାଇଫନ୍ ଦବି ଯାଇଥିଲା। ଫଳରେ ଆଖପାଖରେ ରହୁଥିବା ଲୋକଙ୍କ ଘରେ ବର୍ଷା ପାଣି ପଶିଥିଲା। ସେତେବେଳେ ମେୟର ଏହାର ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ବାସିନ୍ଦା ଏବଂ କର୍ପୋରେଟର ଭାବେ ମୁଁ ନିଜେ ବାରମ୍ବାର ଏନେଇ ଅଭିଯୋଗ କରିଛି। ମାତ୍ର କେହି ଶୁଣିଲେ ନାହିଁ, ଫଳରେ ଆଜି ଏଭଳି ଅବସ୍ଥା ହୋଇଛି। ବିଭାଗଗୁଡିକ କେବଳ ପରସ୍ପରକୁ ଦୋଷ ଲଦିବା ଛଡା ଆଉ କିଛି କରୁ ନ ଥିବା ଅମରେଶ କହିଛନ୍ତି।

## ବିଭାଗୀୟ ଅପାରଗତାରୁ ସହରବାସୀ ହଟହଟା

ବଡ଼ଗଡ଼ କେନାଲ ରାସ୍ତାରେ ଥିବା ଇରିଗେଶନ ବିଭାଗର ଉକ୍ତ ସାଇଫନ୍‌ଟି ବହୁ ପୁରୁଣା ଅର୍ଥାତ୍ ୧୯୬୩ ମସିହାରେ ତିଆରି ହୋଇଥିଲା। ଆବଶ୍ୟକ ମରାମତି ନ ହେବାରୁ ଏହା ଏବେ ଭଗ୍ନ ଅବସ୍ଥାକୁ ଚାଲି ଆସିଛି। ଏହା ମଧ୍ୟଦେଇ ଡ୍ରେନ୍ ନଂ. ୬ର ପାଣି ଯାଇଥାଏ। ଜୁନ୍ ୩ରେ ହୋଇଥିବା ବର୍ଷାରେ ସାଇଫନ୍‌ଟି ଦବିଯାଇଥିଲା। ଇରିଗେଶନ ବିଭାଗ ମରାମତି ନ କରିବାରୁ ତାହା ଭାଙ୍ଗିଯିବା ଫଳରେ ଡ୍ରେନ୍ ପାଣି ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଘରେ ପଶିଥିଲା। ଏହାପରେ ବିଏମ୍‌ସି ଚେତିବା ସହିତ ବିଭିନ୍ନ ବିଭାଗ ସହ ସମନ୍ୱୟ ବୈଠକ ଡାକିଥିଲା। ଆଗକୁ ବର୍ଷାଦିନ ଆସୁଥିବାରୁ ଅସ୍ଥାୟୀ ରୂପେ ତୁରନ୍ତ ଏହାର ମରାମତି କରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଅନ୍‌ମ୍ୟାନ୍ କ୍ୟାମେରା ଦ୍ୱାରା ସାଇଫନ୍‌ର ଭିତର ସ୍ଥିତି ପରଖାଯିବା ପରେ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ପୁନର୍ବାର ବିଭାଗୀୟ ଅପରାଗତା ପାଇଁ ଜନସାଧାରଣ ହଇରାଣ ହେଲେ। ସେହିପରି ବନ୍ଧ ଭଙ୍ଗା ଯାଇଥିବାରୁ ବଡ଼ଗଡ଼ରୁ ରସୁଲଗଡ଼ ଯାଉଥିବା ଲୋକଙ୍କୁ ରାସ୍ତା ବଦଳାଇବାକୁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି।



ଚିନ୍ତାମଣିଶ୍ୱରସ୍ଥିତ ଏକ କଲୋନୀରେ ବର୍ଷା ପାଣି ଜମି ରହିବା ସହ ଘରେ ପଶିଛି।






କେନାଲ କଲୋନୀରେ ଆଣ୍ଠୁଏ ଓ ଅଣ୍ଟାଏ ପାଣିରେ ପଶି ଲୋକେ ଯିବାଆସିବା କରୁଛନ୍ତି।



ବିଏମ୍‌ସି ପକ୍ଷରୁ କେନାଲ ବନ୍ଧକୁ କଟାଯାଇ ପାଣି ନିଷ୍କାସନ କରାଯାଉଛି।

# ୪, ୧୧ରେ ସ୍ୱତନ୍ତ୍ର ପରିମଳ, ବିଶୋଧନ ଅଭିଯାନ

ଭୁବନେଶ୍ୱର, ୩।୭ (ବନ୍ଦନା ସେଠୀ)

**ଜଳ ଓ ଜୀବାଣୁ ବାହିତ ରୋଗ ନିରାକରଣକୁ ଗୁରୁତ୍ୱ**

ଚଳିତ ବର୍ଷା ଋତୁରେ ସମ୍ଭାବ୍ୟ ଜଳବାହିତ ଏବଂ ଜୀବାଣୁ (ଭେକ୍ଟର) ବାହିତ ରୋଗର ପ୍ରତିରୋଧ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମିଳିତ ଅଭିଯାନ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ଡାଇରିଆ, ମ୍ୟାଲେରିଆ ଏବଂ ଡେଙ୍ଗୁ ଆଦି ରୋଗ ନିରାକରଣ ନିମନ୍ତେ ରୋଗ ନିରୀକ୍ଷଣ, ସଚେତନତା, ରୋଗର ନିୟନ୍ତ୍ରଣ ଆଦି ବିଷୟରେ ଉଭୟ ସ୍ୱଳ୍ପ ଓ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଏହିସବୁ ରୋଗର ଜିଲାୱାରି ସ୍ଥିତି ସମୀକ୍ଷା କରି ୪ ଓ ୧୧ ତାରିଖରେ କ୍ଷେତ୍ରସ୍ତରରେ ସ୍ୱତନ୍ତ୍ର ପରିମଳ ଓ ବିଶୋଧନ ଅଭିଯାନ କରିବା ନିମନ୍ତେ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ଖୋଲାଯାଇଥିବା ମେଡିକାଲ ରିଲିଫ କେନ୍ଦ୍ରଗୁଡିକରେ ହାଲୋଜେନ ଟାବଲେଟ୍, ଔଷଧଯୁକ୍ତ ମଶାରି ବ୍ୟବହାର, ହାତ ଧୋଇବା, ପାଣି ଫୁଟାଇ ପିଇବା ଏବଂ ଆନୁଷଙ୍ଗିକ ସାସ୍ଥ୍ୟ ସୁରକ୍ଷା ବ୍ୟବହାର ଆଦିର ଉପଯୋଗିତା ବିଷୟରେ ଲୋକମାନଙ୍କୁ ସଚେତନ କରାଇବେ। ସେହିପରି ଖାଦ୍ୟ ନିରାପତ୍ତା ଅଫିସର ଓ କର୍ମଚାରୀମାନେ ପାଣି ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ପ୍ୟାକିଂ କାରଖାନା, ହୋଟେଲ, ଖାଦ୍ୟ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନ ଆଦି ନିରୀକ୍ଷଣ କରି ନିର୍ଦ୍ଧାରିତ ଏସ୍‌ଓପି ଅନୁଯାୟୀ କଡା କାର୍ଯ୍ୟାନୁଷ୍ଠାନ ନେବେ। ରାଜ୍ୟସ୍ତରୀୟ ଟିମ୍, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ କାର୍ଯ୍ୟରତ ୩୭୭ଟି ରାପିଡ୍ ଆକ୍ସନ ଟିମ୍ ପ୍ରଭାବିତ ଅଞ୍ଚଳ ବୁଲି କ୍ଷେତ୍ରସ୍ତରୀୟ କାର୍ଯ୍ୟର ନିରୀକ୍ଷଣ କରିବେ। ବନ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ଜଳ ବିଶୋଧନ, ଆବଶ୍ୟକ ପରିମାଣର ସାପ କାମୁଡ଼ା ଇଞ୍ଜେକ୍ସନ ଓ ଔଷଧ ମହଜୁଦ୍ ରଖିବା, ଏମ୍‌ବିବିଏସ୍ ଡାକ୍ତରଙ୍କୁ ମୁତୟନ, ଜନସ୍ୱାସ୍ଥ୍ୟ ସମ୍ପର୍କିତ ଅଧିକ ନମୁନା ସଂଗ୍ରହ ଓ ପରୀକ୍ଷା କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି' ଉଦ୍‌ଯାପିତ

ଭୁବନେଶ୍ୱର, ୩। ୭ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ଚାଲିଥିବା ଶ୍ରୀ ଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଣ୍ଠଶିଳ୍ପୀ ବିଭୁ କିଶୋର ଭୀମଭୋଇଙ୍କ ରଚନାରୁ 'ସମର୍ପି ଦେଲି' ଓ ବନମାଳୀଙ୍କ ରଚିତ 'ଦୀନବନ୍ଧୁ ଦୈତାରୀ' ପରିବେଷଣ କରିଥିଲେ। ପରେ ଦିପ୍ତିରେଖା ପାଢୀ ଭୀମଭୋଇଙ୍କ ରଚିତ ଜଗବନ୍ଧୁ ପରି ଜଣେ ସାମନ୍ତ ଓ ଦୀନବନ୍ଧୁ ଏହି ଅଳି ଶ୍ରୀ ଛାମୁରେ ଗାୟନ କରିଥିଲେ। ଅନ୍ୟ କଣ୍ଠଶିଳ୍ପୀମାନେ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଭାବଭରା ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ଭାବେ ଗାୟିକା ତୃଷି ଦାସ, ଗବେଷଣା କେନ୍ଦ୍ରର ଗୁରୁ ତଥା କଣ୍ଠ ସଙ୍ଗୀତ ବିଭାଗର ପଣ୍ଡିତ୍ କେଶବ ଚନ୍ଦ୍ର ରାଉତ, ମର୍ଦ୍ଦଳ ବିଭାଗରେ ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ କାଳନ୍ଦୀ ଚରଣ ପରିଡ଼ା, ବେହେଲା ବିଭାଗରେ ଗୁରୁ ରମେଶ ଚନ୍ଦ୍ର ଦାଶ, ଓଡ଼ିଶୀ ନୃତ୍ୟ ବିଭାଗରେ ଗୁରୁ ଲୀନା ନନ୍ଦ ଏବଂ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, ୩। ୭ (ସୌମ୍ୟରଞ୍ଜନ ରାଉତ)

ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ଜୟଦେବ ବିହାର ଲେନ୍-୫ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରର ୩ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଖଣ୍ଡ ଦୀପ ସ୍ଥାପନ, ଘଣ୍ଟ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ବିଗ୍ରହସ୍ନାନ, ଷୋଡ଼ଶ ଉପଚାର ପୂଜା, ଅଗ୍ନିସ୍ଥାପନ, ମଣ୍ଡଳପୂଜା, ହୋମ, ହନୁମାନ ଚାଳିଶା ପଠନ ସହ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଥିଲା। ପରିଷଦ ସଭାପତି ମିହିର ରଞ୍ଜନ ରଥ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ବୃନ୍ଦାବନରୁ ଆସିଥିବା ବାବା ବନମାଳି ଦାସ ଓ ମୁଖ୍ୟ ପୂଜକ ଧୀରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ପୂଜକ ବିଜୟ ଦାଶ ପୂଜାର୍ଚ୍ଚନା କରିଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପରିଷଦର ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡ. ଶକ୍ତିରାଜ ଜାମଲା, ସମାଜସେବୀ ଯୁଧିଷ୍ଠିର ସାହୁ ଓ ମନୋଜ ରଥ, ବିଭୂଦତ୍ତ ରାଉତ, ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ଦାସ, କୋଷାଧ୍ୟକ୍ଷ ଲୋପାମୁଦ୍ରା ମହାପାତ୍ର ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଣା ବଣ୍ଟନ କରାଯିବା ସହିତ ପ୍ରସାଦ ସେବନ କରାଯାଇଥିଲା। ତୁଳସୀ ଭଜନ ସନ୍ଧ୍ୟାରେ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

# 'ଜଗତର କଲ୍ୟାଣରେ ଜଗନ୍ନାଥ ସତତ ଧୁରନ୍ଧର'

ଭୁବନେଶ୍ୱର, ୩। ୭ (ସୌମ୍ୟରଞ୍ଜନ ରାଉତ)




ଭକ୍ତଙ୍କୁ ଆଶ୍ଚର୍ଯ୍ୟମୟ ଲୀଳାରେ ଆନନ୍ଦ ବିତରଣ ସହ ଜଗତର କଲ୍ୟାଣ ସମ୍ପାଦନ କରିବାରେ ନୀଳାଦ୍ରୀଶ ଶ୍ରୀଜଗନ୍ନାଥ ସତତ ଧୁରନ୍ଧର। ତାଙ୍କ ନାମ ଓ ମହିମା ଶ୍ରବଣ ଦ୍ୱାରା ଭକ୍ତଙ୍କୁ ଭୁକ୍ତି, ଭକ୍ତି ଓ ମୁକ୍ତି ସୁଲଭ ହୋଇଥାଏ ବୋଲି ମତପ୍ରକାଶ ପାଇଛି। ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ଶ୍ରୀଜଗନ୍ନାଥ ଚେତନା ଆଧାରିତ ସ୍ୱତନ୍ତ୍ର ଭକ୍ତିମୟ ସତ୍ର 'ଲୀଳାମୟ ନୀଳାଦ୍ରୀଶ' ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଭାରତଭୂଷଣ ରଥ, ଭଞ୍ଜଭାରତୀର ସଭାପତି ଡା. କୃଷ୍ଣକେଶବ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ ତଥା ଆଧାତ୍ମିକ ସେବା ମାଧ୍ୟମରେ ଶ୍ରୀଜଗନ୍ନାଥଚେତନାର ପ୍ରଚାର ପ୍ରସାର କ୍ଷେତ୍ରରେ ରାଉରକେଲାର କୋଏଲନଗରସ୍ଥିତ 'ଶ୍ରୀଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ନ୍ୟାସ'କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ' ପ୍ରଦାନ କରାଯାଇଥିଲା। ଭଞ୍ଜଭାରତୀର କୋଷାଧ୍ୟକ୍ଷା ଶୈଳଜା ମିଶ୍ର ସଭା ସଂଯୋଜନା କରିଥିଲେ। ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସମୂହ ସିପିଆର୍ ତାଲିମ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାରଙ୍ଗ,୩।୭(ଲିଙ୍ଗରାଜ ରାଉତ)

ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମଧ୍ୟରେ ସାମ୍ପ୍ରତିକ ସମୟରେ ହୃଦ୍‌ଘାତର କାରଣ ଓ ନିରାକରଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଇବା ଲକ୍ଷ୍ୟ ନେଇ ଯୁବ ରେଡକ୍ରସ୍ ୟୁନିଟ୍, ରେଡ୍‌ରିବନ କ୍ଲବ ଏବଂ ଏନ୍ଏସ୍ଏସ୍ ୟୁନିଟ୍ ଆନୁକୂଲ୍ୟରେ ଗୁରୁବାର ସମୂହ ସିପିଆରତାଲିମ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଚନ୍ଦକା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏସ୍‌ଆର୍‌ସି, ଏମ୍‌ଏଫ୍‌ଏମ୍ ଓ ମେଣ୍ଢାଶାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତାରେ ଆୟୋଜିତ ହୋଇଥିଲା। ଯୁବ ରେଡ୍‌କ୍ରସ ଓ ରେଡ୍‌ରିବନ କ୍ଲବର ସଂଯୋଜକ ସୁରେଶ ମହାନ୍ତି ଏଥିରେ ସଂଯୋଜନା କରିଥିଲେ। ଆୟୋଜିତ ସଭାରେ ଅଧକ୍ଷା ଡ. ସୁଧାଂଶୁବାଳା ସାହୁ ସଭାପତିତ୍ୱ କରିଥିଲେ। ଡକ୍ଟର ଆସ୍ଥା ଏବଂ ଡ. ଦେବବ୍ରତ ତ୍ରିପାଠୀ ସଚେତନତା ହିଁ ବାସ୍ତବ ନିରାକରଣ ବୋଲି କହିଥିଲେ। ଯାନ୍ତ୍ରିକ ପ୍ରକଳ୍ପ ସହକାରୀ କ୍ରିପାଲି ମହାନ୍ତି ସମସ୍ତଙ୍କୁ ସିପିଆର୍ ଦେବାର ପ୍ରଣାଳୀ ଶିଖାଇଥିଲେ। କାର୍ଯ୍ୟକ୍ରମରେ ଜ୍ୟୋସ୍ନାରାଣୀ ପରିଡ଼ା, ଦିପ୍ତି ପ୍ରକାଶ ଦାସ, ସରିତା ତ୍ରିପାଠୀ, ଲାଲକ୍ରିଷ୍ଣା ବେଜ୍, ସୌମ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରଥିଲେ। ଅଧ୍ୟାପକ ସରୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମେଣ୍ଢାଶାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକତା ଅନୁସାରେ ଔଷଧ ବିତରଣ କରାଯାଇଥିଲା।

## ବନ୍ଧୁମିଳନରେ ୨ ପଞ୍ଚାୟତର ବିକାଶ ଚିନ୍ତା

ଭୁବନେଶ୍ୱର,୨।୭(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଏବଂ କଟକରେ ରହୁଥିବା କଟକ ବଡମ୍ବା ବ୍ଲକ ଶଙ୍ଖାମେରୀ ଓ ମଙ୍ଗରାଜପୁର ପଞ୍ଚାୟତର ଲୋକଙ୍କୁ ନେଇ ୨ୟ ବନ୍ଧୁ ମିଳନ ଶ୍ରୀଅନନ୍ତ ବାସୁଦେବଙ୍କ ମନ୍ଦିର ନିକଟ ଡାଲମିୟା ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ମିଶ୍ର ସଭାପତିତ୍ୱ କରି ଆଗାମୀ ଦିନରେ ଆଞ୍ଚଳିକ ବିକାଶ ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି କହିଥିଲେ। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବିଶ୍ୱନାଥ ମଲିକ ଉଭୟ ପଞ୍ଚାୟତରେ ଗୁଣାତ୍ମକ ଶିକ୍ଷାର ବିକାଶ ଏବଂ ଅବସରପ୍ରାପ୍ତ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ସାହୁ ପିଲାମାନେ ଶିକ୍ଷିତ ଓ ସଂସ୍କାରିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଦସ୍ୟ କୃପାନିଧି ବିଶ୍ୱାଳ ଏକ ଫଣ୍ଡ ଗଠନ କରି ଆର୍ଥିକ ଅସ୍ୱଚ୍ଛଳ ବ୍ୟକ୍ତିଙ୍କୁ ଅସୁବିଧା ସମୟରେ ସହାୟତା ପାଇଁ ପରାମର୍ଶ ଦେଇଥିଲେ। ସନ୍ତୋଷ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଭାବରେ ବାନ୍ଧିଲା 'ଜଗ ବନ୍ଧୁ ହେ ଗୋସାଇଁ'



ଭୁବନେଶ୍ୱର, ୩।୭ (ସୌମ୍ୟରଞ୍ଜନ ରାଉତ)

ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ରଥଯାତ୍ରା ଅବସରରେ ଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ଓ ଜଣାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସହ ଯୋଡ଼ି ହୋଇଥିବା କଣ୍ଠଶିଳ୍ପୀ ସିଦ୍ଧାନ୍ତ ଶତପଥୀ ଓ ବିପୁଲ୍ ମଣିମା ଭାବଭରା ଭକ୍ତି ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମୋହିତ କରିଥିଲେ। 'ଜଗ ବନ୍ଧୁ ହେ ଗୋସାଇଁ' ଦର୍ଶକଙ୍କୁ ଭାବରେ ବାନ୍ଧି ଥିଲା। ପରେ ସଂଭାବନା ତ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ରୀତାଞ୍ଜଳି ମିଶ୍ର, ଅସ୍ମିତା ପାଣିଗ୍ରାହୀ, ରତ୍ନମଞ୍ଜରୀ ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ପ୍ରମୁଖ ଭଜନ ଓ ଜଣାଣ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ ସାହିତ୍ୟିକ ଅସିତ୍ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମିତି ସଭାନେତ୍ରୀ ସୌଦାମିନୀ ସାମଲ, ସଂପାଦିକା ରେଖା ସାହୁ, ଶ୍ରେଷ୍ଠ ଓଡ଼ିଆଣୀ ବିଜେତା ରୀତା ଶଙ୍ଖୁଆ ମଞ୍ଚରେ ଉପସ୍ଥିତ ଥିଲେ। ସଂଭାବନା ସମ୍ପାଦକ ଦେବ ପ୍ରସାଦ ପରିଜା ମଞ୍ଚ ପରିଚାଳନା କରିଥିଲେ।

# ସରଳ, ସାବଲୀଳ ଭାଷାର କବିତା ପାଠକୀୟ ଆଦୃତି ଲାଭ କରେ

**ବ୍ରଜକିଶୋର ନାୟକଙ୍କ କବିତା ସଙ୍କଳନ 'ଅକବିର କବିତା' ଉନ୍ମୋଚିତ**

ଭୁବନେଶ୍ୱର, ୩।୭ (ସୌମ୍ୟରଞ୍ଜନ ରାଉତ)




ଖୁବ ସରଳ ଓ ସାବଲୀଳ ଭାଷାରେ କବିତା ରଚନା ପାଠକଙ୍କ ନିକଟରେ ଆଦୃତ ହେବ। ବ୍ରଜକିଶୋର ନାୟକଙ୍କ କବିତା ସଙ୍କଳନ 'ଅକବିର କବିତା'ରେ ତାହା ହିଁ ପ୍ରତିଫଳିତ ହୋଇଛି। କବିତାଗୁଡ଼ିକରେ କବିଙ୍କ ପ୍ରତ୍ୟେକ ଅନୁଭୂତି ଓ ଅଭିଜ୍ଞତା ସ୍ପଷ୍ଟ ଜଣାପଡୁଛି। ତେଣୁ ଏହି ସଙ୍କଳନ ବ୍ରଜକିଶୋରଙ୍କୁ ଜଣେ ସାର୍ଥକ ଓ ସଫଳ କବି ଭାବେ ପ୍ରତିଷ୍ଠା କରିବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଗୀତଗୋବିନ୍ଦ ସଦନରେ ଗୁରୁବାର କବିତା ସଙ୍କଳନ 'ଅକବିର କବିତା'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କବି ରବି ନାରାୟଣ ସେନାପତି, ସ୍ତମ୍ଭକାର ଦାଶ ବେନହୁର, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, ଲେଖକ ଓମ୍ ପ୍ରିୟଦର୍ଶୀ, ପୁସ୍ତକର ଲେଖକ ବ୍ରଜ କିଶୋର ନାୟକ, କୋଠଘର ଆମ ସାହିତ୍ୟ ପରିବାରର ପ୍ରତିଷ୍ଠାତା ଅମ୍ବିକା ସାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ 'ଲେଖା ଓ ଲେଖକଙ୍କ ବନ୍ୟା, ପାଠକଙ୍କ ମରୁଡ଼ି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଅତିଥି ଭାବେ ସ୍ତମ୍ଭକାର ଶ୍ୟାମ ସୁନ୍ଦର ଅଗ୍ରୱାଲ, ଚିନ୍ମୟ ହୋତା, ପତ୍ରକାର ନବୀନ ଦାସ, ସାହିତ୍ୟିକ ଲକ୍ଷ୍ମଣ ପଣ୍ଡା ଓ ସୁରେନ୍ଦ୍ର ମୋହନ ମିଶ୍ର, ଧରିତ୍ରୀର ଡେପୁଟି ନ୍ୟୁଜ୍ ଏଡିଟର୍ ଜିତେନ୍ଦ୍ର କୁମାର ନାୟକ ଯୋଗଦେଇ ପାଠକୀୟ ସଙ୍କଟ ଓ ତା'ର ଫଳପ୍ରଦ ସମାଧାନ ଉପରେ ଆଲୋଚନା କରିଥିଲେ। ଭାଷା ବିଜ୍ଞାନୀ ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଖୋର୍ଦ୍ଧା ପୌରପାଳିକାରେ ହରିଡ଼ାମଡ଼ା ମିଶ୍ରଣକୁ ବିରୋଧ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ ଏବଂ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ)**

ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ ପଞ୍ଚାୟତର ହରିଡ଼ାମଡ଼ା ଗ୍ରାମକୁ ଖୋର୍ଦ୍ଧା ପୌରପାଳିକାରେ ମିଶ୍ରଣ ନୋଟିସକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ପୌରାପାଳିକାରେ ହରିଡାମଡା ଗ୍ରାମ ମିଶ୍ରଣକୁ ବାଦ୍ ଦେବା ଲାଗି ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପୂର୍ବତନ ବିଧାୟକ ରାଉତରାୟ ମଧ୍ୟ ଏକ ଦାବିପତ୍ର ଦେଇ ଏହାର ପୁନଃ ବିଚାର କରିବାକୁ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଦାବି ଅନୁଯାୟୀ, ତରାବୋଇ ପଞ୍ଚାୟତ କାର୍ଯ୍ୟାଳୟଠାରୁ ହରିଡ଼ାମଡ଼ା ଗ୍ରାମ ୧୦୦ ମିଟର ଦୂରରେ ଅବସ୍ଥିତ। ଏହି ଗ୍ରାମରେ ୧୫୦ ପରିବାର ବସବାସ କରୁଥିବା ବେଳେ ସେଥିରୁ ୯୫ପ୍ରତିଶତ ଭାଗ ଲୋକେ ଦିନ ମଜୁରିଆ। ଏହି ଗ୍ରାମକୁ ଖୋର୍ଦ୍ଧା ପୌରପାଳିକାରେ ସାମିଲ କରାଗଲେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। କୌଣସି କାମ ପଡ଼ିଲେ ଖୋର୍ଦ୍ଧା ଯିବାକୁ ବାଧ ହେବେ, ଅଧିକ ଖର୍ଚ୍ଚାନ୍ତ ହେବେ, ପାଖରେ ପଞ୍ଚାୟତ କାର୍ଯ୍ୟାଳୟ ରହିଥିବା ବେଳେ କାହିଁକି ଖୋର୍ଦ୍ଧା ପୌରପାଳିକା ଉପରେ ନିର୍ଭର କରିବୁ। ପଞ୍ଚାୟତରେ କୌଣସି ଅସୁବିଧା ନ ଥିବା ବେଳେ ବିନା ନୋଟିସ ଏବଂ ଗ୍ରାମବାସୀଙ୍କ ଆଲୋଚନାରେ କାହା ସ୍ୱାର୍ଥରେ ଏହି ଗ୍ରାମକୁ ଖୋର୍ଦ୍ଧା ପୌରପାଳିକାରେ ସାମିଲ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହି ଗ୍ରାମକୁ ବାଦ୍ ଦେବା ଲାଗି ଦାବି କରିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ଏ ସଂକ୍ରାନ୍ତରେ ପୂର୍ବରୁ ନୋଟିସ କରାଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ।

### ଖୋର୍ଦ୍ଧା ପୌରପାଳିକାରେ ମିଶିବ ୧୭ ଗାଁ

ପରିବର୍ଦ୍ଧିତ ହେବ ଖୋର୍ଦ୍ଧା ପୌରପାଳିକା। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଖୋର୍ଦ୍ଧା ପୌରପାଳିକାରେ ବର୍ତ୍ତମାନ ୨୨ଟି ୱାର୍ଡ ରହିଛି। ଏଥିରେ ଖୋର୍ଦ୍ଧା ବ୍ଲକର ୪ଟି ପଞ୍ଚାୟତର ୧୩ ଗ୍ରାମ ଏବଂ ଜଟଣୀ ବ୍ଲକର ୪ ଗ୍ରାମ ମିଶ୍ରଣ ପାଇଁ ନୋଟିସ ଜାରି କରାଯାଇଛି। ଏଥିରେ ପଲ୍ଲା ତୋଟାପଡା ପଞ୍ଚାୟତର ପାନବରଜ, ପଲ୍ଲା, ତୋଟାପଡା ଗ୍ରାମ ରହିଛି। ଟାଙ୍ଗିଆପଡା ପଞ୍ଚାୟତର ଟାଙ୍ଗିଆପଡା, ପାଇକତିଗିରିଆ, ଉଇଲ କିଷନନଗର, କୁମାରବସ୍ତ ଓ କାଞ୍ଜିଆମା ରହିଛି। ନାଳିପଡାଅର୍ଜୁନପୁର ପଞ୍ଚାୟତର ତରତୁଆ, ଶରଧାପୁର, ରସୁଲପୁର ଗ୍ରାମ ରହିଥିବା ବେଳେ କୁରାଢ଼ମଲ୍ଲ ପଞ୍ଚାୟତର ସିଆଳିଆପାଟଣା, ବ୍ରହ୍ମପୁରା ରହିଛି। ସେହିପରି ଜଟଣୀ ବ୍ଲକର ବଡ଼ତୋଟା, ଖୋଲାଦ୍ୱାର, ହରିଡ଼ାମଡ଼ା ଏବଂ ପୋରପରା ଗ୍ରାମ ରହିଛି।

# ବନ ମହୋତ୍ସବ ସପ୍ତାହ




ବନ ମହୋତ୍ସବ ପାଳନ ଅବସରରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୩।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ସାତପଡ଼ାର ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ.ପ୍ରକାଶ କୁମାର ଜେନା, ଜାତୀୟ ସେବା ଯୋଜନା ଅଧିକାରୀ ପ୍ରସନ୍ନ କୁମାର ସାହୁ, ଅଧାପକ ପ୍ରତାପ ଚନ୍ଦ୍ର ଦଳେଇ, ରେଡ୍‌କ୍ରସ ଅଧିକାରୀ ପବିତ୍ର ମୋହନ ଦାସ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ଜହ୍ନିକୁଦାଠାରେ ଥିବା ବାଲୁଙ୍କେଶ୍ୱର ବିଦ୍ୟାପୀଠ ଏବଂ ମୋହନ ଗୋସ୍ୱାମୀ ଉପ୍ରା ବିଦ୍ୟାଳୟ ପରିସରରେ ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ରେଞ୍ଜର ବବୁଲ ମଲ୍ଲିକଙ୍କ ନେତୃତ୍ୱରେ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ପଲେଇ, ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ଜେନା, ବନପାଳ ରଶ୍ମି ରଞ୍ଜନ ନାୟକ, ବନପାଳ ଗୌରାଙ୍ଗ ପ୍ରଧାନ, ବନରକ୍ଷୀ ଲକ୍ଷ୍ମଣ ବେହେରା, ବନରକ୍ଷୀ ଅନିଲ କୁମାର ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ରେଞ୍ଜର ରଞ୍ଜନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ବଳଭଦ୍ରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସଚେତନତା ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଜାଲିଙ୍କ ସଭାପତିତ୍ୱରେ ହୋଇଥିଲା। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ପ୍ରଣୟ କୁମାର ଜୟସିଂହଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଗଡ଼ଖୋର୍ଦ୍ଧାରେ ରାମଲୀଳା ନାଟକ

ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ): ଶ୍ରୀରଘୁନାଥ ଦେବ ପରିଚାଳନା ସମିତି ଆନୁକୂଲ୍ୟରେ ଗଡ଼ଖୋର୍ଦ୍ଧାଠାରେ ସ୍ଥାନୀୟ କଳାକାରଙ୍କୁ ନେଇ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ନାଟକରେ ଶ୍ରୀରାମଙ୍କ ବିବାହୋତ୍ସବ, ବନବାସ, ଲଙ୍କାଦହନ, ରାଜ୍ୟାଭିଷେକ ପରିବେଷଣ ହୋଇଥିଲା। କଳାକାରମାନେ ପାରମ୍ପରିକ ବେଶ ଧାରଣ କରି ଉପସ୍ଥିତ ଜନତାଙ୍କୁ ବିମୋହିତ କରିଥିଲେ। ଶ୍ରୀରାମଙ୍କ ରାମାୟଣ ନାଟକରେ ଦର୍ଶକ ମୁଗ୍ଧ ହୋଇଥିଲେ। ବୃନ୍ଦାବନ ପ୍ରଧାନ, ଶୁଭମ୍ ସୁବୁଦ୍ଧି, ବିନାୟକ ନାୟକ, ରାକେଶ ଜେନା, ପ୍ରଦୀପ ମାର୍ଥା ଓ ଗ୍ରାମବାସୀ ପରିଚାଳନା କରିଥିଲେ। ସୁନିଲ ପ୍ରଧାନ, ରଞ୍ଜନ ମାର୍ଥା, ଓମରାଜ ପ୍ରଧାନ, ସୂର୍ଯ୍ୟ ପ୍ରତାପ ରାଉତରାୟ, ଅକ୍ଷୟ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ଶ୍ରୀରଘୁନାଥ ଦେବ ପରିଚାଳନା ସମିତି ଆନୁକୂଲ୍ୟରେ ଗଡ଼ଖୋର୍ଦ୍ଧାଠାରେ ଅନୁଷ୍ଠିତ ରାମଲୀଳା ନାଟକ ଅବସରରେ ସ୍ଥାନୀୟ କଳାକାର ଏବଂ ଅନ୍ୟମାନେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନରେ ଅନିୟମିତତା ଅଭିଯୋଗ

**ଟାଙ୍ଗୀ,୩।୭(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବଡ଼ପାରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ବଡ଼ପାରୀ ଗ୍ରାମବାସୀଙ୍କ ପକ୍ଷରୁ ଏକ ଅଭିଯୋଗପତ୍ର ବିଡିଓ ରୁମାନା ଜାଫ୍ରିଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ବିଭାଗୀୟ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନ କରିଥିବା ବେଳେ ଗରିବ ଲୋକଙ୍କୁ ବାଦ୍ ଦେଇ ସ୍ୱଚ୍ଛଳ ତଥା ଧନୀ ଶ୍ରେଣୀର ବ୍ୟକ୍ତିମାନଙ୍କୁ ତାଲିକାଭୁକ୍ତ କରିଛନ୍ତି। ବିଶେଷଭାବେ ସ୍ଥାନୀୟ ସରପଞ୍ଚ ଅଧିକାରୀଙ୍କୁ ପ୍ରଭାବିତ କରି ଚୟନ ପ୍ରକ୍ରିୟାକୁ ବାଟବଣା କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ବିଡିଓ ରୁମାନା ଜାଫ୍ରି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ଏନେଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଖୋର୍ଦ୍ଧାରେ ଜିଲାପାଳ ନିଯୁକ୍ତି ଦାବି

**ଖୋର୍ଦ୍ଧା,୩।୭(ପ୍ରଭାତ ପାଣିଗ୍ରାହୀ)**

ପୁରୀ ଶରଧାବାଲିରେ ଦଳଚକଟାରେ ୩ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାୟିତ୍ୱରେ ଅବହେଳା ପାଇଁ ରାଜ୍ୟ ସରକାର ପୁରୀ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରିଥିବା ବେଳେ ଦୁଇଜଣ ଅଧିକାରୀଙ୍କୁ ନିଲମ୍ବନ କରିଥିଲେ। ସରକାର ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କୁ ପୁରୀ ଜିଲାପାଳଭାବେ ନିଯୁକ୍ତି ଦେଇଛନ୍ତି। ଅନ୍ୟପଟେ ଖୋର୍ଦ୍ଧାରେ ଅନ୍ୟ କୌଣସି ଜିଲାପାଳଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଜିଲାପାଳ ଦାୟିତ୍ୱରେ ରହିଛନ୍ତି। ୫ଦିନ ବିତିଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଜିଲାପାଳ ନିଯୁକ୍ତ ହୋଇନାହାନ୍ତି। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟ (ଚାମ୍ବର)ରେ ଝୁଲିଥିବା ଫଳକ କାଢ଼ି ଦିଆଯାଇଛି। ଅନ୍ୟପଟେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ପୁରୀ ରଥଯାତ୍ରା ଡ୍ୟୁଟିରେ ଅଛନ୍ତି। ସେପଟେ ଓଏଏସ୍, ଓଆର୍‌ଏସ୍ ସଂଘ ସମୂହ ଛୁଟିରେ ରହିଛନ୍ତି। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଅଧିକାରୀଙ୍କୁ ଦେଖିବାକୁ ମିଳୁନାହିଁ। ଜିଲାପାଳ ନ ଥିବାରୁ ଅନ୍ୟ ବିଭାଗୀୟ ଅଧିକାରୀମାନେ ମନଇଚ୍ଛା ଅଫିସକୁ ଆସୁଥିବା ଜଣାପଡିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ତୁରନ୍ତ ଜିଲାପାଳଙ୍କୁ ନିଯୁକ୍ତି ଦେବା ସହ ବାୟୋ ମେଟ୍ରିକ ବାଧ୍ୟତାମୂଳକ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଫାଇଲେରିଆ ରୋଗୀଙ୍କୁ ସାମଗ୍ରୀ ବଣ୍ଟନ

**ନିରାକାରପୁର,୩।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତରେ ଥିବା ହେଲ୍‌ଥ ସବ୍‌ସେଣ୍ଟରରେ ଗୁରୁବାର ଫାଇଲେରିଆ ରୋଗୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଲଳିତା ପାଟପୁର ସବ୍‌ସେଣ୍ଟରର ୧୨୨ଜଣ, ରାମେଶ୍ୱର ସବ୍‌ସେଣ୍ଟରର ୧୪୧, ନିରାକାରପୁର ସବ୍‌ସେଣ୍ଟରର ୨୯୬, ଏପରି ମୋଟ ୫୫୯ଜଣ ହିତାଧିକାରୀଙ୍କୁ ପ୍ଲାଷ୍ଟିକ ଟପ୍, ମଗ, ୨ଟି ସାବୁନ, ୬ଟି ରୁମାଲ ଯୋଗାଇ ଦିଆଯାଇଛି। ମନୋରଞ୍ଜନ ମହାପାତ୍ର, ଶୁଭଶ୍ରୀ ପ୍ରତାପସିଂହ, କ୍ଷୀରାବ୍ଧିତନୟା ବେହେରା, ମମତାମଣି ମୁର୍ମୁ, ରେଣୁକା ସେନାପତି, କଲ୍ୟାଣୀ ପ୍ରଧାନ, ଭାନୁମତୀ ବଳିୟାରସିଂହ, ଗୀତାଞ୍ଜଳି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ବିକଶିତ ରାଷ୍ଟ୍ରର ମୁଖ୍ୟ ବିନ୍ଧାଣି ଆଦର୍ଶ ଗୁରୁ'

**ବୋଲଗଡ଼,୩।୭(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଦେଉଳି ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସେବାନିବୃତ୍ତ ଅଧକ୍ଷ ଡ. ତପନ କୁମାର ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରାମଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଭାବେ ଯୁକ୍ତ ୨ କାଉନସିଲ୍‌ର ପୂର୍ବତନ ସଚିବ ଡ.ବାଇଧର ପ୍ରଧାନ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ରାଜ୍ୟ ଶିକ୍ଷକ ସଂଘ ସଭାପତି ଗୋଲଖ ନାୟକ, ସମ୍ପାଦକ ସରାଫୁଦ୍ଦିନ ଅହମଦ, ଡ. ଗଗନ ବେହେରା, ରଣପୁର କଲେଜ ପୂର୍ବତନ ଅଧକ୍ଷ ଡ. ପତିତପାବନ ଦଳେଇ, ଗବେଷକ ଗଣେଶ୍ୱର ସ୍ୱାଇଁ, କବି ବଳରାମ ରଣସିଂହ, ଶିକ୍ଷାବିତ୍ ଭାଗୀରଥି ସାହୁ, ରାଜକିଶୋର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିକଶିତ ରାଷ୍ଟ୍ରର ମୁଖ୍ୟ ବିନ୍ଧାଣି ହେଉଛନ୍ତି ଆଦର୍ଶ ଗୁରୁ ବୋଲି ମତପ୍ରକାଶ ପାଇଥିଲା। ଅଧାପକ ତ୍ରିଲୋଚନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସଂସ୍କୃତ କଲେଜ ଅଧକ୍ଷ ବଟକୃଷ୍ଣ ସାହୁ, ସରପଞ୍ଚ ପ୍ରଦୀପ ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ ,ଶିକ୍ଷାବିତ୍, ସହକର୍ମୀ, ଗ୍ରାମବାସୀ ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀମାନେ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ବିଦାୟୀ ଅଧକ୍ଷଙ୍କୁ କଲେଜ ଓ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଅଧାପକ ପ୍ରତାପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କୂଅରୁ ବାର୍‌ହା ଉଦ୍ଧାର

**ବେଗୁନିଆ,୩।୭(ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାଘମାରୀ ଗ୍ରାମସ୍ଥ ବଡ଼ସାହିର ଏକ ଖୋଲାକୂଅରେ ଗୁରୁବାର ଅପରାହ୍ନରେ ଏକ ଜଙ୍ଗଲୀ ବାର୍‌ହା ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ବାର୍‌ହାଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ସୂଚନା ଅନୁଯାୟୀ, ଜଙ୍ଗଲ ଅବକ୍ଷୟ ଯୋଗୁ ବନ୍ୟଜନ୍ତୁ ଜନବସତିମୁହାଁ ହୋଇ ଗାଁରେ ପଶି ଫସଲ ନଷ୍ଟ କରୁଛନ୍ତି। ଗୁରୁବାର ଏକ ବାର୍‌ହା ବଡ଼ସାହିରେ ପଶି ଯାଇଥିଲା। ଲୋକେ ଘଉଡ଼ାଇବାକୁ ଚେଷ୍ଟା କରିବା ସମୟରେ ବାର୍‌ହାଟି କୂଅରେ ପଡ଼ିଯାଇଥିଲା। ପରେ ଗ୍ରାମବାସୀ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

**ଟାଙ୍ଗୀ,୩।୭(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ମୁକ୍ତେଶ୍ୱର ଶାଖା ବନପାଳ ମୀନା କୁମାରୀ ନାୟକ ଯୋଗଦେଇ ମା'ଙ୍କ ନାମରେ ଗଛଟିଏ ଲଗାଇ ଯତ୍ନ ନେବାକୁ କହିଥିଲେ। ବନପାଳ ମଧୁସ୍ମିତା ଜେନା, ବନରକ୍ଷୀ ଜାନକୀ ସାହୁ, ନିରଞ୍ଜନ ମହାରଣା, ଯନ୍ତ୍ରୀ ରମେଶ ଚନ୍ଦ୍ର ଛୋଟରାୟ, ସ୍ୱାସ୍ଥ୍ୟକର୍ମୀ କାହ୍ନୁଚରଣ ପରିଡ଼ା, ଅଙ୍ଗନୱାଡି କର୍ମୀ ଭାରତୀ ପରିଡା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବାଇଧର ବେହେରା ଧନ୍ୟବାଦ ଦେଇଥିଲେ। ମା'ଙ୍କ ନାମରେ ଚାରାରୋପଣ କରାଯାଇ ପୂଜନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୁପାଲି ପାତ୍ର, ଗାୟତ୍ରୀ ବିଶ୍ୱାସ, ସୁପ୍ରିୟା ମଣ୍ଡଳ, ଶେଷଦେବ ପରିଡ଼ା, ଜଗନ୍ନାଥ ପଲେଇ, ଗୋବର୍ଦ୍ଧନ ସ୍ୱାଇଁ, ରାଜେଶ ସେଠୀ, ବାପି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କରାଯାଇଛି।

# ରାସ୍ତାରେ ଖାଲଖମା, ଲୋକେ ହଇରାଣ

**ବେଗୁନିଆ,୩।୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଡାଳତୋଳା ଏବଂ ଦେଉଳି ପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁର ରାସ୍ତା ଦୀର୍ଘ ବର୍ଷ ହେବ ମରାମତି ନ ହେବାରୁ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରିବାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା କାର୍ଯ୍ୟ ମରାମତି କରିବାକୁ ଦାବି ହେଉଛି।ଏହି ରାସ୍ତା ବ୍ଲକର ଏକ ମୁଖ୍ୟ ରାସ୍ତା ହୋଇଥିବା ବେଳେ ପ୍ରଶାସନଠାରୁ ଆରମ୍ଭ କରି କୌଣସି ନେତାଙ୍କ ଏହି ରାସ୍ତା ପ୍ରତି ଦୃଷ୍ଟି ପଡୁନାହିଁ। ନିର୍ବାଚନ ସମୟରେ ନେତାମାନେ ଏହି ରାସ୍ତା କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଉଥିଲେ ମଧ କାର୍ଯ୍ୟକାରୀ ହୋଇପାରୁନି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ଉପରେ କାହାର ନଜର ନ ପଡିବା ପରିତାପର ବିଷୟ। ଉକ୍ତ ରାସ୍ତାଟି ୩କିମି ହୋଇଥିବା ବେଳେ ସାମନ୍ତରାପୁର ପଟୁ ପ୍ରାୟ ଏକ କିମି ରାସ୍ତା ଅଣଓସାରିଆ ହୋଇଥିବା ବେଳେ ଖାଲଖମାରେ ଭର୍ତ୍ତି ହୋଇଛି। ଉକ୍ତ ରାସ୍ତାରେ ଅଟୋ ଗୋଟିଏ ଗଲେ ବାଇକ୍ ଅତିକ୍ରମ କରିବା କଷ୍ଟକର ହୋଇପଡୁଛି।



ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ଏଥିସହିତ ଦୁଇ ପାର୍ଶ୍ୱରେ ଥିବା ଗଛଡାଳ ମାଡ଼ିଯାଇଥିବାରୁ ରାସ୍ତାକୁ ଆହୁରି ସଂକୀର୍ଣ୍ଣ କରିଦେଉଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ୨୦ବର୍ଷ ପୂର୍ବେ ଉକ୍ତ ରାସ୍ତା ମୋରମ ମେଟାଲ ହୋଇଥିବାବେଳେ ଏବେ ମେଟାଲ ଗୁଡିକ ଉଠିଗଲାଣି। ଦୀର୍ଘବର୍ଷ ହେବ ଏହି ରାସ୍ତା ମରାମତି ହୋଇ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ମରାମତି ପାଇଁ ଦାବି

ରାସ୍ତାର ଅନ୍ୟ ଦୁଇ କିମି ଗତ ୫ବର୍ଷ ତଳେ ପିଚୁ ହୋଇଥିବାବେଳେ ଏବଂ ରାସ୍ତାଟି ଭଲ ଥିବାବେଳେ ତାକୁ ତାଡି ପିଚୁ କରିବା ପାଇଁ ମେଟାଲିଂ କରାଯାଇ ପ୍ରାୟ ୩ମାସ ହେବ ରାସ୍ତାରେ ଡଷ୍ଟ ବିଛାଇ ପକାଯାଇଛି। ଡଷ୍ଟ ଉଡ଼ିବାରୁ ଲୋକେ ହଇରାଣ ହେଉଛନ୍ତି। ଉକ୍ତ ରାସ୍ତାରେ ହୋଇଥିବା ମାଟି କାମ କେତେକ ସ୍ଥାନରେ ଧୋଇଗଲାଣି। ଲୋକେ ସୁବିଧାରେ ଯାତାୟାତ କରିବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରୁଛନ୍ତି। ତେବେ ଏହି ମୁଖ୍ୟ ରାସ୍ତାଟିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାହିଁକି ଅନ୍ତର୍ଭୁକ୍ତ କରାଯାଉନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଉକ୍ତ ରାସ୍ତା କାମ କରି ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ବସନ୍ତ ସାମନ୍ତରାୟ, ରମେଶ ପାଇକରାୟ, ଖୋକନ ମହାପାତ୍ର, ବୀର ମହାରଣା, ଭଗବାନ ସାହୁ, ଯୋଗେଶ୍ୱର ସାମନ୍ତରାୟ, ଜମ୍ବେଶ୍ୱର ଜୁଝାରସିଂହ ପ୍ରମୁଖ ଦାବି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୭।୨୦୨୫

| ୨,୨୦,୨୪୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୪ ଗ୍ରାମ୍ |

# ବାହୁଡ଼ା ଯାତ୍ରା, ସୁନାବେଶ ପାଇଁ ବ୍ୟାପକ ପାର୍କିଂ ବ୍ୟବସ୍ଥା

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ସମୟରେ ଯେଉଁ ସ୍ଥାନରେ ପାର୍କିଂର ବ୍ୟବସ୍ଥା ରହିଥିଲା, ସେହି ସ୍ଥାନରେ ମଧ୍ୟ ବାହୁଡ଼ାଯାତ୍ରା ଓ ସୁନାବେଶରେ ପାର୍କିଂ ବ୍ୟବସ୍ଥା ରହିବ। ଡ୍ରୋନ୍ ମାଧ୍ୟମରେ ଟ୍ରାଫିକ୍ ପରିଚାଳନା କରାଯିବ, ଯେଉଁଠି ଟ୍ରାଫିକ୍ ଜାମ୍ ହେବ ସଙ୍ଗେ ସଙ୍ଗେ ଉକ୍ତ ଅଞ୍ଚଳରେ ଅଧିକାରୀଙ୍କୁ ଏନେଇ ସୂଚନା ଦିଆଯିବ। କୌଣସି ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଓଡ଼ିଶା ପୋଲିସର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍, ଏନ୍ଏସ୍‌ଜି ମୁତୟନ ରହିବେ। ଅଜଣା ଡ୍ରୋନ୍‌କୁ ଚିହ୍ନଟ ସହ ଖସାଇଦେବାକୁ ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ରହିବ। ସମୁଦ୍ରତଟ ସୁରକ୍ଷା ପାଇଁ ମେରାଇନ ପୋଲିସ, କୋଷ୍ଟଗାର୍ଡ ମିଳିତ ଭାବେ ସମୁଦ୍ରରେ ପାଟ୍ରୋଲିଂ କରିବେ। ବାହୁଡ଼ାଯାତ୍ରାଠାରୁ ନୀଳାଦ୍ରିବିଜେ ଯାଏ ରଥଯାତ୍ରାର ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ, ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

ଚାରିଚକିଆ ଯାନ ପାଇଁ ନିୟମାବଳୀ କରାଯାଇଛି। ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ଷ୍ଟର୍ଲିଂ ଛକରେ ପାର୍କିଂ କରିବେ। ପୁଣି ସେହି ବାଟ ଦେଇ ପ୍ରସ୍ଥାନ କରିବେ। ଭୁବନେଶ୍ୱର ପଟୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକ ମାଳତିପାଟପୁର ବ୍ରିଜ୍, ବାଇଦାସନଗର ଛକ, ଗ୍ରୀଡ୍ ଷ୍ଟେଶନ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣିସ୍ଥଳରେ ରହିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇନ୍‌ଡୋର ଷ୍ଟାଡିୟମ, ଉଦ୍ୟାନ କୃଷି ପଡ଼ିଆ ଓ ସ୍ୱଚ୍ଛ ମାଛ ବଜାରଠାରେ ନିଜ ଯାନଗୁଡ଼ିକୁ ପାର୍କିଂ କରିବେ। ପୁଣି ସେଠାରୁ ପିକେଆର୍‌ଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୂଦାନ ଛକ, ଗ୍ରୀଡ୍ ଷ୍ଟେଶନ ଛକ, ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକଠାରୁ ଭୁବନେଶ୍ୱର ପ୍ରସ୍ଥାନ କରିବେ। କୋଣାର୍କ ପଟୁ ଆସୁଥିବା ଯାନଗୁଡ଼ିକ ବାଇଦାସନଗର, ଗ୍ରୀଡ୍ ଷ୍ଟେଶନ ଛକ, ତାଳବଣିଆ ପଟେ ନିର୍ଦ୍ଧାରିତ ସ୍ଥାନରେ ଯାନ ରଖିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇନ୍‌ଡୋର ଷ୍ଟାଡିୟମ, ଉଦ୍ୟାନ କୃଷି ପଡ଼ିଆ ଓ ସ୍ୱଚ୍ଛ ମାଛବଜାର ଠାରେ ନିଜ ଯାନଗୁଡ଼ିକୁ ପାର୍କିଂ କରିବେ। ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

ସେହିପରି ଦୁଇଚକିଆ ଯାନ ପାଇଁ ଟ୍ରାଫିକ୍ ନିୟମାବଳୀ ଅନୁଯାୟୀ, ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ମଙ୍ଗଳାଘାଟ ଛକଠାରୁ ମଶାଣିଚଣ୍ଡୀ ଛକ, ଦେବୀଘାଟ ଛକ ଦେଇ ଜଗନ୍ନାଥବଲ୍ଲଭରେ ପାର୍କିଂ କରିବେ। ଜଗନ୍ନାଥବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ମଶାଣିଚଣ୍ଡୀ ଛକଠାରୁ ମାଟିତୋଟା ଖେଳପଡ଼ିଆରେ ରଖିପାରିବେ। ମାଟିତୋଟା ପୂର୍ଣ୍ଣ ହୋଇଗଲା ପରେ ମଙ୍ଗଳାଘାଟ ଛକଠାରୁ ଶ୍ରୀସେତୁ ମାଟିତୋଟା ହେଲିପ୍ୟାଡ୍ ପଡ଼ିଆରେ ଯାନଗୁଡ଼ିକ ରଖିବେ। ଜଗନ୍ନାଥ ବଲ୍ଲଭଠାରେ ରଖିଥିବା ଯାନଗୁଡ଼ିକ ନରେନ୍ଦ୍ର କୋଣ, ମଙ୍ଗଳାଘାଟ ଛକ ଦେଇ ବ୍ରହ୍ମଗିରି ପ୍ରସ୍ଥାନ କରିବେ। ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ମଙ୍ଗଳାଘାଟ ଛକଠାରୁ ମଶାଣିଚଣ୍ଡୀ ଛକ, ଦେବୀଘାଟ ଛକ ଦେଇ ଜଗନ୍ନାଥବଲ୍ଲଭଠାରେ ଗାଡ଼ି ପାର୍କିଂ କରିବେ। ଜଗନ୍ନାଥବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନ ମଶାଣିଚଣ୍ଡୀ ଛକଠାରୁ ମାଟିତୋଟା ଖେଳପଡ଼ିଆରେ ରଖିପାରିବେ। ମାଟିତୋଟା ପୂର୍ଣ୍ଣ ହୋଇଗଲା ପରେ ମଙ୍ଗଳାଘାଟ ଛକଠାରୁ ଶ୍ରୀସେତୁ ମାଟିତୋଟା ହେଲିପ୍ୟାଡ୍ ପଡ଼ିଆରେ ରଖିପାରିବେ। ଜଗନ୍ନାଥବଲ୍ଲଭଠାରେ ରଖିଥିବା ଯାନଗୁଡ଼ିକ ନରେନ୍ଦ୍ରକୋଣ, ଜଟିଆ ବାବାଜୀ ଛକ, କୁମ୍ଭାରପଡ଼ା ଥାନା, ଅଠରନଳା ଓ ବାଟଗାଁ ଛକ ଦେଇ ଭୁବନେଶ୍ୱର ପ୍ରସ୍ଥାନ କରିବେ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟର ସମୀକ୍ଷା କରି ଗଜପତି ମହାରାଜା ଦିବ୍ୟସିଂହ ଦେବ ଫେରୁଛନ୍ତି।

## ସଂକ୍ଷେପରେ

### କଣାସରେ ଝାଡ଼ାବାନ୍ତି ବ୍ୟାପିଲା

କଣାସ,୩।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ କିଛିଦିନ ତଳେ ଦୟାନଦୀ ଜଳ ଦୂଷିତ ଯୋଗୁ ଯାମଳଗୋଦା, ଗଡ଼ିଶାଗୋଦା, ଗୋପୀନାଥପୁର ଗ୍ରାମପଞ୍ଚାୟତର ନୂଆଗାଁ, ନଈକୂଳପାଟଣା, ଜାଗୁଳେଇପଦର, କଳାପଦର, ଗୋପୀନାଥପୁର, ଗଡ଼ିଶାଗୋଦା, ଯାମଳଗୋଦା ଗ୍ରାମରେ ଝାଡ଼ାବାନ୍ତି ଲାଗି ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଫଳରେ ବ୍ଲକ, ଜିଲା ଓ ରାଜ୍ୟ ପ୍ରଶାସନର ନିଦ ହଜିଯାଇଥିଲା। ୨ ଦିନ ହେଲା ହରସପଡ଼ା, ସିରେଇ, ନୂଆଦୋକନ୍ଦା, ଦୁପୁର, ଚୁପୁରିଙ୍ଗି, ବୈଦ୍ୟନାଥପାଟଣା, ଗୋପାଳପୁର, ସାନବିନ୍ଧଣ, ବାଲିପାଟଣା ଗ୍ରାମରେ ଝାଡ଼ାବାନ୍ତିରେ ୧୮ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସନ୍ଧ୍ୟାରାଣୀ ପରିଡ଼ା (୨୭), ବିଦ୍ୟୁଲତା ପରିଡ଼ା (୭୦), ରଂଜନ ନାୟକ (୨୬), ରଙ୍ଗବତୀ ବେହେରା (୪୨), ଝୁନାମଣି ଜେନା, ବାସନ୍ତୀ ମହାପାତ୍ର (୫୫), ଶୁଭମ୍ ପଟ୍ଟନାୟକ (୧୧), ମଙ୍ଗୁଳି ବେହେରା (୮୫), ରସ୍ମିତା ନାୟକ (୩୨), ସତ୍ୟଜିତ୍ ବେହେରା ବାଲିପାଟଣା (୫) ଗୁରୁବାର ଚିକିତ୍ସିତ ହେଉଥିବାବେଳେ ଅନ୍ୟ ରୋଗୀମାନେ ଚିକିତ୍ସିତ ହୋଇ ଘରକୁ ଫେରିଯାଇଛନ୍ତି। ମୁଖ୍ୟତଃ ପାନୀୟଜଳ ସମସ୍ୟାକୁ ନେଇ ଝାଡ଼ାବାନ୍ତି ବ୍ୟାପୁଥିବା ଡାକ୍ତର ପ୍ରକାଶ କରିଛନ୍ତି।

### ଜଳ ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଅବସରରେ କିରନ ଜ୍ୟୋତି ସଙ୍ଗୀତ ପରିଷଦ ପକ୍ଷରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ବଣ୍ଟନ କରାଯାଉଛି। ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ କିରନ ଜ୍ୟୋତି ସଙ୍ଗୀତ ପରିଷଦ ଓ ସବୁଦିନ ଟିଭିର ମିଳିତ ଆନୁକୂଲ୍ୟରେ ପ୍ରତିଷ୍ଠାତା ନାରଣ ଚନ୍ଦ୍ର ସିହ୍ନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଶିବିରକୁ ଉଦ୍‌ଘାଟନ କରି ଭକ୍ତଙ୍କୁ ଜଳ ବଣ୍ଟନ କରିଥିଲେ। ପରିଷଦର ସଦସ୍ୟା ସିଲାରାଣୀ ସିହ୍ନା, ସୂର୍ଯ୍ୟନାରାୟଣ ସିହ୍ନା, ଦିବ୍ୟରଞ୍ଜନ ବିଷୋଇ, ସୁଜିତ ମହାପାତ୍ର, ପାର୍ବତୀ ଗୁରୁ, ତ୍ରିଲୋଚନ ତ୍ରିପାଠୀ, ଅମୁଲ୍ୟ ମିଶ୍ର, ଅନିଲ ବିଷୋଇ, ବୀରବର ନାୟକ, ସନାତନ ବେହେରା ପ୍ରମୁଖ ଉପସ୍ଥିତ ରହି ଜଳ ବଣ୍ଟନ କରିଥିଲେ। ୨୦୧୧ ମସିହାରୁ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଜଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଉଛି।

## ମହାପ୍ରଭୁଙ୍କ ଦର୍ଶନ କଲେ ରାମଭଦ୍ରାଚାର୍ଯ୍ୟ

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରି ସାନିଧ୍ୟ ପାଇବା ନିମନ୍ତେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟୁଛି। ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଗୁରୁବାର ଜଗତ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ ପୁରୀ ଆସି ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ, ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରି ଖୁସି ଅଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଭଲ ବ୍ୟବସ୍ଥା ହୋଇଛି। ଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ। ମହାପ୍ରଭୁଙ୍କ ଦର୍ଶନ କରିବା ସମୟରେ ମହାପ୍ରଭୁ ତାଙ୍କୁ ଆଲିଙ୍ଗନ କରୁଥିବାର ଅନୁଭବ ତାଙ୍କୁ ହେଉଛି ବୋଲି କହିଥିଲେ। ପଶ୍ଚିମବଙ୍ଗର 'ଦୀଘା' ଧାମ ହୋଇପାରିବ ନାହିଁ। ଦୀଘାକୁ ଜଗନ୍ନାଥ ଧାମ କହିବା ସମ୍ପୂର୍ଣ୍ଣ ଭାବେ ଶାସ୍ତ୍ର ବିରୋଧୀ। ପୁରୀ ହେଉଛି ମହାପ୍ରଭୁଙ୍କ ଆବିର୍ଭାବ ସ୍ଥାନ ବୋଲି କହିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଯୋଗେଶ୍ୱରପୁର,୩।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଦେଉଳି ପଞ୍ଚାୟତର ନୋଡାଲ ଉ.ପ୍ରା. ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବୀ ପ୍ରସାଦ ପାତ୍ରଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଯୋଗଦେଇ କହିଥିଲେ ଯେ, ବିଦ୍ୟାଳୟ ଗଠନରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟବକ୍ତା ଭାବେ ମା' ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଦେଉଳି ପଞ୍ଚାୟତ ସମିତି ସଭ୍ୟ ଭକ୍ତ ରଞ୍ଜନ ଦାସ, ଗୋପ ବ୍ଲକର ଅତିରିକ୍ତ ମଣ୍ଡଳ ଅଧିକାରିଣୀ ବିନୋଦିନୀ ମହାପାତ୍ର ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ସଂଘ ସୁଶାନ୍ତ କୁମାର ନାୟକ, ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସଂପାଦକ ଶିବଦତ୍ତ ନାୟକ, ଶିକ୍ଷାବିତ୍ ଦାମୋଦର ମିଶ୍ର, ଦେଉଳି ସିଆରସିସି ଲିଙ୍ଗରାଜ ସ୍ୱାଇଁ, ଗୋପ ବ୍ଲକ କୋଷ୍ଠା ସଭାପତି ମହେନ୍ଦ୍ର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାଜରାସ୍ତାରେ ଗର୍ତ୍ତ, ବିଭାଗୀୟ ଯନ୍ତ୍ରୀ ନୀରବଦ୍ରଷ୍ଟା

ଗୋପ,୩।୭(ଭାରତୀ ଭୂଷଣ ଉପାଧ୍ୟାୟ)

କୋଣାର୍କ-ନିମାପଡ଼ା ରାସ୍ତାର ଗୋପ ବଜାର ଛକ ନିକଟରେ ୨/୩ଟି ଗର୍ତ୍ତ ହୋଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଦୈନନ୍ଦିନ ଏହି ଗର୍ତ୍ତରେ ପଡ଼ି ସାଧାରଣ ଲୋକେ ଖଣ୍ଡିଆଖାବରା ହେଲା ଭଳି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ବିଶ୍ୱ ପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏବେ ଚାଲିଥିବାବେଳେ ଦୈନନ୍ଦିନ ପୁରୀ-ବାଲିଘାଇ ରାସ୍ତା ଦେଇ ଶହଶହ ପର୍ଯ୍ୟଟକଙ୍କ ସହିତ ପୁରୀ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଜିଲା ସହ ଆଉ କେତେକ ଜିଲାର ଭକ୍ତମାନେ ପୁରୀ ଯା'ଆସ କରୁଛନ୍ତି। ଗୋପ ବଜାର ଛକ ଉପରେ ଏହି ଗର୍ତ୍ତ ରହିଥିବାରୁ ପରିବାର ନେଇ ଯାଉଥିବା ବାଇକ୍‌ଗୁଡ଼ିକ ଏହି ଖାଲରେ ପଡ଼ିବା ଫଳରେ ଦୁର୍ଘଟଣାର ଶିକାର ହେବାକୁ ପଡ଼ୁଛି। ଏପରିକି ସାମାନ୍ୟ ବର୍ଷା ହେବା ପରେ ଖାଲଗୁଡ଼ିକରେ ବର୍ଷାଜଳ ପଶି ଯିବାରୁ ବାଇକ୍ ଓ କେତେକ କାର୍, ଜିପ୍ ଏପରି ଦୁର୍ଘଟଣାର ଶିକାର ହୁଏ। ଦୈନନ୍ଦିନ ଏହି ଖାଲ ଯୋଗୁ ୮/୧୦ଟି ଦୁର୍ଘଟଣା ଘଟୁଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିବା ଶ୍ରଦ୍ଧାଳୁ ଖଣ୍ଡିଆଖାବରା ହୋଇ ନିକଟସ୍ଥ ଡାକ୍ତରଖାନା ଯାଉଥିବା ଅଭିଯୋଗ ହୋଇଛି। ଚଳିତବର୍ଷ କୋଣାର୍କରୁ ଗୋପ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ସହ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କାରେ ମରାମତି କରାଯିବା ଭଳି ଅଭିଯୋଗ ହେଉଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ହେଉଥିବା ଜଣାପଡ଼ିଛି। ଏପରି ଅଭିଯୋଗକୁ ନେଇ ଗୋପ ପୂର୍ତ୍ତ ବିଭାଗ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତିଙ୍କୁ ପଚାରିବାରେ, ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ଖୁବ୍‌ଶୀଘ୍ର କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।



ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି।

## ୪ ବିଶିଷ୍ଟ ଶିଳ୍ପକାର ସମ୍ମାନିତ




ଡାଲମିଆ ସିମେଣ୍ଟ ପକ୍ଷରୁ ରଥ ନିର୍ମାଣକାରୀ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ଭାରତର ପ୍ରମୁଖ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ଭାରତ ଲିମିଟେଡ (ଡିବିଏଲ) ପକ୍ଷରୁ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ୪ର୍ଥ ସଂସ୍କରଣ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ କମ୍ପାନୀର ପ୍ରମୁଖ ଅଭିଯାନ 'ସାଲ୍ୟୁଟିଂ ଦି ଏକ୍ସପର୍ଟ'ର ଏକ ପ୍ରମୁଖ ଅଂଶ। ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ପ୍ରତିଷ୍ଠିତ ଶିଳ୍ପକାରଙ୍କର ଅସାଧାରଣ କାରିଗରିକୁ ସ୍ୱୀକୃତି ପ୍ରଦାନ କରିଥାଏ, ଯାହା ସେମାନଙ୍କୁ ରଥ ନିର୍ମାଣ ଓ କାରିଗରିର ସମ୍ମାନିତ କ୍ଷେତ୍ରରେ ପ୍ରକୃତ ବିଶେଷଜ୍ଞ ଭାବେ ମାନ୍ୟତା ଦେଇଥାଏ।

ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଡାଲମିଆ ଭାରତ ପକ୍ଷରୁ ୪ ଜଣ ବିଶିଷ୍ଟ ଶିଳ୍ପକାର ରଘୁନାଥ ସୁବୁଦ୍ଧି, ରମେଶ ମହାପାତ୍ର, ବାବନା ମହାରଣା ଓ କାର୍ତ୍ତିକ ଭୋଇଙ୍କୁ ତାଙ୍କର ଚମତ୍କାର କାରିଗରି ଓ ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ବରିଷ୍ଠ କାରିଗର ଓ ସାଂସ୍କୃତିକ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ସମ୍ମାନିତ ଜୁରି ଦ୍ୱାରା ଏହି ଦକ୍ଷ କାରିଗରମାନଙ୍କର ଚୟନ କରାଯାଇଥିଲା। ଏହି ଜୁରିରେ ମୁଖ୍ୟ ଶିଳ୍ପକାର ବିଜୟ ମହାପାତ୍ର, ନୃସିଂହ ମହାପାତ୍ର ଓ ନାରାୟଣ ମହାରଣା ପ୍ରମୁଖ ସାମିଲ ଥିଲେ। ରଥ ସମ୍ମୁଖରେ ଶିଳ୍ପକାରମାନଙ୍କୁ ସମ୍ମାନିତ କରାଯାଇଛି। ଚଳିତବର୍ଷ ସଂସ୍କରଣର ଏକ ପ୍ରମୁଖ ଆକର୍ଷଣ ଥିଲା, ଡିଲର୍ ଓ ଚ୍ୟାନେଲ ପାର୍ଟନରଙ୍କ ପିଲାମାନଙ୍କୁ ପ୍ରାୟ ୧୦୦୦ କ୍ଷୁଦ୍ର ରଥ ପ୍ରତିକୃତିର ଆବଣ୍ଟନ। ଡାଲମିଆ ଭାରତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ପ୍ରସ୍ତୁତ କରୁଛି, ଯାହା ଦକ୍ଷ ଶିଳ୍ପକାରମାନଙ୍କର ପ୍ରେରଣାଦାୟୀ ଯାତ୍ରାକୁ ଅନ୍ତର୍ଭୁକ୍ତ କରିବା ସହିତ ସେମାନଙ୍କର ଦକ୍ଷତା ଓ ବିଶେଷଜ୍ଞତା, ସମର୍ପଣଭାବ, ଦୃଢ଼ତା ଓ ପ୍ରଭୁଙ୍କ ସେବା ଦିଗରେ ଭକ୍ତିର ଏକ ଭାବନାକୁ ବହୁ ସଂଖ୍ୟକ ଦର୍ଶକଙ୍କ ନିକଟକୁ ଆଣିଛି ବୋଲି କମ୍ପାନୀର ପ୍ରବକ୍ତା କହିଛନ୍ତି।

### ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ୪ର୍ଥ ସଂସ୍କରଣ

## ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଙ୍ଗୀତ ଲୋକାର୍ପିତ



ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଙ୍ଗୀତ ଲୋକାର୍ପିତ ହୋଇଯାଇଛି।

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଗୁରୁବାର ସର୍ବଭାରତୀୟସ୍ତରରେ ମୁକ୍ତିଲାଭ କରୁଛି। ମୁକ୍ତିଲାଭ ପୂର୍ବରୁ ନିର୍ମାତା ନିର୍ଦ୍ଦେଶକଙ୍କ ସମେତ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନମାନେ ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବ୍ୟକ୍ତିଗତ ଭାବେ କଳାପାହାଡ଼ ଭୂମିକାରେ ଅଭିନୟ କରିଥିବା ଅଭିନେତା ଅଂଶୁମାନ ଚଳଚ୍ଚିତ୍ରରେ ପ୍ରଭୁଙ୍କ ପ୍ରତି ଅତ୍ୟାଚାର ଓ ନିଜର କୁକର୍ମ ପାଇଁ ପ୍ରଥମେ ପ୍ରଭୁଙ୍କ ଚରଣାରବିନ୍ଦରେ ଏବଂ ପରେ ଶ୍ରଦ୍ଧାଳୁଙ୍କ ଆଗରେ କ୍ଷମା ପ୍ରାର୍ଥନା କରିଥିଲେ। ପରେ ପୁରୀ ମେଡିକାଲ ଛକରେ ମୁକ୍ତାକାଶ ସଙ୍ଗୀତ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରମ ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ କରକମଳରେ ଏହାର ସଙ୍ଗୀତ ଲୋକାର୍ପିତ ହୋଇଥିଲା। ଚଳଚ୍ଚିତ୍ରର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ସୌଭାଗ୍ୟଲକ୍ଷ୍ମୀ ଜେନା(ବିନି), ଅନ୍ୟତମ ପ୍ରଯୋଜକ ଦିଲୀପ କୁମାର ଜେନା, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ସୂର୍ଯ୍ୟମୟୀ ମହାପାତ୍ର, ଶିବାନୀ ସଙ୍ଗୀତା, ପିଙ୍କି ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ହଜାର ହଜାର ଭକ୍ତ ତଥା ଦର୍ଶକ ରୁଣ୍ଡ ହୋଇ ଏହାର କଳାକାରଙ୍କୁ ଉତ୍ସାହିତ କରିଥିଲେ। ସାଇ ଶ୍ରଦ୍ଧା ଟେଲି ପ୍ରଡକ୍ସନ ନିବେଦିତ 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ପ୍ରଯୋଜନା ସହ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ରଖିଛନ୍ତି ବିନି ସାମଲ। ତାଙ୍କ ନିର୍ଦ୍ଦେଶିତ ଏହା ପ୍ରଥମ ଚଳଚ୍ଚିତ୍ର। ଜଗନ୍ନାଥଙ୍କ ମହିମା ଆଧାରିତ ତଥା ତାରକା ଖଚିତ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବା ପାଇଁ କଳାକାର ଓ ଟେକ୍ନିସିଆନଙ୍କୁ ପ୍ରାୟ ୩ବର୍ଷ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ଗୀତ ଗାଇଛନ୍ତି ମଳୟ ମିଶ୍ର। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି। ପ୍ରଚାର ମୁଖ୍ୟ ଅଛନ୍ତି ହରପ୍ରସାଦ ମହାପାତ୍ର। ଚଳଚ୍ଚିତ୍ରଟି ସର୍ବଭାରତୀୟସ୍ତରରେ ପାଖାପାଖି ୧୦୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି।

## ଫଟୋ ରେ ଖବର



ଆଡ଼ପ ମଣ୍ଡପ ଦର୍ଶନ ପାଇଁ ଶରଧାବାଲିରେ ଶ୍ରଦ୍ଧାଳୁଙ୍କ ଭିଡ଼।



ସାଇ ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ଡିଭାଇଡରକୁ ପିଟିଲା ସ୍କୁଟି, ୨ ଗୁରୁତର**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଟାଙ୍ଗୀ ଥାନା ୧୬ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକ ନିକଟ ମଝିରେ ଥିବା ଡିଭାଇଡରକୁ ଏକ ସ୍କୁଟି ଗୁରୁବାର ପିଟି ହୋଇଯାଇଛି। ଫଳରେ ୨ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଗୁରୁତର ୨ଜଣ ହେଲେ ଟାଙ୍ଗୀ ଥାନା ଅଧୀନ ସର୍ଦଳା ଗ୍ରାମର ମଙ୍ଗୁ ସାହୁ ଓ ଗୋବିନ୍ଦ ସାହୁ। ସୂଚନା ମୁତାବକ, ଅପରାହ୍ନରେ ସ୍କୁଟି (ନଂ.ଓଡି-୦୫ଏଡି ୭୬୩୨)ରେ ମଙ୍ଗୁଳିରୁ ନିଜ ଗ୍ରାମ ସର୍ଦଳାକୁ ଯାଉଥିଲେ। ଜନ ସେବକ ନର୍ସିଂ ହୋମ ସମ୍ମୁଖରେ ହଠାତ ଭାରସାମ୍ୟ ହରାଇ ସ୍କୁଟି ଡିଭାଇଡରକୁ ପିଟି ହୋଇଯାଇଥିଲା। ଫଳରେ ଉଭୟ ଛିଟିକି ପଡି ଥିଲେ। ଉଭୟ ମୁଣ୍ଡ ଆଘାତ ଲାଗି ଗୁରୁତର ହୋଇ ପଡିଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି କଟକ ବଡ ମେଡିକାଲ ପଠାଇ ଥିବା ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରାସାଦ ଭଦ୍ର ସୂଚନା ଦେଇଛନ୍ତି।

# ନିରାମୟ କେନ୍ଦ୍ରରେ ମିଳୁନି ଆବଶ୍ୟକ ଔଷଧ

କଟକ,୩।୭(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ଏସ୍‌ସିବିର ନିରାମୟ କେନ୍ଦ୍ରରେ ରୋଗୀଙ୍କ ସମ୍ପର୍କୀୟ ଔଷଧ ନେବା ପାଇଁ ଲାଇନ୍‌ରେ ବିନା ପ୍ୟାନ ଓ ଲାଇଟ୍‌ରେ ଛିଡ଼ା ହୋଇଛନ୍ତି।

**ସୁଧୁରୁନି ଏସ୍‌ସିବିର ଅବ୍ୟବସ୍ଥା**
- ନିରାମୟ କେନ୍ଦ୍ରରେ ନାହିଁ ପଙ୍ଖା କି ଲାଇଟ ବ୍ୟବସ୍ଥା
- ଜମି ରହୁଛି ବର୍ଷା ପାଣି, ଆଖପାଖ ଆବର୍ଜନାରେ ଭର୍ତ୍ତି

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ନିରାମୟ କେନ୍ଦ୍ରରେ ଅବ୍ୟବସ୍ଥା ନଜରକୁ ଆସିଛି। ମେଡିକାଲର ନିରାମୟ କେନ୍ଦ୍ର-୧ରେ ପଙ୍ଖା କି ଲାଇଟର ବ୍ୟବସ୍ଥା ନାହିଁ। ଏପରିକି ବର୍ଷା ହେଲେ ନିକଟରେ ପାଣି ଜମି ରହୁଛି। କେନ୍ଦ୍ର ନିକଟରେ ଅଳିଆଆବର୍ଜନା ଭରି ରହିଛି। ଫଳରେ ଏଠାରେ ଔଷଧ ପାଇଁ ଅପେକ୍ଷା କରୁଥିବା ରୋଗୀ ଓ ସମ୍ପର୍କୀୟ ମଶା କାମୁଡାର ଶିକାର ହେଉଛନ୍ତି। କେବଳ ଏତିକି ନୁହେଁ ନିରାମୟ କେନ୍ଦ୍ରରେ ହେମାଟୋଲୋଜି ବିଭାଗରେ ପ୍ରାୟତଃ ଔଷଧ ଉପଲବ୍ଧ ନାହିଁ। ଏଠାରେ ଥିବା କର୍ମଚାରୀ ରୋଗୀ ଓ ସମ୍ପର୍କୀୟଙ୍କୁ ଔଷଧ ବାହାରୁ କିଣି ନେବାକୁ କହି ଫେରାଇ ଦେଉଛନ୍ତି। ଫଳରେ ରୋଗୀ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହୋଇ ଔଷଧ ନ ଥିବା ଜାଣି ନିରାଶ ହୋଇ ଫେରୁଛନ୍ତି।

ସୂଚନା ଅନୁଯାୟୀ, ମେଡିକାଲର ୬ଟି ନିରାମୟ କେନ୍ଦ୍ରରେ ରୋଗୀଙ୍କ ସମସ୍ତ ଔଷଧ ମିଳିଥାଏ। ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ବିଭିନ୍ନ ବିଭାଗ ଔଷଧକୁ ଏହି ୬ଟି ନିରାମୟ କେନ୍ଦ୍ରରେ ବିଭକ୍ତ କରାଯାଇଛି। ଏପରି କି ୬ଟି ନିରାମୟ କେନ୍ଦ୍ରରେ ମିଳିବାକୁ ଥିବା ବିଭିନ୍ନ ବିଭାଗର ନାମ ଫଳକ ଲଗାଯାଇଛି। ଫଳରେ ରୋଗୀ ଏଣେତେଣେ ନ ଯାଇ ଯେଉଁ ଓପିଡିରେ ଡାକ୍ତର ଦେଖାଇବେ ସେ ନିକଟସ୍ଥ ନିରାମୟରୁ ଔଷଧ ନେଇ ପାରିବେ। ଏହି ସମସ୍ତ ବ୍ୟବସ୍ଥା ଏସ୍‌ସିବିରେ ଗତ ୧୫ ଜାନୁଆରୀଠାରୁ କାର୍ଯ୍ୟକାରୀ କରାଯାଇଛି। ଏଥିରୁ ୩ ନମ୍ବର ନିରାମୟ କେନ୍ଦ୍ର ୨୪ ଘଣ୍ଟା ଖୋଲା ଥିବାବେଳେ ଅନ୍ୟ ୧, ୨, ୪, ୫ ଓ ୬ ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏ ଖୋଲାଯାଉଛି। ଏହି ନିରାମୟ କେନ୍ଦ୍ରରେ ସମସ୍ତ ବିଭାଗ ଔଷଧ ରହିଥାଏ। ହେଲେ ଜରୁରୀ ପରିସ୍ଥିତି ଆବଶ୍ୟକ କରୁଥିବା ଔଷଧ ସେଠାକାର କର୍ମଚାରୀମାନେ ରୋଗୀଙ୍କୁ ଦେଉ ନାହାନ୍ତି ବରଂ ଅନ୍ୟ ନିରାମୟ କେନ୍ଦ୍ରକୁ ପଠାଇ ଦେଉଛନ୍ତି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ୫ ନଂ ନିରାମୟ କେନ୍ଦ୍ରରେ। ସେହିପରି ୧ ନଂ ନିରାମୟ କେନ୍ଦ୍ରରେ ରୋଗୀ ଓ ସମ୍ପର୍କୀୟଙ୍କ ନିମନ୍ତେ ପଙ୍ଖା କି ଲାଇଟ ବ୍ୟବସ୍ଥା କରାଯାଇ ନାହିଁ। ଏଠାରେ କର୍ମଚାରୀମାନେ ଏସି ଓ ପଙ୍ଖାରେ ରହୁଥିବାବେଳେ ଅସହ୍ୟ ଗୁଳୁଗୁଳିରେ ରୋଗୀ ଓ ସମ୍ପର୍କୀୟ ହଇରାଣ ହେଉଛନ୍ତି। ସେହିପରି ଏହି ନିରାମୟ କେନ୍ଦ୍ରରେ କର୍ଣ୍ଣ, ନାସା ଓ ଗଳା ବିଭାଗ, ଭେଷଜ ବିଭାଗ, କ୍ଲିନିକାଲ ହେମାଟୋଲୋଜି ବିଭାଗ, ଆଣ୍ଠୁ ଗଣ୍ଠି ବିଭାଗ ଓ ଜଳାତଙ୍କ ରୋଗ ପ୍ରତିଷେଧକ ଟିକାକରଣ ବିଭାଗ ରୋଗ ଔଷଧ ମିଳିଥାଏ। ହେଲେ ଏଠାରେ ହେମାଟୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଔଷଧ ଅଧିକାଂଶ ନାହିଁ। ସେହିପରି ଏହି ନିରାମୟ କେନ୍ଦ୍ର ନିକଟରେ ବର୍ଷା ପାଣି ଜମି ରହିବା ଓ ଏହାର ଆଖପାଖ ଅପରିଷ୍କାର ଯୋଗୁ ମଶାଙ୍କ ପାଦୁର୍ଭାବ ବଢ଼ିଛୁ। ଯାହାଦ୍ୱାରା ରୋଗୀ ଓ ସମ୍ପର୍କୀୟ ଏହାର ଶିକାର ହେଉଛନ୍ତି। ଏ ନେଇ ମେଡିକାଲକୁ ଢେଙ୍କାନାଳରୁ ଆସିଥିବା ଶରତ ସାହୁ କହିଛନ୍ତି, ଡାକ୍ତର ଦେଖାଇ ଔଷଧ ପାଇଁ ଦେଢ଼ ଘଣ୍ଟା ଛିଡ଼ା ହେବା ପରେ ଔଷଧ ପାଇଲି। ହେଲେ ନିରାମୟରେ ହେମାଟୋଲୋଜିର ଡାକ୍ତର ଲେଖିଥିବା ୬ଟି ଔଷଧରୁ ୪ଟି ନାହିଁ। କର୍ମଚାରୀମାନେ ବାହାରୁ କିଣି ନେବାକୁ କହି ଫେରାଇ ଦେଲେ। ସେହିପରି କନ୍ଦରପୁର ଅଞ୍ଚଳରୁ ଆସିଥିବା ରଶ୍ମିତା ନାୟକ କହିଛନ୍ତି, ଔଷଧ ପାଇଁ ୫ ନଂ. ନିରାମୟକୁ ଯାଇଥିଲି ହେଲେ ସେଠାରେ କର୍ମଚାରୀ ଔଷଧ ନାହିଁ ବୋଲି କହି ଫେରାଇ ଦେଲେ। ଫଳରେ ଔଷଧ ପାଇଁ ଏଣେତେଣେ ବୁଲୁଛି ବୋଲି ସେ କହିଛନ୍ତି। ଭାରପ୍ରାପ୍ତ ଅଧୀକ୍ଷକ ଥିବା ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଚାଷୀଙ୍କୁ ଦିଆଗଲା ମତ୍ସ୍ୟ ତାଲିମ


ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଓ ବିଧାୟକ ଏକ ପୋଖରୀ ପରିଦର୍ଶନ କରୁଛନ୍ତି।

କଟକ ସଦର,୩।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଗୁରୁବାର ମତ୍ସ୍ୟ ଚାଷୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକ ସଦର, ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକର ୧୦୦ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଶିବିରରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କେନ୍ଦ୍ରାଞ୍ଚଳ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶିକା ବବିତା ମହନ୍ତ ଉପସ୍ଥିତ ରହି ଓଡ଼ିଶାକୁ ମାଛ ଚାଷରେ ସ୍ୱାବଲମ୍ବୀ କରିବା ପାଇଁ କହିଥିଲେ। ସରକାର ଚଳିତ ଆର୍ଥିକ ବର୍ଷରେ ମାଛଚାଷ ସହ ପୋଖରୀର ଉନ୍ନତି କରଣ ପାଇଁ ବିଭିନ୍ନ ଯୋଜନା ଓ ସବସିଡ ସମ୍ପର୍କରେ ଅବଗତ କରାଯାଇଥିଲା। ଇସାଣି ବ୍ରହ୍ମପୁର ପଞ୍ଚାୟତ ଖେଣ୍ଟାଳ ଗ୍ରାମକୁ ଯାଇ ପୋଖରୀ ଓ ମତ୍ସ୍ୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏପରି କି ଉତ୍ପାଦିତ ମାଛକୁ ବିକ୍ରି ପାଇଁ ସରକାର ସହଯୋଗ କରିବେ ବୋଲି କୁହାଯାଇଥିଲା। ଏହି ତାଲିମ ଶିବିରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଆତ୍ମାର ସଭାପତି ରମା ପ୍ରସାଦ ବିଶାଳ, ସାଧୁ ଜେନା, ନିଶ୍ଚିନ୍ତକୋଇଲି ମତ୍ସ୍ୟ ଅଧିକାରୀ ଶରତ କୁମାର ମହାରଣା, ସାଲେପୁର ମତ୍ସ୍ୟ ଅଧିକାରୀ ରବିନାରାୟଣ ସାହୁ ଯୋଗଦେଇଥିଲେ।

**ସଂକ୍ଷେପରେ**

## ଅମାନତ ଟଙ୍କା ନ ମିଳିବାରୁ ହାଇକୋର୍ଟରେ ମାମଲା

କଟକ ସଦର,୩।୭(ସୁଶାନ୍ତ କୁମାର ଜେନା)

ଶ୍ରମିକ ନେତା ଭାବେ ୧୦ ବର୍ଷ ତଳେ କଟକ ସଦର ବ୍ଲକରେ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଅମାନତ ଟଙ୍କା ମିଳିଲା ନାହିଁ। ଶେଷରେ ନିମେଇସାପୁର ପଞ୍ଚାୟତ ଅନ୍ତର୍ଗତ ବିରିବାଟି ଗ୍ରାମର ବିଶ୍ୱ ରଞ୍ଜନ ମହାନ୍ତି ହାଇକୋର୍ଟରେ ଏକ ମାମଲା ଗୁରୁବାର ଦାୟର କରିଛନ୍ତି। ସେହିପରି ପରମହଂସ ପଞ୍ଚାୟତ ହାଟସାହି ଗ୍ରାମର ବିଜୟ କୁମାର ପଣ୍ଡା ମଧ୍ୟ ଅନୁରୂପ ମାମଲା ଦାୟର କରିଛନ୍ତି। ଉଭୟଙ୍କ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଅମାନତ ଟଙ୍କା ବ୍ଲକ ଉପରେ ରହିଛି। ସ୍ଥାୟୀ ଜମା କରୁଥିଲେ ଉକ୍ତ ତାଙ୍କ ଦିଗୁଣିତ ହୋଇଥାନ୍ତା। ତେଣୁ ଅମାନତ ଟଙ୍କା ସହ ସୁଧ ଦେବା ପାଇଁ କୋର୍ଟରେ ପ୍ରାର୍ଥନା କରାଯାଇଛି। ଏହି ମାମଲାରେ କଟକ ସଦର ବିଡିଓ, କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, କଟକ ଜିଲାପାଳ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ବିଡିଓ ପ୍ରତୀକ ସାହୁ ଛୁଟିରେ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

## ବଟେଶ୍ୱରଙ୍କ ପୀଠରେ ନବେଢ଼ା ସଂକୀର୍ତ୍ତନ ମହାମଣ୍ଡଳର ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ,୩।୭ (ସଚ୍ଚିଦାନନ୍ଦ ପଣ୍ଡା)

ନୂତନ ଭାବେ ଗୁରୁ ନବେଢ଼ା ଆଞ୍ଚଳିକ ଶ୍ରୀଶ୍ରୀ ମଦନମୋହନ ନଦିଆ ନାମ ସଂକୀର୍ତ୍ତନ ମହାମଣ୍ଡଳର ପ୍ରତିଷ୍ଠା ଉତ୍ସବ ଖୁଣ୍ଟୁଣୀ ଥାନା ଖମାରନୂଆଗାଁ ଗ୍ରାମର ଆରାଧ୍ୟ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ୧୧ରେ ସମାରୋହରେ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସନ୍ଧ୍ୟାରେ ଗୁରୁ ପଞ୍ଚାୟତ ଛୋଟିଆମ୍ବ ବଟେଶ୍ୱର ମହାଦେବଙ୍କ ମନ୍ଦିରରେ ପ୍ରସ୍ତୁତି ବୈଠକ ମହାମଣ୍ଡଳ ସଭାପତି ଅନନ୍ତ ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଓରନ୍ଦା ରାଧାକୃଷ୍ଣ ମଠର ମଠାଧିଶ ବାବା ଅସିତ ମହାରାଜ, ସମ୍ପାଦକ ହୃଦାନନ୍ଦ ବେଉରା, ଗୁରୁ ସରପଞ୍ଚ ପ୍ରତିନିଧି ଯୁବନେତା ସନାତନ ଦଳେଇ, ଛୋଟିଆମ୍ବ ଗ୍ରାମ ମୁରବୀ ସୁରଦେ ମହାନ୍ତି, ଶ୍ରୀଧର ରାଉତ, ରାଧାନାଥ ବିଶ୍ୱାଳ, ନବୀନ ରାଉତ, ସୁଦର୍ଶନ ସ୍ୱାଇଁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠା ଦିବସରେ ଜିଲାର ବିଭିନ୍ନ ସ୍ଥାନରୁ ସମୁଦାୟ ୪୪ ମହାମଣ୍ଡଳର ଏକ ହଜାରରୁ ଅଧିକ ସଦସ୍ୟଙ୍କ ସମେତ ବହୁ ସାଧୁ ସନ୍ଥ ଓ ଜିଲା ସଭାପତିମାନେ ଯୋଗଦେବେ ବୋଲି ମହାମଣ୍ଡଳ ପକ୍ଷରୁ ସନାତନ ଦଳେଇ ସୂଚନା ଦେଇଛନ୍ତି।

# ଥଇଥାନ ଦାବିରେ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବି ନେଇ ଜଗତପୁର ଶାଖା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରଯାଉଛି।

ମଙ୍ଗୁଳି-ଜଗତପୁର,୩।୭(ମାନସ ସାମଲ)

ମହାନଦୀନଗରର ଉଚ୍ଛେଦ ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବି ନେଇ ଜଗତପୁର ଶାଖା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କଟକ ମହାନଗର ନିଗମ (ସିଏମ୍‌ସି)କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରାଯାଇଛି। ଏକ ପ୍ରତିନିଧି ମଣ୍ଡଳୀ ସିଏମ୍‌ସି କମିଶନରଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି କି, ମହାନଦୀନଗରର ବସ୍ତିବାସିନ୍ଦା ଦୀର୍ଘ ବର୍ଷ ହେବ ଜଗତପୁର ଗୋଲେଇଛକ ଆହାରକେନ୍ଦ୍ର ନିକଟରେ ବସବାସ କରିଆସୁଥିଲେ। ସେମାନଙ୍କ ଆଧାରକାର୍ଡ ରହିବା ସହ ଭୋଟ ମଧ୍ୟ ଦେଇଆସୁଛନ୍ତି। ସେମାନଙ୍କୁ ଉଚ୍ଛେଦ ପୂର୍ବରୁ ଥଇଥାନ ନ କରି ବିନା ସୂଚନାରେ ଏଭଳି ତରବରିଆ ଭାବେ ଉଚ୍ଛେଦ କରାଯାଇଛି। ଫଳରେ ବର୍ତ୍ତମାନ ଖୋଲା ଆକାଶ ତଳେ ଶତାଧିକ ପରିବାର କାଟୁଛନ୍ତି। ସରକାର ଉକ୍ତ ଉଚ୍ଛେଦ ପରିବାରଙ୍କୁ ଯଥାଶୀଘ୍ର ଥଇଥାନ କରନ୍ତୁ। ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ଜାତୀୟ ରାଜପଥ ଅବରୋଧ କରିବାକୁ ବାଧ ହେବେ ବୋଲି ଉଭୟ ସଙ୍ଗଠନ ଚେତାବନୀ ଦେଇଛି।

## ରାହାଙ୍ଗୋଳ ଆଶ୍ରମ ସ୍କୁଲରେ ଶିକ୍ଷା ସାମଗ୍ରୀ ବଣ୍ଟନ

ଖୁଣ୍ଟୁଣୀ,୩।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ପଞ୍ଚାୟତ ରାହାଙ୍ଗୋଳ ଆଦିବାସୀ ଆବାସିକ ସ୍କୁଲରେ ଗୁରୁବାର ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଶିକ୍ଷା ସାମଗ୍ରୀ ବଣ୍ଟନ ପ୍ରଦାନ କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଠଗଡ଼ ଭାଜପା ନେତା ତଥା ବିଧାନସଭା ପ୍ରାର୍ଥୀ ଅଭୟ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଫାଉଣ୍ଡେଶନ ପକ୍ଷରୁ ପ୍ରଦତ୍ତ ୨୨୭ଜଣ ସ୍କୁଲ ପିଲାଙ୍କୁ ଉନ୍ନତ ମାନର ବ୍ୟାଗ ସାଙ୍ଗକୁ ଶିକ୍ଷା କିଟ, ବିଶୁଦ୍ଧ ପାନୀୟ ଜଳ ପାଇଁ ନୂତନ ଫ୍ରିଜର ସ୍ଥାପିତ ଏବଂ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ପୂର୍ଣ୍ଣ ଡେସ୍କ ବେଞ୍ଚ ପ୍ରଦାନ କରାଯାଇଛି। ଏହି ବଣ୍ଟନ କାର୍ଯ୍ୟକ୍ରମ ପଞ୍ଚାୟତ ସମସ୍ତ ସ୍କୁଲ ଓ ଯୁବ କ୍ଲବଗୁଡିକୁ ସାମିଲ କରାଯିବ ବୋଲି ଆଦାନୀ ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ଅଧିକାରୀ ଦୀପକ କୁମାର ବାରିକ, ପ୍ରଭାତ ସାହୁ ଓ ରାଜେନ୍ଦ୍ର ଦେ କହିଥିଲେ। ଏଥିରେ ସରପଞ୍ଚ କାହ୍ନୁ ଚରଣ ମହାନ୍ତି, ନାଏବ ସରପଞ୍ଚ ଧକି ନାଏକ, ହେତ ବାଳମୁଚ, ପପୁ ହାଁସଦା, ସାଧବ ପଧାନ, ଚନ୍ଦ୍ରମଣି ପଧାନ, ମାଧବ ବେହେରା, ଦୀପକ ଦତ୍ତ, ଜଳଧର ନାଏକ, ଲକ୍ଷ୍ମୀଧର ନାଏକ, ଗୋଦାବରୀ ନାଏକଙ୍କ ସହିତ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ ଏବଂ ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ପରେ ଆଦାନୀ ଫାଉଣ୍ଡେଶନ ରାଧାକୃଷ୍ଣପୁରର ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ସ୍ଥାନୀୟ ଯୁବ କ୍ଲବଗୁଡ଼ିକୁ କ୍ରିକେଟ ଏବଂ ଫୁଟବଲ କିଟ ବଣ୍ଟନ କରିଥିଲା। ଅଭୟଙ୍କ ଉପସ୍ଥିତିରେ ସରପଞ୍ଚ, ପିଆରଆଇ ସଦସ୍ୟ ୧୨୦ରୁ ଅଧିକ ଯୁବକଯୁବତୀଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ।

## ଫିରିଙ୍ଗିବଜାର ବିବିଆଲମରେ ମହରମ ପାଳିତ

କଟକ,୩।୭(ଶିଳ୍ପା ପ୍ରିୟଦର୍ଶିନୀ)

ଫିରିଙ୍ଗିବଜାର ସ୍ଥିତ ବିବିଆଲମ ଠାରେ ପବିତ୍ର ମହରମ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଫିରିଙ୍ଗିବଜାର ପୂଜା କମିଟି ସମ୍ପାଦକ ତଥା ମହାନଗର ଶାନ୍ତି କମିଟି କୋଷାଧକ୍ଷ ନରେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଭିକାରୀ ଦାସ ଭାବେ ଯୋଗଦେଇଥିଲେ। ତେବେ ମହରମ ପର୍ବକଟକ ସହର ଭାଇଚାରାର ଏକ ନିଦର୍ଶନ। କଟକ ସହରର ସବୁ ସମ୍ପ୍ରଦାୟର ଯାନିଯାତ୍ରାରେ ଉଭୟ ସମ୍ପ୍ରଦାୟ ଏକାଠି ହୋଇ ଏହାକୁ ସଫଳ କରାଇଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକମରେ ସ୍ଥାନୀୟ ପୂଜା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସିଂ, ବଂଶୀଧର ସିଂହ, ପୂର୍ଣ୍ଣଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ସାହୁ ଓ ଈଶାଖ ଖାନ, କମଲେଶ ସାଗର, ଉପର-ତେଲେଙ୍ଗା ବଜାର ପୂଜା କମିଟି ସଭାପତି ରଞ୍ଜିତ କେଶରୀ ଦାସ ଓ ଏକ୍ରାମ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଖାନ୍‌ନଗର କାଠଯୋଡ଼ି ନଦୀ ବ୍ରିଜ୍ ବାଇସାପ୍ରାସ୍ତା ବର୍ଷାପରେ ଖାଲଖମା ସୃଷ୍ଟିହୋଇଛି। (ଫଟୋ: ରାଜକିଶୋର ମହାନ୍ତି)

## ଇଡି' ପୂର୍ବତନ ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ଜାମିନ

କଟକ,୩।୭(କାର୍ତ୍ତିକ ସାହୁ)

ଲାଞ୍ଚ ଗ୍ରହଣ ଘଟଣା ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପୂର୍ବତନ ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ରଘୁବଂଶୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଇଜିଲାସ ତାଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ୧୦ ଦିନ ପରେ ସେ ଅଦାଲତରେ ହାଜର ହେବାକୁ ହାଇକୋର୍ଟଙ୍କ ଆଦେଶ ରହିଛି।

ପ୍ରକାଶ ଯେ, ଭୁବନେଶ୍ୱରର ଜଣେ ଖଣି ବ୍ୟବସାୟୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ଇଣ୍ଡିଆନ୍ ରେଭିନ୍ୟୁ ସର୍ଭିସେସ୍ (ଆଇଆର୍‌ଏସ୍) ଅଧିକାରୀ ରଘୁବଂଶୀଙ୍କୁ ସିବିଆଇ ଗିରଫ କରିଥିଲା। ରଘୁବଂଶୀ ୨କୋଟି ଲାଞ୍ଚ ଦାବି କରିଥିଲେ। ସେ ତନ୍ମଧ୍ୟରୁ ୨୦ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ବେଳେ ସିବିଆଇ ହାତରେ ଧରାପଡ଼ିଥିଲେ। ସିବିଆଇ ଲାଞ୍ଚ ଗ୍ରହଣ ଘଟଣାରେ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ ଆଇନର ୭ ସେକ୍ସନ୍ ଆଧାରରେ ରଘୁବଂଶୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

## ମାଳିସାହିରେ ଭୁଶୁଡ଼ିଲା ଘର ଛାତ

କଟକ,୩।୭(କାର୍ତ୍ତିକ ସାହୁ)

ଲଘୁଚାପଜନିତ ଲଗାଣ ବର୍ଷାରେ ରାଣୀହାଟ ମାଳିସାହିରେ ଏକ ପୁରୁଣା ଘର ଛାତ ଗୁରୁବାର ଭୁଶୁଡ଼ି ପଡ଼ିଛି। ମାତ୍ର ସୌଭାଗ୍ୟ କ୍ରମେ ଘର ମାଲିକ ଭଗବତୀ ମାଠ ଓ ତାଙ୍କ ପୁତ୍ର ଏଭଳି ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘର ମାଲିକ ଭଗବତୀ ମାଠଙ୍କ ବହୁ ପୁରାତନ ଛାତଟି ହଠାତ ଗଳି ପଡ଼ିବା ବେଳେ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହୋଇଥିଲା। ଛାତ ଭୁଶୁଡ଼ିବା ଜାଣି ଘରେ ଥିବା ଲୋକମାନେ ବାହାରକୁ ପଳାଇ ଯାଇଥିଲେ। ମାତ୍ର ଛାତ ଭୁଶୁଡ଼ି ପଡ଼ିବାରୁ ଘରେ ଥିବା କେତେକ ଆସବାବପତ୍ର ନଷ୍ଟ ହୋଇଯାଇଛି।


ଲଗାଣ ବର୍ଷାରେ ରାଣୀହାଟ ମାଳିସାହିରେ ଏକ ପୁରୁଣା ଘର ଛାତ ଭୁଶୁଡ଼ି ପଡ଼ିଛି।

# ମୁକାବିଲା ପାଇଁ ୧୪ ସେକ୍ଟର ଅଧିକାରୀ

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସିଏମ୍‌ସିର ଉଚ୍ଚସ୍ତରୀୟ ବୈଠକ**

କଟକ,୩।୭(କାର୍ତ୍ତିକ ସାହୁ)


ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସିଏମ୍‌ସିର ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯାଉଛି।

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ ବିଜୁଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ସମୟରେ ଆସୁଥିବା ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଶାସନର କାର୍ଯ୍ୟଧାରା ଉପରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ପ୍ରାକ ସୂଚନା ଦିଆଯିବା, କଣ୍ଟ୍ରୋଲ ରୁମର ବ୍ୟବସ୍ଥା, ଆଶ୍ରୟ ସ୍ଥଳୀର ସୁବ୍ୟବସ୍ଥା କରିବା ଓ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା, ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରିବା, ଜଳବନ୍ଦୀ ଆଦି ବିଷୟ ଉପରେ ଆଲୋକପାତ କରାଯାଇଥିଲା। କଟକ ସହରକୁ ୧୪ଟି ସେକ୍ଟରରେ ବିଭକ୍ତ କରାଯାଇ ୧୪ଜଣ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସହର ଜନସାଧାରଣଙ୍କ ସୁବିଧା ନିମନ୍ତେ ସିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ସେଠାରେ ୩ଟି ସିଫ୍ଟରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଜଳ ନିଷ୍କାସନ ପାଇଁ ୨୮୪ଟି ପମ୍ପର ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଆଯୁକ୍ତ କଳ୍ପତରୁ ବେହେରା, ଅତିରିକ୍ତ ଆଯୁକ୍ତ ସୋନା ଟୁଡୁ, ସିଟି ଇଞ୍ଜିନିୟର ଅତନୁ ସାମନ୍ତଙ୍କ ସମେତ ଯାନ୍ତ୍ରିକ ବିଭାଗର ସମସ୍ତ ଅଧିକାରୀ, ସାନିଟେସନ ବିଭାଗର ସମସ୍ତ ଅଧିକାରୀ, ସମସ୍ତ ୱାର୍ଡ ଅଫିସର, ସମସ୍ତ ୱାର୍କ ସରକାର, ସିଏମ୍‌ସିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭୁଷଣ୍ଡପୁରରେ ଡାଇରିଆ, ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

- ୫ ଦିନ ବନ୍ଦ ରହିବ ଜଳଯୋଗାଣ
- ବ୍ଲିଚିଂ ପକାଯିବା ସହ ସଚେତନତାକୁ ଗୁରୁତ୍ୱ

ନିରାକାରପୁର,୩ା୭(ମାନସ ଚନ୍ଦ୍ର ପଟ୍ଟନାୟକ)


ହସ୍ପିଟାଲରେ ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଞ୍ଚାୟତ ଅଞ୍ଚଳରେ ଡାଇରିଆ ସଂକ୍ରମଣରେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୧୪ଜଣ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ପ୍ରଦୂଷିତ ପାଣି ପିଇବା ଯୋଗୁ ଲୋକେ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଥିବା ବେଳେ ଗୁରୁବାର ଏନେଇ ଭୁଷଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ୧୩ଟି ୱାର୍ଡରେ ବ୍ଲିଚିଂ ସିଞ୍ଚନ, ୫ଦିନ ପାଇଁ ପାନୀୟଜଳ ଯୋଗାଣ ବନ୍ଦ ସହ ଘରେ ଘରେ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଡା. ନନ୍ଦିତା ଗୁପ୍ତା, ଭୁଷଣ୍ଡପୁର ସରପଞ୍ଚ ସୌରଭ ଦାସମହାପାତ୍ର, ଟାଙ୍ଗୀ ବ୍ଲକ ଖାଦ୍ୟ ସୁରକ୍ଷା ଅଧିକାରୀ ଦେବାଶିଷ ବଳ, ଗ୍ରାମ୍ୟ ପରିମଳ ଜଳଯୋଗାଣ ଅଧିକାରୀ ମଧୁସ୍ମିତା ମହାନ୍ତି, ଭୁଷଣ୍ଡପୁର ପଞ୍ଚାୟତ କନିଷ୍ଠଯନ୍ତ୍ରୀ ପ୍ରସନ୍ନ ପଣ୍ଡା, ଝୁମାରାଣୀ ଚକ୍ରବର୍ତ୍ତୀ, ସାଗରିକା ପାତ୍ରଙ୍କ ସମେତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଗତ ୩୦ ତାରିଖରୁ ବୁଧବାର ସୁଦ୍ଧା ଭୁଷଣ୍ଡପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହେବା ପରେ ସେମାନଙ୍କୁ ସ୍ଥାନୀୟ ଭୁଷଣ୍ଡପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟାସଂଖ୍ୟା କମ୍‌ଥିବାରୁ ଆକ୍ରାନ୍ତମାନେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ନିକଟ ନୟାଗଡ଼ ଜିଲା ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଗତ ୩୦ ତାରିଖରେ ଭୁଷଣ୍ଡପୁର ଜଗନ୍ନାଥପୁର ସାହିର ନବକିଶୋର ଜେନା(୬୪), ମଙ୍ଗଳାସାହିର ବିଦେଶୀ ବେହେରା, କୁସୁମୀର ବାସନ୍ତି ସ୍ୱାଇଁ, ରାଉତପଡ଼ାର ରଞ୍ଜୁ ବଲିୟାରସିଂ ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସା ପରେ ଘରକୁ ଫେରିଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ସେହିପରି ଗତ ୧ତାରିଖରୁ ଆକ୍ରାନ୍ତ ହୋଇଥିବା ଭୁଷଣ୍ଡପୁର ମଙ୍ଗଳାସାହିର ଭାଗୀରଥି ବେହେରା(୩୨), ପ୍ରଭାକର ବେହେରା(୫୫), ନମିତା ବେହେରା(୨୬), ପାଣ୍ଡବ ବେହେରା(୬୫), ଓକିଲ ବେହେରାଙ୍କ ୯ବର୍ଷର ଝିଅ ଉର୍ମିଳା, ପ୍ରସନ୍ନ ବେହେରାଙ୍କ ୧୧ବର୍ଷର ଝିଅ ମମତା, ଦାସ ବେହେରାଙ୍କ ୫ବର୍ଷର ଝିଅ ଶ୍ରଦ୍ଧାଞ୍ଜଳି ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସେହିପରି କେତେଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଘରୋଇ ଚିକିତ୍ସା ଜାରି ରଖିଛନ୍ତି। ପ୍ରଦୂଷିତ ପାଣି ପିଇବା ଯୋଗୁ ଲୋକେ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ଏନେଇ ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସମହାପାତ୍ରଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପଦକ୍ଷେପ ନିଆଯାଉଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଦେବାଶିଷ ବଳ ଭୁଷଣ୍ଡପୁର ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଚଢ଼ାଉ କରି ପାନୀୟଜଳ, ଖାଦ୍ୟ ନମୁନା ସଂଗ୍ରହ କରିଛନ୍ତି। ତେବେ ଏ ସମ୍ପର୍କରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦ କହିଛନ୍ତି, ଭୁଷଣ୍ଡପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ଏକ ମେଡିକାଲ ଟିମ୍ ଭୂଷଣ୍ଡପୁର ଯାଇଛନ୍ତି। ବ୍ଲିଚିଂ ପକାଇବା ସହ ଓଭରହେଡ୍ ପାଣିଟାଙ୍କି ସଫା କରିବାକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ଚିଠି ଲେଖାଯାଇଛି। ଗୁପ୍‌ଚୁପ୍ ଦୋକାନ ବନ୍ଦ ସହ ଏବେ ଭୋଜି କରିବାକୁ ମଧ୍ୟ ମନାକରାଯାଇଛିବୋଲିସେ କହିଛନ୍ତି।

# ଇଡି'ର ପୂର୍ବତନ ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ଜାମିନ

କଟକ,୩ା୭(କାର୍ତ୍ତିକ ସାହୁ)

ଲାଞ୍ଚ ଗ୍ରହଣ ଘଟଣା ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପୂର୍ବତନ ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ରଘୁବଂଶୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଇଜିଲାସ ତାଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ୧୦ ଦିନ ପରେ ସେ ଅଦାଲତରେ ହାଜର ହେବାକୁ ହାଇକୋର୍ଟଙ୍କ ଆଦେଶ ରହିଛି। ପ୍ରକାଶ ଯେ, ଭୁବନେଶ୍ୱରର ଜଣେ ଖଣି ବ୍ୟବସାୟୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ଇଣ୍ଡିଆନ୍ ରେଭିନ୍ୟୁ ସର୍ଭିସେସ୍ (ଆଇଆର୍‌ଏସ୍) ଅଧିକାରୀ ରଘୁବଂଶୀଙ୍କୁ ସିବିଆଇ ଗିରଫ କରିଥିଲା। ରଘୁବଂଶୀ ୨କୋଟି ଲାଞ୍ଚ ଦାବି କରିଥିଲେ। ସେ ତନ୍ମଧ୍ୟରୁ ୨୦ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ବେଳେ ସିବିଆଇ ହାତରେ ଧରାପଡ଼ିଥିଲେ। ସିବିଆଇ ଲାଞ୍ଚ ଗ୍ରହଣ ଘଟଣାରେ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ ଆଇନର ୭ ସେକ୍ସନ୍ ଆଧାରରେ ରଘୁବଂଶୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

# ଭାବରେ ବାନ୍ଧିଲା 'ଜଗ ବନ୍ଧୁ ହେ ଗୋସାଇଁ'

ଭୁବନେଶ୍ୱର, ୩ା୭ (ସୌମ୍ୟରଞ୍ଜନ ରାଉତ)

ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ରଥଯାତ୍ରା ଅବସରରେ ଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ଓ ଜଣାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସହ ଯୋଡ଼ି ହୋଇଥିବା କଣ୍ଠଶିଳ୍ପୀ ସିଦ୍ଧାନ୍ତ ଶତପଥୀ ଓ ବିପୁଲ୍ ମଣିମା ଭାବଭରା ଭକ୍ତି ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମୋହିତ କରିଥିଲେ। 'ଜଗ ବନ୍ଧୁ ହେ ଗୋସାଇଁ' ଦର୍ଶକଙ୍କୁ ଭାବରେ ବାନ୍ଧି ଥିଲା। ପରେ ସଂଭାବନା ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ରୀତାଞ୍ଜଳି ମିଶ୍ର, ଅସ୍ମିତା ପାଣିଗ୍ରାହୀ, ରତ୍ନମଞ୍ଜରୀ ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ପ୍ରମୁଖ ଭଜନ ଓ ଜଣାଣ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ ସାହିତ୍ୟିକ ଅସିତ୍ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମିତି ସଭାନେତ୍ରୀ ସୌଦାମିନୀ ସାମଲ, ସଂପାଦିକା ରେଖା ସାହୁ, ଶ୍ରେଷ୍ଠ ଓଡ଼ିଆଣୀ ବିଜେତା ରୀତା ଶଙ୍ଖୁଆ ମଞ୍ଚରେ ଉପସ୍ଥିତ ଥିଲେ। ସଂଭାବନା ସମ୍ପାଦକ ଦେବ ପ୍ରସାଦ ପରିଜା ମଞ୍ଚ ପରିଚାଳନା କରିଥିଲେ।


ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସରଳ, ସାବଲୀଳ ଭାଷାର କବିତା ପାଠକୀୟ ଆଦୃତି ଲାଭ କରେ



ଅତିଥିମାନେ ବ୍ରଜକିଶୋର ନାୟକଙ୍କ କବିତା ସଙ୍କଳନ 'ଅକବିର କବିତା' ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୩ା୭ (ସୌମ୍ୟରଞ୍ଜନ ରାଉତ)

**ବ୍ରଜକିଶୋର ନାୟକଙ୍କ କବିତା ସଙ୍କଳନ 'ଅକବିର କବିତା' ଉନ୍ମୋଚିତ**

ଖୁବ ସରଳ ଓ ସାବଲୀଳ ଭାଷାରେ କବିତା ରଚନା ପାଠକଙ୍କ ନିକଟରେ ଆଦୃତ ହେବ। ବ୍ରଜକିଶୋର ନାୟକଙ୍କ କବିତା ସଙ୍କଳନ 'ଅକବିର କବିତା'ରେ ତାହା ହିଁ ପ୍ରତିଫଳିତ ହୋଇଛି। କବିତାଗୁଡ଼ିକରେ କବିଙ୍କ ପ୍ରତ୍ୟେକ୍ଷ ଅନୁଭୂତି ଓ ଅଭିଜ୍ଞତା ସ୍ପଷ୍ଟ ଜଣାପଡୁଛି। ତେଣୁ ଏହି ସଙ୍କଳନ ବ୍ରଜକିଶୋରଙ୍କୁ ଜଣେ ସାର୍ଥକ ଓ ସଫଳ କବି ଭାବେ ପ୍ରତିଷ୍ଠା କରିବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଗୀତଗୋବିନ୍ଦ ସଦନରେ ଗୁରୁବାର କବିତା ସଙ୍କଳନ 'ଅକବିର କବିତା'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କବି ରବି ନାରାୟଣ ସେନାପତି, ସ୍ତମ୍ଭକାର ଦାଶ ବେନହୁର, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, ଲେଖକ ଓମ୍ ପ୍ରିୟଦର୍ଶୀ, ପୁସ୍ତକର ଲେଖକ ବ୍ରଜ କିଶୋର ନାୟକ, କୋଠଘର ଆମ ସାହିତ୍ୟ ପରିବାରର ପ୍ରତିଷ୍ଠାତା ଅମ୍ବିକା ସାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ 'ଲେଖା ଓ ଲେଖକଙ୍କ ବନ୍ୟା, ପାଠକଙ୍କ ମରୁଡ଼ି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଅତିଥି ଭାବେ ସ୍ତମ୍ଭକାର ଶ୍ୟାମ ସୁନ୍ଦର ଅଗ୍ରୱାଲ, ଚିନ୍ମୟ ହୋତା, ପତ୍ରକାର ନବୀନ ଦାସ, ସାହିତ୍ୟିକ ଲକ୍ଷ୍ମଣ ପଣ୍ଡା ଓ ସୁରେନ୍ଦ୍ର ମୋହନ ମିଶ୍ର, ଧରିତ୍ରୀର ଡେପୁଟି ନ୍ୟୁଜ୍ ଏଡିଟର୍ ଜିତେନ୍ଦ୍ର କୁମାର ନାୟକ ଯୋଗଦେଇ ପାଠକୀୟ ସଙ୍କଟ ଓ ତା'ର ଫଳପ୍ରଦ ସମାଧାନ ଉପରେ ଆଲୋଚନା କରିଥିଲେ। ଭାଷା ବିଜ୍ଞାନୀ ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ପିଜି ନାମଲେଖା: ପ୍ରଥମ ପର୍ଯ୍ୟାୟ ତୃତୀୟ ରାଉଣ୍ଡ ପାଇଁ ୭,୫୫୯ ଛାତ୍ରୀଛାତ୍ର ଚୟନ

ଭୁବନେଶ୍ୱର,୩ା୭(ସୁଚିସ୍ମିତା ସାହୁ)

ପିଜି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ତୃତୀୟ ରାଉଣ୍ଡ୍ ମେରିଟ୍ ଲିଷ୍ଟ ଗୁରୁବାର ପ୍ରକାଶ ପାଇଛି। ଏହି ରାଉଣ୍ଡରେ ନାମଲେଖା ଲାଗି ୭,୫୫୯ଜଣ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୧୫୦ଜଣ ଛାତ୍ର ଓ ୫୪୦୯ ଛାତ୍ରୀ ରହିଛନ୍ତି। ଯେଉଁ ଛାତ୍ରୀଛାତ୍ର ଫ୍ରିଜ୍ ଅପ୍ସନ ଦେଇଛନ୍ତି, ସେମାନେ ୩ ତାରିଖ ସନ୍ଧ୍ୟା ୬ଟାରୁ ୭ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ଫି'ଜମା କରିପାରିବେ। ଅନ୍‌ଲାଇନ ଇଣ୍ଟିମେଶନ ଲେଟର ନେଇ ୪, ୭ ଏବଂ ୮ ତାରିଖ ମଧ୍ୟରେ ସକାଳ ୧୦ଟାରୁ ଅପରାହ୍ନ ୫ଟା ଭିତରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ରିପୋର୍ଟ କରିପାରିବେ। ସେହିପରି ଯେଉଁ ଛାତ୍ରୀଛାତ୍ର ପୂର୍ବରୁ ସ୍ଲାଇଡ୍ ଓ ଫ୍ଲୋଟ୍ ଅପ୍ସନ ଦେଇଥିବେ, ସେମାନେ ତୃତୀୟ ରାଉଣ୍ଡରେ ନାମ ଲେଖାଇବେ। ଏହାପରେ ଫ୍ଲୋଟ୍ କିମ୍ବା ସ୍ଲାଇଡ୍ ଅପ୍ସନ ଦିଆଯିବ ନାହିଁ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୨୦ ବିଶ୍ୱବିଦ୍ୟାଳୟ ଓ ୧୦୧ଟି କଲେଜରେ ୩୧,୧୫୪ଟି ସିଟ୍ ରହିଛି। ମୋଟ ୬୨,୩୨୧ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ୫୬,୯୭୬ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧,୨୮୮ଜଣ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ଚୟନ କରିଛନ୍ତି। ତେବେ ପ୍ରଥମ ରାଉଣ୍ଡରେ ୭୮୭୪ ଜଣ ଏବଂ ଦ୍ୱିତୀୟ ରାଉଣ୍ଡରେ ୩୪୭୨ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

## ମହାପ୍ରଭୁଙ୍କ ଦର୍ଶନ କଲେ ରାମଭଦ୍ରାଚାର୍ଯ୍ୟ

**ପୁରୀ,୩ା୭(ଅଜିତ୍ କୁମାର ମହାନ୍ତି):** ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରି ସାନିଧ୍ୟ ପାଇବା ନିମନ୍ତେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟୁଛି। ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଗୁରୁବାର ଜଗତ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ ପୁରୀ ଆସି ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଭଲ ବ୍ୟବସ୍ଥା ହୋଇଛି। ଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ ବୋଲି ସେ କହିଛନ୍ତି।

# ନିରାମୟ କେନ୍ଦ୍ରରେ ମିଳୁନି ଆବଶ୍ୟକ ଔଷଧ

**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ**

କଟକ,୩ା୭(ଶିକ୍ଷା ପ୍ରିୟଦର୍ଶିନୀ)



ଔଷଧ ବିତରଣ କେନ୍ଦ୍ରରେ ଲୋକଙ୍କ ଲମ୍ବାଧାଡ଼ି।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ନିରାମୟ କେନ୍ଦ୍ରରେ ଅବ୍ୟବସ୍ଥା ନଜରକୁ ଆସିଛି। ମେଡିକାଲର ନିରାମୟ କେନ୍ଦ୍ର-୧ରେ ପଙ୍ଖା କି ଲାଇଟର ବ୍ୟବସ୍ଥା ନାହିଁ। ଏପରିକି ବର୍ଷା ହେଲେ ନିକଟରେ ପାଣି ଜମି ରହୁଛି। କେନ୍ଦ୍ର ନିକଟରେ ଅଳିଆଆବର୍ଜନା ଭରି ରହିଛି। ଫଳରେ ଏଠାରେ ଔଷଧ ପାଇଁ ଅପେକ୍ଷା କରୁଥିବା ରୋଗୀ ଓ ସମ୍ପର୍କୀୟ ମଶା କାମୁଡାର ଶିକାର ହେଉଛନ୍ତି। କେବଳ ଏତିକି ନୁହେଁ ନିରାମୟ କେନ୍ଦ୍ରରେ ହେମାଟୋଲୋଜି ବିଭାଗରେ ପ୍ରାୟତଃ ଔଷଧ ଉପଲବ୍ଧ ନାହିଁ। ଏଠାରେ ଥିବା କର୍ମଚାରୀ ରୋଗୀ ଓ ସମ୍ପର୍କୀୟଙ୍କୁ ଔଷଧ ବାହାରୁ କିଣି ନେବାକୁ କହି ଫେରାଇ ଦେଉଛନ୍ତି। ଫଳରେ ରୋଗୀ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହୋଇ ଔଷଧ ନ ଥିବା ଜାଣି ନିରାଶ ହୋଇ ଫେରୁଛନ୍ତି।

ସୂଚନା ଅନୁଯାୟୀ, ମେଡିକାଲର ୬ଟି ନିରାମୟ କେନ୍ଦ୍ରରେ ରୋଗୀଙ୍କ ସମସ୍ତ ଔଷଧ ମିଳିଥାଏ। ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ବିଭିନ୍ନ ବିଭାଗ ଔଷଧକୁ ଏହି ୬ଟି ନିରାମୟ କେନ୍ଦ୍ରରେ ବିଭକ୍ତ କରାଯାଇଛି। ଏପରି କି ୬ଟି ନିରାମୟ କେନ୍ଦ୍ରରେ ମିଳିବାକୁ ଥିବା ବିଭିନ୍ନ ବିଭାଗର ନାମ ଫଳକ ଲଗାଯାଇଛି। ଫଳରେ ରୋଗୀ ଏଣେତେଣେ ନ ଯାଇ ଯେଉଁ ଓପିଡିରେ ଡାକ୍ତର ଦେଖାଇବେ ସେ ନିକଟସ୍ଥ ନିରାମୟରୁ ଔଷଧ ନେଇ ପାରିବେ। ଏହି ସମସ୍ତ ବ୍ୟବସ୍ଥା ଏସ୍‌ସିବିରେ ଗତ ୧୫ ଜାନୁଆରୀଠାରୁ କାର୍ଯ୍ୟକାରୀ କରାଯାଇଛି। ଏଥିରୁ ୩ ନମ୍ବର ନିରାମୟ କେନ୍ଦ୍ର ୨୪ ଘଣ୍ଟା ଖୋଲା ଥିବାବେଳେ ଅନ୍ୟ ୧, ୨, ୪, ୫ ଓ ୬ ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏ ଖୋଲାଯାଉଛି। ଏହି ନିରାମୟ କେନ୍ଦ୍ରରେ ସମସ୍ତ ବିଭାଗ ଔଷଧ ରହିଥାଏ। ହେଲେ ଜରୁରୀ ପରିସ୍ଥିତି ଆବଶ୍ୟକ କରୁଥିବା ଔଷଧ ସେଠାକାର କର୍ମଚାରୀମାନେ ରୋଗୀଙ୍କୁ ଦେଉ ନାହାନ୍ତି ବରଂ ଅନ୍ୟ ନିରାମୟ କେନ୍ଦ୍ରକୁ ପଠାଇ ଦେଉଛନ୍ତି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ୫ ନଂ ନିରାମୟ କେନ୍ଦ୍ରରେ। ସେହିପରି ୧ ନଂ ନିରାମୟ କେନ୍ଦ୍ରରେ ରୋଗୀ ଓ ସମ୍ପର୍କୀୟଙ୍କ ନିମନ୍ତେ ପଙ୍ଖା କି ଲାଇଟ ବ୍ୟବସ୍ଥା କରାଯାଇ ନାହିଁ। ଏଠାରେ କର୍ମଚାରୀମାନେ ଏସି ଓ ପଙ୍ଖାରେ ରହୁଥିବାବେଳେ ଅସହ୍ୟ ଗୁଳୁଗୁଳିରେ ରୋଗୀ ଓ ସମ୍ପର୍କୀୟ ହଇରାଣ ହେଉଛନ୍ତି। ସେହିପରି ଏହି ନିରାମୟ କେନ୍ଦ୍ରରେ କର୍ଣ୍ଣ, ନାସା ଓ ଗଳା ବିଭାଗ, ଭେଷଜ ବିଭାଗ, କ୍ଲିନିକାଲ ହେମାଟୋଲୋଜି ବିଭାଗ, ଆଣ୍ଠୁ ଗଣ୍ଠି ବିଭାଗ ଓ ଜଳାତଙ୍କ ରୋଗ ପ୍ରତିଷେଧକ ଟିକାକରଣ ବିଭାଗ ରୋଗ ଔଷଧ ମିଳିଥାଏ। ହେଲେ ଏଠାରେ ହେମାଟୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଔଷଧ ଅଧିକାଂଶ ନାହିଁ। ସେହିପରି ଏହି ନିରାମୟ କେନ୍ଦ୍ର ନିକଟରେ ବର୍ଷା ପାଣି ଜମି ରହିବା ଓ ଏହାର ଆଖପାଖ ଅପରିଷ୍କାର ଯୋଗୁ ମଶାଙ୍କ ପାଦୁର୍ଭାବ ବଢ଼ିଛି। ଯାହାଦ୍ୱାରା ରୋଗୀ ଓ ସମ୍ପର୍କୀୟ ଏହାର ଶିକାର ହେଉଛନ୍ତି। ଏ ନେଇ ମେଡିକାଲକୁ ଢେଙ୍କାନାଳରୁ ଆସିଥିବା ଶରତ ସାହୁ କହିଛନ୍ତି, ଡାକ୍ତର ଦେଖାଇ ଔଷଧ ପାଇଁ ଦେଢ଼ ଘଣ୍ଟା ଛିଡ଼ା ହେବା ପରେ ଔଷଧ ପାଇଲି। ହେଲେ ନିରାମୟରେ ହେମାଟୋଲୋଜିର ଡାକ୍ତର ଲେଖିଥିବା ୬ଟି ଔଷଧରୁ ୪ଟି ନାହିଁ। କର୍ମଚାରୀମାନେ ବାହାରୁ କିଣି ନେବାକୁ କହି ଫେରାଇ ଦେଲେ। ସେହିପରି କନ୍ଦରପୁର ଅଞ୍ଚଳରୁ ଆସିଥିବା ରଶ୍ମିତା ନାୟକ କହିଛନ୍ତି, ଔଷଧ ପାଇଁ ୫ ନଂ. ନିରାମୟକୁ ଯାଇଥିଲି ହେଲେ ସେଠାରେ କର୍ମଚାରୀ ଔଷଧ ନାହିଁ ବୋଲି କହି ଫେରାଇ ଦେଲେ। ଫଳରେ ଔଷଧ ପାଇଁ ଏଣେତେଣେ ବୁଲୁଛି ବୋଲି ସେ କହିଛନ୍ତି। ଭାରପ୍ରାପ୍ତ ଅଧୀକ୍ଷକ ଥିବା ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


## ଓଡ଼ିଶା ସରକାର
# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## ଘୋଷଣା

File No. 1376/2025 — Date: 14.05.2025

No. XXVII-6: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମେନ୍ତ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୩/୨୦୨୩ ତା୧୬।୦୬।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.malkangiri.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଯଜପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମାଲକାନଗିରି — ତହସିଲ: ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଥିଲି | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

### ଭୂମି ଅନୁସୂଚୀ
ମୌଜା: ମାଥିଲି, ଥାନା: ମାଥିଲି ନଂ. ୭୧, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରି
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୪ | ୧୮୨୬ | ୨.୦୦୨ | ୦.୯୩୮୭ | ଧାନ ଦୁଇ | ନିମକୁ କପେ, ପି:ଗଙ୍ଗାଧର କପେ, ଜା:ଭୂମିଆ, ବା:ନିଜଗାଁ |
| ୬୫ | ୧୭୩୫ | ୦.୪୯୪ | ୦.୪୧୨୭ | ଡଙ୍ଗର ଏକ | ଘେନୁ ପ୍ରଧାନି, ପି:କାଲିଆ ମାଜନି, ମଙ୍ଗୁ ପ୍ରଧାନି, ଜା:ରଣା, ବା:ଧଉଡାଗୁଡା |
| | ୧୭୩୩ | ୦.୫୪୪ | ୦.୦୦୫୧ | ଡଙ୍ଗର ଏକ | |
| | ୧୭୨୨ | ୦.୫୫୧ | ୦.୦୧୧୮ | ଧାନ ଏକ | |
| | ୧୭୩୦ | ୩.୧୬୩ | ୦.୮୮୬୨ | ଧାନ ଦୁଇ | |
| ୮୯ | ୧୭୮୪ | ୦.୮୧୫ | ୦.୦୦୨୧ | ଧାନ ଦୁଇ | ଜଗବନ୍ଧୁ ନାୟକ, ପି:ମାନସିଂହ ନାୟକ, ଭଗବାନ ନାୟକ, ପି:ମଙ୍ଗଳା ନାୟକ, ହାତିରାମ ନାୟକ, ପି:ଭାଗିରଥୀ ନାୟକ, ନରସିଂହ ନାୟକ, ପି:ଅର୍ଜୁନି ନାୟକ, ଘାସିରାମ ନାୟକ, ପି:ଅର୍ଜୁନ ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୯୯ | ୧୮୩୫ | ୧.୯୯୭ | ୧.୯୯୬୬ | ଧାନ ଦୁଇ | ଡମୁ ମାଝି, ହରି ମାଝି, ପି:ଜୟସିଂହ ମାଝି, ଜା:ଭୂମିଆ, ବା:ନିଜଗାଁ |
| | ୧୮୩୭ | ୦.୬୩୮ | ୦.୦୩୨୧ | ଡଙ୍ଗର ଏକ | |
| | ୧୮୩୬ | ୦.୨୩୫ | ୦.୦୦୨୪ | ଧାନ ଦୁଇ | |
| ୧୭୦ | ୧୮୦୦ | ୪.୦୦୩ | ୧.୭୨୦୫ | ଧାନ ଦୁଇ | ବଳରାମ ନାୟକ, ପି:ଘାସି ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୧୯୬ | ୧୭୪୯ | ୦.୬୪୦ | ୦.୦୭୮୮ | ଧାନ ଏକ | ଭଗବାନ ପରଜା, ପି:ଗୁରୁ ପରଜା, ଲଛମି ପରଜା, ସ୍ୱା:ଗୁରୁ ପରଜା, ଜା:ପରଜା, ବା:ନିଜଗାଁ (ଧୋତବ ଗୁଡା) |
| | ୧୭୩୮ | ୩.୦୬୨ | ୨.୧୯୫୪ | ଧାନ ଏକ | |
| ୧୯୮ | ୧୭୬୨ | ୦.୧୨୧ | ୦.୧୨୧୧ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ, ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| | ୧୭୬୫ | ୧.୮୬୮ | ୧.୬୫୧୪ | ଧାନ ଦୁଇ | |
| | ୧୭୭୫ | ୨.୫୮୨ | ୦.୩୫୮୮ | ଧାନ ଦୁଇ | |
| ୨୦୪ | ୧୮୨୦ | ୨.୦୦୨ | ୦.୦୫୫୭ | ଧାନ ଦୁଇ | ଭାଜି କୋପେ, ସ୍ୱା:ବୁଦୁରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୨୨୬ | ୧୭୭୨ | ୪.୨୮୨ | ୦.୦୧୫୫ | ଧାନ ଦୁଇ | ରସୁଲ ଖାଁ, ପି:ଏନାୟା ତୁଲା ଖାଁ, କୁଲୁସୁମ୍ ବିବି, ସ୍ୱା:ଏନାୟା ତୁଲା ଖାଁ, ହସୋନେ ଖାଁ, ପି:ମଜର ଖାଁ, ଜା:ମୁସଲମାନ,ବା:ନିଜଗାଁ |
| ୨୨୮ | ୧୭୮୯ | ୨.୦୭୬ | ୦.୦୨୪୦ | ଧାନ ଦୁଇ | କାନମ ରାଜୁ ନାଏକ, ପି:ରାମ ନାଏକ, ମତୋ ନାଏକ, ସ୍ୱା:ରାମ ନାଏକ, ତିଳକ ନାଏକ, ପି:ମକୁନ୍ଦ ନାଏକ, ଶଶୀ ନାଏକ, ସ୍ୱା:ମକୁନ୍ଦ ନାଏକ,ଜା:ଭୂମିଆ, ବା:ନିଜଗାଁ |
| ୨୯୦ | ୧୭୯୭ | ୧.୭୭୯ | ୦.୩୬୬୮ | ଧାନ ଦୁଇ | ହରି ଦରୋ, ପି:ବୁଦୁରା ଦରୋ, ଜା:ଭୂମିଆ, ବା:ବାରିଆ ବାହାଲା |
| ୨୯୧ | ୧୬୧୯ | ୧.୩୩୨ | ୦.୨୦୮୩ | ଧାନ ଦୁଇ | ହରି ପରଜା, ପି:ରଙ୍ଗିଆ ପରଜା, ଜା:ପରଜା, ବା:ଧଉଡାଗୁଡା |
| ୨୯୪ | ୧୮୨୭ | ୦.୧୫୧ | ୦.୧୧୦୭ | ଧାନ ଦୁଇ | ହରେକୃଷ୍ଣ ପରଜା, ପି:ଆକୁଳି ଚରଣ ପରଜା, ଜା:ଭୂମିଆଁ, ବା:ନିଜଗାଁ |
| | ୧୮୩୦ | ୦.୧୪୮ | ୦.୧୪୮୩ | ଡଙ୍ଗର ଏକ | |
| ୪୯୪/ ୧୬୦ | ୧୭୯୬/ ୨୧୧୨ | ୧.୦୦୧ | ୦.୨୨୨୩ | ଧାନ ଦୁଇ | ସାଦବେ ମାଝୀ, ଗୁରୁ ମାଝୀ, ପି:ସୋନୁ ମାଝୀ, ଜା:ରଣା, ବା:ନିଜଗାଁ |
| ୪୯୪/ ୩ | ୧୮୩୨ | ୩.୨୮୬ | ୦.୬୨୫୧ | ଧାନ ଦୁଇ | ମୁନୀ ପୂଜାରୀ, ପି:ଚନ୍ଦ୍ର ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୪୯୪/ ୪ | ୧୮୩୩ | ୧.୬୮୦ | ୦.୧୬୯୮ | ଧାନ ଦୁଇ | ବୁଦୁରା ପୂଜାରୀ, ପି:ଲକିନାଥ ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୧୯୮ | ୧୭୭୪ | ୧.୪୮୨ | ୧.୦୬୫୩ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ,ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| ୪୯୪/ ୩୦୯ | ୧୮୩୫/ ୨୦୯୨ | ୦.୬୫୦ | ୦.୪୪ | ଧାନ ଦୁଇ | ହରି କୋପେ, ଭାଗୀରଥି କୋପେ, ପି:ବୁଦରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/ ୩୦୯ | ୧୮୩୭/ ୨୦୯୩ | ୦.୩୫୧ | ୦.୩୪୮୪ | ଡଙ୍ଗର ଏକ | ହରି କୋପେ, ଭାଗୀରଥୀ କପୋ, ପି:ବୁଦ୍ରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/ ୫୪୮ | ୧୮୩୫/ ୨୩୮୭ | ୦.୧୩୭ | ୧.୦୩୨୮ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| ୪୯୪/ ୫୪୮ | ୧୮୩୬/ ୨୩୮୮ | ୦.୮୪ | ୦.୪୭୯୩ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| | ମୋଟ | ୪୩.୪୨୮ | ୧୫.୭୨୬ | | |

### ତଫସିଲ-ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି — ତହସିଲ-ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନା ବୈଧ ତାରିଖ– ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ**

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରିଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–ଜିଲ୍ଲାପାଳ,ମାଲକାନଗିରି

OIPR-24074/14/0017/2526

# ପୁଣି ୩ ଜିଲାରେ ଡାଇରିଆ ବ୍ୟାପିଲା

## ଖୋର୍ଦ୍ଧା ଭୂଷଣ୍ଡପୁରରେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

- ୫ ଦିନ ବନ୍ଦ ରହିବ ଜଳଯୋଗାଣ
- ବ୍ଲିଚିଂ ପକାଯିବା ସହ ସଚେତନତାକୁ ଗୁରୁତ୍ୱ

ନିରାକାରପୁର,୩।୭(ମାନସ ଚନ୍ଦ୍ର ପଟ୍ଟନାୟକ)



ହସ୍ପିଟାଲରେ ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଞ୍ଚାୟତ ଅଞ୍ଚଳରେ ଡାଇରିଆ ସଂକ୍ରମଣରେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୧୪ଜଣ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ପ୍ରଦୂଷିତ ପାଣି ପିଇବା ଯୋଗୁ ଲୋକେ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଥିବା ବେଳେ ଗୁରୁବାର ଏନେଇ ଭୁଷଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ୧୩ଟି ୱାର୍ଡରେ ବ୍ଲିଚିଂ ସିଞ୍ଚନ, ୫ଦିନ ପାଇଁ ପାନୀୟଜଳ ଯୋଗାଣ ବନ୍ଦ ସହ ଘରେ ଘରେ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଡା. ନନ୍ଦିତା ଗୁପ୍ତା, ଭୁଷଣ୍ଡପୁର ସରପଞ୍ଚ ସୌରଭ ଦାସମହାପାତ୍ର, ଟାଙ୍ଗୀ ବ୍ଲକ ଖାଦ୍ୟ ସୁରକ୍ଷା ଅଧିକାରୀ ଦେବାଶିଷ ବଳ, ଗ୍ରାମ୍ୟ ପରିମଳ ଜଳଯୋଗାଣ ଅଧିକାରୀ ମଧୁସ୍ମିତା ମହାନ୍ତି, ଭୁଷଣ୍ଡପୁର ପଞ୍ଚାୟତ କନିଷ୍ଠଯନ୍ତ୍ରୀ ପ୍ରସନ୍ନ ପଣ୍ଡା, ଝୁମାରାଣୀ ଚକ୍ରବର୍ତ୍ତୀ, ସାଗରିକା ପାତ୍ରଙ୍କ ସମେତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଗତ ୩୦ ତାରିଖରୁ ବୁଧବାର ସୁଦ୍ଧା ଭୁଷଣ୍ଡପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହେବା ପରେ ସେମାନଙ୍କୁ ସ୍ଥାନୀୟ ଭୁଷଣ୍ଡପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟାସଂଖ୍ୟା କମ୍‌ଥିବାରୁ ଆକ୍ରାନ୍ତମାନେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ନିକଟ ନୟାଗଡ଼ ଜିଲା ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଗତ ୩୦ ତାରିଖରେ ଭୁଷଣ୍ଡପୁର ଜଗନ୍ନାଥପୁର ସାହିର ନବକିଶୋର ଜେନା(୬୪), ମଙ୍ଗଳାସାହିର ବିଦେଶୀ ବେହେରା, କୁସୁମୀର ବାସନ୍ତି ସ୍ୱାଇଁ, ରାଉତପଡ଼ାର ରଞ୍ଜୁ ବଳିୟାରସିଂ ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସା ପରେ ଘରକୁ ଫେରିଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ସେହିପରି ଗତ ୧ତାରିଖରୁ ଆକ୍ରାନ୍ତ ହୋଇଥିବା ଭୁଷଣ୍ଡପୁର ମଙ୍ଗଳାସାହିର ଭାଗୀରଥି ବେହେରା(୩୨), ପ୍ରଭାକର ବେହେରା(୫୫), ନମିତା ବେହେରା (୨୬), ପାଣ୍ଡବ ବେହେରା(୬୫), ଓକିଲ ବେହେରାଙ୍କ ୯ବର୍ଷର ଝିଅ ଉର୍ମିଳା, ପ୍ରସନ୍ନ ବେହେରାଙ୍କ ୧୧ବର୍ଷର ଝିଅ ମମତା, ଦାସ ବେହେରାଙ୍କ ୫ବର୍ଷର ଝିଅ ଶ୍ରଦ୍ଧାଞ୍ଜଳି ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସେହିପରି କେତେଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଘରୋଇ ଚିକିତ୍ସା ଜାରି ରଖିଛନ୍ତି। ଏନେଇ ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସମହାପାତ୍ରଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏନେଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦ କହିଛନ୍ତି, ଭୁଷଣ୍ଡପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ଏକ ମେଡିକାଲ ଟିମ୍ ଭୂଷଣ୍ଡପୁର ଯାଇଛନ୍ତି। ବ୍ଲିଚିଂ ପକାଇବା ସହ ଓଭରହେଡ୍ ପାଣିଟାଙ୍କି ସଫା କରିବାକୁ ଆର୍‌ଡବ୍ଲ୍ୟୁଏସ୍ଏସ୍‌କୁ ଚିଠି ଲେଖାଯାଇଛି। ଗୁପ୍‌ଚୁପ୍ ଦୋକାନ ବନ୍ଦ ସହ ଏବେ ଭୋଜି କରିବାକୁ ମଧ୍ୟ ମନାକରାଯାଇଛି ବୋଲି ସେ କହିଛନ୍ତି।

## କଣାସ ବ୍ଲକରେ ୧୮ରୁ ଊର୍ଦ୍ଧ୍ୱ ଡାକ୍ତରଖାନାରେ ଭର୍ତ୍ତି

କଣାସ,୩।୭(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକରେ କିଛିଦିନ ତଳେ ଦୟାନଦୀ ଜଳ ଦୂଷିତ ଯୋଗୁ ଯାମଳଗୋଦା, ଗଡ଼ିଶାଗୋଦା, ଗୋପୀନାଥପୁର ଗ୍ରାମପଞ୍ଚାୟତର ନୂଆଗାଁ, ନଈକୂଳପାଟଣା, ଜାଗୁଳେଇପଦର, କଳାପଦର, ଗୋପୀନାଥପୁର, ଗଡ଼ିଶାଗୋଦା, ଯାମଳଗୋଦା ଗ୍ରାମରେ ଝାଡ଼ାବାନ୍ତି ଲାଗି ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଫଳରେ ବ୍ଲକ, ଜିଲା ଓ ରାଜ୍ୟ ପ୍ରଶାସନର ନିଦ ହଜିଯାଇଥିଲା। ୨ ଦିନ ହେଲା ହରସପଡ଼ା, ସିରେଇ, ନୂଆଦୋକନ୍ଦା, ଦୁପୁର, ଚୁପୁରିଙ୍ଗି, ବୈଦ୍ୟନାଥପାଟଣା, ଗୋପାଳପୁର, ସାନବିନ୍ଧଣ, ବାଲିପାଟଣା ଗ୍ରାମରେ ଝାଡ଼ାବାନ୍ତିରେ ୧୮ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସନ୍ଧ୍ୟାରାଣୀ ପରିଡ଼ା, ବିଦ୍ୟୁଲତା ପରିଡ଼ା, ରଂଜନ ନାୟକ, ରଙ୍ଗବତୀ ବେହେରା, ଝୁନାମଣି ଜେନା, ବାସନ୍ତୀ ମହାପାତ୍ର, ଶୁଭମ୍ ପଟ୍ଟନାୟକ, ମଗୁଲି ବେହେରା, ରସ୍ମିତା ନାୟକ, ସତ୍ୟଜିତ୍ ବେହେରା ବାଲିପାଟଣା ଗୁରୁବାର ଚିକିତ୍ସିତ ହେଉଥିବାବେଳେ ଅନ୍ୟ ରୋଗୀମାନେ ଚିକିତ୍ସିତ ହୋଇ ଘରକୁ ଫେରିଯାଇଛନ୍ତି। ମୁଖତଃ ପାନୀୟଜଳ ସମସ୍ୟାକୁ ନେଇ ଝାଡ଼ାବାନ୍ତି ବ୍ୟାପୁଥିବା ଡାକ୍ତର ପ୍ରକାଶ କରିଛନ୍ତି।

## ଝାଡ଼ାବାନ୍ତିରେ ୨୯ ଆକ୍ରାନ୍ତ

ବାଙ୍କୀ, ୩।୭( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଉପଖଣ୍ଡ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ରତାଗଡ ଗୋବିନ୍ଦପୁର ଏବଂ ଓସ୍ତିଆ ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଛି। ରତାଗଡ଼ ଗୋବିନ୍ଦପୁର ଏବଂ ସହ ଗ୍ରାମ ଲୋଚନପୁରରେ ୧୮ ଏବଂ ଓସ୍ତିଆରେ ୧୧ ଜଣ ଆକ୍ରାନ୍ତ ହୋଇଛନ୍ତି। ରୋଗୀମାନଙ୍କୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରାଯାଇଛି। ସମସ୍ତ ରୋଗୀ ସୁସ୍ଥ ଥିବା ଜଣାପଡ଼ିଛି। ଏନେଇ ବ୍ଲକରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଖବରପାଇ ଅପରାହ୍ନରେ ସୁବର୍ଣ୍ଣପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗ୍ରାମରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପହଞ୍ଚି ଘରଘର ବୁଲି ଆକ୍ରାନ୍ତମାନଙ୍କୁ ଭେଟି ଔଷଧ ପ୍ରଦାନ କରିଛନ୍ତି। ଫୁଟା ପାଣି ପିଇବା ସହ ଖାଦ୍ୟ ନିୟନ୍ତ୍ରଣ କରିବା ପାଇଁ ସଚେତନ କରିଛନ୍ତି। ଏନେଇ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ ସୂଚନା ଦେଇଛନ୍ତି। ଅପରାହ୍ନରେ କଟକ ଏସ୍‌ସିବି ଡାକ୍ତରଖାନା ଅଧକ୍ଷ ପ୍ରଶାନ୍ତ କୁମାର ହୋତା, ଡା. ଅମରେଶ ସାହୁ, ଡା. ସତ୍ୟଜିତ ମହାପାତ୍ର, ସମ୍ପ୍ରସାରଣ ଅଧିକାରୀ ମାନଭଞ୍ଜନ ଦଳେଇ, ସ୍ୱାସ୍ଥ୍ୟ ପରିଦର୍ଶକ ମୋହନ ଚରଣ ସାହୁ ପ୍ରମୁଖ ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ରୋଗୀମାନଙ୍କ ଆବଶ୍ୟକ ଅନୁଯାୟୀ ଔଷଧ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ କଟକ ଏସିବି ମେଡିକାଲ ସିଡିଏମଓ ହୋତା ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଝାଡାବ୍ୟାନ୍ତି ବ୍ୟାପୀ ଥିବା ସୂଚନାପାଇ ବାଙ୍କୀ ନିର୍ବାଚନ ମଣ୍ଡଳୀ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ , ସୁବର୍ଣ୍ଣପୁର ମଣ୍ଡଳ ପୂର୍ବତନ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ଉଭୟ ପଞ୍ଚାୟତରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟ ବୁଝିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ସ୍ୱତନ୍ତ୍ର ଦଳକୁ ଉପଯୁକ୍ତ ସେବା ଯୋଗାଇଦେବାକୁ କହିଛନ୍ତି।

# ଇଡିର ପୂର୍ବତନ ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ଜାମିନ

କଟକ,୩।୭(କାର୍ତ୍ତିକ ସାହୁ)

ଲାଞ୍ଚ ଗ୍ରହଣ ଘଟଣା ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପୂର୍ବତନ ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ରଘୁବଂଶୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଇଜିଲାସ ତାଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ୧୦ ଦିନ ପରେ ସେ ଅଦାଲତରେ ହାଜର ହେବାକୁ ହାଇକୋର୍ଟଙ୍କ ଆଦେଶ ରହିଛି। ପ୍ରକାଶ ଯେ, ଭୁବନେଶ୍ୱରର ଜଣେ ଖଣି ବ୍ୟବସାୟୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ଇଣ୍ଡିଆନ୍ ରେଭିନ୍ୟୁ ସର୍ଭିସେସ୍ (ଆଇଆର୍‌ଏସ୍) ଅଧିକାରୀ ରଘୁବଂଶୀଙ୍କୁ ସିବିଆଇ ଗିରଫ କରିଥିଲା। ରଘୁବଂଶୀ ୨କୋଟି ଲାଞ୍ଚ ଦାବି କରିଥିଲେ। ସେ ତନ୍ମଧ୍ୟରୁ ୨୦ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ବେଳେ ସିବିଆଇ ହାତରେ ଧରାପଡ଼ିଥିଲେ। ସିବିଆଇ ଲାଞ୍ଚ ଗ୍ରହଣ ଘଟଣାରେ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ ଆଇନର ୭ ସେକ୍ସନ୍ ଆଧାରରେ ରଘୁବଂଶୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।


ଓଡ଼ିଶା ସରକାର

## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

### ଘୋଷଣା

File No. 1376/2025 Date: 14.05.2025

No. XXVII-6: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୧୩/୨୦୨୩ ତା୧୬।୦୬।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମାଲକାନଗିରି ତହସିଲ: ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଥିଲି | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ଭୂମି ଅନୁସୂଚୀ

ମୌଜା: ମାଥିଲି, ଥାନା: ମାଥିଲି ନଂ. ୭୧, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରି
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୪ | ୧୮୨୬ | ୨.୦୦୨ | ୦.୯୩୮୭ | ଧାନ ଦୁଇ | ନିମକୁ କପେ, ପି:ଗଙ୍ଗାଧର କପେ, ଜା:ଭୂମିଆ, ବା:ନିଜଗାଁ |
| ୬୫ | ୧୭୩୫ | ୦.୪୯୪ | ୦.୪୧୨୭ | ଡଙ୍ଗର ଏକ | ଘେନୁ ପ୍ରଧାନି, ପି:କାଳିଆ ମାଳନି, ମଙ୍ଗୁ ପ୍ରଧାନି, ଜା:ରଣା, ବା:ଧଉଡାଗୁଡା |
| | ୧୭୩୩ | ୦.୫୪୪ | ୦.୦୦୫୧ | ଡଙ୍ଗର ଏକ | |
| | ୧୭୨୨ | ୦.୫୫୧ | ୦.୦୧୧୮ | ଧାନ ଏକ | |
| | ୧୭୩୦ | ୩.୧୬୩ | ୦.୮୮୬୨ | ଧାନ ଦୁଇ | |
| ୮୯ | ୧୭୮୪ | ୦.୮୧୫ | ୦.୦୦୨୧ | ଧାନ ଦୁଇ | ଜଗବନ୍ଧୁ ନାୟକ, ପି:ମାନସିଂହ ନାୟକ, ଭଗବାନ ନାୟକ, ପି:ମଙ୍ଗଳା ନାୟକ, ହାତିରାମ ନାୟକ, ପି:ଭାଗିରଥୀ ନାୟକ, ନରସିଂହ ନାୟକ, ପି:ଅର୍ଜୁନି ନାୟକ, ଘାସିରାମ ନାୟକ, ପି:ଅର୍ଜୁନ ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୯୯ | ୧୮୩୫ | ୧.୯୯୭ | ୧.୯୯୬୬ | ଧାନ ଦୁଇ | ଡମ୍ବୁ ମାଝି, ହରି ମାଝି, ପି:ଜୟସିଂହ ମାଝି, ଜା:ଭୂମିଆ, ବା:ନିଜଗାଁ |
| | ୧୮୩୭ | ୦.୬୩୮ | ୦.୦୩୨୧ | ଡଙ୍ଗର ଏକ | |
| | ୧୮୩୬ | ୦.୨୩୫ | ୦.୦୦୨୪ | ଧାନ ଦୁଇ | |
| ୧୭୦ | ୧୮୦୦ | ୪.୦୦୩ | ୧.୭୨୦୫ | ଧାନ ଦୁଇ | ବଳରାମ ନାୟକ, ପି:ଘାସି ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୧୯୬ | ୧୭୪୯ | ୦.୬୪୦ | ୦.୦୭୮୮ | ଧାନ ଏକ | ଭଗବାନ ପରଜା, ପି:ଗୁରୁ ପରଜା, ଲଛମି ପରଜା, ସ୍ୱା:ଗୁରୁ ପରଜା, ଜା:ପରଜା, ବା:ନିଜଗାଁ (ଧୋତବ ଗୁଡା) |
| | ୧୭୩୮ | ୩.୦୬୨ | ୨.୧୯୫୪ | ଧାନ ଏକ | |
| ୧୯୮ | ୧୭୬୨ | ୦.୧୨୧ | ୦.୧୨୧୧ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ, ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| | ୧୭୬୫ | ୧.୮୬୮ | ୧.୬୫୧୪ | ଧାନ ଦୁଇ | |
| | ୧୭୭୫ | ୨.୫୮୨ | ୦.୩୫୮୮ | ଧାନ ଦୁଇ | |
| ୨୦୪ | ୧୮୨୦ | ୨.୦୦୨ | ୦.୦୫୫୭ | ଧାନ ଦୁଇ | ଭାଜି କୋପେ, ସ୍ୱା:ବୁଦୁରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୨୨୬ | ୧୭୭୨ | ୪.୨୮୨ | ୦.୦୧୫୫ | ଧାନ ଦୁଇ | ରସୁଲ ଖାଁ, ପି:ଏନାୟା ତୁଲା ଖାଁ, କୁଲୁସୁମୁ ବିବି, ସ୍ୱା:ଏନାୟା ତୁଲା ଖାଁ, ହସୋନେ ଖାଁ, ପି:ମଜର ଖାଁ, ଜା:ମୁସଲମାନ,ବା:ନିଜଗାଁ |
| ୨୨୮ | ୧୭୮୯ | ୨.୦୭୬ | ୦.୦୨୪୦ | ଧାନ ଦୁଇ | କାନମ ରାଜୁ ନାଏକ, ପି:ରାମ ନାଏକ, ମତୋ ନାଏକ, ସ୍ୱା:ରାମ ନାଏକ, ତିଳକ ନାଏକ, ପି:ମକୁନ୍ଦ ନାଏକ, ଶଶୀ ନାଏକ, ସ୍ୱା:ମକୁନ୍ଦ ନାଏକ,ଜା:ଭୂମିଆ, ବା:ନିଜଗାଁ |
| ୨୯୦ | ୧୭୯୭ | ୧.୭୭୯ | ୦.୩୬୬୮ | ଧାନ ଦୁଇ | ହରି ଦରୋ, ପି:ବୁଦୁରା ଦରୋ, ଜା:ଭୂମିଆ, ବା:ବାରିଆ ବାହାଲା |
| ୨୯୧ | ୧୬୧୯ | ୧.୩୩୨ | ୦.୨୦୮୩ | ଧାନ ଦୁଇ | ହରି ପରଜା, ପି:ରଙ୍ଗିଆ ପରଜା, ଜା:ପରଜା, ବା:ଧଉଡାଗୁଡା |
| ୨୯୪ | ୧୮୨୭ | ୦.୧୫୧ | ୦.୧୧୦୭ | ଧାନ ଦୁଇ | ହରେକୃଷ୍ଣ ପରଜା, ପି:ଆକୁଳି ଚରଣ ପରଜା, ଜା:ଭୂମିଆଁ, ବା:ନିଜଗାଁ |
| | ୧୮୩୦ | ୦.୧୪୮ | ୦.୧୪୮୩ | ଡଙ୍ଗର ଏକ | |
| ୪୯୪/୧୬୦ | ୧୭୯୬/୨୧୧୨ | ୧.୦୦୧ | ୦.୨୨୨୩ | ଧାନ ଦୁଇ | ସାଦବେ ମାଝୀ, ଗୁରୁ ମାଝୀ, ପି:ସୋନୁ ମାଝୀ, ଜା:ରଣା, ବା:ନିଜଗାଁ |
| ୪୯୪/୩ | ୧୮୩୨ | ୩.୨୮୬ | ୦.୬୨୫୧ | ଧାନ ଦୁଇ | ମୁନୀ ପୂଜାରୀ, ପି:ଚନ୍ଦ୍ର ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୪୯୪/୪ | ୧୮୩୩ | ୧.୬୮୦ | ୦.୧୬୯୮ | ଧାନ ଦୁଇ | ବୁଦୁରା ପୂଜାରୀ, ପି:ଲକିନାଥ ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୧୯୮ | ୧୭୭୪ | ୧.୪୮୨ | ୧.୦୬୫୩ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ,ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| ୪୯୪/୩୦୯ | ୧୮୩୫/୨୦୯୨ | ୦.୬୫୦ | ୦.୪୪ | ଧାନ ଦୁଇ | ହରି କୋପେ, ଭାଗୀରଥି କୋପେ, ପି:ବୁଦରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/୩୦୯ | ୧୮୩୭/୨୦୯୩ | ୦.୩୫୧ | ୦.୩୪୮୪ | ଡଙ୍ଗର ଏକ | ହରି କୋପେ, ଭାଗୀରଥୀ କପୋ, ପି:ବୁଦ୍ରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/୫୪୮ | ୧୮୩୫/୨୩୮୭ | ୦.୧୩୭ | ୧.୦୩୨୮ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| ୪୯୪/୫୪୮ | ୧୮୩୬/୨୩୮୮ | ୦.୮୪ | ୦.୪୭୯୩ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| | ମୋଟ | ୪୩.୪୨୮ | ୧୫.୭୨୬ | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ– ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରିଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–ଜିଲ୍ଲାପାଳ,ମାଲକାନଗିରି

OIPR-24074/14/0017/2526


# ପିଜି ନାମଲେଖା: ପ୍ରଥମ ପର୍ଯ୍ୟାୟ ତୃତୀୟ ରାଉଣ୍ଡ ପାଇଁ ୭,୫୫୯ ଛାତ୍ରୀଛାତ୍ର ଚୟନ

ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)

ପିଜି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ତୃତୀୟ ରାଉଣ୍ଡ୍ ମେରିଟ୍ ଲିଷ୍ଟ ଗୁରୁବାର ପ୍ରକାଶ ପାଇଛି। ଏହି ରାଉଣ୍ଡରେ ନାମଲେଖା ଲାଗି ୭,୫୫୯ଜଣ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୧୫୦ଜଣ ଛାତ୍ର ଓ ୫୪୦୯ ଛାତ୍ରୀ ରହିଛନ୍ତି। ଯେଉଁ ଛାତ୍ରୀଛାତ୍ର ଫ୍ରିଜ୍ ଅପ୍ସନ ଦେଇଛନ୍ତି, ସେମାନେ ୩ ତାରିଖ ସନ୍ଧ୍ୟା ୬ଟାରୁ ୭ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ଫି'ଜମା କରିପାରିବେ। ଅନ୍‌ଲାଇନ ଇଣ୍ଟିମେଶନ ଲେଟର ନେଇ ୪, ୭ ଏବଂ ୮ ତାରିଖ ମଧ୍ୟରେ ସକାଳ ୧୦ଟାରୁ ଅପରାହ୍ନ ୫ଟା ଭିତରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ରିପୋର୍ଟ କରିପାରିବେ। ସେହିପରି ଯେଉଁ ଛାତ୍ରୀଛାତ୍ର ପୂର୍ବରୁ ସ୍ଲାଇଡ୍ ଓ ଫ୍ଲଟ୍ ଅପ୍ସନ ଦେଇଥିବେ, ସେମାନେ ତୃତୀୟ ରାଉଣ୍ଡରେ ନାମ ଲେଖାଇବେ। ଏହାପରେ ଫ୍ଲଟ୍ କିମ୍ବା ସ୍ଲାଇଡ୍ ଅପ୍ସନ ଦିଆଯିବ ନାହିଁ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଚଳିତବର୍ଷ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୨୦ ବିଶ୍ୱବିଦ୍ୟାଳୟ ଓ ୧୦୧ଟି କଲେଜରେ ୩୧,୧୫୪ଟି ସିଟ୍ ରହିଛି। ମୋଟ ୬୨,୩୨୧ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ୫୬,୯୭୬ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧,୨୮୮ଜଣ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ଚୟନ କରିଛନ୍ତି। ତେବେ ପ୍ରଥମ ରାଉଣ୍ଡରେ ୭୮୭୪ ଜଣ ଏବଂ ଦ୍ୱିତୀୟ ରାଉଣ୍ଡରେ ୩୪୭୨ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମାଣ୍ଟାନା ପ୍ରତିନିଧିମଣ୍ଡଳୀ




ରାଜ୍ୟପାଳ ଡ. ହରି ବାବୁ କମ୍ଭପାଟିଙ୍କ ସହ ୧୦ଜଣିଆ ପ୍ରତିନିଧି ଦଳ।

ଭୁବନେଶ୍ୱର,୩।୭ (ସୁଚିସ୍ମିତା ସାହୁ)

ଯୁକ୍ତରାଷ୍ଟ୍ର ଆମେରିକାର ମାଣ୍ଟାନାରୁ ଆସିଥିବା ଏକ ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ଗୁରୁବାର ରାଜ୍ୟପାଳ ଡ. ହରି ବାବୁ କମ୍ଭପାଟିଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ। ଇଣ୍ଡିଆ ଟ୍ରେକ ୨୦୨୫ କାର୍ଯ୍ୟକ୍ରମରେ ଏହି ପ୍ରତିନିଧିମଣ୍ଡଳୀ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି। ସେମାନଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ ଓଡିଶାର ସମୃଦ୍ଧ ସଂସ୍କୃତି, କଳା ଏବଂ ସାମାଜିକ ପ୍ରଗତି ବିଷୟରେ ଅବଗତ କରାଇଥିଲେ। ଭାରତର ବିବିଧତା ଅନୁସନ୍ଧାନ କରିବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରି ଏପରି ପରିଦର୍ଶନ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ରାଜଭବନ ପରିସର ପରିଦର୍ଶନ କରିଥିଲେ।

# ରାସ୍ତାରେ ମହିଳାଙ୍କୁ ଦୁର୍ବ୍ୟବହାର, ଦୁଇ ଗିରଫ

ଭୁବନେଶ୍ୱର,୩।୭ (ସତ୍ୟଜିତ୍ ରାଉତ)

ରାସ୍ତାରେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଦୁଇ ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସାଲିଆ ସାହିରେ ରହୁଥିବା ଗଞ୍ଜାମ ଗୋଳନ୍ଥରା ଥାନା ଅଞ୍ଚଳର କାହ୍ନୁ ମହାରଣା (୨୭) ଓ କଟକ ନିଆଳି ଅଞ୍ଚଳର ଚିଣ୍ଟୁ ସ୍ୱାଇଁ (୨୯)। ଗତ ୨୫ ତାରିଖ ସକାଳେ ଅଭିଯୋଗକାରିଣୀ ତାଙ୍କ ଘରୁ ବାହାରି ଅଫିସ ଯାଉଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଟାର୍ଗେଟ୍ କରିଥିଲେ। ବୀଣା ପଣ୍ଡା କ୍ଲିନିକ୍ ନିକଟ ରାସ୍ତାରେ ଯାଉଥିବାବେଳେ ଦୁଇ ଅଭିଯୁକ୍ତ ସ୍କୁଟିରେ ଆସି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଏତଲାକ୍ରମେ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା (ନଂ.୩୦୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତଦ୍ୱୟ ବିଶେଷକରି ଭୋର ସମୟରେ ଏକାକୀ ଯାତାୟାତ କରୁଥିବା ମହିଳାଙ୍କୁ ଟାର୍ଗେଟ କରି ଦୁର୍ବ୍ୟବହାର କରୁଥିଲେ। ଚିଣ୍ଟୁଙ୍କ ନାମରେ ନୟାପଲ୍ଲୀ ଓ ମୈତ୍ରୀବିହାର ଥାନାରେ ୪ଟି ଆପରାଧିକ ମାମଲା ରହିଛି।

# କୂଅରୁ ବାର୍‌ହା ଉଦ୍ଧାର

ବେଗୁନିଆ,୩।୭(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାଘମାରୀ ଗ୍ରାମସ୍ଥ ବଡ଼ସାହିର ଏକ ଖୋଲାକୂଅରେ ଗୁରୁବାର ଅପରାହ୍ନରେ ଏକ ଜଙ୍ଗଲୀ ବାର୍‌ହା ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ବାର୍‌ହାଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ବନ୍ୟଜନ୍ତୁ ଗାଁରେ ପଶି ଫସଲ ନଷ୍ଟ କରୁଛନ୍ତି। ଗୁରୁବାର ଏକ ବାର୍‌ହା ବଡ଼ସାହିରେ ପଶି ଯାଇଥିଲା। ଲୋକେ ଘଉଡ଼ାଇବାରୁ ବାର୍‌ହାଟି କୂଅରେ ପଡ଼ିଯାଇଥିଲା।

# ବିବାହିତା ଝିଅ ପାଇଁ ରାଶନ କାର୍ଡରୁ ବଞ୍ଚିତ ପରିବାର

କଟକ ସଦର,୩।୭ (ସୁଶାନ୍ତ କୁମାର ଜେନା)

ଇ-କେୱାଇସି ଅବଧି ଶେଷ ହେବା ପରେ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ୬୭୦୦ କାର୍ଡ ରଦ୍ଦ ହୋଇଯାଇଛି। ଜୁଲାଇରୁ ଏହି ପରିବାର ଆଉ ରାଶନ ପାଇବେ ନାହିଁ ବୋଲି ଖାଦ୍ୟ ଓ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ସ୍ପଷ୍ଟ କରିଛି। ଏଥିମଧ୍ୟରୁ ୩୦୦୦ ହଜାର କାର୍ଡ ବିବାହିତା ଝିଅମାନେ ଚାକିରି କରୁଥିବାରୁ ଜଳ୍ପିତ ବାପଙ୍କ କାର୍ଡ ରଦ୍ଦ ହୋଇଯାଇଛି। ୨୦୨୪ ଜାନୁଆରୀରୁ ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ ରଦ୍ଦ ଅଭିଯାନ ଆରମ୍ଭ ହୋଇଥିଲା। ଜିଲାରେ ଯେଉଁ ପରିବାର ସଦସ୍ୟ ଆୟକର ଦେଉଥିବେ, ସେମାନଙ୍କ କାର୍ଡ ଫେରାଇଦେବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ବାସ୍ତବ କଥା ଜାଣିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟା କଲେନାହିଁ। ଫଳରେ ବିବାହିତା ଝିଅଙ୍କ ପାଇଁ ମାତାପିତାଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି। ବିଶେଷ କରି ଯେଉଁ ଝିଅମାନେ ୨୦୨୩ ନଭେମ୍ବର ଓ ଡିସେମ୍ବରରେ ଚାକିରି ପାଇଲେ, ସେହି ପରିବାର ବେଶି ହଇରାଣ ହୋଇଛନ୍ତି। ଶାଶୁ ଘରେ ଝିଅ ଥାଇ ଚାକିରି କରିଥିଲେ ମଧ୍ୟ ବାପଘର ଲୋକେ କାର୍ଡ ପାଇବାରୁ ବଞ୍ଚିତ ହେଲେ। ଏପରିକି ସମ୍ପୃକ୍ତ ପରିବାର ନୂଆ କାର୍ଡ ପାଇଁ ଆବେଦନ କଲେ ସୁଦ୍ଧା ଏହି ପରିବାର ଆୟକରଦାତା ବୋଲି ଅନ ଲାଇନରେ ଦେଖାଉଛି। ତେଣୁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଏହି ସମସ୍ୟାର ସମାଧାନ କରିବା ପାଇଁ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର୍ ମନୋଜ କୁମାର ନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେବାର କ୍ଷମତା ରହିଥିବାରୁ କଟକ ଜିଲାସ୍ତରର କୌଣସି ଯୋଗାଣ ବିଭାଗ ଅଧିକାରୀ ମତ ଦେବାପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି।

**ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ଶ୍ରୀରାମ ଚନ୍ଦ୍ର ଭବନରେ ଜାନକୀ ସାହିତ୍ୟ ଓ ସଂସ୍କୃତି ସମାଜ ପକ୍ଷରୁ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ.ପଣ୍ଡିତ ଚୈତନ୍ୟ କୁମାର ସାହୁ ଯୋଗଦେଇ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡା. ତାରକ ପ୍ରସନ୍ନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଡ. ଅଶୋକ କୁମାର ଦାଶ ଯୋଗଦେଇଥିଲେ। କବି ଗୀତାଞ୍ଜଳି ପୃଷ୍ଟି ଏବଂ କବି ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ କବି ଛବିରାମ ସେଠୀ, ବସନ୍ତ ସାହୁ, ଦେବେନ୍ଦ୍ର ସାହୁ, ସନ୍ଧ୍ୟା ଶତପଥୀ, ସୁରେନ୍ଦ୍ର ମହାପାତ୍ର, ଲୋକନାଥ ସେଠୀ, ସୁନି ଦାସ, ରାଜୀବ ଷଡ଼ଙ୍ଗୀ, ସଚିଦାନନ୍ଦ କର ଚୈତନ ରାଉତ ପ୍ରମୁଖ କବିତା ପାଠ କରିଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ପ୍ରତିଯୋଗିତା

ବାଙ୍କୀ,୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ରଘୁନାଥ ଦେବତା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଣ୍ଡଳସ୍ତରୀୟ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, କବିତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁଶ୍ରୀ ଜ୍ୟୋତି ଷଡ଼ଙ୍ଗୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରୂକ୍ନାୟକ ଯୋଗଦେଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତି ନାରାୟଣ ଦେବତା ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ଚିନ୍ମୟ କୁମାର ପଣ୍ଡା ବେଦପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଷଡ଼ଙ୍ଗୀ ବିଭିନ୍ନ ଔଷଧୀୟ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସିଆର୍‌ସିସି ସୁକାନ୍ତ କୁମାର ଷଡ଼ଙ୍ଗୀ, ଲିଟୁ ବେହେରା, ସଦାନନ୍ଦ ସାହୁ, ବସନ୍ତ ପରିଡ଼ା, ପ୍ରଦୀପ କୁମାର ସିଠ ଓ ଦୀପକ ରଞ୍ଜନ ସାହୁ ସହଯୋଗ କରିଥିଲେ। ସେହିପରି ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, କବିତା ଲେଖନ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତି ନାରାୟଣ ଅଧ୍ୟକ୍ଷତା କରିଥିଲେ। ବିଚାରକ ଭାବେ ଜ୍ୟୋସ୍ନାମୟୀ ବିଶ୍ୱାଳ, କୃଷ୍ଣ କୁମାର ପାଣିଗ୍ରାହୀ ଓ ରମାକାନ୍ତ ଭଞ୍ଜ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାପୁଜୀ କୁମାର ବେଉରା ଓ ଭାଗୀରଥି ପରିଡ଼ା ସହଯୋଗ କରିଥିଲେ।

### ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

ତିଗିରିଆ,୩।୭(ଜାଫର ଖାଁ) ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତସ୍ଥିତ ଗୋଡିଝରିଆ ଗ୍ରାମରେ ଥିବା ତ୍ରିନାଥ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମସ୍ତ ରୀତିନୀତିରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସାପୁଆ ନଦୀରୁ ଗ୍ରାମବାସୀମାନେ କଳସ ଯାତ୍ରା କରି ଠାକୁରଙ୍କ ପାଖରେ ଜଳ ଲାଗି କରିବା ପରେ ହୋମଯଜ୍ଞ କରାଯାଇଥିଲା। ଏଥିରେ ଗୋଡିଝରିଆ ଭାଗବତ କମିଟିର ସଦସ୍ୟ ଜିତେନ୍ଦ୍ର ସାହୁ, ପ୍ରଫୁଲ୍ଲ ବାରିକ, ଭଗବାନ ବେହେରା, ଅଖିଳ ମୋହନ ସାହୁ, ରତିକାନ୍ତ ସାହୁ, ମାନସ ସାହୁ, ପବିତ୍ର ସାହୁ, ଅଜୁ ସାହୁ, ଦିଲ୍ଲୀପ ବେହେରା ପ୍ରମୁଖ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ମନୋରଞ୍ଜନ ସାହୁ, ପ୍ରମୋଦ ସାହୁ, କାଳନ୍ଦୀ ମହାପାତ୍ର, ଭାବଗ୍ରାହୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ସମସ୍ତ ଗ୍ରାମବାସୀଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯିବା ସହ ମନ୍ଦିର ପରିସରରେ ଭାଗବତ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା।

# ଝାଡ଼ାବାନ୍ତିରେ ୨୯ ଆକ୍ରାନ୍ତ

ବାଙ୍କୀ, ୩।୭ ( ଶୁଭେନ୍ଦୁ ମହାପାତ୍ର) :



ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଥିବା ଡାକ୍ତରୀଦଳ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବାଙ୍କୀ ଉପଖଣ୍ଡ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ରତାଗଡ ଗୋବିନ୍ଦପୁର ଏବଂ ଓସ୍ତିଆ ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଛି। ରତାଗଡ଼ ଗୋବିନ୍ଦପୁରରେ ୧୮ ଏବଂ ଓସ୍ତିଆରେ ୧୧ ଜଣ ଆକ୍ରାନ୍ତ ହୋଇଛନ୍ତି। ରୋଗୀମାନଙ୍କୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମସ୍ତ ରୋଗୀ ସୁସ୍ଥ ଥିବା ଜଣାପଡ଼ିଛି। ଏନେଇ ବ୍ଲକରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଖବରପାଇ ଅପରାହ୍ନରେ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗ୍ରାମରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପହଞ୍ଚି ଘରଘର ବୁଲି ଆକ୍ରାନ୍ତମାନଙ୍କୁ ଭେଟି ଔଷଧ ପ୍ରଦାନ କରିଛନ୍ତି। ଫୁଟା ପାଣି ପିଇବା ସହ ଖାଦ୍ୟ ନିୟନ୍ତ୍ରଣ କରିବା ପାଇଁ ସଚେତନ କରିଛନ୍ତି। ଏନେଇ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ ସୂଚନା ଦେଇଛନ୍ତି। ଅପରାହ୍ନରେ କଟକ ଏସ୍‌ସିବି ଡାକ୍ତରଖାନା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ହୋତା, ଡା. ଅମରେଶ ସାହୁ, ଡା. ସତ୍ୟଜିତ ମହାପାତ୍ର, ସମ୍ପ୍ରସାରଣ ଅଧିକାରୀ ମାନଭଞ୍ଜନ ଦଳେଇ, ସ୍ୱାସ୍ଥ୍ୟ ପରିଦର୍ଶକ ମୋହନ ଚରଣ ସାହୁ ପ୍ରମୁଖ ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ରୋଗୀମାନଙ୍କ ଆବଶ୍ୟକ ଅନୁଯାୟୀ ଔଷଧ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ କଟକ ଏସିବି ମେଡିକାଲ ସିଡିଏମଓ ହୋତା ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଝାଡାବାନ୍ତି ବ୍ୟାପୀ ଥିବା ସୂଚନାପାଇ ବାଙ୍କୀ ନିର୍ବାଚନ ମଣ୍ଡଳୀ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ, ସୁବର୍ଣ୍ଣପୁର ମଣ୍ଡଳ ପୂର୍ବତନ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ଉଭୟ ପଞ୍ଚାୟତରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟ ବୁଝିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ସ୍ୱତନ୍ତ୍ର ଦଳକୁ ଉପଯୁକ୍ତ ସେବା ଯୋଗାଇଦେବାକୁ କହିଛନ୍ତି।

# ବୋଲେରୋ ଧକ୍କାରେ ସ୍ୱାମୀ ମୃତ

ସାଲେପୁର,୩।୭(ଅରବିନ୍ଦ ଭୂୟାଁ): କଟକ-ସାଲେପୁର ରାସ୍ତାର ନାଦୋଳ ବଜାର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଓ ୫ ବର୍ଷର ଶିଶୁକନ୍ୟା ଗୁରୁତର ହୋଇଛନ୍ତି। ମୃତକ ହେଲେ ସାଲେପୁର ବ୍ଲକ୍ ଅନ୍ତର୍ଗତ ବାରିଗୋଳ ଗ୍ରାମର ରାଜୁ ମଳିକ(୨୭)। ସ୍ତ୍ରୀ ଜିନି ମଳିକ ଓ ଶିଶୁ କନ୍ୟାକୁ ସାଙ୍ଗରେ ନେଇ ରାଜୁ ବହୁଗ୍ରାମଠାରେ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବାବେଳେ ନାଦୋଳ ବଜାର ନିକଟରେ ଏକ ବୁଲେରୋ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରାଜୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ତ୍ରୀ ଓ ଶିଶୁକନ୍ୟାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସାଲେପୁର ପୋଲିସ ଦୁର୍ଘଟଣାସ୍ଥଳରେପହଞ୍ଚି ଘଟଣା ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇଥିବା ବୋଲେରୋ ଗାଡ଼ିର ସନ୍ଧାନ ମିଳି ନ ଥିଲା।

## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

File No. 1376/2025 Date: 14.05.2025

No. XXVII-6: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମେନ୍ତ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୩/୨୦୨୩ ତା୧୬।୦୬।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.malkangiri.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଯଜପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମାଲକାନଗିରି ତହସିଲ: ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଥିଲି | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

### ଭୂମି ଅନୁସୂଚୀ
**ମୌଜା: ମାଥିଲି, ଥାନା: ମାଥିଲି ନଂ. ୭୧, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରି**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୪ | ୧୮୨୬ | ୨.୦୦୨ | ୦.୯୩୮୭ | ଧାନ ଦୁଇ | ନିମକୁ କପେ, ପି:ଗଙ୍ଗାଧର କପେ, ଜା:ଭୂମିଆ, ବା:ନିଜଗାଁ |
| ୬୫ | ୧୭୩୫ | ୦.୪୯୪ | ୦.୪୧୨୭ | ଡଙ୍ଗର ଏକ | ଘେନୁ ପ୍ରଧାନି, ପି:କାଲିଆ ମାଳନି, ମଙ୍ଗୁ ପ୍ରଧାନି, ଜା:ରଣା, ବା:ଧଉଡାଗୁଡା |
| | ୧୭୩୩ | ୦.୫୪୪ | ୦.୦୦୫୧ | ଡଙ୍ଗର ଏକ | |
| | ୧୭୨୨ | ୦.୫୫୧ | ୦.୦୧୧୮ | ଧାନ ଏକ | |
| | ୧୭୩୦ | ୩.୧୬୩ | ୦.୮୮୬୨ | ଧାନ ଦୁଇ | |
| ୮୯ | ୧୭୮୪ | ୦.୮୧୫ | ୦.୦୦୨୧ | ଧାନ ଦୁଇ | ଜଗବନ୍ଧୁ ନାୟକ, ପି:ମାନସିଂହ ନାୟକ, ଭଗବାନ ନାୟକ, ପି:ମଙ୍ଗଳା ନାୟକ, ହାତିରାମ ନାୟକ, ପି:ଭାଗିରଥୀ ନାୟକ, ନରସିଂହ ନାୟକ, ପି:ଅର୍ଜୁନି ନାୟକ, ଘାସିରାମ ନାୟକ, ପି:ଅର୍ଜୁନ ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୯୯ | ୧୮୩୫ | ୧.୯୯୭ | ୧.୯୯୬୬ | ଧାନ ଦୁଇ | ଡମ୍ବୁ ମାଝି, ହରି ମାଝି, ପି:ଜୟସିଂହ ମାଝି, ଜା:ଭୂମିଆ, ବା:ନିଜଗାଁ |
| | ୧୮୩୭ | ୦.୬୩୮ | ୦.୦୩୨୧ | ଡଙ୍ଗର ଏକ | |
| | ୧୮୩୬ | ୦.୨୩୫ | ୦.୦୦୨୪ | ଧାନ ଦୁଇ | |
| ୧୭୦ | ୧୮୦୦ | ୪.୦୦୩ | ୧.୭୨୦୫ | ଧାନ ଦୁଇ | ବଳରାମ ନାୟକ, ପି:ଘାସି ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୧୯୬ | ୧୭୪୯ | ୦.୬୪୦ | ୦.୦୭୮୮ | ଧାନ ଏକ | ଭଗବାନ ପରଜା, ପି:ଗୁରୁ ପରଜା, ଲଛମି ପରଜା, ସ୍ୱା:ଗୁରୁ ପରଜା, ଜା:ପରଜା, ବା:ନିଜଗାଁ (ଧୋତବ ଗୁଡା) |
| | ୧୭୩୮ | ୩.୦୬୨ | ୨.୧୯୫୪ | ଧାନ ଏକ | |
| ୧୯୮ | ୧୭୬୨ | ୦.୧୨୧ | ୦.୧୨୧୧ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ, ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| | ୧୭୬୫ | ୧.୮୬୮ | ୧.୬୫୧୪ | ଧାନ ଦୁଇ | |
| | ୧୭୭୫ | ୨.୫୮୨ | ୦.୩୫୮୮ | ଧାନ ଦୁଇ | |
| ୨୦୪ | ୧୮୨୦ | ୨.୦୦୨ | ୦.୦୫୫୭ | ଧାନ ଦୁଇ | ଭାଜି କୋପେ, ସ୍ୱା:ବୁଦୁରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୨୨୬ | ୧୭୭୨ | ୪.୨୮୨ | ୦.୦୧୫୫ | ଧାନ ଦୁଇ | ରସୁଲ ଖାଁ, ପି:ଏନାୟା ତୁଲା ଖାଁ, କୁଲସୁମୁ ବିବି, ସ୍ୱା:ଏନାୟା ତୁଲା ଖାଁ, ହସୋନେ ଖାଁ, ପି:ମଜର ଖାଁ, ଜା:ମୁସଲମାନ,ବା:ନିଜଗାଁ |
| ୨୨୮ | ୧୭୮୯ | ୨.୦୭୬ | ୦.୦୨୪୦ | ଧାନ ଦୁଇ | କାନମ ରାଜୁ ନାଏକ, ପି:ରାମ ନାଏକ, ମତୋ ନାଏକ, ସ୍ୱା:ରାମ ନାଏକ, ତିଳକ ନାଏକ, ପି:ମକୁନ୍ଦ ନାଏକ, ଶଶୀ ନାଏକ, ସ୍ୱା:ମକୁନ୍ଦ ନାଏକ,ଜା:ଭୂମିଆ, ବା:ନିଜଗାଁ |
| ୨୯୦ | ୧୭୯୭ | ୧.୭୭୯ | ୦.୩୬୬୮ | ଧାନ ଦୁଇ | ହରି ଦରୋ, ପି:ବୁଦୁରା ଦରୋ, ଜା:ଭୂମିଆ, ବା:ବାରିଆ ବାହାଲା |
| ୨୯୧ | ୧୬୧୯ | ୧.୩୩୨ | ୦.୨୦୮୩ | ଧାନ ଦୁଇ | ହରି ପରଜା, ପି:ରଙ୍ଗିଆ ପରଜା, ଜା:ପରଜା, ବା:ଧଉଡାଗୁଡା |
| ୨୯୪ | ୧୮୨୭ | ୦.୧୫୧ | ୦.୧୧୦୭ | ଧାନ ଦୁଇ | ହରେକୃଷ୍ଣ ପରଜା, ପି:ଆକୁଳି ଚରଣ ପରଜା, ଜା:ଭୂମିଆଁ, ବା:ନିଜଗାଁ |
| | ୧୮୩୦ | ୦.୧୪୮ | ୦.୧୪୮୩ | ଡଙ୍ଗର ଏକ | |
| ୪୯୪/ ୧୬୦ | ୧୭୯୬/ ୨୧୧୨ | ୧.୦୦୧ | ୦.୨୨୨୩ | ଧାନ ଦୁଇ | ସାଦବେ ମାଝୀ, ଗୁରୁ ମାଝୀ, ପି:ସୋନୁ ମାଝୀ, ଜା:ରଣା, ବା:ନିଜଗାଁ |
| ୪୯୪/ ୩ | ୧୮୩୨ | ୩.୨୮୬ | ୦.୬୨୫୧ | ଧାନ ଦୁଇ | ମୁନୀ ପୂଜାରୀ, ପି:ଚନ୍ଦ୍ର ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୪୯୪/ ୪ | ୧୮୩୩ | ୧.୬୮୦ | ୦.୧୬୯୮ | ଧାନ ଦୁଇ | ବୁଦୁରା ପୂଜାରୀ, ପି:ଲକିନାଥ ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୧୯୮ | ୧୭୭୪ | ୧.୪୮୨ | ୧.୦୬୫୩ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ,ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| ୪୯୪/ ୩୦୯ | ୧୮୩୫/ ୨୦୯୨ | ୦.୬୫୦ | ୦.୪୪ | ଧାନ ଦୁଇ | ହରି କୋପେ, ଭାଗୀରଥି କୋପେ, ପି:ବୁଦରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/ ୩୦୯ | ୧୮୩୭/ ୨୦୯୩ | ୦.୩୫୧ | ୦.୩୪୮୪ | ଡଙ୍ଗର ଏକ | ହରି କୋପେ, ଭାଗୀରଥୀ କପୋ, ପି:ବୁଦ୍ରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/ ୫୪୮ | ୧୮୩୫/ ୨୩୮୭ | ୦.୧୩୭ | ୧.୦୩୨୮ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| ୪୯୪/ ୫୪୮ | ୧୮୩୬/ ୨୩୮୮ | ୦.୮୪ | ୦.୪୭୯୩ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| | ମୋଟ | ୪୩.୪୨୮ | ୧୫.୭୨୬ | | |

### ତଫସିଲ–ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା–ମାଲକାନଗିରି ତହସିଲ–ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନା ବୈଧ ତାରିଖ– ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ**

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରିଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–ଜିଲ୍ଲାପାଳ,ମାଲକାନଗିରି

OIPR-24074/14/0017/2526

# 'ବୃକ୍ଷ ବଞ୍ଚିଲେ ଜୀବଜଗତ ବଞ୍ଚିବ'

ବାଙ୍କୀ, ୩।୭ ( ଶୁଭେନ୍ଦୁ ମହାପାତ୍ର) :



ଆଦର୍ଶ ଯୁବ ପରିଷଦ ତରଫରୁ ଚାରା ରୋପଣ କରାଯାଉଛି।

ଡମପଡ଼ା ପଞ୍ଚାୟତ ଅଧୀନ ବାଘୁଆ ଅମରେନ୍ଦ୍ର କ୍ଲଷ୍ଟର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୃକ୍ଷ ହିଁ ଜୀବନ, ଏହା ବଞ୍ଚିଲେ ଜୀବଜଗତ ବଞ୍ଚିପାରିବ ଛାତ୍ରୀଛାତ୍ରମାନଙ୍କୁ ଏଭଳି ବାର୍ତ୍ତା ଦିଆଯାଇଛି। ବିଦ୍ୟାଳୟର କ୍ଲଷ୍ଟର ସିଆରସିସି ଦେବଜ୍ୟୋତି ପଣ୍ଡା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସହକାରୀ ଶିକ୍ଷକ ବିଦ୍ୟାଧର ଖଟୁଆ, ଶିକ୍ଷୟିତ୍ରୀ ସୀତା ନାଏକଙ୍କ ସହଯୋଗରେ ପିଜୁଳି, ଗଙ୍ଗ ଶିଉଳି, ଆମ୍ବ ଆଦି ଚାରାରୋପଣ କରାଯାଇଥିଲା।

ସେହିପରି ବାଙ୍କୀ ଅନ୍ତର୍ଗତ ଚକାପଦା ଗ୍ରାମର ଆଦର୍ଶ ଯୁବ ପରିଷଦ ପକ୍ଷରୁ କୁଣ୍ଡୁପଙ୍ଗୀ ଗ୍ରାମର ବତୀ ଟାଙ୍ଗର ଯୁବ ପରିଷଦ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରବୀନ୍ଦ୍ର ବେଉରା ଅଧ୍ୟକ୍ଷତା କରିବା ସହ ପରିଷଦର ଆବାହକ ଅକ୍ଷୟ ସାମଲ, ବରିଷ୍ଠ ଉପଦେଷ୍ଟା କବି ଲଲାଟେନ୍ଦୁ ପଣ୍ଡା, କଂଗ୍ରେସ ରଣା, ସଦସ୍ୟା ସତ୍ୟଭାମା ବେଉରା, ଅବନ୍ତୀ ବେଉରା, ଶୁଭଶ୍ରୀ ବେଉରା, ଯୁବ ସମାଜିକ କର୍ମୀ ଅଜୟ ସ୍ୱାଇଁ, ରଜନୀ ବେଉରା, ସୁଷମା ବେଉରା, ମମତା ବେଉରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବେଲ, ଜାମୁ, ବଉଳ ଆଦି ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଲଲାଟେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଡମପଡା ଶାଖା ସମବାୟ ବ୍ୟାଙ୍କ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ନାବାର୍ଡ ଡିଡିଏମ୍ ଶାଖା ପରିଚାଳକ ଶୁଚିସ୍ମିତା ପଣ୍ଡା, ଅମିତ୍ ମହାପାତ୍ର, ଶାଖା ସହ ପରିଚାଳକ ଅକ୍ଷୟ କୁମାର ନାୟକ ଅଜୟ କୁମାର ରାଉତଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ।

## ରଥଯାତ୍ରାକୁ ପ୍ରଦୂଷଣ ମୁକ୍ତ କରିବାକୁ ଗୁରୁତ୍ୱ

ବାଙ୍କୀ,୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂଗୋଳ ବିଭାଗ ଆନୁକୂଲ୍ୟରେ ଗୁରୁବାର ରଥଯାତ୍ରା ଓ ଏହାର ପରିବେଶ ଉପରେ ପ୍ରଭାବ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ୍ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ଯୋଗଦେଇ ରଥଯାତ୍ରାରେ ଲକ୍ଷାଧିକ ଜନସମାବେଶ ଯୋଗୁ ପରିବେଶ ଦୂଷିତ ହେବା ସହ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ମନୋଜ ମହାପାତ୍ର, ମୁଖ୍ୟବକ୍ତା ଭାବେ ଡ. ଅଭିମନ୍ୟୁ ରଣା ଯୋଗଦେଇ ରଥଯାତ୍ରା ସମୟରେ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଜନସାଧାରଣ ଓ ସରକାର ଦୃଷ୍ଟି ଦିଅନ୍ତୁ ବୋଲି କରିଥିଲେ।

# ନିଆରା ବିବାହ: ବର, କନ୍ୟାଙ୍କୁ ଚାରା ଉପହାର

## ପ୍ରକୃତିପ୍ରେମୀଙ୍କ ଆମିଷ ବର୍ଜନ



ବରକନ୍ୟାଙ୍କୁ ଅତିଥିମାନେ ଚାରା ଉପହାର ଦେଉଛନ୍ତି।

ବାଙ୍କୀ,୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀ ଅନ୍ତର୍ଗତ ତୁଳସୀପୁର ଗ୍ରାମରେ ଏକ ନିଆରି ବିବାହ ଦେଖିବାକୁ ମିଳିଛି। ପ୍ରକୃତିବନ୍ଧୁ ତଥା ପରିବେଶବିତ୍ ପ୍ରସନ୍ନ କୁମାର ସାହୁଙ୍କ କନ୍ୟା ପ୍ରିତିଶ୍ରୀ ପ୍ରୀୟଦର୍ଶନୀ ଗୁରୁବାର ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥିମାନେ ବରକନ୍ୟାଙ୍କୁ ଫୁଲ ଓ ଫଳଚାରା ଉପହାର ଦେଇ ଆଶୀର୍ବାଦ କରିଥିଲେ। ଏପରିକି ଅଁଳା, ବଉଳ ଆଦି ଔଷଧୀୟ ଚାରା ବିବାହ ବେଦୀରେ ବରଣି କରାଯାଇଥିଲା। ଏଥିରେ ଉପସ୍ଥିତ ଅତିଥିମାନେ ପରିବେଶ ସୁରକ୍ଷା ସହ ବୃକ୍ଷ ପ୍ରତି ଯତ୍ନଶୀଳ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ବିବାହ ଭୋଜିରେ ଆମିଷ ବର୍ଜନ କରାଯାଇଥିଲା। ବାଙ୍କୀ ପରିବେଶ ସୁରକ୍ଷା ସମିତିର ଆବାହକ ଦୀପକ କୁମାର ସାମନ୍ତରାଙ୍କ ନେତୃତ୍ୱରେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଧନଞ୍ଜୟ ମହାପାତ୍ର, ଅମୂଲ୍ୟ ଦାସ, ଲଲାଟେନ୍ଦୁ ପଣ୍ଡା, ଦିଲ୍ଲୀପ ସାହୁ, କୃପାସିନ୍ଧୁ ପୃଷ୍ଟି, ସୁଦର୍ଶନ ସାହୁ, ବ୍ରଜବନ୍ଧୁ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରୀଛାତ୍ର, ଅଭିଭାବକ

**ଶିକ୍ଷକଙ୍କ ବଦଳିକୁ ବିରୋଧ**

- ସମୂହ ଟିସି ନେବାକୁ ଚେତାବନୀ
- କିଛିଦିନ ପୂର୍ବେ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲା

ସାଲେପୁର,୩।୭(ଅରବିନ୍ଦ ଭୂୟାଁ)–



ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି।

ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଭୀମରାଜପୁର ଗ୍ରାମରେ ଥିବା ଯଦୁମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଗୁରୁବାର ବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରିଛନ୍ତି। ଫଳରେ ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ତୁରନ୍ତ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର କରା ନ ଗଲେ ଛାତ୍ରୀଛାତ୍ର ସମୂହ ଟିସିନେଇ ଅନ୍ୟତ୍ର ଅଧ୍ୟୟନ କରିବେ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପାଠ ପଢ଼ାଇଥାନ୍ତି। କିଛିଦିନ ତଳେ ଏହି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବାବେଳେ ପୁନର୍ବାର ଶିକ୍ଷକ ଛତିଶଚନ୍ଦ୍ର ନାଏକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବାଦରେ ଗୁରୁବାର ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ବଦଳି କରାଯାଇଥିବା ଶିକ୍ଷକଙ୍କୁ ତୁରନ୍ତ ଫେରାଇ ଆଣିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେ ହୀରା ଲାବଣ୍ୟବତୀ ବେହେରା କହିଛନ୍ତି, ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅନୁଯାୟୀ ୨ଜଣ ଅଧିକ ଶିକ୍ଷକ ରହିଛନ୍ତି। ମାତ୍ର ବ୍ଲକର ଅନ୍ୟ ଏକ ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରାଯାଇଛି।

# ଭୁଷଣ୍ଡପୁରରେ ଡାଇରିଆ, ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

- ୫ ଦିନ ବନ୍ଦ ରହିବ ଜଳଯୋଗାଣ
- ବ୍ଲିଚିଂ ପକାଯିବା ସହ ସଚେତନତାକୁ ଗୁରୁତ୍ୱ

ନିରାକାରପୁର,୩।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଞ୍ଚାୟତ ଅଞ୍ଚଳରେ ଡାଇରିଆ ସଂକ୍ରମଣରେ ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୧୪ଜଣ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ପ୍ରଦୂଷିତ ପାଣି ପିଇବା ଯୋଗୁ ଲୋକେ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଥିବା ବେଳେ ଗୁରୁବାର ଏନେଇ ଭୁଷଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ୧୩ଟି ୱାର୍ଡରେ ବ୍ଲିଚିଂ ସିଞ୍ଚନ, ୫ଦିନ ପାଇଁ ପାନୀୟଜଳ ଯୋଗାଣ ବନ୍ଦ ସହ ଘରେ ଘରେ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଡା. ନନ୍ଦିତା ଗୁପ୍ତା, ଭୁଷଣ୍ଡପୁର ସରପଞ୍ଚ ସୌରଭ ଦାସମହାପାତ୍ର, ଟାଙ୍ଗୀ ବ୍ଲକ ଖାଦ୍ୟ ସୁରକ୍ଷା ଅଧିକାରୀ ଦେବାଶିଷ ବଳ, ଗ୍ରାମ୍ୟ ପରିମଳ ଜଳଯୋଗାଣ ଅଧିକାରୀ ମଧୁସ୍ମିତା ମହାନ୍ତି, ଭୁଷଣ୍ଡପୁର ପଞ୍ଚାୟତ କନିଷ୍ଠଯନ୍ତ୍ରୀ ପ୍ରସନ୍ନ ପଣ୍ଡା, ଝୁମାରାଣୀ ଚକ୍ରବର୍ତ୍ତୀ, ସାଗରିକା ପାତ୍ରଙ୍କ ସମେତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଗତ ୩୦ ତାରିଖରୁ ବୁଧବାର ସୁଦ୍ଧା ଭୁଷଣ୍ଡପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହେବା ପରେ ସେମାନଙ୍କୁ ସ୍ଥାନୀୟ ଭୁଷଣ୍ଡପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟାସଂଖ୍ୟା କମ୍‌ଥିବାରୁ ଆକ୍ରାନ୍ତମାନେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ନିକଟ ନୟାଗଡ଼ ଜିଲା ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଗତ ୩୦ ତାରିଖରେ ଭୁଷଣ୍ଡପୁର ଜଗନ୍ନାଥପୁର ସାହିର ନବକିଶୋର ଜେନା(୬୪), ମଙ୍ଗଳାସାହିର ବିଦେଶୀ ବେହେରା, କୁସୁମୀର ବାସନ୍ତି ସ୍ୱାଇଁ, ରାଉତପଡ଼ାର ରଞ୍ଜୁ ବଳିୟାରସିଂ ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସା ପରେ ଘରକୁ ଫେରିଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ସେହିପରି ଗତ ୧ତାରିଖରୁ ଆକ୍ରାନ୍ତ ହୋଇଥିବା ଭୁଷଣ୍ଡପୁର ମଙ୍ଗଳାସାହିର ଭାଗୀରଥି ବେହେରା(୩୨), ପ୍ରଭାକର ବେହେରା(୫୫), ନମିତା ବେହେରା(୨୬), ପାଣ୍ଡବ ବେହେରା(୬୫), ଓକିଲ ବେହେରାଙ୍କ ୯ବର୍ଷର ଝିଅ ଉର୍ମିଳା, ପ୍ରସନ୍ନ ବେହେରାଙ୍କ ୧୧ବର୍ଷର ଝିଅ ମମତା, ଦାସ ବେହେରାଙ୍କ ୫ବର୍ଷର ଝିଅ ଶ୍ରଦ୍ଧାଞ୍ଜଳି ଚାନ୍ଦପୁର ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସେହିପରି କେତେଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଘରୋଇ ଚିକିତ୍ସା ଜାରି ରଖିଛନ୍ତି। ପ୍ରଦୂଷିତ ପାଣି ପିଇବା ଯୋଗୁ ଲୋକେ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ଏନେଇ ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସମହାପାତ୍ରଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପଦକ୍ଷେପ ନିଆଯାଉଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଦେବାଶିଷ ବଳ ଭୁଷଣ୍ଡପୁର ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଚଢ଼ାଉ କରି ପାନୀୟଜଳ, ଖାଦ୍ୟ ନମୁନା ସଂଗ୍ରହ କରିଛନ୍ତି। ତେବେ ଏ ସମ୍ପର୍କରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦ କହିଛନ୍ତି, ଭୁଷଣ୍ଡପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ଏକ ମେଡିକାଲ ଟିମ୍ ଭୁଷଣ୍ଡପୁର ଯାଇଛନ୍ତି। ବ୍ଲିଚିଂ ପକାଇବା ସହ ଓଭରହେଡ୍ ପାଣିଟାଙ୍କି ସଫା କରିବାକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ଚିଠି ଲେଖାଯାଇଛି। ଗୁପ୍‌ଚୁପ୍ ଦୋକାନ ବନ୍ଦ ସହ ଏବେ ଭୋଜି କରିବାକୁ ମଧ୍ୟ ମନାକରାଯାଇଛି ବୋଲି ସେ କହିଛନ୍ତି।

## ପଦ୍ମ ଧରିଲେ ନାଏବ ସରପଞ୍ଚ, ୱାର୍ଡ ସଭ୍ୟ

ଅସ୍ତରଙ୍ଗ,୩।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଆଳସାହି ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀୟା ବରାଳ ଓ ଯୁବନେତା ପ୍ରଦେଶ ବରାଳଙ୍କ ନେତୃତ୍ୱରେ ଆଳସାହି ପଞ୍ଚାୟତ ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟ, ସଭ୍ୟା ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଓ ଅସ୍ତରଙ୍ଗ ମଣ୍ଡଳ ୧ ସଭାପତି ଇନ୍ଦ୍ରମଣି ଜେନା ଉପସ୍ଥିତ ଥିଲେ। ଆଳସାହି ପଞ୍ଚାୟତ ନାଏବ ସରପଞ୍ଚ ସର୍ବେଶ୍ୱର ମଲ୍ଲିକ, ୱାର୍ଡସଭ୍ୟା -୧ ଅଭିଲା ବେହେରା, ୱାର୍ଡସଭ୍ୟା-୨ କବିତା ବେହେରା, ୱାର୍ଡସଭ୍ୟ-୩ ସମୀର ବେହେରା, ୱାର୍ଡସଭ୍ୟା-୫ ଲକ୍ଷ୍ମୀପ୍ରିୟା ରାଉତ, ୱାର୍ଡସଭ୍ୟ-୧୨ ମାନସ ବେହେରା ଓ ୱାର୍ଡ ସଭ୍ୟା-୧୪ ଆରତି ସେଠୀ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଉକ୍ତ ମିଶ୍ରଣ ପର୍ବରେ ଅତିଥିମାନେ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ପକାଇ ସ୍ୱାଗତ କରିଥିଲେ। ଫଳରେ ଭାଜପା ଆମ ଅଞ୍ଚଳରେ ଶକ୍ତିଶାଳୀ ହେବା ସହ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତିର ସ୍ରୋତକୁ ବଳ ଦେବ। ଦଳରେ ନୂଆ କରି ଯୋଗଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଅସ୍ତରଙ୍ଗ ବିକାଶରେ ବ୍ରତୀ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା।


ଓଡ଼ିଶା ସରକାର

**ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି**

**ଘୋଷଣା**

File No. 1376/2025 Date: 14.05.2025

No. XXVII-6: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୩/୨୦୨୩ ତା୧୬।୦୬।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.malkangiri.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ମାଲକାନଗିରି ତହସିଲ: ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଥିଲି | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

**ଭୂମି ଅନୁସୂଚୀ**

**ମୌଜା: ମାଥିଲି, ଥାନା: ମାଥିଲି ନଂ. ୭୧, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରି**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୪ | ୧୮୨୬ | ୨.୦୦୨ | ୦.୯୩୮୭ | ଧାନ ଦୁଇ | ନିମକୁ କପେ, ପି:ଗଙ୍ଗାଧର କପେ, ଜା:ଭୂମିଆ, ବା:ନିଜଗାଁ |
| ୬୫ | ୧୭୩୫ | ୦.୪୯୪ | ୦.୪୧୨୭ | ଡଙ୍ଗର ଏକ | ଘେନୁ ପ୍ରଧାନି, ପି:କାଲିଆ ମାଜନି, ମଙ୍ଗୁ ପ୍ରଧାନି, ଜା:ରଣା, ବା:ଧଉଡାଗୁଡା |
| | ୧୭୩୩ | ୦.୫୪୪ | ୦.୦୦୫୧ | ଡଙ୍ଗର ଏକ | |
| | ୧୭୨୨ | ୦.୫୫୧ | ୦.୦୧୧୮ | ଧାନ ଏକ | |
| | ୧୭୩୦ | ୩.୧୬୩ | ୦.୮୮୬୨ | ଧାନ ଦୁଇ | |
| ୮୯ | ୧୭୮୪ | ୦.୮୧୫ | ୦.୦୦୨୧ | ଧାନ ଦୁଇ | ଜଗବନ୍ଧୁ ନାୟକ, ପି:ମାନସିଂହ ନାୟକ, ଭଗବାନ ନାୟକ, ପି:ମଙ୍ଗଳା ନାୟକ, ହାତିରାମ ନାୟକ, ପି:ଭାଗିରଥୀ ନାୟକ, ନରସିଂହ ନାୟକ, ପି:ଅର୍ଜୁନି ନାୟକ, ଘାସିରାମ ନାୟକ, ପି:ଅର୍ଜୁନ ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୯୯ | ୧୮୩୫ | ୧.୯୯୭ | ୧.୯୯୬୬ | ଧାନ ଦୁଇ | ଡମ୍ବୁ ମାଝି, ହରି ମାଝି, ପି:ଜୟସିଂହ ମାଝି, ଜା:ଭୂମିଆ, ବା:ନିଜଗାଁ |
| | ୧୮୩୭ | ୦.୬୩୮ | ୦.୦୩୨୧ | ଡଙ୍ଗର ଏକ | |
| | ୧୮୩୬ | ୦.୨୩୫ | ୦.୦୦୨୪ | ଧାନ ଦୁଇ | |
| ୧୭୦ | ୧୮୦୦ | ୪.୦୦୩ | ୧.୭୨୦୫ | ଧାନ ଦୁଇ | ବଳରାମ ନାୟକ, ପି:ଘାସି ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୧୯୬ | ୧୭୪୯ | ୦.୬୪୦ | ୦.୦୭୮୮ | ଧାନ ଏକ | ଭଗବାନ ପରଜା, ପି:ଗୁରୁ ପରଜା, ଲଛମି ପରଜା, ସ୍ୱା:ଗୁରୁ ପରଜା, ଜା:ପରଜା, ବା:ନିଜଗାଁ (ଧୋତବ ଗୁଡା) |
| | ୧୭୩୮ | ୩.୦୬୨ | ୨.୧୯୫୪ | ଧାନ ଏକ | |
| ୧୯୮ | ୧୭୬୨ | ୦.୧୨୧ | ୦.୧୨୧୧ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ, ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| | ୧୭୬୫ | ୧.୮୬୮ | ୧.୬୫୧୪ | ଧାନ ଦୁଇ | |
| | ୧୭୭୫ | ୨.୫୮୨ | ୦.୩୫୮୮ | ଧାନ ଦୁଇ | |
| ୨୦୪ | ୧୮୨୦ | ୨.୦୦୨ | ୦.୦୫୫୭ | ଧାନ ଦୁଇ | ଭାଜି କୋପେ, ସ୍ୱା:ବୁଦୁରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୨୨୬ | ୧୭୭୨ | ୪.୨୮୨ | ୦.୦୧୫୫ | ଧାନ ଦୁଇ | ରସୁଲ ଖାଁ, ପି:ଏନାୟା ତୁଲା ଖାଁ, କୁଲୁସୁମୁ ବିବି, ସ୍ୱା:ଏନାୟା ତୁଲା ଖାଁ, ହସୋନେ ଖାଁ, ପି:ମଜର ଖାଁ, ଜା:ମୁସଲମାନ,ବା:ନିଜଗାଁ |
| ୨୨୮ | ୧୭୮୯ | ୨.୦୭୬ | ୦.୦୨୪୦ | ଧାନ ଦୁଇ | କାନମ ରାଜୁ ନାଏକ, ପି:ରାମ ନାଏକ, ମତୋ ନାଏକ, ସ୍ୱା:ରାମ ନାଏକ, ତିଳକ ନାଏକ, ପି:ମକୁନ୍ଦ ନାଏକ, ଶଶୀ ନାଏକ, ସ୍ୱା:ମକୁନ୍ଦ ନାଏକ,ଜା:ଭୂମିଆ, ବା:ନିଜଗାଁ |
| ୨୯୦ | ୧୭୯୭ | ୧.୭୭୯ | ୦.୩୬୬୮ | ଧାନ ଦୁଇ | ହରି ଦରୋ, ପି:ବୁଦୁରା ଦରୋ, ଜା:ଭୂମିଆ, ବା:ବାରିଆ ବାହାଲା |
| ୨୯୧ | ୧୬୧୯ | ୧.୩୩୨ | ୦.୨୦୮୩ | ଧାନ ଦୁଇ | ହରି ପରଜା, ପି:ରଙ୍ଗିଆ ପରଜା, ଜା:ପରଜା, ବା:ଧଉଡାଗୁଡା |
| ୨୯୪ | ୧୮୨୭ | ୦.୧୫୧ | ୦.୧୧୦୭ | ଧାନ ଦୁଇ | ହରେକୃଷ୍ଣ ପରଜା, ପି:ଆକୁଳି ଚରଣ ପରଜା, ଜା:ଭୂମିଆଁ, ବା:ନିଜଗାଁ |
| | ୧୮୩୦ | ୦.୧୪୮ | ୦.୧୪୮୩ | ଡଙ୍ଗର ଏକ | |
| ୪୯୪/୧୬୦ | ୧୭୯୬/୨୧୧୨ | ୧.୦୦୧ | ୦.୨୨୨୩ | ଧାନ ଦୁଇ | ସାଦବେ ମାଝୀ, ଗୁରୁ ମାଝୀ, ପି:ସୋନୁ ମାଝୀ, ଜା:ରଣା, ବା:ନିଜଗାଁ |
| ୪୯୪/୩ | ୧୮୩୨ | ୩.୨୮୬ | ୦.୬୨୫୧ | ଧାନ ଦୁଇ | ମୁନୀ ପୂଜାରୀ, ପି:ଚନ୍ଦ୍ର ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୪୯୪/୪ | ୧୮୩୩ | ୧.୬୮୦ | ୦.୧୬୯୮ | ଧାନ ଦୁଇ | ବୁଦୁରା ପୂଜାରୀ, ପି:ଲକିନାଥ ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୧୯୮ | ୧୭୭୪ | ୧.୪୮୨ | ୧.୦୬୫୩ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ,ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| ୪୯୪/୩୦୯ | ୧୮୩୫/୨୦୯୨ | ୦.୬୫୦ | ୦.୪୪ | ଧାନ ଦୁଇ | ହରି କୋପେ, ଭାଗୀରଥି କୋପେ, ପି:ବୁଦରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/୩୦୯ | ୧୮୩୭/୨୦୯୩ | ୦.୩୫୧ | ୦.୩୪୮୪ | ଡଙ୍ଗର ଏକ | ହରି କୋପେ, ଭାଗୀରଥୀ କପୋ, ପି:ବୁଦ୍ରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/୫୪୮ | ୧୮୩୫/୨୩୮୭ | ୦.୧୩୭ | ୧.୦୩୨୮ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| ୪୯୪/୫୪୮ | ୧୮୩୬/୨୩୮୮ | ୦.୮୪ | ୦.୪୭୯୩ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| | ମୋଟ | ୪୩.୪୨୮ | ୧୫.୭୨୬ | | |

**ତଫସିଲ-ଖ**

**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-ମାଲକାନଗିରି ତହସିଲ-ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନା ବୈଧ ତାରିଖ- ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ**

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରିଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./-ଜିଲ୍ଲାପାଳ,ମାଲକାନଗିରି

OIPR-24074/14/0017/2526


## ସଂକ୍ଷେପରେ

### କାର୍ଯ୍ୟାନୁଷ୍ଠାନ ଦାବିରେ ଦାବିପତ୍ର ଦଳିତଙ୍କୁ ଆକ୍ରମଣ ଘଟଣା

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମରେ ଦଳିତ ବର୍ଗର ୨ ଜଣଙ୍କୁ ଅମାନୁଷିକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ସିଙ୍ଗିପୁର ଗ୍ରାମର ଦଳିତ ବର୍ଗର ୨ଜଣଙ୍କୁ ମରଣାନ୍ତକ ଆକ୍ରମଣ ସହ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇ ଘାସ ଖୁଆଇବା, ନର୍ଦ୍ଦମା ପାଣି ପିଆଇବା ଘଟଣା ଘଟିଛି। ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ ଝିଅକୁ ଯୌତୁକ ଦେବା ପାଇଁ ହରିପୁର ଗ୍ରାମରୁ ତିନୋଟି ଗାଈ ଧରି ନିଜ ଗ୍ରାମକୁ ଯାଉଥିଲେ। ରାସ୍ତାରେ ଖାରିଗୁମ୍ମା ଗ୍ରାମରେ ଆଠ ଜଣ ଅସାମାଜିକ ବ୍ୟକ୍ତି ସେମାନଙ୍କୁ ଅଟକାଇ ୩୦ ହଜାର ଟଙ୍କା ମାଗିଥିଲେ। ସେମାନେ ମନା କରିବାରୁ ଗୋ-ଚାଲାଣ କଥା କହି ଗ୍ରାମର ଅନ୍ୟମାନଙ୍କୁ ଉତ୍ତେଜିତ କରି ଅମାନୁଷିକ ନିର୍ଯାତନା ଦେଇଥିଲେ। ଗୋରକ୍ଷା ନାମରେ ରାଜ୍ୟରେ ଚାଲିଥିବା ଗୁଣ୍ଡାଗିରିକୁ ରୋକିବା ପାଇଁ ପଦକ୍ଷେପ ନିଆଯାଉ। ଗୋରକ୍ଷକମାନେ ଚଳାଇଥିବା ଅସାମାଜିକ ତଥା ସାମ୍ପ୍ରଦାୟିକ ଉତ୍ତେଜନାମୂଳକ କାର୍ଯ୍ୟ ଉପରେ ନିଷେଧାଦେଶ ଜାରି ହେଉ ବୋଲି ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା ପକ୍ଷରୁ ଦାବି କରାଯାଇଛି।

### ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ରାହାସଲୀଳା

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ଆଣି ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପ ମଣ୍ଡପରେ ବିରାଜମାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଆଷାଢ଼ ଶୁକ୍ଳ ସପ୍ତମୀ ତିଥି ବୁଧବାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆରମ୍ଭ ହୋଇଛି ୩ଦିନିଆ ମହାପ୍ରଭୁଙ୍କ ରାହାସଲୀଳା। ଆଷାଢ଼ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଧରି ଶ୍ରୀଗୁଣ୍ଡିଚା ମଣ୍ଡପରେ ମହାପ୍ରଭୁଙ୍କ ରାହାସନୀତି ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେହ ସନ୍ଧ୍ୟାଧୂପ ବଢ଼ିଲେ ମଦନମୋହନ ଜଗମୋହନ ସିଂହାସନ ଉପରେ ବିଜେ କରନ୍ତି। ସେଠାରେ ଶର୍କରା, କୋରା ଆଦି ଭୋଗ ମଣୋହି ହୋଇଥାଏ। ଏହାପରେ ବନ୍ଦାପନା କରାଯାଏ। ଏହାକୁ ରାହାସନୀତି ବୋଲି କୁହାଯାଏ। ଏଭଳି ଭାବେ ତିନିଦିନ ଧରି ମହାପ୍ରଭୁ ରାହସଲୀଳା କରିଥାନ୍ତି।

# ଗଛ ଲଗାଇ ଯତ୍ନ ନେବାକୁ ପରାମର୍ଶ




୭୬ତମ ବନ ମହୋତ୍ସବ ଅବସରରେ ଗଛ ଲଗାଯାଉଛି ।

କାକଟପୁର/ଅସ୍ତରଙ୍ଗ,୩।୭(ଶୁଭ ଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ)

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ପୁରୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ବିଭିନ୍ନ ସ୍ଥାନରେ ୭୬ତମ ବନ ମହୋତ୍ସବ ୧ ତାରିଖରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପଶ୍ଚିମେଶ୍ୱର ବିଦ୍ୟାପୀଠ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା, ବର୍ଷା ଦିନରେ ଗରମ ଅନୁଭୂତ ହେବା, ଶୀତଋତୁରେ ଥଣ୍ଡା ହ୍ରାସ ହେବା, ତାପମାତ୍ରା ବୃଦ୍ଧି ଯୋଗୁ ସାମୁଦ୍ରିକ ବାତ୍ୟା ପରି ପରିବେଶରେ ବିଭିନ୍ନ ଅପ୍ରାକୃତିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଚାରାରୋପଣ ଦ୍ୱାରା ଏହି ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ଏବଂ ଆମ ପରିବେଶ ସୁରକ୍ଷିତ ରହିପାରିବ। ପରିବେଶ ସୁରକ୍ଷିତ ରହିଲେ ମଣିଷ ସମାଜ ସୁରକ୍ଷିତ ରହିବ ବୋଲି ବନ ଅଧିକାରୀ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସଭାରେ ଅତିଥି ଭାବେ ନଗର ଗ୍ରାମ ପଞ୍ଚାୟତ ସରପଞ୍ଚ ବିଜୟ ଖଣ୍ଡୁଆଳ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପବିତ୍ର କୁମାର ପରିଡା, ସହକାରୀ ଶିକ୍ଷକ ରାଜେନ୍ଦ୍ର ପଣ୍ଡା, ବିଜୟ ବିଶ୍ୱାଳ, ଭୋଳାନାଥ ପରିଡ଼ା, କାହ୍ନୁଚରଣ ବେହେରା, ବନରକ୍ଷୀ ମିଳନ କୁମାର ମୁଦୁଲି, ଦିଲ୍ଲୀପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ମନାପଡ଼ା ପିୟୁପିଏସ୍ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା

ଯୋଗେଶ୍ୱରପୁର,୩।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ନିକଟସ୍ଥ ବୀରିତୁଙ୍ଗ ପଞ୍ଚାୟତରେ ଥିବା ମନାପଡ଼ା ପିୟୁ ପିଏସ୍ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା, ମଧ୍ୟାହ୍ନଭୋଜନରେ ହେରଫେର ଓ ସିନିୟର ଶିକ୍ଷକ ଥାଇ ଜୁନିୟର ଶିକ୍ଷକ ୧୩ ବର୍ଷ ହେଲା ପ୍ରଧାନ ଶିକ୍ଷକ ରହିଛନ୍ତି। ଏହି ଘଟଣା ଉପରେ ପୂର୍ବତନ ସରପଞ୍ଚ ଶିବିର ପରିଡ଼ା ଓ ଦିଲ୍ଲୀପ ପରିଡ଼ା କାଳନ୍ଦୀ ପରିଡ଼ା, ସୁମିତ୍ରା ବରାଳ, ଚନ୍ଦନ କୁମାର ସ୍ୱାଇଁ, ରବି କାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ,ଉକ୍ତ ବିଦ୍ୟାଳୟରେ ରମେଶ ଚନ୍ଦ୍ର ମଲ୍ଲିକ ଗ୍ରେଡ୍ ଇଭି ପ୍ରଧାନ ଶିକ୍ଷକ ଭାବେ ୧୩ବର୍ଷ କାଳ ରହି ମଧ୍ୟାହ୍ନ ଭୋଜନରେ ବ୍ୟାପକ ହରିଲୁଟ କରିବା ଯଥା ମୋଟ ପିଲା ସଂଖ୍ୟା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭୭ ରହିଛନ୍ତି। ତେବେ ଯେଉଁଦିନ ସ୍କୁଲକୁ ୫୦ ଜଣ ପିଲା ମଧ୍ୟାହ୍ନ ଖାଉଛନ୍ତି, ସେହିଦିନ ୭୦ ପିଲା ଖାଇଲେ ବୋଲି ସରକାରୀ ଖାତାରେ ଦର୍ଶାଯାଉଥିବା ପୂର୍ବତନ ସରପଞ୍ଚ ପରିଡ଼ା ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକ ସାକ୍ଷାତକାରରେ କହିଛନ୍ତି। ଗତ ମେ' ୨ରେ ମନାପଡ଼ା ସ୍କୁଲରେ ନିରଞ୍ଜନ ଦାସ ଆଇଭି ଲେବୁଲର ସିନିୟର୍ ଶିକ୍ଷକଙ୍କୁ ପ୍ରଶିକ୍ଷକ ଭାବେ ରମେଶ ଚନ୍ଦ୍ର ମଲ୍ଲିକ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏସମ୍ପର୍କରେ ଗୋପ ବ୍ଲକ ବିଇଓଙ୍କୁ ପଚାରିବାରେ, ମବାସୀ ଓ ଶିକ୍ଷକଙ୍କ ଅଭିଯୋଗ ପାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ କର ପ୍ରକାଶ କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୩।୭

(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସ୍ଥାନୀୟ ଇଚ୍ଛାପୁର ସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପୀନାଥ ରଥଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ସିଆର୍‌ସିସି ଲକ୍ଷ୍ମଣ ବେହେରା, ସିଆର୍‌ସିସି ଅଜୟ ରାଉତ, ସୋମନାଥ ନନ୍ଦ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରହଲ୍ଲାଦ ଦାଶ ଓ ପରିଚାଳନା କମିଟି ସଭାପତି ଶଶିକାନ୍ତ ସାହୁ ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷକ ରଥଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକ ଆବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଉତ୍ତରୀୟ, ପ୍ରଶଂସା ପତ୍ର ପ୍ରଦାନ କରିଥିଲେ।

# ପୁଣେରେ ରଥଯାତ୍ରା ପାଳିଲେ ଓଡ଼ିଆ

ଅସ୍ତରଙ୍ଗ,୩।୭(ମମତା ଜେନା)

ଓଡ଼ିଆମାନେ ଏକାଠି ହୋଇ ମହାରାଷ୍ଟ୍ରର ପୁଣେସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳିଛନ୍ତି। ଭଉଣୀ ଭାଇଙ୍କୁ ରଥରେ ଟାଣି ମାଉସୀ ମା' (ଖଡ୍କୀ ମନ୍ଦିର)କୁ ନେଇଥିଲେ। ହଜାର ହଜାର ଓଡ଼ିଆ ଭକ୍ତ ଏକାଠି ହୋଇ ଏଥିରେ ସାମିଲ ହୋଇ ରଥ ଟାଣିଥିଲେ। ପରେ ଜଗନ୍ନାଥ ସେବା ସମିତି ଆନୁକୂଲ୍ୟରେ ଓଡ଼ିଆ ଦଳ ପକ୍ଷରୁ ମନ୍ଦିର ପରିସରରେ ଓଡ଼ିଆମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗୀତ, ନୃତ୍ୟ, ଡ୍ରମିଂ, ଜପ, ଭଜନ, ଓଡ଼ିଶୀ, କଥକ, ଭାରତନାଟ୍ୟମ୍, ସମ୍ବଲପୁରୀ ନୃତ୍ୟ ପରି ଅନେକ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ସଙ୍ଗୀତ ନୃତ୍ୟରେ ନିଜକୁ ହଜାଇ ଦେଇଥିଲେ। ଜଗନ୍ନାଥ ସେବା ସମିତି ପକ୍ଷରୁ ପୁଣେରେ ୧୦ ବର୍ଷରୁ ଅଧିକ ସମୟ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି।

# ଟେଣ୍ଡର ଫିକ୍ସିଂ ଅଭିଯୋଗରେ ଠିକାଦାରଙ୍କ ଏନ୍‌ଏସି କାର୍ଯ୍ୟାଳୟ ଘେରାଉ

ନିମାପଡ଼ା,୩।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳର ବହୁ ଠିକାଦାର ଗୁରୁବାର ନିମାପଡ଼ା ଏନ୍‌ଏସି କାର୍ଯ୍ୟାଳୟଠାରେ ହୋହଲ୍ଲା କରିଥିଲେ। ଏପରିକି ଠିକାଦାରମାନେ ଉତ୍ତେଜିତ ହୋଇ କାର୍ଯ୍ୟାଳୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଓ ସହକାରୀ ଯନ୍ତ୍ରୀ ଅନାଥ ସାହୁଙ୍କୁ ଘେରି ପ୍ରଶ୍ନ କରିଥିଲେ। କିଛି ସମୟ ପାଇଁ ନିମାପଡ଼ା ଠିକାଦାର ମହାସଂଘର କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବାଦାନୁବାଦ, ଯୁକ୍ତିତର୍କ ହୋଇଥିଲା। ଏନ୍‌ଏସିରେ ବ୍ୟାପକ ଟେଣ୍ଡର ଫିକ୍ସିଂ, ଟେଣ୍ଡର କାର୍ଯ୍ୟରେ ବ୍ୟାପକ ଅନିୟମିତତା, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପ୍ରତିବାଦରେ ଓ ଏହି ଅନିୟମିତତା କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଦାବିରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ନିମାପଡ଼ା



ଏନ୍‌ଏସି ଅଫିସଠାରେ ଠିକାଦାରମାନେ ପ୍ରତିବାଦ କରୁଛନ୍ତି।

ଠିକାଦାର ମହାସଂଘ ସଭାପତି ବିଶ୍ୱଜିତ୍ କାନୁନ୍‌ଗୋ, ଉପସଭାପତି ପ୍ରଭାତ କୁମାର ମହାପାତ୍ର, ଗଙ୍ଗାଧର ବେହେରା, ସମ୍ପାଦକ ଜ୍ୟୋତିରଞ୍ଜନ ମହାନ୍ତି, ସହସମ୍ପାଦକ ବ୍ରହ୍ମାନନ୍ଦ ସାସମଲ, ଶ୍ରୀକାନ୍ତ ବସ୍ତିଆ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ବରିଷ୍ଠ ଠିକାଦାର କ୍ଷିତୀଶ କୁମାର ମହାନ୍ତି, ଅକ୍ଷୟ ବେହେରା ପ୍ରମୁଖ ଏହି ପ୍ରତିବାଦର ନେତୃତ୍ୱ ନେଇଥିଲେ। ଏହି ଟେଣ୍ଡର ଫିକ୍ସିଂ ସମ୍ପର୍କରେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶଙ୍କୁ ପଚାରିବାରେ, ସେ ଏ ସମ୍ପର୍କରେ କିଛି ଜାଣିନାହାନ୍ତି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଟେଣ୍ଡର ସମ୍ପର୍କରେ ଅଧ୍ୟକ୍ଷା କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ କିଛି ଜଣାଇ ନାହାନ୍ତି ବୋଲି ସେ କହିଥିଲେ। ଏନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ସାହୁଙ୍କୁ ପଚାରିବାରେ, ଏନ୍‌ଏସିରେ ଟେଣ୍ଡର କାର୍ଯ୍ୟରେ କୌଣସି ଫିକ୍ସିଂ କି ଅନିୟମିତତା ହୋଇନାହିଁ, ଯାହା ସବୁ ହୋଇଛି, ସରକାରଙ୍କ ନୀତି ଅନୁସାରେ କରାଯାଇଛି। ଏ ଦିଗରେ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଥିଲେ। ଏନ୍‌ଏସିରେ ହୋଇଥିବା ଟେଣ୍ଡର ଫିକ୍ସିଂ ଓ ଅନୀୟମିତତା କାର୍ଯ୍ୟର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯିବାକୁ ବିଜେଡି ବରିଷ୍ଠ ନେତା ଦିଲ୍ଲୀପ ପାତ୍ର, ମାନସ ପ୍ରଧାନ ଓ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଅଜୟ ଭୋଇ ପ୍ରମୁଖ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖେ ଦାବି କରିଛନ୍ତି।

**ଦିଲ୍ଲୀ ଏମ୍ସ ଟ୍ରମା ସେଣ୍ଟର ନିକଟରେ ଅଗ୍ନିକାଣ୍ଡ**
ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଟ୍ରମା ସେଣ୍ଟର ନିକଟରେ ଥିବା ଟ୍ରାନ୍ସଫର୍ମର ଗୁରୁବାର ଅପରାହ୍ନରେ ବିସ୍ଫୋରଣ ହେବାରୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ କେହି ମୃତାହତ ହୋଇ ନ ଥିବା ଦିଲ୍ଲୀ ଫାୟାର ସର୍ଭିସ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ୮ଟି ଦମକଳ ସାମିଲ ହୋଇଥିଲେ।



**ସଂକ୍ଷେପରେ**

## ମାଲିରେ ୩ ଭାରତୀୟ ଅପହୃତ

### ତୁରନ୍ତ ମୁକ୍ତ କରିବାକୁ ଭାରତର ନିବେଦନ

ନୂଆଦିଲ୍ଲୀ,୩।୭

ମାଲିର କାୟେସ ସହରରେ ଥିବା ଡାଇମଣ୍ଡ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ୩ ଜଣ ଭାରତୀୟଙ୍କୁ ସଶସ୍ତ୍ର ଉଗ୍ରପନ୍ଥୀମାନେ ଅପହରଣ କରିନେଇଛନ୍ତି। ଗତ ମଙ୍ଗଳବାର ଘଟିଥିବା ଏହି ଘଟଣାରେ ଭାରତ ସରକାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସେମାନଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ମୁକ୍ତ କରିବା ଦିଗରେ ମାଲି ସରକାର ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିବେଦନ କରାଯାଇଛି। ପଶ୍ଚିମ ଏବଂ କେନ୍ଦ୍ରୀୟ ମାଲିରେ ସୈନ୍ୟବାହିନୀ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ସମନ୍ୱିତ ଆତଙ୍କବାଦୀ ଆକ୍ରମଣ ଜାରି ରହିଥିବାବେଳେ ଅଜଣା ସଶସ୍ତ୍ର ଆକ୍ରମଣକାରୀମାନେ କାରଖାନା ପରିସରରେ ଧସେଇ ପଶି କର୍ମଚାରୀମାନଙ୍କୁ ଅପହରଣ କରିନେଇଥିଲେ। ଭାରତ ସରକାର ଏହାର ନିନ୍ଦା କରିବା ସହ ରିପବ୍ଲିକ୍ ଅଫ୍ ମାଲି ସରକାର ସେମାନଙ୍କୁ ସୁରକ୍ଷିତ ମୁକ୍ତି ପାଇଁ ସମସ୍ତ ଜରୁରୀ ପଦକ୍ଷେପ ନେବା ଲାଗି ନିବେଦନ କରିଛନ୍ତି। ରାଜଧାନୀ ବମାକୋରେ ଥିବା ଭାରତୀୟ ଦୂତାବାସ ଅପହୃତମାନଙ୍କ ମୁକ୍ତି ପାଇଁ ମାଲି ସରକାର, ସ୍ଥାନୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ଡାଇମଣ୍ଡ କାରଖାନାର ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚଳାଇଛି।

## ମୋଦିଙ୍କୁ ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘାନା ରାଷ୍ଟ୍ରପତି ଜନ୍ ମହାମା ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରୁଛନ୍ତି।

ଆକ୍ରା, ୩।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର୍ ଅଫ୍ ଘାନା'ରେ ସମ୍ମାନିତ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୨୪ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ମିଳିଛି। ତାଙ୍କୁ ଘାନା ରାଷ୍ଟ୍ରପତି ଜନ୍ ମହାମା ଏହି ସମ୍ମାନ ପ୍ରଦାନ କରିଥିଲେ। ଘାନାର ଜନସାଧାରଣଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ମୋଦି କହିଛନ୍ତି, ଏହି ସମ୍ମାନକୁ ସେ ଦେଶର ୧୪୦ କୋଟି ଜନସାଧାରଣଙ୍କୁ ସମର୍ପିତ କରୁଛନ୍ତି। ଗୁରୁବାର ଆକ୍ରାଠାରେ ଭାରତ ଏବଂ ଘାନା ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପର ସହ ୪ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛନ୍ତି।



## ୪୮ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ୬୦ ଦିନିଆ ଯୁଦ୍ଧବିରତି ପାଇଁ ଦେଇଥିବା ଆହ୍ୱାନକୁ ଇସ୍ରାଏଲ୍ ଅମାନ୍ୟ କରି ଆକ୍ରମଣ ଜାରି ରଖିଛି। ଇସ୍ରାଏଲୀ ସୈନ୍ୟଙ୍କ ଘନଘନ ମିଶାଇଲ ମାଡ଼ରେ ୪୮ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଖାନ୍ ୟୁନିସ୍‌ରେ ଏକ ଛୋଟପିଲାକୁ ଧରି ମୃତକଙ୍କ ସମ୍ପର୍କୀୟମାନେ କାନ୍ଦୁଛନ୍ତି।

# ପିଉସାଙ୍କୁ ବାହାହେବା ପାଇଁ ସ୍ୱାମୀଙ୍କୁ ହତ୍ୟା

### ବିବାହର ୪୫ ଦିନ ପରେ ସ୍ତ୍ରୀଙ୍କ ବର୍ବରତା

ପାଟନା,୩।୭

ବିହାରର ଔରଙ୍ଗାବାଦ ଜିଲାରେ ଜଣେ ମହିଳା ବିବାହର ୪୫ ଦିନ ପରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମେଘାଳୟ ହନିମୁନ୍ ହତ୍ୟାକାଣ୍ଡ ପରେ ବିହାରର ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁଞ୍ଜା ଦେବୀ ନାମ୍ନୀ ନବବିବାହିତା ତାଙ୍କ ସ୍ୱାମୀ ପ୍ରିୟାଂଶୁ(୨୫)ଙ୍କୁ ହତ୍ୟା କରିବା ପାଇଁ ନିଜ ପିଉସା ତଥା ପ୍ରେମିକ ଜୀବନ ସିଂ (୫୫)ଙ୍କ ସହ ଷଡ଼ଯନ୍ତ୍ର ରଚିଥିଲେ। ପ୍ରିୟାଂଶୁଙ୍କୁ ହତ୍ୟା କରିବା ପାଇଁ ଜୀବନ ସୁପାରି କିଲର ବ୍ୟବସ୍ଥା କରିଥିଲେ। ଜୀବନ ଫେରାର ଥିବାବେଳେ ପୋଲିସ ୨ ସୁପାରି କିଲରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛି।


ପ୍ରିୟାଂଶୁ | ଗୁଞ୍ଜା ଦେବୀ | ଜୀବନ ସିଂ

ଜୀବନଙ୍କ ସହ ଗୁଞ୍ଜା ରିଲେଶନ୍‌ରେ ଥିଲେ ଓ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ଗୁଞ୍ଜାଙ୍କ ପରିବାର ଏଥିରେ ରାଜି ନ ହୋଇ ତାଙ୍କୁ ଜବରଦସ୍ତି ନବିନଗର ଥାନା ଅନ୍ତର୍ଗତ ବରୱାନ ଗ୍ରାମର ପ୍ରିୟାଂଶୁଙ୍କ ସହ ବିବାହ କରାଇଥିଲେ। ପୋଲିସ କହିବା ଅନୁଯାୟୀ, ଭଉଣୀ ଘରକୁ ଯାଇଥିବା ପ୍ରିୟାଂଶୁ ଗତ ୨୫ ତାରିଖରେ ଘରକୁ ଫେରିଥିଲେ। ସେ ନବିନଗର ଷ୍ଟେଶନରେ ଓହ୍ଲାଇବା ପରେ ତାଙ୍କୁ ନେବା ପାଇଁ କାହାକୁ ବାଇକ୍ ସହ ପଠାଇବାକୁ ସ୍ତ୍ରୀଙ୍କୁ ଫୋନ୍ କରି କହିଥିଲେ। ଷ୍ଟେଶନରୁ ଘରକୁ ଫେରୁଥିବାବେଳେ ତାଙ୍କୁ ୨ ଜଣ ଗୁଳି କରିଥିଲେ। ପୋଲିସ ହତ୍ୟା ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବାବେଳେ ଗୁଞ୍ଜା ଗାଁରୁ ଖସି ପଳାଇବାକୁ ଉଦ୍ୟମ କରିବାକୁ ନେଇ ପ୍ରିୟାଂଶୁଙ୍କ ପରିବାର ସନ୍ଦେହ କରିଥିଲେ। ତାଙ୍କ କଲ୍ ରେକର୍ଡ ଯାଞ୍ଚ କରାଯିବାରୁ ସେ ପିଉସା ଜୀବନଙ୍କ ସହ କ୍ରମାଗତ ସମ୍ପର୍କରେ ଥିବା ଜଣାପଡ଼ିଥିଲା। ଜୀବନଙ୍କ କଲ୍ ରେକର୍ଡ ଯାଞ୍ଚରୁ ସେ ସୁପାରି କିଲରଙ୍କ ସହ ଯୋଗାଯୋଗ କରିଥିବା ଘଟଣା ପଦାକୁ ଆସିଥିଲା। ପୋଲିସ ଗୁଞ୍ଜା ଓ ୨ ଶୁଟରଙ୍କୁ ଗିରଫ କରିଥିବାବେଳେ ଜୀବନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ସୂଚନାଯୋଗ୍ୟ, ଗତ ମେ'ରେ ମେଘାଳୟକୁ ହନିମୁନ୍‌ରେ ଯାଇଥିବା ରାଜା ରଘୁବଂଶୀଙ୍କୁ ତାଙ୍କ ସ୍ତ୍ରୀ ସୋନମ୍ ଓ ପ୍ରେମିକ ରାଜ କୁଶ୍‌ୱା ସୁପାରି କିଲର ଲଗାଇ ହତ୍ୟା କରିଥିଲେ। ଏହି ମାମଲାରେ ସମସ୍ତ ଅଭିଯୁକ୍ତ ଗିରଫ ହୋଇଛନ୍ତି।

## ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ଏମ୍‌ପିଙ୍କ ସ୍ୱାକ୍ଷର ସଂଗ୍ରହ ହେବ

ନୂଆଦିଲ୍ଲୀ,୩।୭(ପି.ଟି.)



ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କୁ ବହିଷ୍କାର ପ୍ରସ୍ତାବକୁ ସମର୍ଥନ କରିବା ଲାଗି ପ୍ରମୁଖ ବିରୋଧୀ ଦଳଗୁଡ଼ିକ ନୀତିଗତ ଭାବେ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ସାଂସଦମାନଙ୍କ ଦସ୍ତଖତ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସାଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗୁରୁବାର କହିଛନ୍ତି। ତେବେ ଏହି ପ୍ରସ୍ତାବ ଲୋକ ସଭାରେ ଆସିବ କି ରାଜ୍ୟ ସଭାରେ ତାହା ଏପର୍ଯ୍ୟନ୍ତ ସରକାର ସ୍ଥିର କରିନାହାନ୍ତି। ଲୋକ ସଭାରେ ପ୍ରସ୍ତାବ ଆଗତ କରିବା ନିମନ୍ତେ ଅନ୍ୟୁନ ୧୦୦ ଏମ୍‌ପିଙ୍କ ସ୍ୱାକ୍ଷର ଆବଶ୍ୟକ ଥିବାବେଳେ ରାଜ୍ୟ ସଭା ପାଇଁ ଅନ୍ୟୁନ ୫୦ ଏମ୍‌ପିଙ୍କ ସମର୍ଥନ ଜରୁରୀ। ପ୍ରସ୍ତାବ କେଉଁ ସଦନରେ ଅଣାଯିବ, ତାହା ନିଷ୍ପତ୍ତି ହେବା ପରେ ଦସ୍ତଖତ ସଂଗ୍ରହ ଆରମ୍ଭ ହେବ। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ବିଚାରପତି ତଦନ୍ତ ଆଇନ, ୧୯୬୮ ଅନୁଯାୟୀ, ବିଚାରପତିଙ୍କୁ ବହିଷ୍କାର କରିବା ପ୍ରସ୍ତାବ ଯେକୌଣସି ସଦନରେ ଆଗତ ହେବା ପରେ ବାଚସ୍ପତି କିମ୍ବା ଅଧ୍ୟକ୍ଷ ଏହାର ତଦନ୍ତ ପାଇଁ ଏକ ୩ ଜଣିଆ କମିଟି ଗଠନ କରିବେ। କମିଟିରେ ଭାରତ ପ୍ରଧାନ ବିଚାରପତି (ସିଜେଆଇ) କିମ୍ବା ସୁପ୍ରିମକୋର୍ଟର ଜଣେ ବିଚାରପତି, ଯେକୌଣସି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ଖ୍ୟାତନାମା ନ୍ୟାୟବିତ୍ ରହିବେ। ଏହି ମାମଲା ସହ ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗ ସମ୍ପୃକ୍ତ ଥିବାରୁ ସରକାର ସବୁ ରାଜନୈତିକ ଦଳଙ୍କ ସହମତି ଚାହୁଁଛନ୍ତି। ଜଷ୍ଟିସ୍ ବର୍ମାଙ୍କ ବାସଭବନରୁ ବିପୁଳ ଟଙ୍କା ଜବତ ହୋଇଥିବା ଅଭିଯୋଗକୁ ପୂର୍ବରୁ ୩ ଜଣିଆ ବିଚାରପତି କମିଟି ପ୍ରମାଣିତ କରିଥିବାବେଳେ ତାଙ୍କ ବହିଷ୍କାର ସମ୍ପର୍କରେ ପାର୍ଲାମେଣ୍ଟ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସୁପାରିସ କରିଥିଲା। ସୂଚନାଯୋଗ୍ୟ, ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ତାଙ୍କ ସରକାରୀ ବାସଭବନ ପରିସରରେ ଥିବା ଷ୍ଟୋର୍ ରୁମ୍‌ରେ ଅଗ୍ନିକାଣ୍ଡ ଘଟି ଅନେକ ଟଙ୍କା ବଣ୍ଡଲ ପୋଡ଼ିଯାଇଥିବା ଅବସ୍ଥାରେ ମିଳିଥିଲା।

## ମାଆ, ପୁଅଙ୍କୁ ହତ୍ୟାକଲେ ଘରୋଇ ସହାୟକ

### ଦିଲ୍ଲୀରେ ଡବଲ ମର୍ଡର

ନୂଆଦିଲ୍ଲୀ,୩।୭

ଦିଲ୍ଲୀର ଲଜପତ ନଗର ଅଞ୍ଚଳରେ ଡବଲ ମର୍ଡର ଘଟିଛି। ମାଲିକାଣୀ ଗାଳି ଦେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଘରୋଇ ସହାୟକ ମୁକେଶ ତାଙ୍କୁ ଓ ତାଙ୍କ ନାବାଳକ ପୁଅଙ୍କୁ ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ମୁକେଶ(୨୪) ଟ୍ରେନ୍ ଯୋଗେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ରେଲୱେ ପୋଲିସ ତାଙ୍କୁ ଧରିଛି। ଲଜପତ ନଗର–୧ରେ ରହୁଥିବା କୁଲ୍‌ଦୀପ ସେୱାନୀ ବୁଧବାର ସକାଳେ ଘରକୁ ଫୋନ୍ କରିଥିଲେ ମଧ୍ୟ ସ୍ତ୍ରୀ ରୁଚିକା(୪୨) ଓ ପୁଅ ଫୋନ୍ ଉଠାଇ ନ ଥିଲେ। ଘରେ ପହଞ୍ଚି କୁଲଦୀପ ଶିଢ଼ି ପାହାଚରେ ରକ୍ତ ପଡ଼ିଥିବା ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ କବାଟ ଭାଙ୍ଗି ଘରେ ପଶିବା ପରେ ମହିଳା ଓ ତାଙ୍କ ପୁଅଙ୍କ ମୃତଦେହ ଦେଖିବାକୁ ପାଇଥିଲା। ରୁଚିକାଙ୍କ ବେକ କଟାଯାଇଥିବାବେଳେ ମୃତଦେହ ବେଡ୍‌ରୁମ୍‌ରେ ପଡ଼ିଥିଲା। ତାଙ୍କ ପୁଅଙ୍କ ମୃତଦେହ ବାଥ୍‌ରୁମ୍‌ରୁ ମିଳିଥିଲା। ସେମାନଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ପୋଲିସ କହିଛି। ମୁକେଶ କୁଲଦୀପ୍‌ଙ୍କ ଘରେ ୩/୪ ବର୍ଷ ହେଲା କାମ କରୁଥିଲେ। ସେ ଘରକାମ କରିବା ସହ ସେମାନଙ୍କ ପୋଷାକ ଦୋକାନରେ ମଧ୍ୟ ସହାୟତା କରୁଥିଲେ ଓ ଡ୍ରାଇଭର ଭାବେ ମଧ୍ୟ କାମ କରୁଥିଲେ। ମଙ୍ଗଳବାର ରୁଚିକା ତାଙ୍କୁ ଗାଳିଦେବାରୁ ସେ ପ୍ରତିଶୋଧ ପରାୟଣ ହୋଇ ହତ୍ୟାକାଣ୍ଡ ଘଟାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ଟ୍ରମ୍ପଙ୍କ 'ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍'କୁ କଂଗ୍ରେସର ମଞ୍ଜୁରୀ

ୱାଶିଂଟନ,୩।୭

ଟିକସ କାଟ୍ ଏବଂ ବ୍ୟୟ ହ୍ରାସ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମହତ୍ତ୍ୱାକାଂକ୍ଷୀ ବିଧେୟକ 'ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍' ଗୁରୁବାର କଂଗ୍ରେସରେ ପାରିତ ହୋଇଛି। ଦୀର୍ଘ ସମୟ ଧରି ବିତର୍କ ପରେ ୪.୫ ଟ୍ରିଲିୟନ ଡଲାର ମୂଲ୍ୟର ଏହି ବିଲ୍ ପାଇଁ ଭୋଟିଂ ହୋଇଥିଲା। ବିଲ୍ ସପକ୍ଷରେ ୨୧୮ ଓ ବିରୋଧରେ ୨୧୪ ଭୋଟ ପଡ଼ିଥିଲା। ୨୦୧୭ରେ କରାଯାଇଥିବା ଟ୍ୟାକ୍ସରେ ହ୍ରାସକୁ ସ୍ଥାୟୀ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହା ପାରିତ ହୋଇଥିବାରୁ ଆଗକୁ ବରିଷ୍ଠ ନାଗରିକମାନଙ୍କୁ ୬,୦୦୦ ଡଲାର ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ ସୁବିଧା ମିଳିପାରିବ। ଚାଇଲ୍ଡ ଟ୍ୟାକ୍ସ କ୍ରେଡିଟ୍‌କୁ ମଧ୍ୟ ୨୦୦୦ରୁ ୨୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଏହା ବ୍ୟତୀତ ସୀମା ସୁରକ୍ଷା ପାଇଁ ୩୫୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପ୍ରସ୍ତାବ ରହିଛି। ସେହିପରି ଇଲେକ୍ଟ୍ରୋନିକ୍ ଭେହିକିଲ୍ ଉପରେ ୭,୫୦୦ ଡଲାର କ୍ରେଡିଟ୍‌କୁ ମଧ୍ୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଥିବାରୁ ପେଟ୍ରୋଲ ଚାଳିତ ଗାଡ଼ିଗୁଡ଼ିକ ଅଧିକ ସୁବିଧା ପାଇବେ। ଏହି ପ୍ରସଙ୍ଗକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ ଓ ତାଙ୍କ ପ୍ରଶାସନର ପୂର୍ବତନ ସହଯୋଗୀ ଏଲନ୍ ମସ୍କଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ଗତ ୧ ତାରିଖରେ ବିଲ୍ ସିନେଟ୍‌ରେ ୫୧:୫୦ ଭୋଟରେ ଗୃହୀତ ହୋଇଥିଲା।

## ଟ୍ରମ୍ପଙ୍କ ସ୍ତ୍ରୀଙ୍କୁ ବିଦା ପାଇଁ ପିଟିଶନ ସ୍ୱାକ୍ଷର ଅଭିଯାନ

### ଆମେରିକାରେ ଜନ୍ମ ହୋଇ ନ ଥିଲେ ଫାର୍ଷ୍ଟ ଲେଡି ମେଲାନିଆ

ୱାଶିଂଟନ୍, ୩।୭

ଆମେରିକାରୁ ଆପ୍ରବାସୀଙ୍କୁ ହଟାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ପ୍ରଶାସନର ଦ୍ରୁତ ପଦକ୍ଷେପ ମଧ୍ୟରେ ଏକ ପିଟିଶନ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ, ତାଙ୍କ ମା'ବାପା ଏବଂ ପୁଅ ବାରୋନ ଟ୍ରମ୍ପଙ୍କୁ ଆମେରିକାରୁ ନିର୍ବାସନ କରିବା ପାଇଁ ଦାବି ହୋଇଛି। ଆପ୍ରବାସନକୁ ନେଇ ଟ୍ରମ୍ପ ଯେଉଁ ନୀତି ଗ୍ରହଣ କରିଛନ୍ତି, ସେଥିରୁ ନିଜ ପରିବାରକୁ ବାଦ୍‌ଦେବା ଉଚିତ ନୁହେଁ ବୋଲି ଆମେରିକାର ଏକ ପ୍ରଗତିଶୀଳ ଆଇନଜୀବୀ ଗୋଷ୍ଠୀ 'ମୁଭ୍ ଅନ୍' ପକ୍ଷରୁ ଏହି ପିଟିଶନରେ କୁହାଯାଇଛି। ଅନ୍‌ଲାଇନରେ ଏବେ ଏହି ପିଟିଶନ ଲୋକପ୍ରିୟତା ହାସଲ କରୁଛି।


ମେଲାନିଆ ଟ୍ରମ୍ପ

ଯେହେତୁ ଟ୍ରମ୍ପ ଆପ୍ରବାସୀ ଏବଂ ଆମେରିକାରେ ଜନ୍ମ ହୋଇ ନ ଥିବା ନାଗରିକଙ୍କୁ ନିର୍ବାସିତ କରିବାକୁ ଚାହୁଁଛନ୍ତି, ତେଣୁ ତାଙ୍କୁ ପ୍ରଥମେ ନିଜ ସ୍ତ୍ରୀ ମେଲାନିଆ ଏବଂ ତାଙ୍କ ପରିବାରକୁ ନିର୍ବାସନ କରିବା ଉଚିତ। ଜାତୀୟ ସୁରକ୍ଷାକୁ ଆଳ କରି ଆପ୍ରବାସୀମାନଙ୍କୁ ଦେଶରୁ ତଡ଼ିବା ପାଇଁ ଟ୍ରମ୍ପ କରିଥିବା ଯୋଜନା ପକ୍ଷପାତପୂର୍ଣ୍ଣ। ଟ୍ରମ୍ପଙ୍କ ନିର୍ବାସନ ଏଜେଣ୍ଡାର ଏହା ଦ୍ୱୈତ ମାନଦଣ୍ଡ ବୋଲି ପିଟିଶନରେ କୁହାଯାଇଛି।

ପିଟିଶନରେ ମେଲାନିଆଙ୍କ ଇବି–୧ ଭିଜା ବ୍ୟବହାରକୁ ନେଇ ସମାଲୋଚନା କରାଯାଇଛି। ସାଧାରଣତଃ ବିଜ୍ଞାନ, କଳା, ବ୍ୟବସାୟ ଭଳି କ୍ଷେତ୍ରରେ ଅସାଧାରଣ କ୍ଷମତା ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ସଂରକ୍ଷିତ ରହିଥାଏ। ସେ ଏହି ଭିଜାର ଫାଇଦା ଉଠାଉଛନ୍ତି। ମେଲାନିଆ ୧୯୭୦ ଏପ୍ରିଲ ୨୬ରେ ଯୁଗୋସ୍ଲାଭିଆରେ ଜନ୍ମ ହୋଇଥିଲେ। ଏବେ ଏହା ସ୍ଲୋଭେନିଆ ନାମରେ ପରିଚିତ। ୨୦୦୬ରେ ସେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିଲେ। ମେଲାନିଆ ହେଉଛନ୍ତି ଆମେରିକାର ଦ୍ୱିତୀୟ ଫାର୍ଷ୍ଟ ଲେଡି, ଯିଏ ଅନ୍ୟ ଦେଶରେ ଜନ୍ମଗ୍ରହଣ କରିଛନ୍ତି। ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁଯାୟୀ, ୨୦୧୮ରେ ମେଲାନିଆଙ୍କ ନିର୍ଦ୍ଦେଶରେ ତାଙ୍କ ମା'ବାପାଙ୍କୁ ଆମେରିକାରେ ଗ୍ରୀନ୍ କାର୍ଡ ଏବଂ ନାଗରିକତ୍ୱ ମିଳିଥିଲା।

'ମୁଭ୍ ଅନ୍'ର ଏହି ପିଟିଶନ ୫ ମାସ ତଳର ହୋଇଥିବା ବେଳେ ସମ୍ପ୍ରତି ଏହା ଲୋକପ୍ରିୟ ହେବାରେ ଲାଗିଛି। କିଛିଦିନ ପୂର୍ବରୁ ଏହି ପିଟିଶନରେ ମାତ୍ର ୧୦୦ ଜଣ ସ୍ୱାକ୍ଷର କରିଥିବା ବେଳେ ଏବେ ୬ ହଜାରରୁ ଅଧିକ ଲୋକ ଏଥିରେ ସ୍ୱାକ୍ଷର କରିସାରିଲେଣି।

**ଫୁରସତ୍**

## ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ ସମ୍ମାନିତ ହେବେ ଦୀପିକା

ଲସ୍ ଏଞ୍ଜେଲ୍ସ, (ପି.ଟି.)

୨୦୨୬ ପାଇଁ ପ୍ରତିଷ୍ଠିତ ହଲିଉଡ୍ ୱାକ୍ ଅଫ୍ ଫେମ୍ ତାଲିକାରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ସାମିଲ ହୋଇଛନ୍ତି। ହଲିଉଡ୍ ୱାକ୍ ଅଫ୍ ଫେମ୍‌କୁ ପରିଚାଳନା କରୁଥିବା ହଲିଉଡ୍ ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ପ୍ରଥମ ଭାରତୀୟ ଭାବେ ଦୀପିକା ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ 'ଷ୍ଟାର୍' ସମ୍ମାନରେ ସମ୍ମାନିତ ହୋଇ ଇତିହାସ ରଚିବେ। ମୋଶନ ପିକ୍ଚର୍ସ ଶ୍ରେଣୀରେ ତାଙ୍କୁ ଏହି ବିଶ୍ୱସ୍ତରୀୟ ସମ୍ମାନ ମିଳିବ। ହଲିଉଡ୍ ୱାକ୍ ଅଫ୍ ଫେମ୍ ହେଉଛି ଆମେରିକାର ଲସ୍ ଏଞ୍ଜେଲ୍ସସ୍ଥିତ ଏକ ଐତିହାସିକ ସ୍ଥାନର ନାମ, ଯେଉଁଠାରେ ମନୋରଞ୍ଜନ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରସିଦ୍ଧ କଳାକାରମାନଙ୍କୁ ସମ୍ମାନିତ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ଦୀପିକା ୨୦୦୭ରେ 'ଓମ୍ ଶାନ୍ତି ଓମ୍' ଫିଲ୍ମ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହାପରଠାରୁ ବଲିଉଡ୍‌ର ଅନେକ ହିଟ୍ ଫିଲ୍ମରେ ସେ ଅଭିନୟ କରିଛନ୍ତି। ୨୦୧୭ରେ 'ଏକ୍ସଏକ୍ସଏକ୍ସ: ରିଟର୍ନ ଅଫ୍ ଜାଣ୍ଡର କେଜ୍' ଫିଲ୍ମ ଜରିଆରେ ଦୀପିକା ହଲିଉଡ୍‌ରେ ଡେବ୍ୟୁ କରିଥିଲେ।


ଦୀପିକା ପାଦୁକୋନ

## କ୍ରିତି, ଧନୁଷ୍‌ଙ୍କ ଲଭ୍ କେମେଷ୍ଟ୍ରି

ମୁମ୍ବାଇ

ଆନନ୍ଦ ଏଲ୍ ରାୟଙ୍କ ନିର୍ଦ୍ଦେଶିତ 'ତେରେ ଇସ୍କ ମେଁ' ଫିଲ୍ମ ଆସନ୍ତା ନଭେମ୍ବର ୨୮ରେ ରିଲିଜ୍ ହେବ। ଫିଲ୍ମରେ ଅଭିନେତା ଧନୁଷ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସାନୋନ୍ ନଜରକୁ ଆସିବେ। ଏହି ଫିଲ୍ମରେ ଉଭୟ ଧନୁଷ୍ ଏବଂ କ୍ରିତିଙ୍କ ମଧ୍ୟରେ ଲଭ୍ କେମେଷ୍ଟ୍ରି ଦେଖିବା ପାଇଁ ଦର୍ଶକ ଉତ୍ସାହର ସହ ଅନାଇ ବସିଛନ୍ତି।

### 'ତେରେ ଇସ୍କ ମେଁ' ଶୁଟିଂ ଶେଷ

'ତେରେ ଇସ୍କ ମେଁ' ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ କ୍ରିତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଉକ୍ତ ପୋଷ୍ଟରେ ସେ ବିଭିନ୍ନ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଶୁଟିଂ ଶେଷ ହେବା ଖୁସିରେ ଧନୁଷ, କ୍ରିତି ଏବଂ ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟଙ୍କ ସମେତ ଫିଲ୍ମର ପୂରା କ୍ରିଉ ଟିମ୍ କେକ୍ କାଟି ଉତ୍ସବ ପାଳୁଥିବାର ନଜରକୁ ଆସିଛନ୍ତି। କ୍ୟାପ୍‌ଶନ୍‌ରେ କ୍ରିତି ଲେଖିଛନ୍ତି, ଆନନ୍ଦଙ୍କ ନିର୍ଦ୍ଦେଶନାରେ ଫିଲ୍ମ ଶୁଟିଂ ବେଳର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ଉପଭୋଗ କରିଛନ୍ତି। ସେହିପରି ଇଣ୍ଡଷ୍ଟ୍ରିରେ ପ୍ରତିଭାଶାଳୀ ଏବଂ ବୁଦ୍ଧିମାନ ଅଭିନେତାଙ୍କ ମଧ୍ୟରୁ ଧନୁଷ୍ ଅନ୍ୟତମ। ଆଗକୁ ମଧ୍ୟ ସେ ଧନୁଷ୍‌ଙ୍କ ସହ ଅନେକ ପ୍ରୋଜେକ୍ଟରେ କାମ କରିବେ ବୋଲି କ୍ରିତି ଆଶାବ୍ୟକ୍ତ କରିଛନ୍ତି।


କ୍ରିତି ସାନୋନ୍

## ଉତ୍ତରାଧିକାରୀ ଚୟନ କ୍ଷମତା କେବଳ ଦଲାଇଲାମାଙ୍କର ରହିଛି: ରିଜିଜୁ

ନୂଆଦିଲ୍ଲୀ,୩।୭(ପି.ଟି.)



ପରବର୍ତ୍ତୀ ଦଲାଇଲାମାଙ୍କ ଚୟନ ସମ୍ପର୍କରେ କେବଳ ବର୍ତ୍ତମାନର ଦଲାଇଲାମା ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ନିଷ୍ପତ୍ତି ନେବେ, ଅନ୍ୟ କେହି ନୁହେଁ ବୋଲି ଭାରତର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗୁରୁବାର କହିଛନ୍ତି। ଦଲାଇଲାମାଙ୍କ ଉତ୍ତରାଧିକାରୀଙ୍କୁ ନେଇ ପ୍ରଥମ ଥର ପାଇଁ ଜଣେ ବରିଷ୍ଠ ସରକାରୀ କାର୍ଯ୍ୟକର୍ତ୍ତା ମନ୍ତବ୍ୟ ଦେଇଛନ୍ତି। ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ବୁଧବାର କହିଥିଲେ, ତାଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ଚୟନ ହେବେ। ୬୦୦ ବର୍ଷ ଧରି ଦଲାଇଲାମା ଚୟନକୁ ନେଇ ରହିଆସିଥିବା ପରମ୍ପରା ବଜାୟ ରହିବ ଏବଂ କେବଳ ଗାଡେନ୍ ଫୋଡ୍ରାଙ୍ଗ୍ ଟ୍ରଷ୍ଟ ତାଙ୍କ ପରବର୍ତ୍ତୀ ଉତ୍ତରାଧିକାରୀଙ୍କୁ ସ୍ୱୀକୃତି ଦେବ ବୋଲି ଦଲାଇଲାମା କହିଥିଲେ। ତେବେ ତାଙ୍କର ଏହି ଯୋଜନାକୁ ଚାଇନା ପ୍ରତ୍ୟାଖ୍ୟାନ କରିବା ସହ ପରବର୍ତ୍ତୀ ଦଲାଇଲାମା ପାଇଁ ବେଜିଂର ଅନୁମୋଦନ ଜରୁରୀ ବୋଲି କହିଥିଲା। ଏହା ଉପରେ ରିଜିଜୁ ପ୍ରତିକ୍ରିୟା ଦେଇ ଦଲାଇଲାମାଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଆସନ୍ତା ୬ ତାରିଖରେ ଧର୍ମଶାଳାରେ ଦଲାଇଲାମାଙ୍କ ୯୦ତମ ଜନ୍ମଦିନରେ ଭାରତ ସରକାରଙ୍କ ପ୍ରତିନିଧି ଭାବେ ବୌଦ୍ଧ ଧର୍ମାବଲମ୍ବୀ ମନ୍ତ୍ରୀ ରିଜିଜୁ ଏବଂ ରାଜୀବ ରଞ୍ଜନ ସିଂ ଯୋଗଦେବେ।

**ବ୍ରିଟିଶ ଯୁଦ୍ଧ ବିମାନକୁ ଭାଙ୍ଗି ଏୟାରଲିଫ୍ଟ କରାଯିବ** କେରଳର ଥିରୁଭାନନ୍ତପୁରମ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜୁନ୍ ୧୪ରେ ଜରୁରୀ ଅବତରଣ କରିଥିବା ବ୍ରିଟିଶ ନୌସେନାର ଏଫ୍-୩୫ବି ଯୁଦ୍ଧବିମାନକୁ ଭଙ୍ଗାଯାଇ ବ୍ରିଟେନ୍‌କୁ ଏୟାରଲିଫ୍ଟ କରାଯାଇପାରେ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ୫ମ ପିଢ଼ିର ଏହି ଲଢ଼ୁଆ ବିମାନର ମରାମତି ପାଇଁ ହୋଇଥିବା ଏକାଧିକ ଉଦ୍ୟମ ବିଫଳ ହୋଇଛି। ବ୍ରିଟେନ୍‌ରୁ କୌଣସି ଇଞ୍ଜିନିୟରିଂ ଟିମ୍ ଏପର୍ଯ୍ୟନ୍ତ ଭାରତ ଆସିନାହାନ୍ତି। ବିମାନକୁ ଫେରାଇନେବା ପାଇଁ ବ୍ରିଟିଶ କର୍ତ୍ତୃପକ୍ଷ ବିକଳ୍ପ ଯୋଜନା ସମ୍ପର୍କରେ ବିଚାର କରୁଛନ୍ତି। ଏହି ଯୁଦ୍ଧବିମାନକୁ ଭାଗ ଭାଗ କରାଯାଇ ସେନା ପରିବହନ ବିମାନରେ ଏୟାରଲିଫ୍ଟ କରାଯାଇପାରେ।

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ, ୩।୭**

ଭାରତ ଓ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର ହୋଇପାରେ। ୨ ବାଣିଜ୍ୟ ସହଯୋଗୀଙ୍କ ପକ୍ଷରୁ ଏନେଇ ଘୋଷଣା କରାଯାଇପାରେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ପାରସ୍ପରିକ ଶୁଳ୍କ ପାଇଁ ନିଷେଧାଦେଶର ସମୟସୀମା ଆସନ୍ତା ୯ରେ ଶେଷ ହେଉଛି। ଏହାପୂର୍ବରୁ ମିନି ଟ୍ରେଡ୍ ଡିଲ୍ ସ୍ୱାକ୍ଷର ହେବ। ତେବେ କୃଷି କ୍ଷେତ୍ରରେ ଭାରତ ନିଜ ସର୍ତ୍ତରେ ଅଟଳ ରହିଛି। ତେଣୁ କୃଷି, ଦୁଗ୍ଧଜାତ ସାମଗ୍ରୀ ଓ କେତେକ ଶସ୍ୟ ଉପରୁ ଟାରିଫ୍ ହ୍ରାସ ପାଇଁ ଭାରତ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।

## ଶିକାଗୋରେ ଗୁଳି, ୪ ମୃତ

**ଶିକାଗୋ, ୩।୭**

ଆମେରିକାର ଶିକାଗୋସ୍ଥିତ ରିଭର ନର୍ଥଠାରେ ବୁଧବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟିଛି। ଏକ ନାଇଟ୍ କ୍ଲବ ବାହାରେ ଜଣେ ବନ୍ଧୁକଧାରୀ ଭିଡ଼ ଉପରକୁ ଆଖିବୁଜା ଗୁଳି ଚଳାଇବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ଆତତାୟୀ ଜଣକ କାର୍ ସହ ତୁରନ୍ତ ଫେରାର ହୋଇଯାଇଥିବା ପୋଲିସ କହିଛି। ଏହି ଗୁଳିକାଣ୍ଡରେ ୧୩ ମହିଳା ଏବଂ ୫ ପୁରୁଷଙ୍କ ଶରୀରରେ ଗୁଳି ବାଜିଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସହ ଆତତାୟୀଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛି।

## ଅମରନାଥ ଯାତ୍ରା ଆରମ୍ଭ

**ଶ୍ରୀନଗର, ୩।୭**

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗୁରୁବାର ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ଜମ୍ମୁ-କଶ୍ମୀରର ବାଲ୍‌ଟାଲ୍ ଓ ପହଲଗାମ୍‌ର ନୁନ୍‌ୱାନ୍ ବେସ୍ କ୍ୟାମ୍ପରୁ ପ୍ରଥମ ପର୍ଯ୍ୟାୟରେ ୬୮ ତୀର୍ଥଯାତ୍ରୀ ସୁବେଦାରଗଞ୍ଜ ଷ୍ଟେଶନରୁ ଜମ୍ମୁ ମେଲ୍‌ରେ ବାବା ବର୍ଫାନିଙ୍କ ଦର୍ଶନ ପାଇଁ ଅମରନାଥ ଗୁମ୍ଫା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଯାତ୍ରୀଙ୍କ ସୁରକ୍ଷା ଚିନ୍ତା ବଢ଼ିଥିବାରୁ ଏହି ରୁଟ୍‌ରେ ୮୦ ହଜାର ଯବାନଙ୍କୁ ନିୟୋଜିତ କରାଯାଇଛି।

# ଟେକ୍ ଇଣ୍ଡଷ୍ଟ୍ରିରେ ଲକ୍ଷାଧିକ ଛଟେଇ

**ନୂଆଦିଲ୍ଲୀ, ୩।୭**

**୯,୧୦୦ କର୍ମଚାରୀଙ୍କୁ ହଟାଇଲା ମାଇକ୍ରୋସଫ୍ଟ**




ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ପ୍ରଯୁକ୍ତି ଶିଳ୍ପରେ ୧ ଲକ୍ଷରୁ ଅଧିକ ନିଯୁକ୍ତି ବିଶ୍ୱବ୍ୟାପୀ ହ୍ରାସ ପାଇଥିବା ନେଇ ଗୁରୁବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ମାଇକ୍ରୋସଫ୍ଟ ଏହାର ଏକ୍ସବକ୍ସ ଏବଂ ଗେମିଂ ୟୁନିଟ୍‌ରେ ୯,୧୦୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ଘୋଷଣା କରିଛି। ଏହି ଘୋଷଣା ଦ୍ୱାରା ମାଇକ୍ରୋସଫ୍ଟ ନିଜ କମ୍ପାନୀର ପ୍ରାୟ ୪% କର୍ମଚାରୀଙ୍କୁ ହ୍ରାସ କରିବାକୁ ଯୋଜନା ରଖିଛି। ପୂର୍ବରୁ ମାଇକ୍ରୋସଫ୍ଟ ୬ ହଜାରରୁ ଅଧିକ କର୍ମଚାରୀଙ୍କୁ ଚଳିତ ବର୍ଷ ଛଟେଇ କରିସାରିଛି। ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଇଣ୍ଟେଲ ମଧ୍ୟ ଚଳିତ ମାସ କାଲିଫର୍ନିଆର ସାଣ୍ଟା କ୍ଲାରାସ୍ଥିତ ମୁଖ୍ୟାଳୟରେ ୧୦୭ ଜଣ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ସେହିପରି ଇଣ୍ଟେଲ ଖୁବ୍‌ଶୀଘ୍ର ଜର୍ମାନୀରେ ଥିବା ନିଜ ଅଟୋମେଟିଭ୍ ଚିପ୍ ୟୁନିଟକୁ ବନ୍ଦ କରିବାକୁ ଯାଉଛି, ଯାହାଫଳରେ ଏହାର ପୂରା ଟିମ୍ ଛଟେଇର ସମ୍ମୁଖୀନ ହେବେ। ଜୁଲାଇ ମଧ୍ୟଭାଗରେ ଇଣ୍ଟେଲ ଆହୁରି କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା ରଖିଛି, ଯାହା ଏହାର ୨୦% କର୍ମଚାରୀଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। କମ୍ପାନୀର ଚିପ୍ ୟୁନିଟରେ କାର୍ଯ୍ୟରତ ବରିଷ୍ଠ ଇଞ୍ଜିନିୟର, କ୍ଲାଉଡ ଆର୍କିଟେକ୍ଟର ଏଥିରେ ବ୍ୟାପକ ଭାବେ ପ୍ରଭାବିତ ହେବେ। ଅନ୍ୟପକ୍ଷେ ଆମାଜନ ମଧ୍ୟ ଚଳିତ ବର୍ଷ ୪ଟି ପର୍ଯ୍ୟାୟରେ ନିଜ କର୍ମଚାରୀଙ୍କୁ ଛଟେଇ କରିଥିବା ରିପୋର୍ଟରେ କୁହାଯାଇଛି। ଖର୍ଚ୍ଚ ହ୍ରାସ ଯୋଜନାର ଅଂଶ ସ୍ୱରୂପ ଆମାଜନ ଏହାର ପରିଚାଳନା ଭୂମିକାରେ ଥିବା ପ୍ରାୟ ୧୪ ହଜାର କର୍ମଚାରୀଙ୍କୁ ଛଟେଇ କରିବା ସହ ନିଜ ଲିଡରଶିପ୍ ଷ୍ଟାଫ୍‌ଙ୍କ ପ୍ରାୟ ୧୩% ପର୍ଯ୍ୟନ୍ତ ହ୍ରାସ କରିବାକୁ ଯୋଜନା କରୁଛି। ଏହି ପ୍ରକ୍ରିୟା ପରେ କମ୍ପାନୀର ମୋଟ ପରିଚାଳକଙ୍କ ସଂଖ୍ୟା ୯୨ ହଜାରକୁ ହ୍ରାସ ପାଇବ। ସେହିପରି ଆଇବିଏମ୍ ମଧ୍ୟ ଚଳିତ ବର୍ଷ ନିଜ ୮ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। ସେଥିମଧ୍ୟରୁ ଅଧିକାଂଶ ଛଟେଇ କମ୍ପାନୀର ମାନବ ସମ୍ବଳ ବିଭାଗରେ ହୋଇଥିବା ରିପୋର୍ଟରେ କୁହାଯାଇଛି। ପ୍ରଯୁକ୍ତିବିଦ୍ୟା ଶିଳ୍ପରେ ୨୦୨୩ ଏବଂ ୨୦୨୪ରେ କର୍ମଚାରୀଙ୍କ ଛଟେଇର ଲହରି ଦେଖାଦେଇଥିବା ବେଳେ ୨୦୨୫ରେ ଏହି ଧାରା ହ୍ରାସ ପାଇବାର କୌଣସି ସଙ୍କେତ ମିଳିନାହିଁ ବୋଲି ବିଶେଷଜ୍ଞ କହିଛନ୍ତି। ଏହି ଛଟେଇର ଭିନ୍ନ ଭିନ୍ନ କାରଣ ରହିଛି। ଏଆଇ ଚାଳିତ ପୁନର୍ଗଠନ, ଉଚ୍ଚ ମୁଦ୍ରାସ୍ଫୀତି, ଦୁର୍ବଳ ଗ୍ରାହକ ଚାହିଦା, ବୃଦ୍ଧି ପାଉଥିବା ସୁଧ ହାର ଆଦି ବିଭିନ୍ନ କାରଣ ଯୋଗୁ କର୍ମଚାରୀଙ୍କୁ ଛଟେଇ କରିବା ସହ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ନିଜ ବଜେଟକୁ କଠୋର କରିବାକୁ ବାଧ୍ୟ ହେଉଛନ୍ତି ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଭାରତରେ ଅଯଥା କାଗଜପତ୍ର କାମ ଅଧିକ

**ନୂଆଦିଲ୍ଲୀ, ୩।୭**

**ଅସନ୍ତୋଷ ବ୍ୟକ୍ତ କଲେ ଫ୍ଲେକ୍ସପୋର୍ଟ ସିଇଓ**



ର୍‌ୟାନ୍ ପିଟରସେନ୍

ଫ୍ଲେକ୍ସପୋର୍ଟର ପ୍ରତିଷ୍ଠାତା ତଥା ସିଇଓ ର୍‌ୟାନ୍ ପିଟରସେନ୍ ଭାରତର ଅମଲାତନ୍ତ୍ରୀ ଚ୍ୟାଲେଞ୍ଜକୁ ସମାଲୋଚନା କରିଛନ୍ତି। ଭାରତରେ ଅଯଥା କାଗଜପତ୍ର କାମ ବହୁତ ଅଧିକ, ଯାହା ବ୍ୟବସାୟରେ ବାଧା ସୃଷ୍ଟି କରୁଥିବା ସେ କହିଛନ୍ତି। ଅନ୍ୟ ସବୁ ଦେଶରେ ମୋଟ ଯେତିକି କାଗଜପତ୍ର ଦାଖଲ କରିବାକୁ ପଡ଼ିଥିଲା, ଭାରତରେ ତା'ଠାରୁ ଅଧିକ କାଗଜପତ୍ର ଦାଖଲ କରିବାକୁ ପଡ଼ିଥିବା ର୍‌ୟାନ୍ କହିଛନ୍ତି।

ଫ୍ଲେକ୍ସପୋର୍ଟ ଏକ ଆମେରିକୀୟ ମଲ୍ଟିନ୍ୟାଶନାଲ କର୍ପୋରେଶନ ଯାହା ଲଜିଷ୍ଟିକ୍ସ ଓ ସପ୍ଲାଏ ଚେନ୍ ପରିଚାଳନା କରିଥାଏ। ଏହାର ମୁଖ୍ୟାଳୟ ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ରହିଥିବାବେଳେ ୮୯ରୁ ଊର୍ଦ୍ଧ୍ୱ ଦେଶରେ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଏସ୍‌ଟିକୁ ପ୍ରଶଂସା କରି ଏହା ଭାରତର ଅର୍ଥନୈତିକ ଦୃଶ୍ୟପଟକୁ ନୂଆ ରୂପ ଦେଇଥିବା ଏକ ଐତିହାସିକ ସଂସ୍କାର ବୋଲି ଏକ୍ସ'ରେ ପୋଷ୍ଟ କରିଥିଲେ। ଏହା ଅନୁପାଳନ ବୋଝକୁ ଲାଘବ କରି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ପାଇଁ ବ୍ୟବସାୟକୁ ସହଜ କରିବାରେ ସହାୟକ ହୋଇଥିବା ପ୍ରଧାନମନ୍ତ୍ରୀ କହିଥିବାବେଳେ ତାହାର ଜବାବରେ ର୍‌ୟାନ୍ ଭାରତରେ ନିଜର ବ୍ୟବସାୟ ଅଭିଜ୍ଞତା ଦର୍ଶାଇ ଉପରୋକ୍ତ ମତ ଦେଇଛନ୍ତି।

## ମା' ଟିଉଶନ ଯିବାକୁ କହିବାରୁ ୫୦ ମହଲାରୁ ଡେଇଁ ପୁଅଙ୍କ ଆତ୍ମହତ୍ୟା

**ମୁମ୍ବାଇ, ୩।୭**

ଟିଉଶନ୍ ଯିବାକୁ ମାଆ ତାଗିଦ୍ କରିବାରୁ ୧୪ ବର୍ଷର ପୁଅ ୫୦ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପିଲାର ମାଆ ଲୋକପ୍ରିୟ ହିନ୍ଦୀ ଓ ଗୁଜରାଟୀ ଟିଭି ଶୋ'ରେ ଅଭିନେତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ମୁମ୍ବାଇର କାଣ୍ଡିଭାଲିରେ ଥିବା ବୁକ୍ ବିଲ୍ଡିଂର ୫୧ତମ ମହଲାରେ ରହୁଥିଲେ। ବୁଧବାର ସନ୍ଧ୍ୟା ୭ଟାରେ ପୁଅକୁ ଟିଉଶନ ଯିବାକୁ ସେ କହିଥିଲେ। ପୁଅ ରାଜି ନ ହୋଇ ଘରୁ ବାହାରି ଯାଇଥିଲେ। ୨ ମହଲା ତଳକୁ ଆସିବା ପରେ ସେ ତଳକୁ ଡେଇଁ ପଡ଼ିଥିଲେ। ପିଲାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ୱାଚ୍‌ମ୍ୟାନ୍ ମହିଳାଙ୍କୁ ଜଣାଇଥିଲେ। ପୋଲିସ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୧.୦୫ ଲକ୍ଷ କୋଟିର ପ୍ରତିରକ୍ଷା ସାମଗ୍ରୀ କ୍ରୟକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୩।୭**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତା ଅଧୀନ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ସାମରିକ ଉପକରଣ କ୍ରୟ ସମ୍ପର୍କିତ ୧୦ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ତଦନୁଯାୟୀ ୧.୦୫ ଲକ୍ଷ କୋଟି ଟଙ୍କାର ମିଶାଇଲ ଓ ଇଲେକ୍ଟ୍ରୋନିକ୍ ଯୁଦ୍ଧାସ୍ତ୍ର ବ୍ୟବସ୍ଥା ଏବଂ ଅନ୍ୟ ସାମରିକ ଉପକରଣ ଘରୋଇ ପ୍ରତିରକ୍ଷା କମ୍ପାନୀଗୁଡ଼ିକରୁ କିଣାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଜାରି ଏକ ବିବୃତିରେ କୁହାଯାଇଛି, ଏହି ସାମଗ୍ରୀଗୁଡ଼ିକ କ୍ରୟ କରାଯିବା ଫଳରେ ଦେଶର ଏୟାର ଡିଫେନ୍ସ ଆହୁରି ମଜଭୁତ ହେବ। ଉନ୍ନତ ଯୋଗାଣ ଶୃଙ୍ଖଳ ପରିଚାଳନା ସହ ସଶସ୍ତ୍ର ବଳର ଯୁଦ୍ଧ ପ୍ରସ୍ତୁତି ସାମର୍ଥ୍ୟ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ରେ ଦେଶର ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ ସର୍ବକାଳୀନ ଉଚ୍ଚ ସ୍ତରକୁ ଛୁଇଁବା ସହ ୧.୪୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ରପ୍ତାନି କ୍ଷେତ୍ରରେ ମଧ୍ୟ ୨୪ ହଜାର କୋଟି ଟଙ୍କାର କାରବାର ସହ ସର୍ବକାଳୀନ ରେକର୍ଡ ହୋଇଛି।

## ବୋଟ୍ ବୁଡ଼ି ୬ ମୃତ

**ବାଲି, ୩।୭**

ଇଣ୍ଡୋନେସିଆର ବାଲି ନିକଟରେ ବୁଧବାର ରାତିରେ ଏକ ବୋଟ୍ ବୁଡ଼ିଯିବାରୁ ୬ ଜଣଙ୍କର ମୃତ୍ୟୁ ଘଟିଛି। ଉକ୍ତ ବୋଟ୍‌ରେ ୫୩ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରିଉ ସଦସ୍ୟ ଯାଉଥିବା ନେଇ ଇଣ୍ଡୋନେସିଆର ନ୍ୟାଶନାଲ ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ୨୯ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କର ମୃତଦେହ ମିଳିଛି। ଏବେ ମଧ୍ୟ ୩୦ ଜଣ ନିଖୋଜ ଥିବାବେଳେ ଉଦ୍ଧାରକାରୀ ଦଳ ଗୋଟିଏ ହେଲିକପ୍ଟର ଏବଂ ୧୫ଟି ବୋଟ୍ ସାହାଯ୍ୟରେ ସେମାନଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛନ୍ତି। ଦୁର୍ଘଟଣାଗ୍ରସ୍ତ ବୋଟ୍‌ଟି ଇଣ୍ଡୋନେସିଆର ଇଷ୍ଟ ଜାଭା ସହରର କେତ୍‌ପଙ୍ଗ ବନ୍ଦରରୁ ବାଲିର ଗିଲିମାନୁକ ବନ୍ଦରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ବେପରୁଆ ଗାଡ଼ିଚାଳନା: ଚାଳକଙ୍କ ମୃତ୍ୟୁରେ ପରିବାରକୁ ମିଳିବନି କ୍ଷତିପୂରଣ

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ନିଜର ବେପରୁଆ ଗାଡ଼ିଚାଳନା ପାଇଁ ଜଣକର ମୃତ୍ୟୁ ଘଟିଲେ, ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ବୀମା କମ୍ପାନୀ ଉତ୍ତରଦାୟୀ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଦ୍ରୁତବେଗରେ କାର୍ ଚଳାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ସ୍ତ୍ରୀ, ପୁଅ ଓ ମା'ବାପା ୮୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଜଷ୍ଟିସ୍ ନରସିଂହା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ସେମାନଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଗତବର୍ଷ ନଭେମ୍ବର ୨୩ରେ ସେମାନଙ୍କ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଥିବାବେଳେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟ ରାୟ ଦେଇସାରିଥିବାରୁ ସ୍ୱତନ୍ତ୍ର ଲିଭ୍ ପିଟିଶନ ଖାରଜ ହେଲା ବୋଲି ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ଜୁନ୍ ୧୮ରେ ଏସ୍. ରବିଶ୍ ଟ୍ରାଫିକ୍ ନିୟମ ନ ମାନି ବେପରୁଆ ଗାଡ଼ିଚାଳନା କରୁଥିବାରୁ କର୍ଣ୍ଣାଟକର ଅରସିକେରେ ସହରକୁ ଯାଉଥିବାବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବ୍ରହ୍ମୋସ୍ ଅଣୁଅସ୍ତ୍ରବାହୀ କି ନୁହେଁ ଜାଣିବା ପାଇଁ ସମୟ ନ ଥିଲା: ଶରିଫଙ୍କ ସହଯୋଗୀ

**ଇସ୍‌ଲାମାବାଦ, ୩।୭**

ଅପରେଶନ ସିନ୍ଦୂରବେଳେ ପାକିସ୍ତାନର ନୁର୍ ଖାନ୍ ଏୟାରବେସ୍‌କୁ ଟାର୍ଗେଟ କରି ଭାରତ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଛାଡ଼ିଥିଲା। ତାହା ଅଣୁଅସ୍ତ୍ରବାହୀ କି ନୁହେଁ ଜାଣିବା ପାଇଁ ପାକିସ୍ତାନ ସେନା ପାଖରେ ମାତ୍ର ଅଳ୍ପ କେଇ ସେକେଣ୍ଡ ସମୟ ଥିଲା ବୋଲି ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ସ୍ୱତନ୍ତ୍ର ସହକାରୀ ରାଣା ସନାଉଲ୍ଲା ଏକ ସାକ୍ଷାତ୍‌କାରରେ କହିଛନ୍ତି। ପୂରା ଦମ୍‌ରେ ଆଣବିକ ଯୁଦ୍ଧ ହେବା ନେଇ ଇସ୍‌ଲାମାବାଦ ଭୟଭୀତ ହୋଇଯାଇଥିଲା। ଏହାକୁ ନେଇ ବିଶ୍ୱଯୁଦ୍ଧ ଭଳି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱକୁ ମଧ୍ୟସ୍ଥତା ଜରିଆରେ ସଙ୍କଟର ସମାଧାନ କରି ବିଶ୍ୱକୁ ବଞ୍ଚାଇଦେଲେ ବୋଲି ପିଏମ୍‌ଏଲ୍-ଏନ୍ ନେତା କହିଛନ୍ତି। ଅସ୍ତ୍ରବିରତି ପାଇଁ ସେ ଟ୍ରମ୍ପଙ୍କୁ ଶ୍ରେୟ ଦେଇଛନ୍ତି।

**ରାଜ୍ୟ ଖବର**

## ରାଜ୍ୟରେ କାର୍ଯ୍ୟକାରୀ ହେବ ପାଣିପାଗ ସୂଚନା ନେଟ୍‌ୱର୍କ ଡାଟା ସିଷ୍ଟମ

**ଭୁବନେଶ୍ୱର, ୩।୭ (ସୁନିତ୍ ମିଶ୍ର)**

**କୃଷି ବିଭାଗ, ସ୍କାଇମେଟ୍ ୱେଦର ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**



ପାଣିପାଗ ସୂଚନା ନେଟ୍‌ୱର୍କ ଡାଟା ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ସ୍କାଇମେଟ୍ ୱେଦର ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପାଣିପାଗ ସୂଚନା ନେଟ୍‌ୱର୍କ ଡାଟା ସିଷ୍ଟମ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ କୃଷି, ବୀମା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପାଣିପାଗ ତଥ୍ୟର ସୁଗମ କରିବ ଏବଂ ବିପର୍ଯ୍ୟୟ ପରିଚାଳନା କରିବା ପାଇଁ ଉଦ୍ଦିଷ୍ଟ ବୋଲି ସିଂଦେଓ କହିଛନ୍ତି। ସମୟୋଚିତ ଏବଂ ଠିକ୍ ପାଣିପାଗ ତଥ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ୍ ରେନ୍ ଗଜ୍ ସ୍ଥାପନ କରାଯିବ। ଗ୍ରାମପଞ୍ଚାୟତ ସ୍ତରରେ ସ୍ୱୟଂଚାଳିତ ରେନ୍ ଗଜ୍ ସ୍ଥାପନ ହେବ। ବ୍ଲକ୍ ସ୍ତରରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବଜେଟ ବ୍ୟବସ୍ଥାରୁ ରାଜ୍ୟକୁ ପାଣ୍ଠି ଯୋଗାଇ ଦିଆଯିବ। ଏହି ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ଭାବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହି ପାଣ୍ଠି ସମବାୟ ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବଜେଟରୁ ଯୋଗାଇ ଦିଆଯିବ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍ତମ ଫସଲ ଯୋଜନା, ବିପଦ ମୂଲ୍ୟାୟନ ଏବଂ ଅମଳ ପୂର୍ବାନୁମାନ ପାଇଁ ଠିକ୍ ପାଣିପାଗ ତଥ୍ୟ ପ୍ରଦାନ କରିବା ଦ୍ୱାରା ଚାଷୀମାନଙ୍କ କୃଷିଦକ୍ଷତା ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଦକ୍ଷ ଦାବି ମୂଲ୍ୟାଙ୍କନ ଏବଂ ବିପଦ ହ୍ରାସ ରଣନୀତିକୁ ସହଜ କରିବା ଦ୍ୱାରା ଚାଷୀମାନେ ବହୁବିଧ ଫସଲ ଗ୍ରହଣ କରିବାକୁ ଉତ୍ସାହିତ ହେବେ ବୋଲି ସେ କହିଛନ୍ତି।

## ବି.ଏଡ୍. ପ୍ରବେଶିକା ପରୀକ୍ଷାରେ ଅନିୟମିତତା ହୋଇଛି: ଛାତ୍ର କଂଗ୍ରେସ

**ଭୁବନେଶ୍ୱର, ୩।୭ (ରବିନାରାୟଣ ଜେନା)**




ବି.ଏଡ୍ ପ୍ରବେଶିକା ପରୀକ୍ଷାରେ ଅନିୟମିତତାକୁ ନେଇ ଛାତ୍ର କଂଗ୍ରେସ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଚଳିତବର୍ଷ ରାଜ୍ୟରେ ୧ ଲକ୍ଷ ୨୭ ହଜାର ବିଦାର୍ଥୀ ବି.ଏଡ୍, ଏମ୍‌ଇଡି ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାକୁ ରାଜ୍ୟ ନିଯୁକ୍ତି ପ୍ରବରଣ ଆୟୋଗ ପରିଚାଳନା କରୁଥିଲା। ଏହାର ଫଳାଫଳ ମଧ୍ୟ ପ୍ରକାଶ ପାଇଛି। ହେଲେ ଏଥିରେ ଅନେକ ଛାତ୍ର ନିଜ ଫଳାଫଳକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଆଶା କରୁଥିବା ମାର୍କଠାରୁ ଯଥେଷ୍ଟ କମ୍ ମାର୍କ ପାଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାର ଅନୁସନ୍ଧାନ ପରେ ଜାଣିଲୁ ଯେ, ଏଥିରେ ଅନେକ ପ୍ରକାରର ଜାଲିଆତି ଓ ଦୁର୍ନୀତି ହୋଇଛି। କାରଣ ନିଯୁକ୍ତି ପ୍ରବରଣ ଆୟୋଗ ଫଳ ପ୍ରକାଶ କଲା ସତ, କିନ୍ତୁ ତାହାର 'ଆନ୍‌ସାର କି' ବାହାର କରି ନ ଥିଲା। ଏସଂକ୍ରାନ୍ତରେ ଅନେକ ଛାତ୍ର ଭବିଷ୍ୟତ ବିପଦରେ ଆଶଙ୍କା କରି ଆୟୋଗକୁ ଅଭିଯୋଗ କରିବା ପରେ, ଆଡ୍‌ମିଶନ ପ୍ରକ୍ରିୟାକୁ ସରକାର ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏଥିରୁ ନିଯୁକ୍ତି ପ୍ରକ୍ରିୟାରେ ସ୍ପଷ୍ଟ ବୁଝାପଡୁଛି ବୋଲି ଉଦିତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ତୁରନ୍ତ ପ୍ରୋଭିଜନାଲ୍ ଆନ୍‌ସାର୍‌କୁ ପ୍ରକାଶ କରାଯିବା ସହିତ ଆଶାୟୀଙ୍କୁ ଅଭିଯୋଗ କରିବା ପାଇଁ ସୁଯୋଗ ଦିଆଯାଉ। ଏହି ବିଭ୍ରାଟରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏହି ସମ୍ମିଳନୀରେ ଛାତ୍ର ନେତା ମହମ୍ମଦ ଇମ୍‌ଦାଦ, ମନୋଜ ବିଶ୍ୱାଳ, ସତ୍ୟଜିତ ପଟ୍ଟନାୟକ, ଆଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଧୋଇଗଲା କାନପୁର ପ୍ରକଳ୍ପର କପର ବନ୍ଧ

**ଯୋଡ଼ା, ୩।୭ (ମାନସ ମହାନ୍ତି)**



ଧୋଇଯାଇଥିବା ବନ୍ଧ

- **ବୈତରଣୀରେ ପ୍ରବାହିତ ହେଲା ଜଳ**
- **ତଳମୁଣ୍ଡରେ ବନ୍ୟା ଆଶଙ୍କା**
- **ବୈଷୟିକ ତ୍ରୁଟିରୁ ବନ୍ଧ ନିର୍ମାଣରେ ବିଳମ୍ବ**

ଓଡ଼ିଶାର ପ୍ରମୁଖ ନଦୀ ବୈତରଣୀ ଉପରେ ନିର୍ମାଣାଧୀନ କାନପୁର ଡ୍ୟାମ୍‌ର ଅସ୍ଥାୟୀ କପର ମାଟି ବନ୍ଧ ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଜଳାଶୟରେ ଥିବା ବନ୍ଧ ଡେଇଁ ବୈତରଣୀରେ ଜଳ ପ୍ରବାହିତ ହୋଇଛି। ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା କରାଯାଉଛି। ବୈଷୟିକ ତ୍ରୁଟି କାରଣରୁ ଡ୍ୟାମ୍ କାମ ବିଳମ୍ବ ଘଟୁଛି। ଫଳରେ ଏଭଳି ସମସ୍ୟା ଉପୁଜିଥିବା ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶ ଯେ, ପୂର୍ବ ସରକାରଙ୍କ ଅମଳରୁ କାନପୁର ପ୍ରକଳ୍ପ ତଥା ବୈତରଣୀ ନଦୀବନ୍ଧ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଡିପ୍ଲିସନ ସ୍ଲୁଇସ ଗେଟ୍ ନିର୍ମାଣ ହୋଇ ନ ଥିଲା। ବନ୍ଧ କାର୍ଯ୍ୟ ସମାପନ ହୋଇ ଆସୁଥିବା ବେଳେ ବର୍ତ୍ତମାନର ସରକାର ଡିପ୍ଲିସନ ସ୍ଲୁଇସ ନିର୍ମାଣ ହୋଇ ନ ଥିବା ଜାଣି ବୈଷୟିକ ଟିମ୍ ସହ ଆଲୋଚନା କରିଥିଲେ। ପରେ ଡିପ୍ଲିସନ ସ୍ଲୁଇସ୍ ନିର୍ମାଣର ନିଷ୍ପତ୍ତି ନିଆଯାଇ ମେ ମାସରେ ଅସ୍ଥାୟୀ କପର ମାଟି ବନ୍ଧ ନିର୍ମାଣ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ନିର୍ମାଣ ପାଇଁ ଜଳକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରାଯାଇଥିଲା। ଡିପ୍ଲିସନ ସ୍ଲୁଇସ୍ ପାଇଁ ପ୍ଲାଷ୍ଟିକ୍ କଂକ୍ରିଟ କରାଯାଇଥିଲା। ଏହି କାର୍ଯ୍ୟ ଅଗଷ୍ଟ ଭିତରେ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା କରାଯାଇଥିଲା। ତେବେ ଉପରମୁଣ୍ଡ ବାଂଶପାଳ ବ୍ଲକ୍ ଅଞ୍ଚଳରେ ଗତ ୧୭ ଓ ୧୮ ତାରିଖରେ ୧୭୦ ମିଲିମିଟର ବୃଷ୍ଟିପାତ ହେବା ସହ ୧୭ ତାରିଖରୁ ଯୋଡ଼ା ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ଫଳରେ ସୁନା ନଦୀର ଜଳସ୍ତର ବୃଦ୍ଧି ପାଇ ଜଳାଶୟର ବର୍ତ୍ତମାନର କ୍ଷମତା ପୂର୍ଣ୍ଣ ହୋଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କାନପୁର ଡ୍ୟାମ୍ କର୍ତ୍ତୃପକ୍ଷ ଅସ୍ଥାୟୀ କପର ଡ୍ୟାମ୍ ଭାଙ୍ଗିବା ଆଶଙ୍କାକରି ଶ୍ରମିକ ଓ ମେଶିନକୁ ଡିପ୍ଲିସନ ସ୍ଲୁଇସ୍ ଗେଟ୍ ନିର୍ମାଣ ସ୍ଥଳରୁ ହଟାଇନେଇଥିଲେ। ଗୁରୁବାର ସକାଳେ ଜଳାଶୟର ଜଳସ୍ତର ଚାପରେ ମାଟିରେ ନିର୍ମାଣ କରାଯାଇ ଥିବା କପର ବନ୍ଧଟି ଭାଙ୍ଗିଯାଇଛି। ଜଳ ଅର୍ଦ୍ଧନିର୍ମିତ ଗେଟ୍ ଲଂଘି ପ୍ରବଳ ସ୍ରୋତରେ ପ୍ରବାହିତ ହୋଇଥିଲା। ଜଳରାଶି ଏବେ ବି ନିଷ୍କାସନର ବାଟ ନ ଥିବାରୁ ଅନବରତ ବୈତରଣୀରେ ପ୍ରବାହିତ ହେଉଛି। ଫଳରେ ବୈତରଣୀର ତଳମୁଣ୍ଡରେ ବନ୍ୟା ଆଶଙ୍କା ଦେଖାଦେଇଛି।

କାନପୁର ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି, ଅସ୍ଥାୟୀ ମାଟି ନିର୍ମିତ କପର ଡ୍ୟାମ୍ ଭାଙ୍ଗିବାରୁ ବନ୍ଧର କୌଣସି କ୍ଷତି ହୋଇନାହିଁ। ମାତ୍ର ଡିପ୍ଲିସନ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ବ୍ୟାହତ ହୋଇଛି। ବର୍ଷା ନ କମିବା ପର୍ଯ୍ୟନ୍ତ କାର୍ଯ୍ୟ କରିହେବ ନାହିଁ। ଚଳିତ ବର୍ଷ କେବଳ ଜୁନ୍‌ରେ ୪୫୦ ଏମ୍‌ଏମ୍ ବୃଷ୍ଟିପାତ ହେତୁ ନିର୍ମାଣର ସମସ୍ତ ଯୋଜନା ଫେଲ୍ ମାରିଲା। ଜଳାଶୟର ସମ୍ପୂର୍ଣ୍ଣ ଜଳମଗ୍ନ ଅଞ୍ଚଳ ୨୫୧୧.୨୬୬ ହେକ୍ଟର। ଜଳାଶୟର ସର୍ବୋଚ୍ଚ ଉଚ୍ଚତା ବା ଗଭୀରତା ୩୯.୫୦ ମିଟର। ଗୁରୁବାର ଜଳାଶୟକୁ ୨୪୯.୫୯୬ ଘନ ମିଟର ପ୍ରତି ସେକେଣ୍ଡରେ ଜଳ ପ୍ରବେଶ କରୁଛି। ଅସ୍ଥାୟୀ ମାଟି କପର ଡ୍ୟାମ୍ ଭାଙ୍ଗିଯିବା ହେତୁ ନିର୍ମାଣାଧୀନ ବନ୍ଧକୁ ଅତିକ୍ରମ କରି ଜରୁରିକାଳୀନ ନିଷ୍କାସନ କେନାଲ ଦେଇ ୩୩୬.୮୭୫ ଘନ ମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବାହିତ ହେଉଛି।

ପ୍ରକାଶଯୋଗ୍ୟ, ରାଜ୍ୟ ସରକାର ବନ୍ଧ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ଚାହୁଁଛନ୍ତି। ମାତ୍ର ଅତୀତରେ ଜଳ ନିଷ୍କାସନ ପାଇଁ ଡିପ୍ଲିଶନ ସ୍ଲୁଇସ୍ ନିର୍ମାଣ ହୋଇ ନ ଥିବାରୁ ପ୍ରକଳ୍ପ ପୁଣି ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଏହା କାହିଁକି ନିର୍ମାଣ ହୋଇ ନ ଥିଲା ସରକାର ଏହାର ତଦନ୍ତ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## କମିଶନ ଗଠନ: ମୁଖ୍ୟମନ୍ତ୍ରୀଙ୍କୁ ରଣେନ୍ଦ୍ର ପ୍ରତାପଙ୍କ ଦାବି

**ଭୁବନେଶ୍ୱର, ୩।୭ (ରବିନାରାୟଣ ଜେନା)**

ଓଡ଼ିଶାରେ ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି), ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ଏବଂ ଅଧିକାର ସୁନିଶ୍ଚିତ କରିବା ପାଇଁ କମିଶନ ଗଠନ କରିବା ଲାଗି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି। ଗୁରୁବାର ସେ ଚିଠିରେ ଉଲ୍ଲେଖ କରିଛନ୍ତି, ଆମେରିକାର ରାଷ୍ଟ୍ରପତି ଓଡ଼ିଶାକୁ ତାଙ୍କ ଦେଶରେ ମହିଳାଙ୍କ ପାଇଁ ଅସୁରକ୍ଷିତ ରାଜ୍ୟ ଭାବେ ଉଲ୍ଲେଖ କରି ସେମାନଙ୍କ ଦେଶର ମହିଳା ପର୍ଯ୍ୟଟକମାନଙ୍କୁ ଏକାକୀ ଓଡ଼ିଶା ନ ଆସିବାକୁ ସତର୍କ କରିଛନ୍ତି। ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ନିର୍ଯାତନା ବୃଦ୍ଧି ପାଇଛି। ଗୋ-ରକ୍ଷା ନାମରେ ହିଂସା ଏବଂ ଜାତିଗତ ନିର୍ଯାତନା ମଧ୍ୟ ବୃଦ୍ଧି ପାଇଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଉଲ୍ଲେଖ କରି ସେ କହିଛନ୍ତି, ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ଅନୁସୂଚିତ ଜାତି ବର୍ଗଙ୍କ ଉପରେ ଅତ୍ୟାଚାର ସମ୍ପର୍କିତ ମାମଲା ୮% ବୃଦ୍ଧି ପାଇଛି। ସେ ଗଞ୍ଜାମର ଧରାକୋଟରେ ଦଳିତଙ୍କ ପ୍ରତି ହୋଇଥିବା ଅମାନୁଷିକ ଘଟଣା ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ଦୁଇ ଅନୁସୂଚିତ ଜାତି ବ୍ୟକ୍ତି ବାବୁଲି ନାୟକ (୫୯) ଓ ବୁଲୁ ନାୟକ (୪୩)ଙ୍କୁ ଗୋ-ରକ୍ଷା ନାମରେ ନିର୍ମମ ନିର୍ଯାତନା ଦିଆଯାଇଥିଲା। ତେଣୁ ସରକାର ପୂର୍ଣ୍ଣ ସାମ୍ବିଧାନିକ କ୍ଷମତା ସହିତ ଓଡ଼ିଶା ରାଜ୍ୟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସଂଖ୍ୟାଲଘୁଙ୍କ ପାଇଁ କମିଶନ ଗଠନ କରନ୍ତୁ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ମୋବାଇଲ ପାଇଁ ସାଙ୍ଗଙ୍କୁ ହତ୍ୟା

## ୪ ଦିନ ପରେ ଜଙ୍ଗଲରୁ ଗଳିତ ମୃତଦେହ ଜବତ

ଆନନ୍ଦପୁର,୩।୭(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ରାଇଘାଟି ଗାଁରେ ମୋବାଇଲ ଫୋନ୍ ପାଇଁ ଏକ ହତ୍ୟାକାଣ୍ଡ ଘଟିଛି। ମୋବାଇଲ ବିବାଦକୁ ନେଇ ସାଙ୍ଗଙ୍କୁ ହତ୍ୟା କରିଛି ସାଙ୍ଗ। ମୃତକ ହେଲେ ରାଇଘାଟି ଗ୍ରାମର ସିଲାଇ ପୂର୍ତ୍ତିଙ୍କ ପୁଅ ଗୁସା(୧୪)। ପୋଲିସ ଅଭିଯୁକ୍ତ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ମୁତବାକ, ଗୁସା ଓ ତାଙ୍କ ସାଙ୍ଗ କୁଣ୍ଡିଆ ପୁଡୁଚେରୀରେ କାମ କରୁଥିଲେ। ସେହି ସମୟରେ ଗୁସା ଏକ ମୋବାଇଲ କିଣିଥିଲେ। ଗୁସାଙ୍କ ମୋବାଇଲକୁ କୁଣ୍ଡିଆ ଲୁଚାଇ ଦେଇଥିଲେ। ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ତେବେ ପରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଯାଇଥିଲା। ମାତ୍ର କୁଣ୍ଡିଆ ରାଗ ରଖିଥିଲେ। କୁଣ୍ଡିଆ ଗତ ରବିବାର ଗୁସାଙ୍କୁ ନିଜ ଭଉଣୀ ଘରକୁ ଯିବାକୁ କହି ଡାକିନେଇଥିଲେ। ପରଦିନ କୁଣ୍ଡିଆ ଫେରିଥିବା ବେଳେ ଗୁସାଙ୍କ ଦେଖାଦର୍ଶନ ନ ଥିଲା। ଗୁରୁବାର ଗାଁଠାରୁ ୨ କି.ମି. ଦୂର ଜଙ୍ଗଲରେ ଗୁସାଙ୍କ ଗଳିତ ମୃତଦେହ ପଡିଥିବା ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୋବାଇଲ ଘଟଣାରେ ରାଗ ରଖି କୁଣ୍ଡିଆ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୯/୨୫) ରୁଜୁ କରି କୁଣ୍ଡିଆଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ୧୦ ବର୍ଷ ପରେ ଗ୍ରୀନ୍ ଇଣ୍ଡିଆ ଡାଇରେକ୍ଟର ଗିରଫ

## ୧୦ କୋଟିରୁ ଊର୍ଦ୍ଧ୍ୱ ଚିଟ୍‌ଫଣ୍ଡ ଠକେଇ

ଜଗନ୍ନାଥ ପ୍ରସାଦ,୩।୭ (ବିଭୁ ପ୍ରସାଦ ପଟ୍ଟନାୟକ)


ଗିରଫ ଅଭିଯୁକ୍ତ

ଚିଟଫଣ୍ଡ ସଂସ୍ଥା ଖୋଲି ଲୋକଙ୍କଠାରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିନେବା ଅଭିଯୋଗରେ ଜଗନ୍ନାଥ ପ୍ରସାଦ ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗ୍ରୀନ ଇଣ୍ଡିଆ ସଂସ୍ଥାର ଡାଇରେକ୍ଟର /ଜେନେରାଲ ମ୍ୟାନେଜର ରଞ୍ଜନ ପରିଡା। ଜଗନ୍ନାଥ ପ୍ରସାଦ ଅଞ୍ଚଳରେ ଗ୍ରୀନ ଇଣ୍ଡିଆ ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା କାର୍ଯ୍ୟାଳୟ ଖୋଲି ରଞ୍ଜନ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ଅଧିକ ଅର୍ଥ ଦେବାର ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ କର୍ମଚାରୀଙ୍କ ମାଧ୍ୟମରେ ଅର୍ଥ ସଂଗ୍ରହ କରିଥିଲେ। ପରେ ହଠାତ୍ ରାତାରାତି କାର୍ଯ୍ୟାଳୟ ବନ୍ଦ କରି ଚାଲିଯାଇଥିଲେ। ଏଥିରେ ସମ୍ପୃକ୍ତ ୪ ଜଣ ବ୍ୟକ୍ତିଙ୍କୁ ୫ବର୍ଷ ତଳେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଗ୍ରୀନ ଇଣ୍ଡିଆ ସଂସ୍ଥାର ଡାଇରେକ୍ଟର /ଜେନେରାଲ ମ୍ୟାନେଜର ରଞ୍ଜନ ୨୦୧୪ରୁ ଫେରାର ଥିଲେ। ଅଭିଯୋଗ ହେବା ପରଠୁ ହିଞ୍ଜିଳି ଥାନା ଅନ୍ତର୍ଗତ ସମ୍ପର୍କୀୟଙ୍କ ଘରେ ପୋଲିସ ଅନେକ ଥର ଚଢ଼ାଉ କରିଥିଲେ ସୁଦ୍ଧା ତାଙ୍କୁ ଧରିବାରେ ବିଫଳ ହୋଇଥିଲା। ବାରମ୍ବାର ମୋବାଇଲ ସିମ୍ ବଦଳାଇ ଅନେକ ରାଜ୍ୟ ବୁଲୁଥିବା ରଞ୍ଜନ କିଛି ଦିନ ହେଲା ବ୍ରହ୍ମପୁରରେ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ପ୍ରଥମେ କିଛି ଦିନ ବ୍ରହ୍ମପୁର ସୁରଜ ବିହାର ୬ଷ୍ଠ ଲାଇନରେ ଥିବା ରଞ୍ଜନଙ୍କ ଆଲିସାନ ବଙ୍ଗଳା ପାଖାପାଖି ଚକ୍କର କାଟି ନଜର ରଖିଥିଲା। ବ୍ରହ୍ମପୁର ଟାଉନ ଥାନା ସହଯୋଗରେ ତାଙ୍କ ଗ୍ୟାସ କନେକ୍ସନ, ଟିଭି ଲାଇନ, ମୋବାଇଲ ରିଚାର୍ଜ ଭଳି ଅନେକ ସୂତ୍ରରୁ ତାଙ୍କ ଗତିବିଧି ଓ ରହଣି ସ୍ଥାନ ନେଇ ପୋଲିସ ଖବର ସଂଗ୍ରହ କରିଥିଲା। ଗତ ୨ ତାରିଖରେ ରଞ୍ଜନ ଘରେ ଥିବା ଜାଣି ପୋଲିସ ଚଢ଼ାଉ କରି ତାଙ୍କୁ ଧରିବାରେ ସଫଳ ହୋଇଥିଲା। ସେଠାରୁ ତାଙ୍କୁ ଧରି ଜଗନ୍ନାଥ ପ୍ରସାଦ ଥାନାକୁ ଅଣାଯାଇ ୨୦୧୪ ମସିହାରେ ରୁଜୁ ହୋଇଥିବା ମାମଲା ୬୨/୨୦୧୪ ଅନୁସାରେ ଠକେଇ ମାମଲା ଧାରା ୪୨୦/୩୪ରେ ଗିରଫ କରି କୋର୍ଟରେ ହାଜର କରାଯାଇଥିଲା ବୋଲି ଥାନା ଅଧିକାରୀ ପ୍ରମୋଦ ଲେଙ୍କା କହିଛନ୍ତି।

# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ୯ ପ୍ଲଟ୍, ୪ କୋଠା, ମାର୍କେଟ କମ୍ପ୍ଲେକ୍ସ

- ୬ସ୍ଥାନରେ ଭିଜିଲାନ୍ସ ଚଢ଼ାଉ
- ଘରୁ ୩ଶହ ଗ୍ରାମ ସୁନା, ସିକ୍ରେଟ୍ ଚାମ୍ବରରୁ ୬.୦୮ ଲକ୍ଷ ଟଙ୍କା ମିଳିଲା

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ ବଲାଙ୍ଗୀର (ବୀରେନ୍ଦ୍ର କୁମାର ଝାଙ୍କର)/ଟିଟିଲାଗଡ଼(ଶରତ ମିଶ୍ର), ୩।୭



ଗିରଫ ଦିଲେଶ୍ୱର ମାଝି ଓ ସମ୍ବଲପୁରଠାରେ ଥିବା ତାଙ୍କ ବାସଭବନ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରାସ୍ତା ଓ ଗୃହ (ଆର୍ ଆଣ୍ଡ ବି) ବିଭାଜନ ଅନ୍ତର୍ଗତ ଟିଟିଲାଗଡ଼ ରାସ୍ତା ଓ ଗୃହ ଉପ-ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଦିଲେଶ୍ୱର ମାଝୀ ଗୁରୁବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବଲାଙ୍ଗୀର, ସମ୍ବଲପୁର ଓ ଝାରସୁଗୁଡ଼ାର ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଯାଞ୍ଚ ସ୍ଥାନ ମଧ୍ୟରେ ଦିଲେଶ୍ୱରଙ୍କ ଟିଟିଲଗଡ଼ରେ ଥିବା ସରକାରୀ ବାସଭବନ ଓ କଣ୍ଟାବାଞ୍ଜିସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ଦିଲେଶ୍ୱରଙ୍କ ୯ ପ୍ଲଟ୍, ୪ କୋଠା, ମାର୍କେଟ କମ୍ପ୍ଲେକ୍ସ ସମେତ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଦିଲେଶ୍ୱରଙ୍କର ସମ୍ବଲପୁର ଟାଉନରେ ୪୫୦୦ ବର୍ଗଫୁଟରେ ଏକ ଦୁଇ ମହଲା କୋଠା ଠାବ ହୋଇଛି। ଏହାର ଗ୍ରାଉଣ୍ଡ ଫ୍ଲୋରରେ ଏକ ବିୟୁଟି ପାର୍ଲରକୁ ଦିଲେଶ୍ୱରଙ୍କ ସ୍ତ୍ରୀ ଚଳାଉଛନ୍ତି। ସେହିପରି ଝାରସୁଗୁଡା ବ୍ରଜରାଜନଗରରେ ୬୩୦୦ ବର୍ଗଫୁଟରେ ଆଉଏକ ଦୁଇ ମହଲା କୋଠା ଓ ଲହନ୍ଦପୁରରେ ଦୁଇ କୋଠା, ବ୍ରଜରାଜନଗରରେ ପ୍ରାୟ ୯୦୦ ବର୍ଗଫୁଟରେ ୪ଟି ଦୋକାନ ଘର ଥିବା ଗୋଟିଏ ମାର୍କେଟ୍ କମ୍ପ୍ଲେକ୍ସ ଠାବ ହୋଇଛି। ସେହିପରି ୯ଟି ଉଚ୍ଚମୂଲ୍ୟ ପ୍ଲଟ୍ ଠାବ ହୋଇଥିବା ବେଳେ ଏଥିମଧ୍ୟରୁ ସମ୍ବଲପୁର, ବ୍ରଜରାଜନଗରରେ ଗୋଟିଏ ଲେଖାଏ ଥିବାବେଳେ ସମ୍ବଲପୁରରେ ୬ଟି ଓ ଝାରସୁଗୁଡ଼ା ବଡ଼ମାଳରେ ଗୋଟିଏ ରହିଛି। ଦିଲେଶ୍ୱରଙ୍କ ସମ୍ବଲପୁରସ୍ଥିତ ବାସଭବନରୁ ନଗଦ ୬ ଲକ୍ଷ ୫୭ ହଜାର ୫୦୦ ଟଙ୍କା ମିଳିଛି। ଏହା ମଧ୍ୟରୁ ୬.୦୮ ଲକ୍ଷ ଖଟତଳେ ଥିବା ସିକ୍ରେଟ୍ ଚାମ୍ବରରେ ଥିଲା। ସେହିପରି ଘରୁ୩୦୦ ଗ୍ରାମର ସୁନା ଅଳଙ୍କାର, ଗୋଟିଏ ଚାରି ଚକିଆ ଯାନ (ମାରୁତି ସୁଇଫ୍ଟ), ୨ଟି ଦୁଇ ଚକିଆ ଯାନ ଏବଂ ୧୬.୨୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଛି। ତେବେ ଦିଲେଶ୍ୱରଙ୍କର ବ୍ୟାଙ୍କ ଓ ଜୀବନବୀମା ଜମା ୪୯ ଲକ୍ଷ ୪୫ ହଜାର ୯୬୫ ଟଙ୍କା ଥିବା ଜଣାପଡିଛି। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତଙ୍କ ସର୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଇଛି।

### ସରକାରୀ ଟଙ୍କା ଆତ୍ମସାତ୍ କରି ଦୁଇ ମାମଲାରେ ଫସିଲେ

ସରକାରୀ ଟଙ୍କା ଆତ୍ମସାତ୍ ଅଭିଯୋଗରେ ସହକାରୀ ନିର୍ବାହୀଯନ୍ତ୍ରୀ ଦିଲେଶ୍ୱରଙ୍କ ନାଁରେ ଗୁରୁବାର ଦୁଇଟି ମାମଲା ରୁଜୁ କରାଯାଇଛି। କଣ୍ଟାବାଞ୍ଜି ଆର୍ ଆଣ୍ଡ୍ ବି ଡିଭିଜନ ଅନ୍ତର୍ଗତ ପାଟଣାଗଡ ଆର୍ ଆଣ୍ଡ୍ ବି ସବ୍-ଡିଭିଜନ୍ ଓ ଟିଟିଲାଗଡ ସବ୍‌ଡିଭିଜନରେ ୬୨.୪୬ ଲକ୍ଷ ଆତ୍ମସାତ କରିଥିବା ଅଭିଯୋଗରେ ଦିଲେଶ୍ୱର ଓ ଅନ୍ୟମାନଙ୍କ ନାଁରେ ଭିଜିଲାନ୍ସ ସେଲ୍ ଥାନାରେ ଏହି ଦୁଇ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ମାଝି ୧୯୯୯ ଅଗଷ୍ଟ ୧୫ରେ ରାଜ୍ୟ ନିର୍ମାଣ ବିଭାଗ ଅଧୀନରେ କନିଷ୍ଠ ଯନ୍ତ୍ରୀ ଭାବେ ଚାକିରିରେ ଯୋଗଦେଇ ବିଭିନ୍ନ ସ୍ଥାନରେ କାମ କରିଥିଲେ। ୨୦୧୪ରେ ସେ ସହକାରୀ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ପାଇଥିଲେ। ୨୦୨୨ ଅକ୍ଟୋବରରେ ସେ ଏଇଇ ଭାବେ ପଦୋନ୍ନତି ପାଇ ଟିଟିଲାଗଡ଼ରେ କାର୍ଯ୍ୟ କରୁଥିଲେ।

# ପୂର୍ବ ଶତ୍ରୁତାରୁ ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ

## ବାପ, ପୁଅଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ଶହୀଦନଗର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶବରସାହିର ରଞ୍ଜିଆ ଓରଫ ରଞ୍ଜିତ ବେହେରା (୪୩) ଓ ନବୀନା ବେହେରା(୪୭) ଓ ନବୀନାଙ୍କ ପୁଅ ଦିନେଶ(୨୧)। ସେମାନଙ୍କ ନିକଟରୁ ପ୍ଲାଷ୍ଟିକ୍ ପାଇପ୍ ଏବଂ ବାଡ଼ି ଜବତ କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟା ବେଳେ ଦିଲୀପ ଦେହୁରୀ ଓ ତାଙ୍କ ଭଣଜା ଜିତୁ ଶବରସାହି ଛକ ନିକଟରେ ଠିଆ ହୋଇଥିଲେ। ରଞ୍ଜିଆ ସେଠାକୁ ଆସି ଉଭୟଙ୍କୁ ଗାଳି କରିଥିଲେ। ଦିଲୀପ ବିରୋଧ କରିବାରୁ ରଞ୍ଜିଆ ତାଙ୍କ ପରିବାର ସଦସ୍ୟମାନଙ୍କୁ ଡାକି ଦେଇଥିଲେ। ପରିବାର ସଦସ୍ୟମାନେ ବାଡ଼ି, ରଡ୍ ଏବଂ ପ୍ଲାଷ୍ଟିକ୍ ପାଇପ୍ ଧରି ସେଠାରେ ପହଞ୍ଚି ଦିଲୀପ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ହତ୍ୟା ଧମକ ଦେଇଥିଲେ। ରଞ୍ଜିଆ ଏକ ବାଡ଼ିରେ ଦିଲୀପଙ୍କୁ ପିଟିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଦିଲୀପଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିବାରୁ ରଞ୍ଜିଆ ତାଙ୍କୁ ମଧ୍ୟ ଆକ୍ରମଣ କରିବାରୁ ତାଙ୍କ ବାମଗୋଡ଼ ଭାଙ୍ଗି ଯାଇଥିଲା। ଜିତୁଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୧୪/୨୦୨୫) ରୁଜୁ କରାଯାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ହୋଇଥିଲା ହତ୍ୟା: ଅଭିଯୁକ୍ତ ଗିରଫ

## ପୋଖରୀରୁ ହାତଗୋଡ଼ ବନ୍ଧା ମୃତଦେହ ଜବତ ଘଟଣା

ସୁନ୍ଦରଗଡ଼,୩।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଉରିମୁଣ୍ଡା ଗ୍ରାମର ମହନ୍ତ ଟପ୍ପୋ ହତ୍ୟା ଘଟଣାରେ ସେହି ଗ୍ରାମର ଅଭିଯୁକ୍ତ ସୁନୀଲ ଓରାମଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମହନ୍ତ ଗତ ଶୁକ୍ରବାରଠାରୁ ନିଖୋଜ ଥିଲେ। ବୁଧବାର ସକାଳେ ଗାଁ ପୋଖରୀରେ ମହନ୍ତଙ୍କ ମୃତଦେହ ଭାସୁଥିବା ଦେଖି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀ ଓ ସାଇଣ୍ଟିଫିକ ଟିମ୍‌ଙ୍କ ସହାୟତାରେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ସନ୍ଦେହ କରି ପୋଲିସ ସୁନୀଲଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସେ ସତ ବଖାଣି ଥିଲେ। ୨୦୨୩ରେ ସୁନୀଲଙ୍କ ଭାଇ ବିଦୁଙ୍କ କିଡ୍‌ନୀଜନିତ ରୋଗରେ ମୃତ୍ୟୁ ଘଟିଥିଲା। ମହନ୍ତ ଗୁଣିଗାରେଡ଼ି କରି ମାରିଦେଇଥିବା ସୁନୀଲ ସନ୍ଦେହ କରିଆସୁଥିଲେ। ଶୁକ୍ରବାର ସୁନୀଲ ଓ ମହନ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୁନୀଲ ଉତ୍ତ୍ୟକ୍ତ ହୋଇ ମହନ୍ତଙ୍କୁ ହତ୍ୟା କରିବା ପରେ ହାତ ଗୋଡ ବାନ୍ଧି ପୋଖରୀରେ ପକାଇ ଫେରାର ହୋଇଯାଇଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ନେଇ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ହତ୍ୟା ମାମଲା (ନଂ.୨୩୮/୨୫) ରୁଜୁ ହୋଇଛି।

# ଖଡ଼ିଆଳ ତହସିଲଦାରଙ୍କୁ ହତ୍ୟା ଧମକ

ଖଡ଼ିଆଳ,୩।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ତହସିଲଦାର ତଥା ବିଡ଼ିଓ ଦାୟିତ୍ୱରେ ଥିବା ନରସିଂହ ଗାଡ଼ବାଙ୍କୁ ଫୋନରେ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଗାଡ଼ବା ଏ ନେଇ ଗୁରୁବାର ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଓଏଏସ୍ ସଂଘର ନିଷ୍ପତ୍ତି ଅନୁଯାୟୀ ଖଡ଼ିଆଳ ବ୍ଲକ ଅଫିସରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲିବା ଯୋଗୁ ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଏପରିସ୍ଥଳେ ବୁଧବାର ଗାଡ଼ବାଙ୍କ ପାଖକୁ ଏକ ଅଜଣା ନମ୍ବରରୁ ଫୋନକଲ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ଏକ ରାଜନୈତିକ ଦଳର କର୍ମୀ ବୋଲି ପରିଚୟ ଦେଇ ତୁକଲାଠାରେ ନିର୍ମିତ ଆଡିଶନାଲ କ୍ଲାସରୁମର ଚେକ୍ ପାସ୍ କାହିଁକି କରୁନାହାନ୍ତି ବୋଲି ପଚାରିବା ସହ ଗାଳିଗୁଲଜ କରି ମାରିଦେବାକୁ ଧମକ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଡ଼ବା ଦାବି କରିଛନ୍ତି। ଏ ନେଇ ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## Business

# ବାର୍ଷିକ ୧ କୋଟି ଫ୍ଲାଏ ଆଶ୍ ଇଟା ଉତ୍ପାଦନ ଆକଳନ

ଭୁବନେଶ୍ୱର,୩।୭



ବର୍ତ୍ତମାନ ସମୟରେ ଫ୍ଲାଏ ଆଶ୍ ଇଟାର ଚାହିଦା ସବୁ କ୍ଷେତ୍ରରେ ରହିଛି। ଏପରିକି ଏକ ଅନନ୍ୟ ମହିଳା ନେତୃତ୍ୱାଧୀନ ଫ୍ଲାଏ ଆଶ୍ ଇଟା ଉତ୍ପାଦନ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରିବାରେ ବେଦାନ୍ତ ଆଲୁମିନିୟମ ଆବଶ୍ୟକ ସାହାଯ୍ୟ କରିଛି। ଏହା ବାର୍ଷିକ ପ୍ରାୟ ୧ କୋଟି ଇଟା ଉତ୍ପାଦନ କରିବ ବୋଲି ଆକଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଝାରସୁଗୁଡ଼ାଠାରେ ଏହି ସୁବିଧା କେନ୍ଦ୍ର ସ୍ଥାପନ ପାଇଁ ଭାରତର ସର୍ବବୃହତ୍ ଗ୍ରାମୀଣ ମହିଳା ସମବାୟ ମଧ୍ୟରୁ ଗୋଟିଏ ଶୁଭଲକ୍ଷ୍ମୀ ସମବାୟ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ବିଶେଷକରି ବେଦାନ୍ତର ମେଗା ଆଲୁମିନିୟମ ପ୍ଲାଣ୍ଟରୁ ସମବାୟକୁ ମାଗଣାରେ ଫ୍ଲାଏ ଆଶ୍ ପ୍ରଦାନ କରାଯିବ। ଫଳରେ ଅନନ୍ୟ ଭାବେ ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ସହ ବୃତ୍ତାକାର ଅର୍ଥନୀତି ମାର୍ଗର ବିକାଶକୁ ଦୃଢ କରିଛି। ଅପରପକ୍ଷରେ ଦୈନିକ ୨୫,୦୦୦ ରୁ ଅଧିକ ଇଟା ଉତ୍ପାଦନ କରିବାର କ୍ଷମତା ସହିତ ଏହି ସୁବିଧା ସମ୍ପୂର୍ଣ୍ଣ ଭାବେ ଶୁଭଲକ୍ଷ୍ମୀ ସମବାୟର ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହେବ। ବେଦାନ୍ତ ଆଲୁମିନିୟମ ଇଟା ଉତ୍ପାଦନ ୟୁନିଟ୍ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିବାରେ ସହାୟତା ପ୍ରଦାନ କରିବ। ଏହା ଅପରେଟରମାନଙ୍କୁ ତାଲିମ ଦେବା ଏବଂ ନମୁନା ଇଟାର ତୃତୀୟ ପକ୍ଷ ଗୁଣବତ୍ତା ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରିବ, ଯାହାଦ୍ୱାରା ସମ୍ପ୍ରଦାୟ ମଧ୍ୟରେ ବୈଷୟିକ ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି ପାଇବ।

ଉଲ୍ଲେଖଯୋଗ୍ୟ, ଫ୍ଲାଏ ଆଶ୍ ହେଉଛି, ତାପଜ ବିଦ୍ୟୁତ୍ ଉତ୍ପାଦନ। ପ୍ରକ୍ରିୟାର ଏକ ଉପ ଉତ୍ପାଦ ଏବଂ ଏହାକୁ ସିମେଣ୍ଟ ଉତ୍ପାଦନ, ଇଟା ଉତ୍ପାଦନ ଏବଂ ରାସ୍ତା ନିର୍ମାଣ ଭଳି ଅନେକ ସ୍ଥାୟୀ ଉପାୟରେ ବର୍ଦ୍ଧିତ ଭାବେ ବ୍ୟବହାର କରାଯାଉଛି। ୨୦୨୨ମାର୍ଚ୍ଚଠାରୁ ବେଦାନ୍ତ ଆଲୁମିନିୟମ ପ୍ରମୁଖ ସିମେଣ୍ଟ ନିର୍ମାତାମାନଙ୍କୁ ୧.୫ ନିୟୁତ ଟନ୍‌ରୁ ଅଧିକ ଫ୍ଲାଏ ଆଶ୍ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)କୁ ସେମାନଙ୍କର ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ୩ ନିୟୁତ ଟନ୍ ଯୋଗାଇଛି। ଏହି ପ୍ରୟାସ ପାଇଁ ସମ୍ପ୍ରତି ଝାରସୁଗୁଡାରୁ ଏହାର ୬୫୦ ଟନ ଫ୍ଲାଏ ଆଶ୍ ରେକ୍ ପଠାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ (ମୁଖ୍ୟ ପରିଚାଳନା ଅଧିକାରୀ) ସୁନୀଲ ଗୁପ୍ତା କହିଛନ୍ତି, ଫ୍ଲାଏ ଆଶ୍ ଭଳି ଶିଳ୍ପ ଉପ ଉତ୍ପାଦକୁ ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀରେ ପୁନଃ ପ୍ରୟୋଗ କରି ଆମେ କେବଳ ଏକ ବୃତ୍ତାକାର ଅର୍ଥନୀତିରେ ଯୋଗଦାନ ଦେଉ ନାହୁଁ ବରଂ ହଜାର ହଜାର ଗ୍ରାମୀଣ ମହିଳାଙ୍କ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ। ସେହିଭଳି ଶୁଭଲକ୍ଷ୍ମୀ ସମବାୟର ସଭାପତି ପଙ୍କଜିନୀ ଓରାମ କହିଛନ୍ତି, ବେଦାନ୍ତ ଆଲୁମିନିୟମ ସହ ସହଭାଗିତା ଆମ ସଶକ୍ତୀକରଣ ଯାତ୍ରାରେ ଏକ ନୂତନ ଅଧ୍ୟାୟକୁ ଚିହ୍ନିତ କରିଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩।୭: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୦ (୧୭୦.୨୨) ପଏଣ୍ଟ ହ୍ରାସ ଘଟି ୮୩, ୨୩୯ (୮୩,୨୩୯.୪୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୪୮(୪୮.୧୦) ପଏଣ୍ଟ କମି ୨୫,୪୦୫ (୨୫,୪୦୫.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବର୍ଷା ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୩।୭ (ଅଭୟ ଦାଶ)


ବର୍ଷା

ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ବର୍ଷା ନବଗଠିତ କଟକ ଜୋନ୍‌ର ଆଞ୍ଚଳିକ ମୁଖ୍ୟ ଭାବେ ବର୍ଷା ନିକଟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କ ମୁଖ୍ୟାଳୟରେ ରିସ୍କ ମ୍ୟାନେଜମେଣ୍ଟ ବିଭାଗର ସହାୟକ ମହାପ୍ରବନ୍ଧକ ଭାବେ ସେ କାର୍ଯ୍ୟ କରୁଥିଲେ। ୨୦୦୬ରେ ବର୍ଷା ପ୍ରୋବେସନାରି ଅଫିସର ଭାବେ ୟୁକୋ ବ୍ୟାଙ୍କରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ସେହିଭଳି ସେ କୋଲକାତାରେ ଖୁଚୁରା ଋଣ ହବ୍ ମୁଖ୍ୟ ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛନ୍ତି। କଟକ ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଭାବେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମଇ କ୍ରେଡିଟ୍, କାସା ଜମା, ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଉନ୍ନତ ଗ୍ରାହକ ସେବା ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ମତପ୍ରକାଶ କରିଛନ୍ତି।

# ଜୟଆଲୁକ୍କାସ୍‌ରେ ବିଶେଷ କାରବାର

ଭୁବନେଶ୍ୱର,୩।୭




ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ଅଭିଯାନ ତଥା ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଜୁନ୍ ୧୩ରୁ ଆରମ୍ଭ ହୋଇଥିବା ଏହି ସେଲ୍ ଚଳିତ ମାସ ୧୩ ରେ (୨୦୨୫ ଜୁଲାଇ୧୩) ଶେଷ ହେଉଛି। ବିଶେଷକରି ଏହି ସେଲ୍ ଗ୍ରାହକମାନଙ୍କ ପାଇଁ ଏକ ବିଶେଷ ସୁଯୋଗ ଥିଲାବେଳେ ଆକର୍ଷଣୀୟ ରିହାତି ଅଫରରେ ଗ୍ରାହକ ପସନ୍ଦର ଗହଣା ପାଇପାରୁଥିଲେ। ସେହିଭଳି ଅଳଙ୍କାରର ଏକ ଚମତ୍କାର ସଂଗ୍ରହ ଉପରେ ଗ୍ରାହକ ଆକର୍ଷଣୀୟ ରିହାତି ଅଫର ବା ମେକିଙ୍ଗ୍ ଚାର୍ଜ (ଭି.ଏ.) ଉପରେ ଫ୍ଲାଟ୍ ୫୦% ରିହାତି ମିଳୁଛୁ।

ସେହିପରି ଏହି ମେଗା ସେଲ୍ ଜରିଆରେ ଗ୍ରାହକ ସୁନା, ହୀରା (କଟ୍ ଏବଂ ଅନ୍‌କଟ), ପ୍ଲାଟିନମ୍, ରୁପା ଓ ମୂଲ୍ୟବାନ୍ ପଥର ଉପରେ ଉତ୍କୃଷ୍ଟ ଡିଜାଇନର ଏକ ବିସ୍ତୃତ ରେଞ୍ଜ ପାଇପାରିବେ। ବିଶେଷକରି ପାରମ୍ପରିକ କଳାକୃତିକୁ ଆଧୁନିକ ସ୍ୱାଦ ସହ ମିଶ୍ରଣ କରୁଥିବା ୧୦ ଲକ୍ଷରୁ ଅଧିକ ହସ୍ତନିର୍ମିତ ସ୍ୱତନ୍ତ୍ର ଅଳଙ୍କାର ସାମିଲ ରହିଛି।

ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଜୟଆଲୁକ୍କାସ୍ କହିଛନ୍ତି, ଚଳିତ ବର୍ଷର ଏହି ବିକ୍ରୟ ଏବଂ ଗ୍ରାହକମାନଙ୍କର ଉତ୍କଣ୍ଠା ଦେଖି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଶୋ'ରୁମ୍‌ଗୁଡ଼ିକରେ ଗ୍ରାହକମାନେ କାଳଜୟୀ ଧନ ଆବିଷ୍କାର କରୁଥିବା ଦେଖିବାକୁ ମିଳିଛି। ଏହା ଏକ ଆନନ୍ଦର କଥା ହୋଇଥିଲାବେଳେ ଏହି ସେଲ୍‌କୁ ଆଉ ମାତ୍ର କିଛିଦିନ ବାକିଥିବାରୁ ଆମେ ସମସ୍ତଙ୍କୁ ସେମାନଙ୍କ ନିକଟତମ ଶୋ'ରୁମ୍ ପରିଦର୍ଶନ କରିବାକୁ ଏବଂ ଏହି ଅତୁଳନୀୟ ଅଫର ଶେଷ ହେବା ପୂର୍ବରୁ ଏହାର ସୁଯୋଗ ନେବାକୁ ଆମନ୍ତ୍ରଣ କରୁଛୁ।

# ୪ଜଣଙ୍କୁ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ

ଭୁବନେଶ୍ୱର,୩।୭



ପୁରସ୍କାର ଗ୍ରହଣ କରୁଥିବା ଶିଳ୍ପକାରଙ୍କ ସହ ଡିବିଏଲ୍‌ର କର୍ମଚାରୀମାନେ।

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡାଲମିଆ ଭାରତ ପକ୍ଷରୁ ୪ ଜଣ ବିଶିଷ୍ଟ ଶିଳ୍ପକାରଙ୍କୁ ପୁରୀ ରଥଯାତ୍ରା ଅବସରରେ 'ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର' ସମ୍ମାନରେ ସମ୍ମାନିତ କରାଯାଇଛି। ସେହିଭଳି ଡାଲମିଆ ଭାରତ ଲିମିଟେଡ୍ (ଡିବିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ୪ର୍ଥ ସଂସ୍କରଣ ବୁଧବାର ପୁରୀରେ ପାଳିତ ହୋଇଯାଇଛି। ଏହି ଅବସରରେ ବର୍ଷ ଡାଲମିଆ ଭାରତ ପକ୍ଷରୁ ରଘୁନାଥ ସୁବୁଦ୍ଧି, ରମେଶ ମହାପାତ୍ର, ବାବନା ମହାରଣା ଓ କାର୍ତ୍ତିକ ଭୋଇଙ୍କୁ ତାଙ୍କର ଚମତ୍କାର କାରିଗରି ଓ ଏହି ପବିତ୍ର ପରମ୍ପରା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି।

ସେହିଭଳି ୨୦୨୫ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ଆୟୋଜନ ହେଉଥିବା ପୁରୀ ରଥଯାତ୍ରା ସମୟରେ ଏହି ବାର୍ଷିକ ଉତ୍ସବ ପାଳିତ ହେଉଛି। ବିଶେଷକରି କମ୍ପାନୀର ପ୍ରମୁଖ ଅଭିଯାନ 'ସାଲ୍ୟୁଟିଂ ଦି ଏକ୍ସପର୍ଟ'ର ଏକ ପ୍ରମୁଖ ଅଂଶ ବିଶେଷ ହୋଇଥିଲାବେଳେ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ପ୍ରତିଷ୍ଠିତ ଶିଳ୍ପକାରମାନଙ୍କର ଅସାଧାରଣ କାରିଗରିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏହା ସେମାନଙ୍କୁ ରଥ ନିର୍ମାଣ ଓ କାରିଗରିର ସମ୍ମାନିତ କ୍ଷେତ୍ରରେ ପ୍ରକୃତ ବିଶେଷଜ୍ଞ ଭାବେ ମାନ୍ୟତା ଦେଇଥାଏ।

ଓଡ଼ିଶା ଓ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ବଜାୟ ରଖିବା ସହ ବରିଷ୍ଠ କାରିଗର ଓ ସାଂସ୍କୃତିକ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ସମ୍ମାନିତ ଜୁରି ଦ୍ୱାରା ଏହି ଦକ୍ଷ କାରିଗରମାନଙ୍କର ଚୟନ କରାଯାଇଥିଲା। ଏହି ଜୁରିରେ ମୁଖ୍ୟ ଶିଳ୍ପକାର ବିଜୟ ମହାପାତ୍ର, ନୃସିଂହ ମହାପାତ୍ର ଓ ନାରାୟଣ ମହାରଣା ପ୍ରମୁଖ ସାମିଲ ଥିଲେ।

ସେହିପରି ଚଳିତ ସଂସ୍କରଣର ଏକ ପ୍ରମୁଖ ଆକର୍ଷଣ ଥିଲା ଡିଲର ଓ ଚ୍ୟାନେଲ ପାର୍ଟନରଙ୍କ ପିଲାମାନଙ୍କୁ ପ୍ରାୟ ୧୦୦୦କ୍ଷୁଦ୍ର ରଥ ପ୍ରତିକୃତିର ଆବଣ୍ଟନ, ଯାହା ଯୁବପିଢ଼ିଙ୍କ ମଧ୍ୟରେ ସାଂସ୍କୃତିକ ଐତିହ୍ୟକୁ ନେଇ ସଚେତନତା ଓ ସମ୍ମାନ ବିସ୍ତାର କରିଛି।

# ଆର୍.ରାୟ ଏଆଇପିଏନ୍‌ବିଓଏ ଭୁବନେଶ୍ୱର ସର୍କଲର ସଭାପତି

ଭୁବନେଶ୍ୱର,୩।୭

ଅଲ ଇଣ୍ଡିଆ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇପିଏନ୍‌ବିଓଏ) ଭୁବନେଶ୍ୱର ସର୍କଲର ନୂତନ ସଭାପତି ଭାବେ ରୋସାନ୍ ରାୟ ନିର୍ବାଚିତ ହୋଇଥିଲାବେଳେ ବୈଲୋଚନ ସାହୁ ସର୍କଲ ସେକ୍ରେଟାରି ଭାବେ ନିର୍ବାଚିତ ହୋଇଛନ୍ତି। ବିଶେଷକରି ଏକ ୩ ବର୍ଷୀୟା କାର୍ଯ୍ୟକାଳ (୨୦୨୫-୨୮) ପାଇଁ ନିକଟରେ ତ୍ରିବର୍ଷୀୟ ନିର୍ବାଚନ ଏଆଇପିଏନ୍‌ବିଓଏର ସମ୍ବିଧାନ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ସେହିଭଳି ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ସୌମିତ୍ରୀ ପତିଙ୍କୁ ଗୁପ୍ତ ମତଦାନ ମାଧ୍ୟମରେ ନିର୍ବାଚନ ପରିଚାଳନା ପାଇଁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ଏପରିକି ତାଙ୍କୁ ସହାୟକ ରିଟର୍ନିଂ ଅଫିସର ଭାବେ ସୋମେନ୍ଦ୍ର ନାଥ ବେହେରା ଏବଂ ରାକେଶ ପ୍ରଧାନ ସହାୟତା କରୁଥିଲେ। ସେହିପରି ନିର୍ବାଚନ ବିଜ୍ଞପ୍ତି ଜାରି କରାଯାଇ କାର୍ଯ୍ୟନିର୍ବାହୀ କମିଟିରେ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଆମନ୍ତ୍ରଣ କରାଯାଇଥିଲା ଏବଂ ଶେଷ ତାରିଖ ପର୍ଯ୍ୟନ୍ତ ପ୍ରାପ୍ତ ବୈଧ ନାମାଙ୍କନ ଅନୁଯାୟୀ ବୈଲୋଚନ ସାହୁ ଏବଂ ରୋସାନ୍ ରାୟଙ୍କ ନେତୃତ୍ୱାଧୀନ ଟିମ୍ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

ବୈଲୋଚନ ସାହୁ ସର୍କଲ ସେକ୍ରେଟାରି ଭାବେ ଏବଂ ରୋସାନ୍ ରାୟ ସର୍କଲ ସଭାପତି ଭାବେ ନିର୍ବାଚିତ ହୋଇଥିଲାବେଳେ ମନୋରଞ୍ଜନ ହୋତାଙ୍କୁ କାର୍ଯ୍ୟକାରୀ ସଭାପତି ଏବଂ ପୂର୍ଣ୍ଣଚନ୍ଦ୍ର ରାଉତ ଓ ବ୍ରିଜେଶ ପଲାଇଙ୍କୁ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଅପରପକ୍ଷରେ ସଂଯୋଗ ଦାଶ ଏବଂ ଜ୍ଞାନରଞ୍ଜନ ମହାନ୍ତିଙ୍କୁ ଯୁଗ୍ମ ସମ୍ପାଦକ ଓ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ସଂଗଠନ ସମ୍ପାଦକ, ସୁଜାତା ବାରିକଙ୍କୁ କୋଷାଧ୍ୟକ୍ଷ, ଅନିଲ କୁମାର ଦାସଙ୍କୁ ଉପ-କୋଷାଧ୍ୟକ୍ଷ ସହ ସୁମନ୍ତ କୁମାର ପରିଡା ଓ ଶୁଭଜିତ ସାହୁ ଏବଂ ସ୍ୱର୍ଣ୍ଣଲତା ସାହୁଙ୍କୁ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି।

ନବ ନିର୍ବାଚିତ କାର୍ଯ୍ୟନିର୍ବାହୀ କମିଟିର ପ୍ରଥମ ସଭା ସମସ୍ତ ନବ ନିର୍ବାଚିତ ପ୍ରତିନିଧି, ବିଶେଷ ନିମନ୍ତ୍ରିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ପ୍ରତିନିଧି ତଥା ପରାମର୍ଶଦାତାଙ୍କ ଉପସ୍ଥିତିରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ହୋଟେଲ ପଦ୍ମଜାଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କର ମତାମତ ପ୍ରକାଶ କରିଥିଲେ ଏବଂ ଆଗାମୀ ୩ବର୍ଷର କାର୍ଯ୍ୟ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଥିଲେ।

# ପଠାନକୋଟ କ୍ୟାଣ୍ଟ ଷ୍ଟେଶନରୁ ଦକ୍ଷିଣ ଭାରତକୁ ଗଡ଼ିବ ଭାରତ ଗୌରବ ଟ୍ରେନ

ଭୁବନେଶ୍ୱର,୩।୭ (ଅନୁରାଧା ମହାରଣା)

ଦକ୍ଷିଣ ଭାରତର ପ୍ରସିଦ୍ଧ ଧାର୍ମିକ ସ୍ଥଳଗୁଡ଼ିକୁ ଭ୍ରମଣ କରିବାକୁ ଚାହୁଁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଭାରତ ଗୌରବ ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନ ୨୮ ଜୁଲାଇରେ ଦକ୍ଷିଣ ଭାରତକୁ ୧୩ଦିନିଆ ଯାତ୍ରା ଆରମ୍ଭ କରିବ। ଟ୍ରେନ୍‌ଟି ପଞ୍ଜାବର ପଠାନକୋଟ କ୍ୟାଣ୍ଟ ଷ୍ଟେଶନରୁ ଯାତ୍ରା ଆରମ୍ଭ କରି ଜଳନ୍ଧର ସିଟି, ଲୁଧିଆନା, ଚଣ୍ଡିଗଡ଼, ଅମ୍ବାଲା କ୍ୟାଣ୍ଟ, କୁରୁକ୍ଷେତ୍ର, କର୍ନାଲ, ପାନିପତ, ସୋନିପତ, ହଜରତ ନିଜାମୁଦ୍ଦିନ, ମଥୁରା, ଆଗ୍ରା କ୍ୟାଣ୍ଟ ଏବଂ ଗ୍ୱାଲିୟର ଦେଇ ଯିବ। ତୀର୍ଥଯାତ୍ରୀଙ୍କୁ ଦକ୍ଷିଣ ଭାରତର ପ୍ରମୁଖ ତୀର୍ଥସ୍ଥଳ ଯଥା ତିରୁପତି, ରାମେଶ୍ୱରମ, ମଦୁରାଇ, କନ୍ୟାକୁମାରୀ ଏବଂ ମଲ୍ଲିକାର୍ଜୁନ ଭଳି ବିଭିନ୍ନ ତୀର୍ଥସ୍ଥାନଗୁଡ଼ିକୁ ପରିଭ୍ରମଣ କରାଇବ। ୧୨ ରାତି ୧୩ ଦିନ ଯାତ୍ରା ଅଗଷ୍ଟ ୯ରେ ଶେଷ ହେବ। ଯାତ୍ରା ପାଇଁ ତିନୋଟି ବର୍ଗରେ ସିଟ୍ ଉପଲବ୍ଧ – ସ୍ଲିପର୍ କ୍ଲାସ୍ (୬୪୦ ସିଟ୍), ୩-ଏସି (୭୦ ସିଟ୍) ଏବଂ ୨-ଏସି (୫୦ ସିଟ୍)। ସ୍ଲିପର୍ କ୍ଲାସ୍ ପାଇଁ ଭଡ଼ା ୩୦,୧୩୫ ଟଙ୍କା ହୋଇଥିବାବେଳେ ୩-ଏସି ଭଡ଼ା ୪୩,୩୭୦ ଏବଂ ୨-ଏସି ପାଇଁ ୫୭,୪୭୦ଟଙ୍କା ରଖାଯାଇଛି। ଏହି ପ୍ୟାକେଜରେ ଟ୍ରେନ ଟିକେଟ ସହିତ ଦୈନନ୍ଦିନ ଖାଦ୍ୟ, ଆରାମଦାୟକ ରହଣି, ଦର୍ଶନ ପାଇଁ ଏସି/ନନ୍-ଏସି ବସ୍, ଟୁର୍ ଏସ୍କର୍ଟ, ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ମିଳିବ। ଅଧିକ ସୂଚନା କିମ୍ବା ସଂରକ୍ଷଣ ପାଇଁ www. irctctourism.com କିମ୍ବା ଆଇଆରସିଟିସି ଚଣ୍ଡିଗଡ଼ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ପିଜିଆଇ ୨.୦ ର୍‍ୟାଙ୍କିଙ୍ଗ୍ | ପଞ୍ଚମ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର,୩।୭ (ସୁଚିସ୍ମିତା ସାହୁ)

ଓଡ଼ିଶା ଶିକ୍ଷା ଭିତ୍ତିଭୂମି ସହ ଶୈକ୍ଷିକ ମାନରେ କ୍ରମାଗତ ଭାବେ ଉନ୍ନତ ପ୍ରଦର୍ଶନ କରୁଛି। ସଦ୍ୟ ପ୍ରକାଶିତ ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ)-୨.୦ ର୍‍ୟାଙ୍କିଙ୍ଗରେ ଦେଶର ୫ ସ୍ଥାନରେ ଓଡ଼ିଶା ରହିଛି। ମୋଟ୍ ୪୫୬.୭ ସ୍କୋର୍ ହାସଲ କରିବା ସହ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପ୍ରଚେଷ୍ଟା-୩ ଗ୍ରେଡ୍ ହାସଲ କରିବାରେ ସକ୍ଷମ ହୋଇଛି। ସୂଚନାଯୋଗ୍ୟ, ୨୦୧୯ ମସିହାରେ ଓଡ଼ିଶା ପିଜିଆଇ ର୍‍ୟାଙ୍କିଙ୍ଗରେ ୧୪ତମ ସ୍ଥାନରେ ରହିଥିଲା। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ସରକାରୀ ସ୍କୁଲ ଶିକ୍ଷାର ଦୃଢ଼ ଭିତ୍ତିଭୂମି ଛାତ୍ରୀଛାତ୍ରଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଥିବା କହିଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଚ୍ଚାକାଂକ୍ଷା ଏବଂ ନୂତନତ୍ୱ ଆଣିବାକୁ ୫-ଟି ଅଧୀନରେ ବିଦ୍ୟାଳୟର ରୂପାନ୍ତରଣ କରାଯାଇଥିଲା। ଏହି ବିଶାଳ ପରିବର୍ତ୍ତନ ପାଇଁ ସମସ୍ତ ଶିକ୍ଷକ, ଅଭିଭାବକ, ପ୍ରଶାସକ ଏବଂ ସହଯୋଗ କରିଥିବା ସମସ୍ତ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

## DISTRICT EDUCATION OFFICE, GANJAM, BRAHMAPUR

Phone: 0680 2233350 (O), Email: deoganjam11@gmail.com

Letter No. 11620/MDM Date: 02.07.2025

**SHORT TENDER CALL NOTICE FOR ENGAGEMENT OF SEPARATE TRANSPORTING AGENTS UNDER PM POSHAN & CM POSHAN (MDM) FEEDING PROGRAMME OF BRAHMAPUR / BHANJANAGAR / CHATRAPUR SUB-DIVISION OF GANJAM DISTRICT FOR THE YEAR-2025-26**

No. n-91:- Sealed tenders in prescribed format under two bid system are invited from intending registered firms/authorized licensed Transport Contractor/Agents having valid TIN, PAN, GST registration & clearance certificate for undertaking transportation of rice under PM Poshan and CM Poshan (MDM) feeding programme in Brahmapur / Bhanjanagar / Chatrapur Sub-Division of Ganjam district for the year, 2025-26 (2nd Quarter to 4th Quarter). The tender paper (bid documents) containing detailed specification with terms and conditions can be obtained by downloading from the Ganjam district website https://ganjam.odisha.gov.in. The cost of tender paper is Rs. 10,000/- which is to be deposited in shape of D.D in favour of District Education Officer, Ganjam and enclosed in the technical bid of the tender. Last date and time for receipt of tender paper is 21.07.2025 at 3.00 PM and will be opened on 22.07.2025 at 11.00 AM in the Collectorate, Ganjam, Chatrapur. The quotations must be sent through Registered Post / Speed Post only addressed to District Education Officer, Ganjam, Brahmapur, PIN-760005, Dist. Ganjam. Sending of quotations through couriers or by hand is not allowed. This office will not be responsible for any postal delay. The tender paper should be submitted in sealed cover super¬scribing as "TENDER FOR UNDERTAKING TRANSPORTATION WORK UNDER PM POSHAN AND CM POSHAN (MDM) FEEDING PROGRAMME IN BRAHMAPUR / BHANJANAGAR / CHATRAPUR SUB-DIVISION OF GANJAM DISTRICT -2025-26". The authority reserves the right to reject any or all the tenders without assigning any reason thereof.

OIPR-27203/11/0001/2526 **Sd./- Collector, Ganjam**

## ZILLA SWASTHYA SAMITI, Kendrapara
### DPMU, NHM, Kendrapara

Advt.No- 2038 Date- 02.07.2025

**ATTENTION OF THE APPLICANTS PURSUANT TO THE ADVT.NO-836/25**

No. E-207:- In response to the Advertisement No.836/25,from O/o CDM & PHO, Kendrapara, a detailed database of the Provisionally Eligible and Ineligible candidates(with reasons for provisional ineligibility) for the position of Data Assistant cum Accountant has been published in the district website https://kendrapara.odisha.gov.in. The list is purely provisional in nature and is subject to change after further scrutiny/verification, wherever applicable. All candidates who had applied for the same are required to go through the list and verify their status of application. Candidates are informed to send their objection, if any, only in the format as attached below to the **Chief District Medical & Public Health Officer, DHH, Kendrapara, At/Po-Kendrapara, Pin-754211** on or before **15.07.2025** by 5.00 PM through speed post/Registered post/Courier and the envelope containing the application should be super scribed with "**Objection for the post of Data Assistant cum Accountant for UPHCs, Kendrapara**". The objection format can be downloaded from the district website **https://kendrapara.odisha.gov.in**. No new/fresh document/s shall be taken into the consideration. The objection received on or before the due date will be disposed of and the findings thereof will be made available in the above official website. No objection will be received after the due date & time.

OIPR-10018/11/0012/2526 **Sd/- CDM & PHO-cum-DMD, Kendrapara**

## DIRECTORATE OF AGRICULTURE & FOOD PRODUCTION, ODISHA

No.L-33

**REQUEST FOR PROPOSAL**

**SELECTION OF BIDDERS FOR THE DEVELOPMENT, DESIGN, FINANCE, CONSTRUCTION, OPERATION, MAINTENANCE AND TRANSFER OF AGRI-TECH SMART FARM (ATSF) AT DESIGNATE SITE(S) ON PPP BASIS**

**RFP No. 21928 Dated 03.07.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders for the development, design, finance, construction, operation, maintenance and transfer of Agri-Tech Smart Farm (ATSF) at designate site(s) on PPP basis"

The RFP document is available and can be downloaded from the tendersodisha.gov.in. from 04.07.2025. Last date for submission of proposals is 31.07.2025 at 15.00 hrs. (IST). Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

**Sd./- Director of Agriculture & Food Production, Odisha**

OIPR-01510/11/0062/2526

## OFFICE OF THE SUPERINTENDENT OF MUSEUM ODISHA : BHUBANESWAR

**QUOTATION / TENDER CALL NOTICE**

**No.820/OSM., Dated.03.07.2025.**

**No.R-05** : Sealed quotations/tenders are invited from interested reputed Travel Agencies / Tour Operators / Private Individuals for providing (01No.) of Tiago/Bolt/Celerio etc. white colour (petrol driven A/C version) vehicle on monthly hiring basis for official uses by the Superintendent, Odisha State Museum, Bhubaneswar. The Application form of quotation of general bid information, term & conditions for hiring of vehicle etc. and the details of the quotation/tender call notice are available in this office website www.odishamuseum.nic.in and also will be available in the office of the Superintendent, Odisha State Museum, Bhubaneswar on payment of only **tender paper cost Rs. 100/- (One Hundred) from 10.30 A.M. to 05.00 P.M** except government holiday. The tender paper along with required document may be dropped in the tender box kept at office of the Superintendent, Odisha State Museum, Bhubaneswar by quotation completed in all respects **should reach the undersigned on or before dated 10.07.2025 by 02.00 P.M.** or it may be sent through registered post / speed post in the address of Superintendent Odisha State Museum, Bhubaneswar, Post-BJB Nagar, District-Khordha, Pin-751014, in a sealed cover, superscribed tender/quotation for providing vehicle on hire basis. The tender /quotation received after scheduled date and time or incomplete manner shall be summarily rejected. The tender shall be opened **on 10.07.2025 at 03.00 P.M in the office chamber of Superintendent, Odisha State Museum, Bhubaneswar** in presence of the bidders or their authorised representatives.

The authority reserves the right to accept / reject any quotation without assigning any reason thereof.

**Sd./- Superintendent Odisha State Museum, Bhubaneswar**

OIPR-03015/11/0007/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4576/PSC., Dt. 02.07.2025**

**(1R-29-2024/25)(DR-V)**

**No.D-119** : It is for information of all concerned that, pursuant to the Advertisement No. 32 of 2023-2024, **08 (Eight)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Civil Engineering"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **14.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 14.07.2025 | 10.30 A.M. | P240245064, P240302365, P240301823, P240302479, P240304846, P240306811, P240305788 & P230181344 **= 08 Candidates** |

**The candidates are advised to produce following documents at the time of interview:-**

1. **All original Research Publications/Books.**
2. **Photocopy of front and back cover pages of published books-09 sets.**
3. **Photocopies of 10 best Research Publications-09 sets**
4. **List of all Publications mentioned at SL. No. 1-09 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission half an hour before the commencement of interview on the scheduled date & time as mentioned above.

**NOTE : THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE RELATING TO CIVIL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0255/2526 **Sd./- Secretary**

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4571/PSC., Dt. 02.07.2025**

**(1R-39-2024/25)(DR-V)**

**No.D-118** : It is for information of all concerned that, pursuant to the Advertisement No. 03 of 2024-2025, **01 (One)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Civil Engineering" in Government College of Engineering, Kalahandi**. The Interview in respect of the following candidate will be held in the office of the Commission at 19, Dr. P. K. Parija Road, Cuttack -753001 on **14.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 14.07.2025 | 3.00 P.M. | P240319052 **= 01 Candidate** |

**The candidates are advised to produce following documents at the time of interview:-**

1. **All original Research Publications/Books.**
2. **Photocopy of front and back cover pages of published books-09 sets.**
3. **Photocopies of 10 best Research Publications-09 sets**
4. **List of all Publications mentioned at SL. No. 1-09 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission half an hour before the commencement of interview on the scheduled date & time as mentioned above.

**NOTE : THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE RELATING TO CIVIL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0256/2526 **Sd./- Secretary**

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4581/PSC., Dt. 02.07.2025**

**(1R-35-2024/25)(Four)**

**No.D-117** : It is for information of all concerned that, pursuant to the Advertisement No. 32 of 2023-2024, **04 (Four)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Metallurgical & Material Engineering"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **15.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 15.07.2025 | 10.30 A.M. | P240301667, P240302028, P240309436 & P240312208 **= 04 Candidates** |

**The candidates are advised to produce following documents at the time of interview:-**

1. **All original Research Publications/Books.**
2. **Photocopy of front and back cover pages of published books-10 sets.**
3. **Photocopies of 10 best Research Publications-10 sets**
4. **List of all Publications mentioned at SL. No. 1-10 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission half an hour before the commencement of interview on the scheduled date & time as mentioned above.

**NOTE : THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE RELATING TO METALLURGICAL & MATERIAL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0257/2526 **Sd./- Secretary**

## ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟ
## OFFICE OF THE ASST. DIRECTOR OF SERICULTURE, SUNDARGARH

At: Maheshdihi, Dist Sundargarh, PIN: 770001

Email : adssundergarh@yahoo.com/ads-sundargarh@gov.in

Order No.862 Date : 01.07.25

**TENDER CALL NOTICE FOR SUPPLY OF DESKTOP COMPUTER, MULTI FUNCTIONAL LASER PRINTER, 600 VA UPS, COMPUTER TABLE AND CHAIR TO THE DIFFERENT UNITS OF SERICULTURE IN SUNDARGARH DISTRICT**

No. L-32:- Sealed tenders are invited from reputed manufacturer / Authorised Distributor / Dealer / Supplying Agency for supply of 5 Nos. of Desktop Computers, 5 nos. of Multifunctional Laser Printer, 5 nos. of 600 VA UPS, 5 nos. of Computer Table and 5 nos. Chair for the sericulture units of Sundargarh district like Khuntgaon, Sarsara, Lahunipada, Badgaon, PPC-K.Bolang. The detailed terms and conditions of the tender, general information and specification of the product etc. can be obtained from the office of the Asst. Director of Sericulture, Sundargarh in any working day from 02.07.2025 to 15.07.2025 at 11 a.m. to 5 p.m. or can be downloaded from the website **www.sundargarh.odisha.gov.in**

**Date of Commencement of Sale of the Tender Document**: 02.07.2025
**Last Date & Time of the Receipt of Tender** : 15.07.2025 at 5.00 P.M
**Date & Time of Opening of Tender (Cover-A)** : 16.07.2025 at 11.00 A.M
**Date & Time of Opening of Tender (Cover-B)** : 16.07.2025 at 4.00 P.M
**Cost of the Tender** - Rs. 100/- in shape of Bank Draft in favour of Assistant Director of Sericulture, payable at Sundargarh.
**Place of opening of Tender** - Office of the Assistant Director of Sericulture, At-Mahesdihi, Sundargarh, PIN-770001

The Tender will be opened on scheduled date and time in the office of the undersigned in the presence of Bidders or their authorized representatives. In the event of the date being declared as holiday for Govt, of Odisha, the due date of submission of bids and opening of bids will be next working day. Any tender received after the due date & time will be rejected and returned to the sender unopened. The tender will be received through Regd. Post/Courier Service / Speed Post only. The authority reserves the right to reject any or all the Tenders received without assigning any reason thereof.

OIPR-01452/11/0005/2526 **Sd./- Asst. Director of Sericulture, Sundargarh**

## OFFICE OF THE CHIEF DISTRICT VETERINARY OFFICER, ANGUL

AT: HEMSURPADA PO/DIST: ANGUL, ODISHA-759122

Mail: cdvoangul@gmail.com

**TENDER CALL NOTICE**

No. M-17:- Bids in sealed cover are invited from the interested eligible Non-Government Organizations/ Reputed Manpower Agency/Service Provider to provide Manpower support i.e. One Laboratory Technician at District Diagnostic Laboratories (DDL), Angul under State Plan Scheme Support to vaccine production & Disease Control Institution under Umbrella Scheme **"GOAL FOR MANAGEMENT & TREATMENT OF ANIMALS" (GOMATA)** for the year 2024-25. The details of the tender can be downloaded from the website: (**www.angul.odisha.gov.in**).

**Sd./- Chief District Veterinary Officer, Angul**

OIPR-06069/11/0004/2526

## OFFICE OF THE PRINCIPAL, NABAKRUSHNA CHOUDHURY C.T.E., ANGUL

No. 748/dt. 03.07.2025

**ADVERTISEMENT FOR ENGAGEMENT OF GUEST FACULTIES ON CONTRACTUAL BASIS IN NKC CTE, ANGUL**

**WALK IN INTERVIEW**

No. N-110:- Applications are invited from interested eligible candidates (fresh/retired) for engagement of Guest Faculties on contractual basis of the following posts in NKC CTE, Angul. The guidelines for engagement of guest faculty on contractual basis issued by Department of Higher Education Notification No.2590/HE dated 11.02.2025, No.20318/HE dated 17.04.2025, No.33122/HE dated 24.06.2025 and No.33124/HE dated 24.06.2025 are available in the college website (http://nkccteangul.ac.in/).

| Name of the Post | No. of post for which engagement is to be made | Qualification | Remuneration |
|---|---|---|---|
| Professor in Education | 02 | As per NCTE norm. | As per Higher Education Department letter No.33122/ HE dated 24.06.2025 |
| Associate Professor in Education | 02 | | |
| Assistant Professor in Social Science (History / Political Science) | 01 | | |
| Assistant Professor in Social Science (Economics / Geography) | 01 | | |
| Assistant Professor in English | 01 | | |
| Assistant Professor in Odia | 01 | | |
| Assistant Professor in Mathematics | 01 | | |
| Health & Physical Education | 01 | | |
| Visual Arts | 01 | | |
| Performing Arts | 01 | | |

The candidates are required to send their filled in application to the office of the undersigned through registered/speed post with their bio-data, present and Permanent address, copies of educational certificates, bank account no., photographs etc.

- Last date of receipt of application forms : 15th July, 2025.
- Date of walk in interview : 17th July, 2025.
- No TA/DA is allowed to the candidates for the purpose.
- Authority reserves the right to accept / reject any of / all applications without assigning any reason thereof.

OIPR-11022/11/0006/2526 **Sd./- PRINCIPAL**

See Career Appointment on every Wednesday & Saturday

## Directorate of Animal Husbandry & Veterinary Services

Odisha, Mangalabag, Cuttack-753001

Tel.: (0674) 2414629, Website: https://dahvs.odisha.gov.in/, Email: dahvsorissa@gmail.com

**EoI No. 11500/Date 01.07.2025**

**No.M-16** : The Directorate of Animal Husbandry & Veterinary Services (DAH&VS), Cuttack, Government of Odisha is interested in engaging the services of reputed agencies/organizations that conduct Impact Assessment Studies of government schemes and initiatives. The directorate has decided to onboard an agency to assess the effectiveness of the Mukhyamantri Kamdhenu Yojana (MKY) and its subsequent impact on the lives of dairy farmers and the overall dairy sector of Odisha over the next 5 years.

Detailed instructions are enclosed herewith.

The detailed document outlining the contours of assessment & terms of reference can be accessed under the tender section of the DAH&VS website.

Website address : https://dahvs.odisha.gov.in

| Sl. No. | Particulars | Date and time | |
|---|---|---|---|
| 1 | Date & time of release of bid | **04.07.2025** | |
| 2 | Date & time of submission of response | Start Date & Time | End Date & Time |
| | | **05.07.2025 at 10.00 A.M.** | **25.07.2025 at 05.00 P.M.** |
| 3 | Date & time of technical evaluation | **29.07.2025 at 11.30 A.M.** | |
| 4 | Issue of Letter of Invitation and RFP | To be issued to empaneled bidder | |

All EoI proposals are to be e-mailed as a single digital file to dahvsorissa@gmail.com EoIs received after the last date and time of submission shall be rejected.

The DAH&VS reserves the right to accept or reject any or all EoIs without assigning any reason thereof. Canvassing in any form will be considered as disqualification from the award of the contract.

**Sd./- Director DAH&VS, Cuttack Govt. of Odisha**

OIPR-06014/11/0047/2526

## Odisha State Health & Family Welfare Society

**Dept. of Health & Family Welfare, Govt. of Odisha**

Annex Building of SIH&FW, Nayapalli, Unit-8, Bhubaneswar-751012, Odisha

Phone/Fax : 0674-2392480/88

**Advt. No. 01/2025** **Date : 04.07.2025**

**REQUEST FOR PROPOSAL (RFP) FOR AN EVALUATION STUDY OF THE EMERGENCY AMBULANCE SERVICE (EMAS) UNDER INTEGRATED PATIENT TRANSPORT AND HEALTH HELPLINE (IPTHHS) SERVICES IN ODISHA**

**No.E-209** : Sealed proposals are invited from eligible bidders for an **evaluation study** of the Emergency Ambulance Service (EMAS) under Integrated Patient Transport and Health Helpline (IPTHHS) Services in Odisha. The RFP document containing the eligibility criteria, terms & conditions and formats for submission of proposals can be downloaded from the website **https://nhmodisha.gov.in** (under link: **"Tender"**) and **https://health.odisha.gov.in.**

The **bid schedule** is as mentioned below:

| Date & Time of Pre-bid Meeting | Last Date & Time of Submission of Bid | date & Time of Opening of Technical Bid |
|---|---|---|
| 14.07.2025, 12:00 Noon | 31.07.2025, 3:00 P.M. | 31.07.2025, 4:00 P.M. |

Any amendments in above RFP due to decision in pre-bid meeting shall only be notified in the websites mentioned above. The sealed proposals should reach the office of the undersigned in the address mentioned above by registered post / speed post / courier on or before the stipulated date & time of bid submission mentioned above, i.e. 31.7.2025, 3 :00 PM.

The undersigned reserves the right to reject any or all the proposals or cancel the bid without assigning any reason thereof.

**Sd./- Mission Director NHM, Odisha**

OIPR-10084/11/0038/2526

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: ୧୨୩୪୧/IND-II-PH-୧୬୬୭ ତାରିଖ: ୦୩।୦୭।୨୦୨୫

**ବିଜ୍ଞାପନ**

No. CAD-981: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ସୌମ୍ୟଦୀପ ଚକ୍ରବର୍ତ୍ତୀ, ଓଡ଼ିଶାର ବାଲେଶ୍ୱର ଜିଲ୍ଲା, ଜଳେଶ୍ୱର ତହସିଲ ଅନ୍ତର୍ଗତ ଶେଖସରାଇ ଗ୍ରାମରେ ୫.୬୬୫ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ଶେଖସରାଇ (କ) ବାଲିଘାଟ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଦ୍ଧତିରେ ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଦ୍ଧତିରେ ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ରଖିଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୫।୦୮।୨୦୨୫ରିଖ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା, ଜଳେଶ୍ୱର ତହସିଲ ଅନ୍ତର୍ଗତ ମକ୍ଷଦକରର ପାତନା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ଯ୍ୟାସ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ବାଲେଶ୍ୱର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,ବାଲେଶ୍ୱର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା,ବାଲେଶ୍ୱର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ଯ୍ୟାସ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶାନୁଯାୟୀ

OIPR-08012/11/0292/2526 **ସ୍ୱା./– ମୁଖ୍ୟ ପରିବେଶ ଯନ୍ତ୍ରୀ**

୧୦ମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।




ଧ-୧୧୫୪


# ବିଧାୟକ ଅସାମାଜିକ କାର୍ଯ୍ୟରେ ଲିପ୍ତଥିବା କଥା ଘୋଡ଼ାଉଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)

ରାଜଧାନୀ ଭୁବନେଶ୍ୱରର ନାଲ୍‌କୋ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଭାଜପା ବିଧାୟକ ପ୍ରକାଶ ସୋରେନଙ୍କ ଗାଡ଼ିରୁ ଗଞ୍ଜେଇ ଓ ମଦ ଥିବା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ଘଟଣାକୁ ଟାର୍ଗେଟ କରିଛି ବିଜେଡି। ଭାଜପା ବିଧାୟକମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବାବେଳେ ରାଜ୍ୟ ସରକାର ତାଙ୍କୁ ଘଷ୍ଟ ଘୋଡ଼ାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ସାନନ୍ଦ ମାରାଣ୍ଡି କହିଛନ୍ତି, ରାଜଧାନୀ ଭୁବନେଶ୍ୱରର ଜନଗହଳିପୂର୍ଣ୍ଣ ନାଲ୍‌କୋ ଛକଠାରେ ସ୍ପଷ୍ଟ ଦିବାଲୋକରେ ହୋଇଥିବା ଏହି ଦୁର୍ଘଟଣା ବେଳେ ବିଧାୟକ ପ୍ରକାଶ ସୋରେନଙ୍କ ପୁଅ ଓ ତାଙ୍କର ୫ ଜଣ ସହଯୋଗୀ ଏହି ଗାଡ଼ିରେ ଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇଯାଇଥିଲେ। ଦୁର୍ଘଟଣା ସମୟରେ ବିଧାୟକଙ୍କ ଗାଡ଼ିରେ ମଦ ବୋତଲ ଓ ଗଞ୍ଜେଇ ଥିବାର ସ୍ଥାନୀୟ ଜନସାଧାରଣ ଦେଖିବା ପରେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡିଥିଲେ, ଯାହା ଭାଇରାଲ ହୋଇଛି। ବିଧାୟକଙ୍କ ଗାଡ଼ିରେ ମଦ, ଗଞ୍ଜେଇ ଇତ୍ୟାଦି ଚାଲାଣ ହେବା ଏନ୍‌ଡିପିଏସ୍ ଆଇନର ଉଲ୍ଲଂଘନ ଏବଂ ଏକ ସଙ୍ଗିନ ଅପରାଧ। ବିଧାୟକ ସୋରେନ ଏହି ଘଟଣାକୁ ଚାପିଦେବା ଉଦ୍ଦେଶ୍ୟରେ ଘଟଣାକୁ ଅସ୍ୱୀକାରକରି ତାଙ୍କ ପୁଅ ଓ ସହଚରମାନଙ୍କୁ କ୍ଲିନ୍‌ଚିଟ୍ ଦେବାକୁ ପ୍ରୟାସ କରୁଛନ୍ତି। ଏହା ଏକ ସଙ୍ଗିନ ଅପରାଧ ହୋଇଥିଲେ ମଧ୍ୟ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଗାଡ଼ିରେ ଉପସ୍ଥିତ ଥିବା ବିଧାୟକଙ୍କ ପୁଅ ଓ ତାଙ୍କ ସହଚର ମାନଙ୍କୁ ତୁରନ୍ତ ଗିରଫ କରି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିଜେଡି ଦାବି କରୁଛି ବୋଲି ସାନନ୍ଦ କହିଛନ୍ତି।

# ରାହୁଲଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ



ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)

ଆସନ୍ତା ୧୧ ତାରିଖରେ ଲୋକ ସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେଙ୍କ ଓଡ଼ିଶା ଗସ୍ତକୁ ଦୃଷ୍ଟିରେ ରଖି ପିସିସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ପ୍ରମୁଖ ବରମୁଣ୍ଡା ପଡିଆରେ ସୁରକ୍ଷା ବ୍ୟବସ୍ଥାକୁ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି। ଏହି ସମୟରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ କଂଗ୍ରେସର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ନିରୁଦ୍ଦିଷ୍ଟ



ନାମ: କେ.ଅନନ୍ତ ମଣିଦୀପ(୧୫), ଉଚ୍ଚତା: ୫'୪'', ପିତା: କୋଲା ମାଝିବାବୁ, ଗୌତମ ନଗର, ଲେନ-୨, ପୋ/ଜି: ରାୟଗଡ଼ା ଗତ ୨୩।୦୬।୨୦୨୫, ୨.୩୦ ସମୟରେ ଘରୁ ବାହାରି ଯାଇଥିଲେ। ପୋଲିସ ତଦନ୍ତ ବେଳେ ମଣିଦୀପ ରାୟଗଡ଼ା ରେଳଷ୍ଟେସନ ପ୍ଲାଟ୍‌ଫର୍ମ ନଂ.-୫ ଠାରେ ଛିଡ଼ା ହୋଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। ୬୦୦୦୦୧୪୪୩୯/୬୩୭୦୧୨୧୫୩୪. ଧ-୧୧୪୪

# Classified Everyday

**0674-2580101, 9692975378**



**REAL ESTATE**

**SALE**

କ ଟ କ - ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281




Positively health benifits SPA expert female therapist homely atmosphere. Contact-9114559860. D-1112

## AFFIDAVIT

By virtue of an affidavit sworn before Notary Public, Bhubaneswar, dated- 13.06.2025, I, Alina Behera, Wife of Rabindra Behera, Address- Haripur, P.O.-Haripur Jemadeipur, P.S.- Sukinda, Dist.- Jajpur, Odisha-755018 declare that I have changed my name from ELINA PRIYADARSHINI ROUT (Old Name) to ALINA BEHERA (New Name). Henceforth, I shall be known as ALINA BEHERA for all purposes.
ALINA BEHERA D-76470

I, Antarjyami Sahu, S/o- Late Dinabandhu Sahu, resident of ward No.- 4, New Kalupatro Street, Aska Road, Brahmapur, P.S.-Brahmapur Sadar, P.O.-Panigrahipentho, District.- Ganjam, PIN-760006, Odisha declare by this affidavit No.- A-615, dtd- 03.07.2025. That now onwards I shall be known as Antarjami Sahu for all future purposes. D-1153

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sahnaz Bari, W/o- Late Sk Abdul Bari, R/o.146, Chintamaniswar Area, Bhubaneswar have changed my name from Sahnaz Bari to Shanaz Bari for all purposes by an affidavit sworn before Executive Magistrate, Bhubaneswar dated-26.06.2025. D-1148

I, Gagan Bihary Pal, S/o- Late Gopabandhu Pal, resident of flat No.- B- 204, Supratik Exotica, Paikarapur Road, Gothapatna, P.S.- Chandaka, Bhubaneswar, Dist.- Khordha. PIN- 751003, Odisha declare by this affidavit No.- 72AA 498099, dated- 04.04.2025 that now onwards, I shall be known as Gagan Behari Pal for all future purposes. D-1142

By virtue of an affidavit sworn before Executive Magistrate, Bhubaneswar, dated- 14.05.2025, I, Smitajyotshna Patra, D/o of Gadadhar Patra of Village-Patra Sahi, Ketakipatna, P.O.- Lalitapahandi, P.S.- Balanga, Dist.- Puri- 752045, declare that my actual name is Smitajyotshna Patra as per Birth certificate but in Aadhaar Card wrongly Mentioned as Smitojoshna Patra which need correction. D-1155

I, Lili Patra, W/o Trailokyanath Patra, Resident at plot No.- 479/ 2934 Near Ram Mandir, At- Kantilo, P.O.- Kuha, P.S.- Air Field, Bhubaneswar, Dist.- Khurda, PIN- 751002, declare by this affidavit No.-CF- 46, dt- 18.06.2025, that now onwards, I shall be known as **LILI KHATEI** for all future purposes. D-1141

By virtue of an affidavit sworn before the Notary Public, Titilagarh, dated- 20.06.2025, I, Kshirabati Behera, formerly called Khira Behera, D/o. Ainthapatar Behera(Father), Debaki Behera(Mother), R/o. At- Silpara, Digsira, P.O.- Kushkela, P.S.- Sindhekela, Dist.- Bolangir, Odisha-767035, declare that I have changed my name from Khira Behera to Kshirabati Behera. Henceforth, I shall be known as Kshirabati Behera for all purposes.
Kshirabati Behera D-1151

By virtue of an affidavit sworn before Executive Magistrate, Bhubaneswar, on dated- 24.06.2025, I Priyadarsani Rout, Address: W/o.- Banamali Kandi, AT- Balipada, P.O.- Dadha, P.S.- Nandankanan, Bhubaneswar, Dist.- Khordha, Odisha, PIN- 754005 declare that I have changed my name from "SANGITA KANDI" to "PRIYADARSANI ROUT". Henceforth, I shall be known as "PRIYADARSANI ROUT" for all purposes.
PRIYADARSANI ROUT D-1150

By virtue of an affidavit sworn before Executive Magistrate, Pipili, dated- 23.06.2025, AF. No.- 2452, I Kanchan Kumari Das, Address: At- Mahasinghpatna, P.O.- Dandamukundapur, P.S.- Pipili, Dist.- Puri, Odisha, PIN-752104, declare that I have changed my name from Kanchan Das to Kanchan Kumari Das. Henceforth, I shall be known as Kanchan Kumari Das for all purposes. D-1146

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## LEGAL NOTICE

In the Court of C.J.J.D. Chandbali
C.S. 533/01
Rangadhar Nayak & others ....Plaintiffs
(Vrs)
State of Odisha & others ....Defendants

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସ୍ୱତ୍ୱସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାନ୍ଦବାଲିଙ୍କ ଇଜିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ସର୍ବସାଧାରଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମୋକଦ୍ଦମାର ଧାର୍ଯ୍ୟ ତା 08.07.25ରିଖ ଦିବା 10.30 AM ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜର ଆପତ୍ତି ଅଭିଯୋଗମାନ ଜଣାଇବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି

ଜି: ଭଦ୍ରକ, ତହସିଲ- ଚାନ୍ଦବାଲି, ମୌ- ଶେଣ୍ଡଗଡ଼ା C.S. ଖାତା ନଂ.- 88, C.S. Plot No.- 281, Southern side A0. 33½ dec of A0.67dec, C.S. Plot No.- 312 Southern side A0.57dec out of A1-14dec, C.S. Plot No.- 320 Southern side A0.22dec out of A0.44dec, C.S. Plot No.-322 Southern Side A0.06dec out of A0.12dec, C.S. Plot No.- 605 Southern Side A0.06dec out of A0.12dec, CS Plot No.- 607 Southern side A0.58dec out of A1-16dec, CS Plot No.-706 Southern side A0.25½dec out of A0.51dec, CS Plot No.- 720 Western side A0.10dec out of A0.20dec, CS Plot No.-753 Southern side A0.68½dec out of A1-37dec, CS Plot No.- 856 Southern side and West A0.06½dec., CS Plot No.- 881 Southern side A0.35½dec out of A0.71dec Corresponds to MS Khata No.- 380, MS Plot No.-326/1646 A0.32dec., MS Plot No.- 312 Southern side A0.29dec out of MS Plot No.- 306 A0.19dec., MS Plot No.- 394 A0.09dec., MS Plot No.- 893 A0.06dec., MS Plot No.- 892 A0.60dec., MS Plot No.- 890 A0.28dec., MS Plot No.- 871 Western side A0.04dec., MS Plot No.- 871/1652 Western side A0.04dec., MS Plot No.- 760 A0.90dec., MS Plot No.- 1256 Southern side A0.03dec., MS Plot No.- 1256/1648 Western side A0.02½dec., MS Plot No.- 853 Southern side A0.12dec., MS Plot No.- 853/1642 Southern side A0.12dec., MS Plot No.- 854 Southern side A0.12dec

ଅଦ୍ୟ ତା୨୩।୦୬।୨୪ରିଖ ଅଦାଲତଙ୍କର ସହିମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।

ସ୍ୱା./- ସିଭିଲ୍ ଜଜ୍ ଜୁନିଅର ଡିଭିଜନ
ଚାନ୍ଦବାଲି, Dt.- 23.06.25
D-1152

Letter No.- 966/ Dt.- 17.05.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନଂ.- ୧୫୯/୨୦୨୪

ଜୟରାମ ନାୟକ ....ବାଦୀ

ବନାମ

ରମେଶ ଚନ୍ଦ୍ର ନାୟକ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

୧. ରମେଶ ଚନ୍ଦ୍ର ନାୟକ, ପିତା- ଘନଶ୍ୟାମ ନାୟକ, ୨. ଆନନ୍ଦ ଚନ୍ଦ୍ର ଗଡ଼ବାଡ଼, ପିତା- ସ୍ୱର୍ଗତ- କେଳୁ ଚରଣ ଗଡ଼ବାଡ଼ ଉଭୟଙ୍କର ବାସସ୍ଥାନ ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨ ନୋଟିସ୍ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.-୧ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୪।୦୮।୨୫ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ସାବକ ଖାତା ନଂ.- ୧୪୪, ସାବକ ପ୍ଲଟ୍ ନଂ.-୨୩୦୬, ଏରିଆ- ଏ.୦.୦୩୬ଡି., ହାଲ୍ ଖାତା ନଂ.- ୧୮୮, ହାଲ୍ ପ୍ଲଟ୍ ନଂ.-୩୦୮୭, ଏରିଆ- ଏ.୦.୦୩୬ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷ ଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.- ୪ଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୧୪୯

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



୰ ଇଂ.ବିଜୟ କୁମାର ବେଉରା

ଚକେଇସିଆଣି, ଭୁବନେଶ୍ୱର

ଜନ୍ମ ତାରିଖ: ୧୪।୦୧।୧୯୫୩
ତିରୋଧାନ: ୨୪।୦୬।୨୦୨୫

ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ମାର୍ଗଦର୍ଶନଗୁଡ଼ିକ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ।

ଶୋକସନ୍ତପ୍ତ: ଜିତୁ, ବାପି, ହାପି, ଟୁଟୁ, ଝିଅ ଓ ଜ୍ୱାଇଁ, ନାତି, ନାତୁଣୀ, ବୋହୂ ଓ ପରିବାରବର୍ଗ

ଧ-୧୧୨୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଚାରୁଲତା ବାରିକ

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର

ଆବିର୍ଭାବ: ୧୩।୦୧।୧୯୫୧
ତିରୋଧାନ: ୧୪।୦୭।୨୦୨୪

ଆପଣଙ୍କର ନିରଳସ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସ୍ମୃତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।

ଶୋକସନ୍ତପ୍ତ: ସ୍ୱାମୀ- ଗଗନ ବିହାରୀ ବାରିକ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।

ଧ-୭୬୦୬୭

### ୩୫ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ

ଆବିର୍ଭାବ: ତା୧୨।୦୪।୧୯୪୫ରିଖ
ତିରୋଧାନ: ତା୦୪।୦୭।୧୯୯୦ରିଖ

ଆମେ ଆଜିର ୩୫ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।

ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ

ଧ-୧୧୪୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଦେବାଶିଷ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ନିଯୁକ୍ତ

## ଅବସରପ୍ରାପ୍ତ ଜଳସମ୍ପଦ ବିଭାଗ ସର୍ବୋଚ୍ଚଯନ୍ତ୍ରୀଙ୍କୁ ପୁନଃ ନିଯୁକ୍ତି

ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ବୁଧବାର ଏକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି, ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ନିକଟରେ ଅବସର ଗ୍ରହଣ କରିଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଗୁରୁବାର ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଚନ୍ଦ୍ରଶେଖର ପାଢ଼ୀଙ୍କୁ ୬ମାସ ପାଇଁ ବିଭାଗରେ ପୁନଃ ନିଯୁକ୍ତି ଦିଆଯାଇଛି। ସଂପ୍ରତି ସେ ବିଭାଗର ଓଏସ୍‌ଡି କମ୍ ସର୍ବୋଚ୍ଚ ଯନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ।

# ଲ୍ୟାଣ୍ଡମାଇନ ବିସ୍ଫୋରଣ, ଯବାନ ଗୁରୁତର

ବଣାଇଁ,୩।୭(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଲଗ୍ନ ଛୋଟନାଗରା ଥାନା ବାବୁଡେରା ନିକଟ ସରଣ୍ଡା ଜଙ୍ଗଲରେ ଗୁରୁବାର ପ୍ରତ୍ୟୁଷରେ ସର୍ଚ୍ଚ ଅପରେଶନ ବେଳେ ପୁଣି ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟିଛି। ଏଥିରେ ଝାଡ଼ଖଣ୍ଡ ଜାଗୁଆର୍ ଟିମ୍‌ର ଯବାନ ମନୋଜ ଦମାଇ ଗୁରୁତର ଆହତ ହୋଇଛନ୍ତି।



ମନୋଜ ଦମାଇ

ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ଏୟାର ଲିଫ୍ଟ କରାଯାଇଛି। ୨ଦିନ ତଳେ ସରଣ୍ଡା ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ଥିବା ପ୍ରାୟ ୧୮ ହଜାର ଡେଟୋନେଟର ଝାଡ଼ଖଣ୍ଡ ଜାଗୁଆର୍ ଓ ସିଆର୍‌ପିଏଫ୍ ୬୦ ବାଟାଲିୟନ ଅର୍ଦ୍ଧ ସାମରିକ ବାହିନୀର ମିଳିତ ସର୍ଚ୍ଚ ଅପରେଶନ ବେଳେ ଏହା ଜବତ ହୋଇଥିଲା। ଆଜିର ଘଟଣା ମାଓବାଦୀଙ୍କ ପକ୍ଷରୁ କାଉଣ୍ଟର ଆଟାକ୍ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଭିଜିଲାନ୍ସ ଜାଲରେ ତାଳଚେର ଥାନା ଏଏସ୍‌ଆଇ

ତାଳଚେର,୩।୭ (ମନୋଜ ନନ୍ଦ)

ଏକ ମାମଲାରେ ଥାନାରୁ ବେଲ୍ କରାଇ ଦେବାକୁ କହି ଜଣେ ଅଭିଯୁକ୍ତଙ୍କ ଠାରୁ ୩ ହଜାର ଟଙ୍କା ଲାଞ୍ଚ ନେବାବେଳେ ତାଳଚେର ଥାନା ଏଏସ୍‌ଆଇ ଧରଣୀଧର ନାଥ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ଜନ୍ଦାବାହାଳ ଗ୍ରାମର ପ୍ରୀତିରଞ୍ଜନ ଭୁକ୍ତାଙ୍କଠାରୁ ଗତ ଏପ୍ରିଲରେ ୪ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ



ଧରଣୀଧର ନାଥ

ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ବେଲ୍ କରାଇଦେବାକୁ କହି ଏଏସ୍‌ଆଇ ଧରଣୀଧର ଅଭିଯୁକ୍ତ ପ୍ରୀତିରଞ୍ଜନଙ୍କୁ ୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ପ୍ରୀତିରଞ୍ଜନ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ପକ୍ଷରୁ କେମିକାଲ ବୋଳା ଟଙ୍କା ପ୍ରୀତିରଞ୍ଜନଙ୍କୁ ଦିଆଯିବା ସହ ଥାନା ନିକଟରେ ଅଧିକାରୀମାନେ ଜଗି ରହିଥିଲେ। ପ୍ରୀତିରଞ୍ଜନ ଟଙ୍କା ଏଏସ୍‌ଆଇ ଧରଣୀଧରଙ୍କୁ ଦେବାପରେ ଅପେକ୍ଷା କରିଥିବା ଭିଜିଲାନ୍ସ ଟିମ୍ ଏଏସ୍‌ଆଇଙ୍କୁ ଧରି ପକାଇଥିଲା।

# ସ୍ୱପ୍ନ ସାକାର ପଥରେ ସାତ୍ତ୍ୱିକ



ଜୁନିୟର ସ୍ତରରେ ୱାର୍ଲ୍ଡ କ୍ୟାଡେଟ ଓ ଫିଡେ ବିଶ୍ୱକପରେ ପ୍ରତିଭା ପ୍ରଦର୍ଶନ ପରେ ଜାତୀୟ ଚାମ୍ପିୟନ ହୋଇ ଓଡ଼ିଶା ଚେସ୍‌ରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି ସାତ୍ତ୍ୱିକ ସ୍ୱାଇଁ। ହରିୟାଣାର ଗୁରୁଗ୍ରାମରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ଚାମ୍ପିୟନ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ନିଜ ପ୍ରତିଭାର ଭରପୂର ସଦୁପଯୋଗ କରି ନିଜ ସ୍ୱପ୍ନକୁ ସାକାର କରିବା ଦିଗରେ ଅଗ୍ରସର ହୋଇଛନ୍ତି ଏହି ଚେସ୍ ପ୍ରତିଭା...

–ପ୍ରସ୍ତୁତି ତପନ ସ୍ୱାଇଁ

ଓଡ଼ିଶା ଚେସ୍‌ରେ ଏବେ ଖୁସିର ଲହରି। ଏହାର କାରଣ ଜଣେ ଶିଶୁ ପ୍ରତିଭା। ୱାର୍ଲ୍ଡ କ୍ୟାଡେଟ୍, ଫିଡେ ବିଶ୍ୱକପ୍ ପରେ ଜାତୀୟ ଚେସ୍‌ରେ ଦକ୍ଷତା ଦେଖାଇ ରାଜ୍ୟକୁ ଗର୍ବିତ କରିଥିବା ଏହି ବିସ୍ମୟ ବାଳକ ହେଲେ ସାତ୍ତ୍ୱିକ ସ୍ୱାଇଁ। ହରିୟାଣାର ଗୁରୁଗ୍ରାମରେ ନିକଟରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ଚାମ୍ପିୟନ ହୋଇ ସେ ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୧୦ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଥିଲେ ସାତ୍ତ୍ୱିକ। ପୂରା ଟୁର୍ନାମେଣ୍ଟରେ ସେ ଅପରାଜେୟ ରହିଥିଲେ। ପଞ୍ଜାବର ଆକର୍ଷ ଗୁପ୍ତାଙ୍କ ବିପକ୍ଷରେ ବିଜୟରୁ ତାଙ୍କ ଅଭିଯାନ ଆରମ୍ଭ ହୋଇଥିଲା। ଏହାପରେ ଉତ୍ତରାଖଣ୍ଡର ଅକ୍ଷତ ଜାନୋଡି, ଦିଲ୍ଲୀର ଆରିଭ ଭୋରା, ତାମିଲନାଡୁର ରାୟାନ ମିକାଏଲ ରୋଜାରିଓ, କର୍ନାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା, ତାମିଲନାଡୁର ତାମିଜ ଅମୁଧନ ଏସ୍, ତେଲେଙ୍ଗାନାର ଦିଭିଥ ଅଦୁଲ୍ଲା ରେଡ୍ଡୀଙ୍କୁ ହରାଇବା ପରେ ତାମିଲନାଡୁର ଶିଭିନ କେ.ଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ୯ମ ରାଉଣ୍ଡରେ ସେ ପଶ୍ଚିମବଙ୍ଗର ଆୟାନ ଗୁପ୍ତାଙ୍କୁ ହରାଇ ଥିବାବେଳେ ୧୦ମ ରାଉଣ୍ଡରେ ପଶ୍ଚିମବଙ୍ଗର ଅନ୍ୟତମ ଖେଳାଳି ଅନିକେତ ଦାସଙ୍କ ବିପକ୍ଷରେ ଡ୍ର ରଖି ଟାଇଟଲ ଆଶା ଉଜ୍ଜୀବିତ କରିଥିଲେ। ୧୧ତମ ତଥା ଅନ୍ତିମ ରାଉଣ୍ଡରେ ସେ ମଧ୍ୟପ୍ରଦେଶର ସମୃଦ୍ଧ ଖାରେଙ୍କୁ ପରାସ୍ତ କରି ଏକାକୀ ଅଗ୍ରଣୀ ସହ ମାତ୍ର ୯ ବର୍ଷ ବୟସରେ ହୋଇ ଯାଇଥିଲେ ଜାତୀୟ ଚାମ୍ପିୟନ। ଏହି ଟୁର୍ନାମେଣ୍ଟରୁ ତାଙ୍କୁ ୫୬.୮ ପଏଣ୍ଟର ଫାଇଦା ହୋଇଥିଲା। ପରିବାରରେ ମା'ଙ୍କ ନିକଟରୁ ଚେସ୍ ବୋର୍ଡକୁ ଚିହ୍ନିବା ଶିଖିଥିବା ସାତ୍ତ୍ୱିକ ପରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ବିଶ୍ୱଜିତ ରାୟଙ୍କ ପ୍ରଶିକ୍ଷଣ ସହ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ମାର୍ଗଦର୍ଶନରେ ନିଜ ପ୍ରଦର୍ଶନକୁ ମାର୍ଜିତ କରିଛନ୍ତି।

୨୦୧୬ ଜାନୁଆରୀ ୧୭ରେ ଜନ୍ମିତ ସାତ୍ତ୍ୱିକଙ୍କ ମା ହେଉଛନ୍ତି ସୋନମ ସରିତା ମହାନ୍ତି ଓ ବାପା ସମ୍ବିତ ସ୍ୱାଇଁ।

ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ରହୁଥିବା ଏହି ଚେସ୍ ପ୍ରତିଭା ଏବେ ଚନ୍ଦ୍ରଶେଖରପୁର ଡିଏଭିରେ ୪ର୍ଥ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ। ମାତ୍ର ୬ ବର୍ଷ ବୟସରୁ ଚେସ୍‌ରେ ଗୋଟି ଚାଳନା ଆରମ୍ଭ କରିଥିବା ସାତ୍ତ୍ୱିକ କେବଳ ରାଜ୍ୟ ଏବଂ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ୨୦୨୩ ଅଗଷ୍ଟରେ କଟକର ବାରବାଟୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ରନରଅପ୍ ହୋଇ ଆରମ୍ଭ କରିଥିଲେ ଅଭିଯାନ। ସେହିବର୍ଷ ଭୁବନେଶ୍ୱରସ୍ଥିତ ଇନ୍‌ଫୋସିଟିରେ ଅନୁଷ୍ଠିତ ରାଜ୍ୟ ୭ ବର୍ଷରୁ କମ୍ ଚେସ୍‌ରେ ସେ ଟାଇଟଲ ଅର୍ଜନ କରିଥିଲେ। ପରେ ୨୦୨୪ ଅଗଷ୍ଟରେ କଟକ ଗୋପାଳପୁରସ୍ଥିତ କଳିଙ୍ଗ ଭାରତୀ ରେସିଡେନ୍ସିଆଲ କଲେଜରେ ଆୟୋଜିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ଚାମ୍ପିୟନ ହୋଇଥିଲେ। ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମେ ୩ରୁ ୫ ପର୍ଯ୍ୟନ୍ତ ଭୁବନେଶ୍ୱରର ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜିରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ମଧ୍ୟ ସେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।

୨୦୨୪ ଥିଲା ସାତ୍ତ୍ୱିକଙ୍କ ପାଇଁ ସ୍ମରଣୀୟ ବର୍ଷ। ଏହି ବର୍ଷ ଜୁଲାଇରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ଚେସ୍ ୱାର୍ଲ୍ଡ କପ୍ (୮–୧୨ ବର୍ଷରୁ କମ୍)ର ୮ ବର୍ଷରୁ କମ୍ ଓପନ ବର୍ଗରେ ବ୍ରୋଞ୍ଜ ପଦକ ଜିତି ସେ ରାଜ୍ୟକୁ ଗର୍ବିତ କରିଥିଲେ। ଏହାପରେ ନଭେମ୍ବର ୧୫ରୁ ୨୬ ପର୍ଯ୍ୟନ୍ତ ଇଟାଲୀର ମୋଣ୍ଟେସିଲଭାନେରେ ଆୟୋଜିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍‌ର ୮ ବର୍ଷରୁ କମ୍ ବର୍ଗରେ ସେ ରୌପ୍ୟ ପଦକ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ଚାଇନାର ଗୁଓ ଜିମିଙ୍ଗ୍ ଓ ଅନ୍ୟତମ ଭାରତୀୟ ଡିଭିଥ ରେଡ୍ଡୀଙ୍କ ସମକକ୍ଷ ୯ ପଏଣ୍ଟ ପାଇଥିଲେ। ତେବେ ଟାଇବ୍ରେକ୍ ସ୍କୋରରେ ଡିଭିଥ୍ ଚାମ୍ପିୟନ ଓ ସାତ୍ତ୍ୱିକ ରନରଅପ୍ ହୋଇଥିଲେ ଏବଂ ଜିମିଙ୍ଗ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଏବେ ହରିୟାଣାର ଗୁରଗାଓଁ ରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ଟାଇଟଲ ହାସଲ କରି ଓଡ଼ିଶାର ବିଚକ୍ଷଣ ଚେସ୍ ପ୍ରତିଭାଙ୍କ କ୍ଲବରେ ନିଜକୁ ସାମିଲ କରାଇଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନର ପୂର୍ବତନ ଯୁଗ୍ମ ସମ୍ପାଦକ ତଥା ଆୟକର ବିଭାଗର ବରିଷ୍ଠ ଅଧିକାରୀ ରଞ୍ଜନ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ସାତ୍ତ୍ୱିକଙ୍କୁ ପୁରସ୍କୃତ କରିଥିଲେ। ଜାତୀୟ ଚେସ୍ ଚାମ୍ପିୟନ ହୋଇଥିବାରୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସାତ୍ତ୍ୱିକଙ୍କ ନିକଟକୁ ଏବେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ରଞ୍ଜନ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ବାଟ ଦେଖାଇଥିଲା କୋଭିଡ୍

କୋଭିଡ୍ ମହାମାରୀ ସମୟରେ ବାହାରକୁ ବାହାରିବାକୁ ନେଇ ଅନେକ କଟକଣା ରହିଥିଲା। ଏହି ସମୟ ଅନେକଙ୍କ ଜୀବନ ଦୁର୍ବିସହ କରିଥିବାବେଳେ ସାତ୍ତ୍ୱିକଙ୍କୁ କିନ୍ତୁ ଚେସ୍ ବୋର୍ଡ ଧରିବାକୁ ବାଟ ଦେଖାଇଥିଲା। ଘରେ ବସି ଟିଭିରେ କାର୍ଟୁନ ଦେଖିବାରେ ସମୟ ଅତିବାହିତ କରୁଥିବାରୁ ମା' ସୋନମ ସରିତା ତାଙ୍କୁ ଚେସ୍ ଖେଳିବାକୁ ପ୍ରବର୍ତ୍ତାଇଥିଲେ। ମା'ଙ୍କ କଥାକୁ ଗ୍ରହଣ କରି ସାତ୍ତ୍ୱିକ ଚେସ୍‌କୁ ଆପଣେଇଥିଲେ ଏବଂ ସୋସିଆଲ ମିଡିଆ ମାଧ୍ୟମରେ କିଛି ଜ୍ଞାନ ଆହରଣ କରିଥିଲେ। ମାତ୍ର ଏହା ଯେ ତାଙ୍କୁ ଦିନେ ଜାତୀୟ ଚାମ୍ପିୟନ କରାଇବ ତାହା କେବେ ଭାବି ନ ଥିଲେ। ମାତ୍ର ତୁଳସୀ ଦୁଇ ପତ୍ରରୁ ବାସିବାପରି ସାତ୍ତ୍ୱିକଙ୍କ ପ୍ରତିଭା ମହକିଥିଲା। କିଙ୍ଗ୍ସ ଚେସ୍ ସେଣ୍ଟରରେ ସେ ଚେସ୍‌ର ମୌଳିକତା ଶିକ୍ଷା କରି ସଫଳତାର ସ୍ୱାଦ ଚାଖିଥିଲେ ଏବଂ ପରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ସଂସ୍ପର୍ଶରେ ଆସିବାପରେ ପ୍ରଦର୍ଶନକୁ ମାର୍ଜିତ କରି ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସଫଳତା ହାସଲ କରିଥିଲେ। ତାଙ୍କୁ ବହୁ ଆଗକୁ ନେବାକୁ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ସାତ୍ତ୍ୱିକଙ୍କ ବାପା ସମ୍ବିତ ସ୍ୱାଇଁ।

## ୨୦୨୭ ସୁଦ୍ଧା ଆଇଏମ୍ ଲକ୍ଷ୍ୟ: ବିଶ୍ୱଜିତ୍

ପିଲାବେଳୁ ଘରୋ ମା'ଙ୍କ ନିକଟରୁ ଚେସ୍ ସମ୍ପର୍କରେ ଶିକ୍ଷା ପାଇଥିବା ସାତ୍ତ୍ୱିକ କୋଭିଡ ସମୟରେ କିଙ୍ଗ୍ ଚେସ୍ ଏକାଡେମୀ କୋଚ୍ ବିଶ୍ୱଜିତ ରାୟଙ୍କ ନିକଟରୁ ଅନ୍‌ଲାଇନ୍‌ରେ କୋଚିଂ ନେଇଥିଲେ। ପରେ ୨୦୨୨ ସେପ୍ଟେମ୍ବରରୁ କିଙ୍ଗ୍ ଚେସ୍ ଏକାଡେମୀ ତାଙ୍କ ପ୍ରଶିକ୍ଷଣ କେନ୍ଦ୍ର ପାଲଟି ଯାଇଥିଲା। ସାତ୍ତ୍ୱିକଙ୍କ ଖେଳ ଦେଖି ଦୂରଦ୍ରଷ୍ଟା କୋଚ୍ ବିଶ୍ୱଜିତ ପ୍ରଭାବିତ ହୋଇଥିଲେ ଏବଂ ଏହି ପ୍ରତିଭା ବହୁ ଆଗକୁ ଯିବେ ବୋଲି ଜାଣି ପାରିଥିଲେ। ଏବେ ସାତ୍ତ୍ୱିକ ଯେପରି ଖେଳୁଛନ୍ତି ଯଦି ତାହା ଜାରିରୁହେ ତେବେ ୨୦୨୭ ବେଳକୁ ୧୧ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ କରିପାରିବେ ବୋଲି ପୂର୍ବାନୁମାନ କରୁଛନ୍ତି ବିଶ୍ୱଜିତ। ତେବେ ଏଥିପାଇଁ ସାତ୍ତ୍ୱିକଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ଏବଂ ଦେଶ/ବିଦେଶରେ ଅନେକ ଟୁର୍ନାମେଣ୍ଟରେ ଖେଳିବାକୁ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଅଧୁରା ସ୍ୱପ୍ନ ପୂରଣ କରିବାକୁ ଚାହେଁ: ଦେବାଶିଷ

"୨୦୨୩ ଡିସେମ୍ବର ୮ରେ ସାତ୍ତ୍ୱିକ ମୋ ନିକଟକୁ ଆସିଥିଲେ। ସେବେଠାରୁ ମୋ ସହ ଅଛନ୍ତି। ସେତେବେଳେ ତାଙ୍କ ରେଟିଂ ଥିଲା ୧୨୩୦। ଏବେ ତାଙ୍କ ରେଟିଂ ୧୯୦୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ସେ ଜଣେ କ୍ୱାଲିଟି ଖେଳାଳି। ମୁଁ ସାଧାରଣତଃ ମୋ ଛାତ୍ର ମାନଙ୍କ ସହ ଫଟୋ ନେଇ ନ ଥାଏ। ମାତ୍ର ସାତ୍ତ୍ୱିକଙ୍କୁ ଯେବେ ପ୍ରଥମେ ଦେଖିଲି ତାଙ୍କସହ ଫଟୋ ଉଠାଇବାକୁ ଇଚ୍ଛାହେଲା। ଏ ପିଲା ଦିନେ ବହୁ ଆଗକୁ ଯିବ ବୋଲି ମୋର ଅନୁଭବ ହୋଇଥିଲା। ଏବେ ତାହା ସତ ହେବାକୁ ଲାଗିଛି। ୧୩ ବର୍ଷରେ ମୁଁ ଆର.ବି. ରମେଶଙ୍କଠାରୁ ଗ୍ରାଣ୍ଡମାଷ୍ଟର ଟ୍ରେନିଂ ନେବା ଆରମ୍ଭ କରିଥିଲି। ଆର୍ଥିକ ସଙ୍କଟରୁ ଆରମ୍ଭକରି ସେତେବେଳେ ମୁଁ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲି। ତେବେ ଜୀବନରେ ଅନେକକିଛି ହାସଲ କରିଛି ଏବଂ ଆହୁରି ଅନେକ ବାକି ରହିଛି। ମୁଁ ସେତେବେଳେ ଖେଳରେ ଯେଉଁ ତ୍ରୁଟି କରିଥିଲି ତାହା ସାତ୍ତ୍ୱିକଙ୍କ ଖେଳରେ ସୁଧାରିବାକୁ ଚେଷ୍ଟା କରୁଛି। ସାତ୍ତ୍ୱିକଙ୍କ ମାଧ୍ୟମରେ ମୁଁ ମୋ ମନର ଅଭିଳାଷ ପୂରଣ ସହ ଅଧୁରା ସ୍ୱପ୍ନକୁ ସାର୍ଥକ କରିବାକୁ ଚାହେଁ। ସେ ୧୪ ବର୍ଷରେ ଗ୍ରାଣ୍ଡମାଷ୍ଟର ହୁଅନ୍ତୁ ଏବଂ ୧୮ ବର୍ଷ ବେଳକୁ ତାଙ୍କ ରେଟିଂ ୨୭୦୦ ସ୍ପର୍ଶ କରୁବୋଲି ମୁଁ ଚାହୁଁଛି। ତାଙ୍କୁ ଏବେ ସରକାରୀ ଏବଂ ବେସରକାରୀ ସ୍ତରରୁ ସପୋର୍ଟ ଆବଶ୍ୟକ ହେଉଛି। କୌଣସି ନିର୍ଦ୍ଦିଷ୍ଟ ଗେମ୍‌ରେ ସୁଧାର ନୁହେଁ ବରଂ ତାଙ୍କୁ ଜଣେ କମ୍ପ୍ଲିଟ୍ ଚେସ ଖେଳାଳିଭାବେ ପରିଣତ କରିବାକୁ ମୋର ଇଚ୍ଛା ଅଛି" ବୋଲି ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ପ୍ରକାଶ କରିଛନ୍ତି।



କୋଚ୍ ବିଶ୍ୱଜିତ ରାୟ ଓ ଦେବାଶିଷ ଦାସଙ୍କ ସହ ସାତ୍ତ୍ୱିକ।

# ଆଶାରେ ସମ୍ବିତ୍



ମୁମ୍ବାଇରେ ଅନୁଷ୍ଠିତ ସର୍ବପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଓଡ଼ିଶାର ୪ ଖେଳାଳି ବିଭିନ୍ନ ଦଳର ପ୍ରତିନିଧିତ୍ୱ କରିଥିଲେ। ହାଇଦ୍ରାବାଦ୍ ହିରୋଜ୍ ପକ୍ଷରୁ ଖେଳିଥିବା ସମ୍ବିତ୍ ପ୍ରଧାନ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଅନେକ ବିଦେଶୀ ଓ ତାରକା ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ସେ ଦଳର ନିୟମିତ ସଦସ୍ୟ ଥିଲେ...

ମୁମ୍ବାଇରେ ଅନୁଷ୍ଠିତ ସର୍ବପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ(ଆର୍‌ପିଏଲ୍)ରେ ଓଡ଼ିଶାର ୪ ଖେଳାଳି ବିଭିନ୍ନ ଦଳର ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ ସମ୍ବିତ ପ୍ରଧାନ ଅନ୍ୟତମ। ସମ୍ବିତ ସାମିଲଥିବା ହାଇଦ୍ରାବାଦ୍ ହିରୋଜ୍ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ଲିଗ୍ ପର୍ଯ୍ୟାୟରେ ଦଳ ୧୦ ମ୍ୟାଚରୁ ୯ ବିଜୟ ଓ ୧ ପରାଜୟ ସହ ୩୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ଦଳର ସଫଳ ପ୍ରଦର୍ଶନ ପଛରେ ଜୋଜି ନାସୋଭା, କେଭିନ ୱେକେସା, ଟେରିଓ ଟାମାନିଙ୍କ ଭଳି ବିଦେଶୀ ମାର୍କା ଖେଳାଳିଙ୍କ ସହ ଜାଭେଦ ହୁସେନ ଓ ସୁକୁମାର ହେମ୍ବ୍ରମ୍‌ଙ୍କ ଭଳି ଭାରତୀୟ ଖେଳାଳିଙ୍କ ଅବଦାନ ମଧ୍ୟ ରହିଥିଲା। ଫରୱାର୍ଡ ସମ୍ବିତ୍ ପ୍ରଧାନ ଦଳର ନିୟମିତ ଖେଳାଳି ପାଲଟିଥିଲେ। ଦଳ ପାଇଁ ସେ ସମସ୍ତ ମ୍ୟାଚ୍ ଖେଳିଥିଲେ।

ଦଳର ଲକର ରୁମ୍ ପରିବେଶ ସମ୍ପର୍କରେ ସମ୍ବିତ୍ କହିଛନ୍ତି, ଆମ ଦଳ ମଧ୍ୟରେ ଖୁବ୍ ଭଲ ପରିବେଶ ରହିଥିଲା। ଆମେ ଯଦିଓ ବେଙ୍ଗାଲୁରୁ ବ୍ରେଭହାର୍ଟ୍‌ଠାରୁ ପରାଜିତ ହୋଇଥିଲୁ ତେବେ କେହି ଆମ ଭୁଲ୍‌କୁ ଧରି ନଥେ କିମ୍ବା ପରାଜୟ ଲାଗି କାହାକୁ ଦାୟୀ କରି ନ ଥିଲେ। ଏପରିକି ଆମ କୋଚ୍ ଡିଜେ ଫୋର୍ବ୍ସ ଆମ ମନୋବଳକୁ ଉପରେ ରଖିବା ପାଇଁ ବର୍ଗର ପାର୍ଟି ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍ ଲାଗି ଆମ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲୁ। ଆର୍‌ପିଏଲ୍ ଯୋଗୁ ଭାରତୀୟ ଖେଳାଳିଙ୍କ ଉପରେ ବିଦେଶୀ ଖେଳାଳିଙ୍କ ପ୍ରଭାବ ସମ୍ପର୍କରେ ସେ ପ୍ରକାଶ କରି କହିଛନ୍ତି ମୁଁ କଦାପି ଚିନ୍ତା କରି ନ ଥିଲି ଯେ, ମୁଁ ଏବେ ବଡ଼ ବଡ଼ ଅନ୍ତର୍ଜାତୀୟ ରଗ୍‌ବୀ ଷ୍ଟାରଙ୍କ ସହ ଖେଳିବି। ସେମାନଙ୍କୁ ମୁଁ ପୂର୍ବରୁ କେବଳ ଟିଭିରେ ଦେଖିଥିଲି। ଟେକ୍‌ନିକାଲି ସେମାନେ ବହୁତ ଭଲ। ସେମାନେ ସର୍ବଦା ନିଜ ବେସିକ୍ ଉପରେ ଧ୍ୟାନ ଦିଅନ୍ତି। ମ୍ୟାଚ୍ ଖେଳିଲାବେଳେ ସେମାନେ ଖୁବ୍ ଶାନ୍ତ ରୁହନ୍ତି। ଏଣୁ ସେମାନେ ଭୟଭୀତ ହୁଅନ୍ତି ନାହିଁ। ଏଥିଯୋଗୁ ସେମାନଙ୍କର ଭୁଲ୍ କମ୍ ହୁଏ। ଆମେ ଭାରତୀୟ ଖେଳାଳିମାନେ ନିଜ ତ୍ରୁଟିକୁ ଯଥାସମ୍ଭବ କମ୍ କରିବାକୁ ଚେଷ୍ଟା କରୁଛୁ। ଆମକୁ ଶୀର୍ଷସ୍ତରର ଖେଳ ପ୍ରଦର୍ଶନ କରିବା ଦରକାର। ସେ ପୁଣି ଆର୍‌ପିଏଲ୍ ସମ୍ପର୍କରେ କହିଛନ୍ତି, ଆଗାମୀ ୩ରୁ ୪ ବର୍ଷରେ ଆର୍‌ପିଏଲ୍ ଯୋଗୁ ନୂଆ ଭାରତୀୟ ଖେଳାଳି ଆଗକୁ ଆସିବେ। ଏହି ଲିଗ୍ ଜରିଆରେ ସେମାନେ ନିଜ ସ୍କିଲ ସୁଧାରିବେ ଓ ସେମାନଙ୍କ ପ୍ରତିଭା ପ୍ରଦର୍ଶିତ କରିବେ। ଯେମିତି ମୋ ସାଥୀ ଖେଳାଳି ଜାଭେଦ ହୁସେନ ଖୁବ୍ ଭଲ କରୁଛନ୍ତି ଏବଂ ନିଜ ପ୍ରଦର୍ଶନ ବଳରେ ଲୋକପ୍ରିୟତା ହାସଲ କରିଛନ୍ତି। ଏପରି ଆହୁରି ଅନେକ ଖେଳାଳି ଲୋକଲୋଚନକୁ ଆସିବେ।

୨୭ ବର୍ଷୀୟ ସମ୍ବିତ୍‌ଙ୍କ ଘର କଟକ ଜିଲା ଅଡଶପୁର। ସେ ଏକ ଚାଷୀ ପରିବାରରୁ ଆସିଛନ୍ତି। ସେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ କଲେଜରେ ପଢ଼ିବା ବେଳେ ରଗ୍‌ବୀ ସହ ପରିଚିତ ହୋଇଥିଲେ। ଏଠାରୁ ତାଙ୍କ ରଗ୍‌ବୀ ଅଭିଯାନ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ଯେ, କଲେଜରେ ଜଣେ ସିନିୟର ମୋତେ ରଗ୍‌ବୀ ଖେଳିବାକୁ କହିଥିଲେ। ମୁଁ ଇଚ୍ଛୁକ ନ ଥିଲି। କିନ୍ତୁ ସେ ମୋତେ କହିଥିଲେ ଯେ, ତୁମକୁ ଷ୍ଟାଡିୟମରେ ଖେଳିବାକୁ ମିଳିବ। ଏହା ମୋ ଉତ୍ସାହ ବଢ଼ାଇ ଦେଇଥିଲା। କାରଣ ମୁଁ ପୂର୍ବରୁ କୌଣସି ଷ୍ଟାଡିୟମରେ କୌଣସି ପ୍ରକାର ଖେଳ ଖେଳି ନ ଥିଲି। ଏମିତି ମୁଁ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ଏହାପରେ ମୁଁ ଓଡ଼ିଶା ପାଇଁ ଜାତୀୟ ସିନିୟର ସ୍ତରରେ ଖେଳିଥିଲି ଏବଂ ମୋ ରଗ୍‌ବୀ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୧୫ରେ ମୁଁ ଜାତୀୟ ସିନିୟର ପ୍ରତିଯୋଗିତା ଲାଗି ବିହାର ଯାଇଥିଲି, ଯେଉଁଠାରେ ମୁଁ ନିଜ ଗେମ୍‌କୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଥିଲି। ମୋ ଦଳରେ ମୁଁ ସବୁଠୁ ଯୁବ ଖେଳାଳି ଥିଲି ଏବଂ ନିଜକୁ ପ୍ରମାଣିତ କରିବାକୁ ଚାହୁଁଥିଲି। ସମ୍ବିତ୍ ନିଜ ରାଜ୍ୟ ଓ କ୍ଲବ ପାଇଁ ନିୟମିତ ଭାବେ ଟୁର୍ନାମେଣ୍ଟରେ ଖେଳୁଛନ୍ତି। ୨୦୧୯ରେ ସେ ଆହତ ହୋଇଥିଲେ। ଏଥିଯୋଗୁ ୩ ବର୍ଷ ତାଙ୍କୁ ରଗ୍‌ବୀଠାରୁ ଦୂରେଇ ରହିବାକୁ ପଡ଼ିଥିଲା। 'ମୁଁ ଅମ୍ରିତ୍‌ସରରେ ଏକ ଟୁର୍ନାମେଣ୍ଟରେ ଖେଳୁଥିବା ବେଳେ ମୋ ହାତ ଭାଙ୍ଗିଯାଇଥିଲା। ଏଥିଯୋଗୁ ମୋତେ ୩ ବର୍ଷ ଖେଳଠାରୁ ଦୂରେଇ ରହିବାକୁ ପଡ଼ିଥିଲା। ମୋର ସରକାରୀ ହସ୍ପିଟାଲରେ ଅପରେଶନ କରାଯାଇଥିଲା। ମୁଁ ପୁଣି ଥରେ ରଗ୍‌ବୀ ଖେଳିପାରିବି କି ନାହିଁ ଚିନ୍ତାରେ ଥିଲି। କିନ୍ତୁ ମୁଁ ରଗ୍‌ବୀ ଖେଳିବା ଜାରି ରଖିପାରିବି ବୋଲି ମୋତେ ଡାକ୍ତରମାନେ ଆଶ୍ୱାସନା ଦେଇଥିଲେ, ଯାହାକି ମୋ ଆତ୍ମବିଶ୍ୱାସ ବଢ଼ାଇଥିଲା। ଏହାପରେ ମୁଁ ଏକ ସ୍କୁଲରେ ପାର୍ଟଟାଇମ୍ ଜବ୍ କରିବା ସହ ମୋ ରିକଭରି ଉପରେ କଠିନ ପରିଶ୍ରମ କରିଥିଲି। ସେହି ସ୍କୁଲରେ ପିଲାମାନଙ୍କୁ ମୁଁ ବିଭିନ୍ନ ଖେଳ ସମ୍ପର୍କରେ ଶିଖାଉଥିଲି। ୨୦୨୨ରେ ମୁଁ ପୁଣି ଥରେ ଭୁବନେଶ୍ୱର ରଗ୍‌ବୀ କ୍ଲବ ପାଇଁ ଖେଳିବା ଆରମ୍ଭ କରିଥିଲି, ଯାହାଫଳରେ ମୁଁ ଆଜି ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଖେଳିପାରୁଛି ବୋଲି ସେ ପ୍ରକାଶ କରିଛନ୍ତି।

## ସ୍ମରଣୀୟ

ବିଗ୍ ଉଇକେଟ ଡକେଟ ପଛକୁ
ହ୍ୟାରୀ ଉଇକେଟ ନେଇ
ଶାର୍ଦ୍ଦୂଳ ଠାକୁର ବ୍ରେକ୍ ଥ୍ରୁ ଗିଲ୍‌ର
ମନ ଟାଣ କଲା ଭାଇ
ଜେମି, ରୁଟ୍ ଦେଲେ ଥୋଇ
ଚାମ୍ପ ମାରି ଡ୍ୟାମ୍ପ କଲେ, ଇଂଲଣ୍ଡକୁ
ସ୍ମରଣୀୟ ୱିନ୍ ଦେଇ।

ବାଇଶ ବର୍ଷୀୟ ଆମ ତିଳକ ବର୍ମା
ହାମ୍ପଶାୟାର ପାଇଁ ଖେଳି
କାଉଣ୍ଟି ଚାମ୍ପିୟନଶିପ୍
ପଦାର୍ପଣ ମ୍ୟାଚରେ
ଶହେ କଲା ମାର ତାଳି
ଇଏ ସ୍ମରଣୀୟ ପାଳି
ଚାରି ଦିନିକିଆ ପଚିଶ ଟିମ୍ବେଣ୍ଟି
ଖେଳି ଟୋକା ଯାଏ ଜଳି।



ନ' ବର୍ଷରୁ କମ୍ ଜାତୀୟ ଓପନ ଚେସ୍
ଓଡ଼ିଶା ସାତ୍ତ୍ୱିକ ସ୍ୱାଇଁ
ତିନିଶ ଅଠର ଖେଳାଳିଙ୍କୁ କାଟି
ଚାମ୍ପିୟନ ଏଇ କଇଁ
ଡିଜିଟାଲ ପଛେ ଧାଇଁ
କିଶୋର ଏଣ୍ଡ ୟୁଥ୍ ଫ୍ୟୁଚର ଡ୍ୟାମେଜ
ମୋବାଇଲ ଚାହିଁ ଚାହିଁ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୪/୨୦୨୫ Bhubaneswar, Friday, July 4/ 2025

# ଭାରତ ୫୮୭ ; ଇଂଲଣ୍ଡ ୭୭/୩

**ବର୍ମିଂହାମ,୩।୭**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ମାରାଥନ ୨୬୯ ରନର ପାଳି ଯୋଗୁ ଭାରତୀୟ ଦଳ ପ୍ରଥମ ଇନିଂସରେ ୫୮୭ ରନରେ ଅଲଆଉଟ୍ ହୋଇଛି। ଜବାବରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୩ ଉଇକେଟ ହରାଇ ୭୭ ରନ କରିଛି। ଜ୍ୟାକ କ୍ରଲି ୧୯ ରନ କରି ଆଉଟ୍ ହୋଇଥିବା ବେଳେ ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିବା ଦୁଇ ବ୍ୟାଟର ବନ ଡକେଟ ଏବଂ ଓଲି ପୋପ୍

## ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ

ଖାତା ଖୋଲିନପାରି ନଥିଲେ। ଭାରତ ପକ୍ଷରୁ ଆକାଶ ଦୀପ ଦୁଇଟି ଓ ମହମ୍ମଦ ସିରାଜ ଗୋଟିଏ ଉଇକେଟ ନେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଜୋ ରୁଟ ୧୮ ଓ ହ୍ୟାରୀ ବ୍ରୁକ ୩୦ ରନରେ ଅପରାଜିତ ଅଛନ୍ତି। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ ଇଂଲଣ୍ଡକୁ ୫୧୦ ରନ ଦରକାର ଥିବା ବେଳେ ଦଳ ହାତରେ ୭ ଉଇକେଟ ରହିଛି।

ଗୁରୁବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୧୦/୫ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଗିଲ୍ ଓ ରବୀନ୍ଦ୍ର ଜାଡେଜା ସତର୍କତା ସହିତ ଦିନର ପ୍ରଥମ ସେଶନରେ ଖେଳିଥିଲେ। ଦୁହେଁ ଷଷ୍ଠ ଉଇକେଟ ପାଇଁ ୨୦୩ ରନର ଭାଗୀଦାରି କରିଥିଲେ। ଜାଡେଜା ୧୩୭ ବଲରେ ୧୦ ଚୌକା ଓ ୧ ଛକା ସହିତ ୮୯ ରନ କରି ଆଉଟ୍ ହୋଇଥିଲେ। ଜାଡେଜା ପ୍ୟାଭିଲିଅନ ଫେରିବା ପରେ ଗିଲ୍‌ଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱାଶିଂଟନ ସୁନ୍ଦର। ଗୋଟିଏ ପକ୍ଷରୁ ଗିଲ୍ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ସୁନ୍ଦର ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳିଥିଲେ। ଦୁଇ ବ୍ୟାଟର ସପ୍ତମ ଉଇକେଟରେ ଦଳୀୟ ସ୍କୋରରେ ୧୪୪ ରନ ଯୋଡ଼ିଥିଲେ। ଇତିମଧ୍ୟରେ ଗିଲ୍ ଦ୍ୱିଶତକ ପୂରଣ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଦ୍ୱିଶତକ ଥିବା ବେଳେ ସେ ଭାରତର ପଞ୍ଚମ ଟେଷ୍ଟ ଅଧିନାୟକ ଭାବେ ଦ୍ୱିଶତକ ହାସଲ କରିଥିଲେ। ଭଲ ବ୍ୟାଟିଂ କରୁଥିବା ସୁନ୍ଦରଙ୍କୁ ଜୋ ରୁଟ୍ କ୍ଲିନ ବୋଲ୍ଡ କରିଥିଲେ। ସୁନ୍ଦର ୩ ଚୌକା ଓ ୧ ଛକା ସହିତ ୪୨ ରନ କରି ଆଉଟ୍ ହୋଇଥିଲେ। ଟୀ' ପାନ ବିରତି ପରେ ଗିଲ୍ ଟଙ୍ଗଙ୍କ ଏକ ସର୍ଟ ପିଚ୍ ବଲକୁ ପୁଲ ମାରିବାକୁ ଯାଇ ସ୍କୋୟାର ଲେଗ୍‌ରେ ଓଲି ପୋପ୍‌ଙ୍କ ହାତରେ ଧରା ପଡ଼ିଥିଲେ। ସେ ଆଉଟ୍ ହେବା ପୂର୍ବରୁ ୩୮୭ ବଲରେ ୩୦ ଚୌକା ଓ ୩ ଛକା ସହିତ ୨୬୯ ରନ କରିଥିଲେ। ଏହାପରେ କ୍ରମାଗତ ବ୍ୟବଧାନରେ ଆକାଶ ଦୀପ (୬) ଓ ମହମ୍ମଦ ସିରାଜ (୮) ଆଉଟ୍ ହୋଇଥିଲେ। ପ୍ରସିଦ୍ଧ କ୍ରିଷ୍ଣା ୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବସୀର ସର୍ବାଧିକ ୩ଟି ଉଇକେଟ ନେଇଥିବା ବେଳେ କ୍ରିସ ୱକ୍ସ ଓ ଜୋଶ ଟଙ୍ଗ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ଉଲ୍ଲସିତ ଆକାଶ ଦୀପ୍।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୮୭/ଅଲଆଉଟ୍ (ଶୁବମନ ଗିଲ-୨୬୯, ରବୀନ୍ଦ୍ର ଜାଡେଜା-୮୯, ଯଶସ୍ୱୀ ଜୟସ୍ୱାଲ-୮୭, ୱାଶିଂଟନ ସୁନ୍ଦର-୪୨, କ୍ରିସ ୱକ୍ସ-୨/୮୧, ଜୋଶ ଟଙ୍ଗ-୨/୧୧୯, ଶୋଏବ ବସୀର-୩/୧୬୭)। ଇଂଲଣ୍ଡ ପ୍ରଥମ ଇନିଂସ: ୨୦ ଓଭରରେ ୭୭/୩ (ହ୍ୟାରୀ ବ୍ରୁକ-୩୦*, ଜୋ ରୁଟ-୧୮*, ଜ୍ୟାକ କ୍ରଲି-୧୯, ଆକାଶ ଦୀପ-୨/୩୬, ମହମ୍ମଦ ସିରାଜ-୧/୨୧)।

# ମିଳିତ ଶୀର୍ଷରେ ଗୁକେଶ

**ଜାଗ୍ରେଭ,୩।୭(ପି.ଟି.)**

ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ ଲଗାତର ଦୁଇ ବିଜୟ ସହ ସୁପର ୟୁନାଇଟେଡ୍ ରାପିଡ ଆଣ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ଦିନ ଶେଷ ସୁଦ୍ଧା ମିଳିତ ଶୀର୍ଷରେ ରହିଛନ୍ତି। ତାଙ୍କ ସହିତ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନ, ପୋଲାଣ୍ଡର ଡୁଦାଜାନ-କ୍ରିଜସଟଫ ଓ ଆମେରିକାର ୱେସଲେ ସୋ ଶୀର୍ଷରେ ରହିଛନ୍ତି।

ଡୁଦାଙ୍କଠାରୁ ମିଳିଥିବା ପରାଜୟ ସହ ଦିନ ଆରମ୍ଭ କରିଥିବା ଗୁକେଶ ଦ୍ୱିତୀୟ ମ୍ୟାଚ୍‌ରେ ଫ୍ରାନ୍ସର ଅଲିରେଜା ଫିରୌଜା ଓ ଭାରତର ଅନ୍ୟତମ ଖେଳାଳି ଆର ପ୍ରଜ୍ଞାନନ୍ଦଙ୍କୁ ହରାଇଛନ୍ତି। ତାଙ୍କ ପାଖରେ ୪ ପଏଣ୍ଟ ରହିଛି। ନରୱେର କ୍ଲାସେନ ପ୍ରଥମ ମ୍ୟାଚ୍‌ରେ ୱେସଲେ ସୋଙ୍କୁ ପରାସ୍ତ କରିଥିବା ବେଳେ ବଳକା ଦୁଇଟି ମ୍ୟାଚ୍‌କୁ ଡ୍ର' ରଖିଥିଲେ। ଗୁକେଶଙ୍କ ଭଳି ୱେସଲେଙ୍କୁ ମଧ୍ୟ ଗୋଟିଏ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ଆମେରିକାର ଫାବିଆନୋ କାରୁଆନା ଓ ହଲାଣ୍ଡର ଅନୀଶ ଗିରିଙ୍କୁ ପରାସ୍ତ କରିଥିଲେ। ଫର୍ମରେ ଥିବା ପ୍ରଜ୍ଞାନନ୍ଦଙ୍କ ଲାଗି ଆଜି ଏକ କଷ୍ଟକର ଦିନ ରହିଥିଲା। ସେ ଗୁକେଶଙ୍କଠାରୁ ପରାସ୍ତ ହୋଇଥିବା ବେଳେ ଫିରୌଜା ଓ ଉଜ୍‌ବେକିସ୍ତାନର ନୋଡିର୍ବେକ ଆବଦୁସାଟୋରୋଭଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିଲେ।

# ପୂର୍ବତନ ଫୁଟବଲରଙ୍କ ପରଲୋକ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ସୁକାନ୍ତ ଦତ୍ତରାୟଙ୍କର କଟକସ୍ଥିତ ସୂତାହାଟ ବାସଭବନରେ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି। ଦ୍ୱିତୀୟ ଝିଅ ବେଙ୍ଗାଲୁରୁରୁ ଆସିବାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଦତ୍ତରାୟ ଜାତୀୟ ଫୁଟବଲ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଅନେକ ବର୍ଷଧରି ପ୍ରତିନିଧିତ୍ୱ କରିଥିଲେ। ପରେ ସେ ଓଡ଼ିଶା ସିନିୟର ଫୁଟବଲ ଦଳର କୋଚ୍ ମଧ୍ୟ ଥିଲେ। ଏହା ବ୍ୟତୀତ ସେ ଜୟଦୁର୍ଗା ଏବଂ ରୋହିତ ଏକାଡେମୀରେ କୋଚ୍‌ଭାବେ କାର୍ଯ୍ୟ କରିଥିଲେ। ଦତ୍ତରାୟ ଏବଂ ତାଙ୍କ ସ୍ତ୍ରୀ ଉଭୟେ ଭୁବନେଶ୍ୱରସ୍ଥିତ ଏଜି ଅଫିସରେ କାର୍ଯ୍ୟ କରୁଥିଲେ। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସହ ସମସ୍ତ କର୍ମକର୍ତ୍ତା, ଭୁବନେଶ୍ୱର ଫୁଟବଲ ପ୍ଲେୟର୍ସ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ତଥା ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।



ସୁକାନ୍ତ ଦତ୍ତରାୟ

# ଦଣ୍ଡସେନା, ସୁସ୍ମିତା, ସୁମନଙ୍କୁ ସ୍ୱର୍ଣ୍ଣ



ଅଶୋକ ଦଣ୍ଡସେନା



ସୁସ୍ମିତା ଟିଗା



ସୁମନ ଶେଖର ଦାସ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

## ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ

ଇଂଲଣ୍ଡର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶାର ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗାଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ଗୁରୁବାର ଏହି ଦୁଇ ଆଥ୍‌ଲେଟ୍ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଦଣ୍ଡସେନା ପୁରୁଷ ୧୫୦୦ ମିଟର ରେସ୍‌ରେ ୪:୧୩.୨୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସୁସ୍ମିତା ମହିଳା ୧୫୦୦ ମିଟରରେ ୪:୩୭.୯୧ ସେକେଣ୍ଡ ସହିତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ପୁରୁଷ ୮୦୦ ମିଟରରେ ଦଣ୍ଡସେନା ସ୍ୱର୍ଣ୍ଣ ଓ ମହିଳା ୮୦୦ ମିଟରରେ ସୁସ୍ମିତା ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ସ୍ୱର୍ଣ୍ଣିମ ଅଭିଯାନରେ ଆଉଜଣେ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଦଣ୍ଡସେନା ଓ ସୁସ୍ମିତା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି।

# ସମ୍ବର୍ଦ୍ଧିତ ହେବେ ୧୦ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ):** ପୁରୀର ପ୍ରଥମ କୁସ୍ତିଗୁରୁ ଭାବେ ପରିଚିତ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଚଳିତ ମାସ ୧୨ ତାରିଖରେ ୧୦ମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ଓ କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କ୍ରୀଡ଼ାବିତ୍‌ମାନେ ହେଲେ ଉଷ୍ଣୁ ସାମରିକ କଳା ପାଇଁ ଯୁଗ୍ମ ଭାବେ ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ, କୁସ୍ତିରେ ରୋହିତ୍ ସାମଲ, ଫୁଟ୍‌ବଲ ପାଇଁ ଇପ୍‌ସିତା ରାଉତ, ବନ୍ଧୁକ ଚାଳନା ପାଇଁ କଣିକା ପ୍ରଧାନ ଓ ମୁକୁନ୍ଦ ବରାଳ ସ୍ମାରକୀ ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ୍ସ ପାଇଁ ସମୀକ୍ଷା ସ୍ମରଣିକା। ସେହିପରି କ୍ରୀଡ଼ାଗୁରୁ ଭାବେ କୁସ୍ତିଗୁରୁ କଣ୍ଟୁରି ମହାସୁଆର, ଉଷ୍ଣୁ କ୍ରୀଡ଼ା ପାଇଁ ପୃଥ୍ୱୀରାଜ ହରିଚନ୍ଦନ, ଫୁଟ୍‌ବଲରେ ଉର୍ମିଳା କୁମାରୀ ଦାସ, ମିନି ଗଲ୍ଫ ପାଇଁ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସାମରିକ କଳା ପାଇଁ ବାସୁଦେବ ସାହୁଙ୍କୁ ସମ୍ମାନିତ କରାଯିବ ବୋଲି ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ପୀୟୂଷ ମହାନ୍ତି ଓ କୈବଲ୍ୟ ବରାଳ ସୂଚନା ଦେଇଛନ୍ତି। ଉତ୍ସବରେ ସାଂସ୍କୃତିକ ଅନୁଷ୍ଠାନ ସୁର ତରଙ୍ଗ ପକ୍ଷରୁ ଦିବଙ୍ଗତ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

# ଜାତୀୟ ସିନିୟର ମିନିଗଲ୍ଫରେ ଓଡ଼ିଶାର ସଫଳତା



ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସହ ଜାତୀୟ ସିନିୟର ମିନିଗଲ୍ଫରେ ସଫଳତା ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

ନାଗପୁରରେ ଅନୁଷ୍ଠିତ ୧୦ମ ଜାତୀୟ ସିନିୟର ମିନିଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ବର୍ଗରେ ଓଡ଼ିଶା ଦ୍ୱିତୀୟ ଓ ପୁରୁଷ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛି। ମିକ୍ସ ଡବଲ୍ସ ଇଭେଣ୍ଟରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବ୍ୟକ୍ତିଗତ ମହିଳା ବର୍ଗରେ ଲତା ସମର୍ଥ ସ୍ୱର୍ଣ୍ଣ ଜିତିଥିବାବେଳେ ଆନିକା ପଟ୍ଟନାୟକ ବ୍ରୋଞ୍ଜ ପାଇଛନ୍ତି। ମହିଳା ଦଳଗତ ଇଭେଣ୍ଟରେ ଅଭିପ୍ସା ପଣ୍ଡା, ସୌମ୍ୟଶ୍ରୀ ରଥ, ଆନିକା ପଟ୍ଟନାୟକ, ଅଦିତି ପଟେଲ, ରେଶମା ମାଝୀ, ଆୟେସା ଘଟୁଆଲୋ ରୌପ୍ୟ ପଦକ ଜିତିଛନ୍ତି। ମହିଳା ଡବଲ୍ସରେ ସୌମ୍ୟଶ୍ରୀ ରଥ ଓ ଅଭିପ୍ସା ପଣ୍ଡାଙ୍କୁ ରୌପ୍ୟ ଏବଂ ପୁରୁଷ ଡବଲ୍ସରେ କୁମାର ଦେବଦତ୍ତ ଓ କୁମାର ଦେବଜିତଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ସ୍ପିଡ୍ ମିନିଗଲ୍ଫ ଇଭେଣ୍ଟରେ ଅଭିପ୍ସା ପଣ୍ଡା, ଲତା ସମର୍ଥ, ରେଶମା ମାଝି, ଅଦିତି ପଟେଲ, ଆୟଶା ଘଟୁଆଲୋ ଓ ସ୍ମରଣୀକା ମହାନ୍ତିଙ୍କୁ ନେଇ ଗଠିତ ମହିଳା ଦଳ ରୌପ୍ୟ, ମିକ୍ସଡ ଡବଲ୍ସରେ କୁମାର ଦେବଜିତ ଓ ଆନିକା ପଟ୍ଟନାୟକ ବ୍ରୋଞ୍ଜ ଜିତିଛନ୍ତି। ଓଡ଼ିଶା ଦଳ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାପରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏସ୍‌ଡି ସ୍ୱରୂପାନନ୍ଦ ସାହୁ, ଅର୍ଥ ପରାମର୍ଶଦାତା ନେଲସାନ ଲାକଡ଼ା ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜୋକୋଭିଚ୍, ଆନ୍ଦ୍ରିଭା ୩ୟ ରାଉଣ୍ଡରେ

**ଲଣ୍ଡନ,୩।୭ (ପି.ଟି.)**

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍ ୱିମ୍ବଲେଡନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଷଷ୍ଠ ସିଡ୍ ଜୋକୋଭିଚ୍ ୬-୩, ୬-୨, ୬-୦ ସିଧାସଳଖ ସେଟ୍‌ରେ ବ୍ରିଟେନର ଡାନ ଇଭାନ୍ସଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୧୧ତମ ସିଡ୍ ଆଲେକ୍ସ ଡି ମିନାଉର ୪-୬, ୬-୨, ୬-୪, ୬-୦ ସେଟ୍‌ରେ ଆର୍ଥର କାଜାକ୍ସଙ୍କୁ ଓ ୧୫ତମ ସିଡ୍ ଜ୍ୟାକବ ମେନସିକ ୬-୪, ୩-୬, ୬-୪, ୭-୬(୭/୪) ସେଟ୍‌ରେ ମାର୍କସ ଗିରୋନଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମିଓମିର କେସମାନୋଭିକ୍ ୧-୬, ୬-୩, ୬-୨, ୬-୪ ସେଟ୍‌ରେ ଜେସ୍ପର ଡି ଜଙ୍ଗଙ୍କୁ, ୨୨ତମ ସିଡ୍ ଫ୍ଲାବିଓ କୋବୋଲି ୬-୧, ୭-୬(୮/୬), ୬-୨ ସେଟ୍‌ରେ ବ୍ରିଟେନର ଜ୍ୟାକ ପିନିଂଟନ ଜୋନ୍ସଙ୍କୁ ହରାଇଛନ୍ତି।

ମହିଳା ସିଙ୍ଗଲ୍ସରେ ସ୍ୱଳ୍ପ ବୟସ୍କା ତଥା ୭ମ ସିଡ୍ ରୁଷିଆର ମୀରା ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୋର୍ଟ ନମ୍ବର-୧ରେ ସେ ବିଶ୍ୱର ୬୩ ନମ୍ବର ଖେଳାଳି ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ୬-୧, ୭-୬ (୭-୪)ରେ ହରାଇ ଦେଇଛନ୍ତି। ସେହିଭଳି ଅଷ୍ଟମ ସିଡ୍ ଇଗା ସ୍ୱିଟେକ ୫-୭, ୬-୨, ୬-୧ରେ କାଟି ମ୍ୟାକନାଲିଙ୍କୁ, ୧୦ମ ସିଡ୍ ଏମା ନାଭାରୋ ୬-୧, ୬-୨ରେ ଭେରୋନିକା କୁଦରମେତୋଭାଙ୍କୁ, ୧୧ତମ ସିଡ୍ ଏଲିନା ରିବାକିନା ୬-୩, ୬-୧ରେ ମାରିଆ ସାକାରିଙ୍କୁ, ୧୭ତମ ସିଡ୍ ବାର୍ବୋରା କ୍ରେଜିକୋଭା ୬-୪, ୩-୬, ୬-୨ରେ କାରୋଲିନ ଡୋଲହାଇଡ୍, ୧୮ତମ ସିଡ୍ ଏକାଟେରିନା ଆଲେକଜାଣ୍ଡ୍ରୋଭା ୬-୪, ୬-୦ରେ ସୁଜାନ ଲାମେନ୍ସଙ୍କୁ, ୧୯ତମ ସିଡ୍ ଲ୍ୟୁଦମିଲା ସାମସୋନୋଭା ୬-୨, ୬-୧ରେ ୟୁଲିଆ ଷ୍ଟାରୋଡବତ୍ସେଭାଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ଜସ୍ମିନ ପାଓଲିନି ୬-୪, ୪-୬, ୪-୬ରେ କମିଲା ରଖିମୋଭାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

**ବାଲାଜୀ ଦ୍ୱିତୀୟ ରାଉଣ୍ଡରେ:** ଭାରତର ଏନ୍ ଶ୍ରୀରାମ ବାଲାଜୀ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ ରେୟେସ-ଭରେଲା ପୁରୁଷ ଡବଲ୍ସ ଇଭେଣ୍ଟରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ମୀରା ଆନ୍ଦ୍ରିଭା

# ଭାରତରେ ଖେଳିପାରିବ ପାକିସ୍ତାନ ହକି ଦଳ

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଆସନ୍ତା ମାସରେ ଭାରତରେ ହେବାକୁ ଥିବା ଏସିଆ କପ୍ ଏବଂ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିପାରିବ। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ସତ୍ତ୍ୱେ ଏହ ଦେଶକୁ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବାରଣ କରାଯାଇପାରିବ ନାହିଁ। କାରଣ ଏହାଦ୍ୱାରା ଅଲିମ୍ପିକ ସନନ୍ଦର ଉଲ୍ଲଂଘନ ହେବ ବୋଲି ଗୁରୁବାର କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ଜଣାଯାଇଛି। ଏସିଆ କପ୍ ବିହାରର ରାଜଗିରିରେ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୭ପର୍ଯ୍ୟନ୍ତ ହେବାକୁଥିବା ବେଳେ ଜୁନିୟର ବିଶ୍ୱକପ୍ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ପର୍ଯ୍ୟନ୍ତ ଖେଳାଯିବ। ଦେଶରେ ଏକ ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କୌଣସି ଦଳକୁ ଆମେ ବାରଣ କରିପାରିବୁ ନାହିଁ। ଆମେ ପାକିସ୍ତାନକୁ ରୋକିଲେ ଅଲିମ୍ପିକ ସନନ୍ଦର ଉଲ୍ଲଂଘନ ହେବ। ମାତ୍ର ଦ୍ୱିପାକ୍ଷିକ ପ୍ରତିଯୋଗିତା କ୍ଷେତ୍ରରେ ଭିନ୍ନ ନୀତି ଆପଣାଇବାକୁ ପଡ଼ିବ। ଏଥିରେ କୋହଳ ଅବଲମ୍ବନ କରିବାର ପ୍ରଶ୍ନ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ସନନ୍ଦ ହେଉଛି ଅଲିମ୍ପିକ ଆନ୍ଦୋଳନର ସମ୍ବିଧାନ ଭଳି। ଅନ୍ତର୍ଜାତୀୟ ଶାନ୍ତି ଓ ସହଯୋଗକୁ ଏହା ପ୍ରୋତ୍ସାହିତ କରିଥାଏ। ଯଦି ଏହି ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଏକ ପ୍ରତିଦ୍ୱନ୍ଦ୍ୱୀ ଦେଶକୁ ଅଂଶଗ୍ରହଣ କରିବାରେ ବାରଣ କରାଯାଏ ତେବେ ଭାରତ ଭବିଷ୍ୟତରେ ଏଭଳି ଟୁର୍ନାମେଣ୍ଟର ଆୟୋଜନରୁ ବଞ୍ଚିତ ହୋଇପାରେ। ସେପ୍ଟେମ୍ବରରେ ଏସିଆକପ୍ କ୍ରିକେଟର ଆୟୋଜନ କରାଯାଇଛି। ଏଥିରେ ପାକିସ୍ତାନ ସହିତ ଖେଳିବା ଲାଗି ଭାରତକୁ ଅନୁମତି ମିଳିବ କି ବୋଲି ପ୍ରଶ୍ନ ହେବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଆଲୋଚନା କରି ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ଟୁର୍ନାମେଣ୍ଟରେ ଖେଳିବା ଲାଗି ଅନୁରୋଧ ପତ୍ର ଆସିଲେ ସେକଥା ବିଚାର କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ପ୍ରାୟ ଦୁଇ ଦଶନ୍ଧି ଧରି ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ନାହିଁ। ଏପ୍ରିଲରେ ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ଆହୁରି ବୃଦ୍ଧି ପାଇଛି। ବହୁ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ଆମେ ନ ଓହରୁ ବୋଲି ଅନ୍ତର୍ଜାତୀୟ କ୍ରୀଡ଼ା ଚାହୁଁଛି।

ଅନ୍ୟପକ୍ଷରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସିନିୟର ଅଫିସିଆଲ ରାଣା ମୁଜାହିଦ୍ କହିଛନ୍ତି ଭାରତରେ ହେବାକୁଥିବା ଦୁଇଟି ଟୁର୍ନାମେଣ୍ଟରେ ପାକିସ୍ତାନର ଅଂଶଗ୍ରହଣ ନେଇ ସରକାରଙ୍କଠାରୁ ଏପର୍ଯ୍ୟନ୍ତ କ୍ଲିଅରାନ୍ସ ମିଳିନାହିଁ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ